R.N.I. REGN. No. 65000/96 POSTAL REGN. No. OR/BN-32/12-14

ଊନତ୍ରିଂଶ ବର୍ଷ
ସଂଖ୍ୟା : ୨୨୧
ତିଥି : ଷଷ୍ଠୀ
୧୯ ମେ' ୨୦୨୫, ସୋମବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

समय SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 221
19 May 2025, Monday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur | Jeypore

# ପାକ୍‌କୁ ଆଇଏମଏଫ ଛାଟ

## ୧୧ କଡ଼ା ସର୍ତ୍ତ ଆରୋପ

ନ୍ୟୁୟର୍କ,୧୮।୫: ଆନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମଏଫ) ପାକିସ୍ତାନ ଉପରେ ଏହାର ରିଲିଫ୍ କାର୍ଯ୍ୟକ୍ରମର ପରବର୍ତ୍ତୀ ପର୍ଯ୍ୟାୟ ଜାରି କରିବା ପାଇଁ ୧୧ଟି ନୂତନ ସର୍ତ୍ତ ଲାଗୁ କରିଛି । ଏହା ସହିତ ଆଇଏମଏଫ ପାକିସ୍ତାନକୁ ଚେତାବନୀ ଦେଇଛି ଯେ ଭାରତ ସହିତ ଉତ୍ତେଜନା ଯୋଜନାର ଆର୍ଥିକ, ବାହ୍ୟ ଏବଂ ସଂସ୍କାର ଲକ୍ଷ୍ୟ ପ୍ରତି ବିପଦ ବୃଦ୍ଧି କରିପାରେ । ରବିବାର ଏକ ଗଣମାଧ୍ୟମ ରିପୋର୍ଟରେ ଏହି ସୂଚନା ଦିଆଯାଇଛି ।

ପାକିସ୍ତାନ ଉପରେ ଲାଗୁ ହୋଇଥିବା ନୂତନ ସର୍ତ୍ତଗୁଡ଼ିକ ମଧ୍ୟରେ ୧୭,୬୦୦ ବିଲିୟନ ଟଙ୍କାର ନୂତନ ବଜେଟକୁ ସଂସଦର ଅନୁମୋଦନ, ବିଦ୍ୟୁ ବିଲ୍ ଉପରେ ଋଣ ପରିଶୋଧ ସରଚାର୍ଜ ବୃଦ୍ଧି ଏବଂ ତିନି ବର୍ଷରୁ ପୁରୁଣା କାର ଆମଦାନୀ ଉପରେ ପ୍ରତିବନ୍ଧକ ଉଠାଇବା ଅନ୍ତର୍ଭୁକ୍ତ । ଯେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ବଢୁଥିବା ଉତ୍ତେଜନା କାର୍ଯ୍ୟକ୍ରମର ଆର୍ଥିକ, ବାହ୍ୟ ଏବଂ ସଂସ୍କାର ଲକ୍ଷ୍ୟ ପ୍ରତି ବିପଦ ବଢ଼ାଇପାରେ ।



ଉଲ୍ଲେଖଯୋଗ୍ୟ ଯେ ଭାରତୀୟ ନାଗରିକଙ୍କ ବିରୋଧରେ ରାଷ୍ଟ୍ର ପ୍ରାୟୋଜିତ ଆକ୍ରମଣ ପାଇଁ ଆତଙ୍କବାଦୀମାନଙ୍କୁ ନିୟୋଜିତ କରିଥିବା ପାକିସ୍ତାନକୁ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍ଏଫ୍) ୨.୧ ବିଲିୟନ ଡଲାର ସହାୟତାର ପୁନର୍ବିଚାର କରିବାକୁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଆହ୍ୱାନ ଦେଇଥିଲେ । ଅପରେସନ ସିନ୍ଦୂର ଅଧୀନରେ ଭାରତୀୟ ସେନା ପାକିସ୍ତାନ ଓ ପାକ୍ ଅଧିକୃତ କାଶ୍ମୀର (ପିଓକେ)ରେ ଆତଙ୍କବାଦୀ ଭିତ୍ତିଭୂମି ଉପରେ ଆକ୍ରମଣ କରିଥିବା ବେଳେ ଆଇଏମ୍ଏଫ୍ ଏହି ପାଣ୍ଠି ଘୋଷଣା କରିଥିଲା । ଏହି ଘୋଷଣା ସମୟରେ ପାକିସ୍ତାନ ଉତ୍ତର ଭାରତର ବେସାମରିକ ଓ ସାମରିକ ଅଞ୍ଚଳ ଉପରେ ଡ୍ରୋନ୍ ଓ କ୍ଷେପଣାସ୍ତ୍ର ଆକ୍ରମଣ କରିବାରେ ବ୍ୟସ୍ତ ଥିଲା । ଗୁଜରାଟର ଭୁଜ ବାୟୁସେନା ଷ୍ଟେସନରେ ଭାରତୀୟ ବାୟୁସେନା ଯବାନଙ୍କୁ ସମ୍ବୋଧିତ କରି ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି, ପାକିସ୍ତାନକୁ ଆଇଏମ୍ଏଫର ସହାୟତା ପରୋକ୍ଷରେ ଆତଙ୍କବାଦକୁ ପାଣ୍ଠି ଯୋଗାଣ ।ଆଇଏମ୍ଏଫ୍ ନିଜ ନିଷ୍ପତ୍ତିର ପୁନର୍ବିଚାର କରିବା ଦରକାର ବୋଲି କହିଥିଲେ ।

# ଆତତାୟୀଙ୍କ ଗୁଳିରେ ଲସ୍କର କମାଣ୍ଡର ନିହତ



ଇସଲାମାବାଦ,୧୮।୫: ଅପରେସନ ସିନ୍ଦୁରକୁ ନେଇ ଭୟରେ ଥିବା ପାକିସ୍ତାନୀ ଆତଙ୍କବାଦୀ ସଂଗଠନକୁ ଯୋରଦାର ଧକ୍କା ଲାଗିଛି । ୨୦୦୬ ମସିହାରେ ନାଗପୁରରେ ଆରଏସଏସ ମୁଖ୍ୟାଳୟ ଉପରେ ହୋଇଥିବା ଆତଙ୍କବାଦୀ ଆକ୍ରମଣର ମୁଖ୍ୟ ଲସ୍କର-ଏ-ତୈବା କମାଣ୍ଡର

## ଭାରତରେ ଭିଆଇ ଥିଲା ୩ ବଡ଼ ଆକ୍ରମଣ

ଅବୁ ସୈଫୁଲ୍ଲା ପାକିସ୍ତାନରେ ନିହତ ହୋଇଛି । ଲସ୍କର-ଏ-ତୈବା ସହିତ ଜଡିତ ଅବୁ ସୈଫୁଲ୍ଲାକୁ ଅଜ୍ଞାତ ଆକ୍ରମଣକାରୀମାନେ ଗୁଳି କରି ହତ୍ୟା କରିଛନ୍ତ । ଏହି ଲସ୍କର ଆତଙ୍କବାଦୀଙ୍କ ନାମ ଥିଲା ଅବୁ ସୈଫୁଲ୍ଲା ଓରଫ ମହମ୍ମଦ ସଲିମ ଓରଫ ରାଜୁଲ୍ଲା ନିଜାମଣି । ସୂଚନା ଅନୁଯାୟୀ, ସେ ନେପାଳରେ ଲସ୍କର-ଏ-ତୈବାର ସମ୍ପୂର୍ଣ୍ଣ ମଡ୍ୟୁଲକୁ ପରିଚାଳନା କରୁଥିଲା ।ଏହାର ମୁଖ୍ୟ କାମ ଥିଲା ଲସ୍କରର ଆତଙ୍କବାଦୀ କାର୍ଯ୍ୟକଳାପ ପାଇଁ କ୍ୟାଡର ଏବଂ ଆର୍ଥିକ ସହାୟତା ଯୋଗାଇବା । ଏହି ଆତଙ୍କବାଦୀ ନେପାଳ ଦେଇ ଲସ୍କର ଆତଙ୍କବାଦୀଙ୍କୁ ଭାରତ ପଠାଉଥିଲା । ଏହା ୨୦୦୬ ମସିହାରେ ନାଗପୁରରେ ଆରଏସଏସ ମୁଖ୍ୟାଳୟ ଉପରେ ହୋଇଥିବା ଆକ୍ରମଣରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା । ଏହା ବ୍ୟତୀତ, ୨୦୦୧ ରେ ରାମପୁରରେ ସିଆରପିଏଫ କ୍ୟାମ୍ପ ଉପରେ ଆକ୍ରମଣରେ ମଧ୍ୟ ସେ ୨୦୦୫ରେ ଆଇଆଇଏସ୍ସି ବାଙ୍ଗାଲୋର ଉପରେ ଆକ୍ରମଣର ଷଡ଼ଯନ୍ତ୍ରରେ ମଧ୍ୟ ସାମିଲ ଥିଲା ।

ସୂତ୍ରରୁ ମିଳିଥିବା ସୂଚନା ମୁତାବକ ସୈଫୁଲ୍ଲା ନେପାଳୀ ନାଗରିକ ନାଗମା ବାନୁଙ୍କୁ ବିବାହ କରିଥିଲା । ସୈଫୁଲ୍ଲା ଲସ୍କର ଏବଂ ଜମାତ ଉଦ୍ ଦାୱା ପାଇଁ ନିଯୁକ୍ତି ଏବଂ ପାଣ୍ଠି ସଂଗ୍ରହ କରୁଥିଲା । ସମ୍ପ୍ରତି ସୈଫୁଲ୍ଲା ପାକିସ୍ତାନର ସିନ୍ଧ ପ୍ରଦେଶର ବାଦିନ ଜିଲ୍ଲାର ମାତଲିରେ ନିଜର ଆଡ୍ଡାସ୍ଥଳୀ କରିଥିଲା ।ସେଠାରୁ ସେ ଜାତିସଂଘ ଦ୍ୱାରା ନିଷିଦ୍ଧ ପାକିସ୍ତାନୀ ଆତଙ୍କବାଦୀ ଗୋଷ୍ଠୀ ଲସ୍କର-ଏ-ତୈବା ଏବଂ ଏହାର ଛାମୁଆ ସଂଗଠନ ଜମାତ-ଉଦ-ଦାୱା ପାଇଁ କାମ କରୁଥିଲା, ଯାହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଆତଙ୍କବାଦୀ କାର୍ଯ୍ୟକଳାପ ପାଇଁ ନିଯୁକ୍ତି ଏବଂ ପାଣ୍ଠି ସଂଗ୍ରହ କରିବା । ନିକଟରେ ସୈଫୁଲ୍ଲା ପାକିସ୍ତାନର ସିନ୍ଧ ପ୍ରଦେଶର ବଦିନ ଜିଲ୍ଲାର ମତଲିରେ ରହୁଥିଲା । ସେଠାରେ ମୋତେ ସେ ଲସ୍କର ସଂଗଠନ ପାଇଁ କାମ କରୁଥିଲା । ସେଠାରେ ସେ ସଂଗଠନରେ ନିଯୁକ୍ତି ଦାୟିତ୍ୱରେ ଥିଲେ । ତାହା ସହିତ ପାଣ୍ଠି ଯୋଗାଡ କରିବା ଦାୟିତ୍ୱ ତା ଉପରେ ନ୍ୟାସ୍ତ ଥିଲା ।

ସୂଚନାଥାଉକି ଗତ ସପ୍ତାହରେ ଦକ୍ଷିଣ କାଶ୍ମୀର ସୋପିଆନ୍ ଜିଲ୍ଲାରେ ସୁରକ୍ଷାକର୍ମୀଙ୍କ ଗୁଳିରେ ୩ ଜଣ ଲସ୍କର ଆତଙ୍କବାଦୀ ନିହତ ହୋଇଥିଲେ । ସେମାନଙ୍କ ମଧ୍ୟରେ ଥିଲା ଅପରେସନ୍ କମାଣ୍ଡର ସାହିଦ କୁଟୋ, ଅଦନାମ ସାଫି ଓ ଏହସାନ ହଲ୍ ସେକ୍ । ସେମାନଙ୍କ ଠାରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଜବତ କରାଯାଇଥିଲା ।

# ଭୁବନେଶ୍ୱରରେ ଖୋଲିବ ଏନଆଇଏ ଶାଖା

ଭୁବନେଶ୍ୱର,୧୮।୫ (ସବ୍ୟୁ) : ରାଜଧାନୀ ଭୁବନେଶ୍ୱରରେ ଜାତୀୟ ତଦନ୍ତକାରୀ ସଂସ୍ଥା(ଏନଆଇଏ) ଶାଖା ଖୋଲିବ । ଭୁବନେଶ୍ୱର ଏନଆଇଏ ଶାଖା ପ୍ରାରମ୍ଭିକ ଭାବେ ଭିଏସ୍ଏସ୍ ନଗରରେ କାମ କରିବ । ଜଣେ ଏସ୍‌ପି ପାହ୍ୟାର ଅଧିକାରୀ ଏନଆଇଏ ଶାଖାର ମୁଖ୍ୟ ରହିବେ ବୋଲି ରାଜ୍ୟ ଗୃହ ବିଭାଗ ପକ୍ଷରୁ ଜାରି କରାଯାଇଥିବା ବିଜ୍ଞପ୍ତିରେ ଦର୍ଶାଯାଇଛି ।

ଜାତୀୟ ତଦନ୍ତ ସଂସ୍ଥା (ଏନଆଇଏ) ହେଉଛି ଭାରତର କେନ୍ଦ୍ରୀୟ ଆତଙ୍କବାଦ ବିରୋଧୀ ଆଇନ ପ୍ରବର୍ତ୍ତନ ସଂସ୍ଥା । ଯାହା ୨୦୦୮ ମସିହାରେ ପ୍ରତିଷ୍ଠିତ ହୋଇଥିଲା । ଏହାର ପ୍ରାଥମିକ ଭୂମିକା ହେଉଛି, ଆତଙ୍କବାଦ ସହିତ ଜଡିତ ଅପରାଧ, ଜାତୀୟ ସୁରକ୍ଷା ଓ ସାର୍ବଭୌମତ୍ୱକୁ ପ୍ରଭାବିତ କରୁଥିବା ଅନ୍ୟାନ୍ୟ ବିଷୟଗୁଡ଼ିକର ତଦନ୍ତ ଏବଂ ବିଚାର କରିବା । ଏନଆଇଏ ମଧ୍ୟ ଆତଙ୍କବାଦୀ ନେଟୱାର୍କଗୁଡ଼ିକୁ ଭାଙ୍ଗିବା ଉପରେ ଲକ୍ଷ୍ୟ ରଖିଥାଏ ।

ଜାତୀୟ ତଦନ୍ତ ସଂସ୍ଥାର ସାରା ଭାରତରେ ୧୯ଟି ଶାଖା କାର୍ଯ୍ୟାଳୟ ଅଛି । ଏନଆଇଏ ମୁଖ୍ୟାଳୟ ନୂଆଦିଲ୍ଲୀରେ ଅବସ୍ଥିତ । ଦେଶର ବିଭିନ୍ନ ଅଞ୍ଚଳରେ ଆତଙ୍କବାଦ ବିପଦକୁ ମୁକାବିଲା କରିବା ପାଇଁ ଏହି ଶାଖା କାର୍ଯ୍ୟାଳୟଗୁଡ଼ିକ ରଣନୀତିକ ଭାବରେ ଅବସ୍ଥିତ । ହାଇଦ୍ରାବାଦ, ଗୌହାଟୀ, କୋଚି, ଲକ୍ଷ୍ନୌ, ମୁମ୍ବାଇ, କୋଲକାତା, ରାୟପୁର, ଜମ୍ମୁ, ଚଣ୍ଡିଗଡ଼, ରାଞ୍ଚି, ଚେନ୍ନାଇ, ଇମ୍ଫାଲ, ବେଙ୍ଗାଲୁରୁ, ପାଟନା, ଜୟପୁର, ଭୋପାଳ ଏବଂ ଅହମ୍ମଦାବାଦ ଏନଆଇଏ ଶାଖା କାର୍ଯ୍ୟାଳୟ ରହିଛି । ଏବେ ଏନଆଇଏ ଶାଖା କାର୍ଯ୍ୟାଳୟ ଭୁବନେଶ୍ୱରରେ ଖୋଲିବା ନେଇ ନିଷ୍ପତ୍ତି ନିଆଯାଇଛି ।

## ବୌଦ୍ଧ ଜିଲ୍ଲାର ବିକାଶମୂଳକ ପ୍ରକଳ୍ପ ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

# ଖୁବ୍‌ଶୀଘ୍ର ନୟାଗଡରୁ ବୌଦ୍ଧକୁ ଗଡିବ ଟ୍ରେନ୍

ଭୁବନେଶ୍ୱର/ବୌଦ୍ଧ, ୧୮।୫ (ସବ୍ୟୁ): ରବିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୌଦ୍ଧ ଜିଲ୍ଲା ଗସ୍ତ କରି ଜିଲ୍ଲାପାଳଙ୍କ ସଦଭାବନା ସଭାଗୃହ ଠାରେ ଜିଲ୍ଲା ପ୍ରଶାସନର ସମସ୍ତ ଉନ୍ନତିମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି ଏବଂ ଜିଲ୍ଲାର ପ୍ରଶାସନର କାର୍ଯ୍ୟ ବିଷୟରେ ସମୀକ୍ଷା କରି ବୈଠକ ରେ ନିଜର ସନ୍ତୋଷ ପ୍ରକାଶ କରିଛନ୍ତି ।ସମୀକ୍ଷାରୁ ଜଣା ଯାଇଛି ଯେ ବୌଦ୍ଧ ଜିଲ୍ଲାବାସୀଙ୍କୁ ଉନ୍ନତ ଗମନାଗମନ ସୁବିଧା ଉପଲବ୍ଧ କରିବା ପାଇଁ ପ୍ରାୟ ୨୮ କୋଟି ଟଙ୍କା ମୂଲ୍ୟର ସଡ଼କ ପ୍ରକଳ୍ପ




### କାର୍ଯ୍ୟର ଗୁଣବତ୍ତା ସହ କୌଣସି ସାଲିସ୍ କରାଯିବନି

### ୩୦୦ ଶଯ୍ୟା ବିଶିଷ୍ଟ ଡାକ୍ତରଖାନା, ନୂଆ ବସ୍‌ଷ୍ଟାଣ୍ଡ ନିର୍ମାଣ ପ୍ରାୟତଃ ସଂପୂର୍ଣ୍ଣ, ଖୁବ୍ ଶୀଘ୍ର ହେବ ଉଦ୍‌ଘାଟନ

ପାଇଁ ନିକଟରେ ଶିଳାନ୍ୟାସ ଦିଆଯାଇଛି । ଖୁବ୍ ଶୀଘ୍ର ବୌଦ୍ଧରେ ଏକ ୩୦୦ ଶଯ୍ୟା ବିଶିଷ୍ଟ ଡାକ୍ତରଖାନା, ବୌଦ୍ଧର ନୂଆ ବସ୍‌ଷ୍ଟାଣ୍ଡ ଏବଂ ବୌଦ୍ଧ ରେଳଷ୍ଟେସନ (୯ ପୃଷ୍ଠାରେ)

# ଆସୁଛି ଦୁଇ ଲଘୁଚାପ

ଭୁବନେଶ୍ୱର,୧୮।୫ (ସବ୍ୟୁ) : ଆସନ୍ତା ସପ୍ତାହରେ ଦୁଇ ଦୁଇଟି ଲଘୁଚାପ ସୃଷ୍ଟି ହେବାକୁ ଯାଉଛି । ଆରବସାଗରରେ ସମ୍ଭାବ୍ୟ ଲଘୁଚାପ 'ଶକ୍ତି' ନାମକ ଭୀଷଣ ବାତ୍ୟା ହେବାକୁ ଥିବାବେଳେ ବଙ୍ଗୋପସାଗରରେ ଡିପ୍ରେସନ ବା ଅବପାତରେ ପରିଣତ ହେବ । ପାଣିପାଗ ବିଜ୍ଞାନୀ ସୁରେନ୍ଦ୍ର ନାଥ ପଶୁପାଳକ ଆକଳନ କରି ଏହା କହିଛନ୍ତି ।

ଶ୍ରୀ ପଶୁପାଳକ କହିଛନ୍ତି, ମଡେଲରୁ ଜଣାପଡ଼ିଛି ୨୩ ତାରିଖରେ କେନ୍ଦ୍ରୀୟ-ପୂର୍ବ ଆରବସାଗରରେ ମହାରାଷ୍ଟ୍ର ଉପକୂଳ ଦୂରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇ ୨୪ରେ ଲଘୁଚାପ ରୂପ ନେଇପାରେ । କ୍ରମଶଃ ଏହା ଘନୀଭୂତ ହୋଇ ଉତ୍ତର ଉତ୍ତର-ପଶ୍ଚିମ ଦିଗରେ ଗତି କରିବ । ୨୫ରେ ବାତ୍ୟା ଓ ୨୭ରେ ଭୀଷଣ ବାତ୍ୟା ହୋଇ ପ୍ରାୟତଃ ୪୮ ଘଣ୍ଟାରେ ସେହି ସ୍ଥାନରେ ରହିବ । ବର୍ତ୍ତମାନ ମଡେଲ କହୁଛି, ଏହା ୨୯ରେ ଗୁଜୁରାଟ ଉପକୂଳ ଛୁଇଁବ ।

ଅନ୍ୟପଟେ କେନ୍ଦ୍ରୀୟ-ପୂର୍ବ ବଙ୍ଗୋପସାଗରରେ ଥାଇଲ୍ୟାଣ୍ଡ ଉପକୂଳ ନିକଟରେ ୨୭ରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇ ୨୮ ରେ ଲଘୁଚାପ ଓ ୨୯ରେ ଅବପାତରେ ପରିଣତ ହୋଇପାରେ । ବର୍ତ୍ତମାନ ମଡେଲ କହୁଛି ଯେ ଏହା ୨୯ କିମ୍ବା ୩୦ ତାରିଖରେ ବାଂଲାଦେଶ/ ପଶ୍ଚିମବଙ୍ଗ ଉପକୂଳ ଛୁଇଁପାରେ । ଏହା ହେଉଛି ପ୍ରାଥମିକ ଆକଳନ । ତେବେ ପରିବର୍ତ୍ତନର ସମ୍ଭାବନା ରହିଛି ଏବଂ ଏହା ପ୍ରତି ତିକ୍ଷ୍ଣ ନଜର ରଖାଯାଇଛି ବୋଲି ଶ୍ରୀ ପଶୁପାଳକ କହିଛନ୍ତି ।

ପାଣିପାଗ ବିଭାଗ କହିବା ଅନୁସାରେ, ଆସନ୍ତା ୪ ଦିନ ପର୍ଯ୍ୟନ୍ତ କାଳବୈଶାଖୀ ବର୍ଷା ସମ୍ଭାବନା ଅଛି । ଝଡ଼ ତୋଫାନ ବର୍ଷା ସହ ଜୋରରେ ପବନ ବୋହିପାରେ । କାଳବୈଶାଖୀ ବର୍ଷା ଯୋଗୁଁ ତାପମାତ୍ର ହ୍ରାସ ପାଇବ ।

## ଆଇଏସ୍ଆଇ ଲିଙ୍କ୍

# ଜ୍ୟୋତିର ଆଉ ୬ ସହଯୋଗୀଙ୍କୁ ବାନ୍ଧିଲା ପୋଲିସ୍

ନୂଆଦିଲ୍ଲୀ,୧୮।୫ : ୟୁଟ୍ୟୁବ ଏବଂ ଇନଷ୍ଟାଗ୍ରାମରେ ବିପୁଳ ଲୋକପ୍ରିୟତା ହାସଲ କରିଥିବା ଜ୍ୟୋତି ମାଲହୋତ୍ରା ପାକିସ୍ତାନ ପାଇଁ ଗୁଇନ୍ଦାଗିରି କରିଥିବା ଅଭିଯୋଗରେ ଗିରଫ ହୋଇଛନ୍ତି ।ପାକିସ୍ତାନ ଗୁଇନ୍ଦା ସଂସ୍ଥା ଆଇଏସ୍ଆଇ ଏବଂ ପାକିସ୍ତାନୀ ଏଜେଣ୍ଟମାନଙ୍କୁ ଦେଶର ସମ୍ବେଦନଶୀଳ ସୂଚନା ପ୍ରଦାନ କରିଥିବା ଅଭିଯୋଗରେ ହରିୟାଣାର ଜ୍ୟୋତି ଏବଂ ଅନ୍ୟ ୬ ଜଣଙ୍କୁ ପୁଲିସ ଗିରଫ କରିଛି ।ତଦନ୍ତରୁ ଜଣାପଡ଼ିଛି ଜ୍ୟୋତି ତିନିଜଣ ଆଇଏସ୍ଆଇ ଅଧିକାରୀଙ୍କ ସହ ଯୋଗାଯୋଗରେ ରହିଥିବା ସହିତ ଏହି ତିନି ଜଣଙ୍କ ସହିତ ସେ ଖୁବ ନିକଟତର ମଧ୍ୟ ଥିଲେ । ପ୍ରାପ୍ତ ସୂଚନାରୁ ଜଣାପଡ଼ିଛି, ପାକିସ୍ତାନ ଦୂତାବାସରେ କାମ କରୁଥିବା ଦାନିଶ ଜ୍ୟୋତିଙ୍କୁ ଏହି ଅଧିକାରୀମାନଙ୍କ ସହିତ ପରିଚିତ କରାଇ ଦେଇଥିଲେ । କେବଳ ଏତିକି ନୁହେଁ, ଦିଲ୍ଲୀରେ ଥିବା ପାକିସ୍ତାନୀ ଦୂତାବାସ ଭିସା ଦେବା ବାହାନାରେ ଆଇଏସ୍ଆଇ ନେଟୱାର୍କ ଚଳାଉଥିବା ଜଣାପଡ଼ିଛି । ଆଇଏସ୍ଆଇ ସେହି ଲୋକଙ୍କ ଉପରେ ନଜର ରଖିଥାଏ ଯେଉଁମାନେ ପ୍ରତିବର୍ଷ ପାକିସ୍ତାନ ଯିବା ପାଇଁ ଭିସା ପାଇବାକୁ ଚେଷ୍ଟା କରିଥାଆନ୍ତ । ଜ୍ୟୋତି ମଧ୍ୟ ଏଭଳି ଭାବରେ ଆଇଏସଆଇ ସଂସ୍ପର୍ଶରେ ଆସିଥିଲେ ।



ୟୁଟ୍ୟୁବର ଜ୍ୟୋତି ହରିୟାଣାର ଜଣେ ଅବସରପ୍ରାପ୍ତ ଅଧିକାରୀଙ୍କ ଝିଅ । ଜ୍ୟୋତି ସେହି ପାକିସ୍ତାନୀ ଦୂତାବାସ ଅଧିକାରୀ ଡାନିଶଙ୍କ ସମ୍ପର୍କରେ ଥିଲେ, ଯାହାଙ୍କୁ ଭାରତ ସରକାର 'ଅଲୋଡ଼ା' ଘୋଷଣା କରିବା ସହ ଦେଶ ଛାଡ଼ିବାକୁ ନିର୍ଦ୍ଦେଶ ଦେଇଥିଲେଛ । ଡାନିଶ ହ୍ୱାଟସଆପ, ସ୍ନାପଚ୍ୟାଟ ଏବଂ ଟେଲିଗ୍ରାମ ଭଳି ସୋସିଆଲ ମିଡିଆ ପ୍ଲାଟଫର୍ମ ମାଧ୍ୟମରେ ପାକିସ୍ତାନକୁ ସମ୍ବେଦନଶୀଳ ସୂଚନା ପଠାଉଥିବା ଜଣାପଡ଼ିଥିଲା ।

## ମୁହଁ ଖୋଲିଲେ ପ୍ରିୟଙ୍କା

ପୁରୀ,୧୮।୫ (ସବ୍ୟୁ) : ପାକିସ୍ଥାନ ଆତଙ୍କବାଦୀ ସଂଗଠନକୁ ଭାରତର ତଥ୍ୟ ଯୋଗାଇବା ଓ ଲିଙ୍କ ଅଭିଯୋଗରେ ଗିରଫ ହୋଇ ଥିବା ହରିୟାଣା ଯୁବତୀ ଜ୍ୟୋତି ମାଲହୋତ୍ରା ସହିତ ସମ୍ପର୍କ ରଖିବା ଅଭିଯୋଗରେ ପୁରୀ ପୋଲିସର ଏକ ସ୍ୱତନ୍ତ୍ର ଟିମ ଆଜି ପ୍ରିୟଙ୍କା ସେନାପତି ନାମକ ଜଣେ ଯୁବତୀଙ୍କ କାଳିକା ଦେବୀ ସାହି ସ୍ଥିତ ଘରକୁ ଯାଇ ପଚରା ଉଚୁରା କରିଛି । ସିଟି ଡିଏସପି ପ୍ରଶାନ୍ତ କୁମାର ସାହୁଙ୍କ ନେତୃତ୍ୱରେ ଟାଉନ ଥାନା ଆଇଆଇସି ଗୋକୁଳ ଚନ୍ଦ୍ର ଦାସ, ସିଂହଦ୍ୱାର ଆଇଆଇସି ଶ୍ୱେତପଦ୍ମା ଦାସ ପ୍ରମୁଖ ରବିବାର ସକାଳେ ପ୍ରୀୟଙ୍କାଙ୍କ କାଳିକାଦେବୀ ସାହି ଯାଇଥିଲେ । ସେଠାରେ ପ୍ରିୟଙ୍କାଙ୍କୁ ପଚରା ଉଚୁରା କରିଥିଲେ । ତେବେ ପ୍ରିୟଙ୍କା ବାପା କହିଛନ୍ତି ଯେ ୟୁଟ୍ୟୁବ୍ ବ୍ଲଗର ଭାବରେ ଗିରଫ ହୋଇ ଥିବା ଜ୍ୟୋତି ମାଲହୋତ୍ରାଙ୍କ ସହିତ ପ୍ରିୟଙ୍କାଙ୍କ ପରିଚୟ ହୋଇ ଥିଲା । ଜ୍ୟୋତି ପୁରୀ ବୁଲି ବାକୁ ଆସିଥିଲେ । ତେବେ ଭାରତର ଗୁପ୍ତ ତଥ୍ୟ ପାକିସ୍ଥାନ ଆତଙ୍କ ବାଦୀ ସଂଗଠନ ଲସ୍କର ଇ-ତୋଇବାକୁ ଦେବା ଅଭିଯୋଗରେ ଗିରଫ ହୋଇ ଥିବା ଜ୍ୟୋତି ମାମଲାରେ କୌଣସି ଭୂମିକା ନାହିଁ । ସେ ତଦନ୍ତରେ ପୋଲିସକୁ ସମ୍ପୂର୍ଣ ସହଯୋଗ କରିବେ ।

# ପରିବାରର ୧୭ ଜୀବନ୍ତ ଦଗ୍ଧ

## ମୃତକଙ୍କ ପରିବାର ପାଇଁ ପ୍ରଧାନମନ୍ତ୍ରୀଙ୍କ ଅନୁକମ୍ପାମୂଳକ ସହାୟତା



ହାଇଦ୍ରାବାଦ,୧୮।୫ : ରବିବାର ସକାଳେ ହାଇଦ୍ରାବାଦର ଚାରମିନାର ନିକଟସ୍ଥ ଗୁଲଜାର ହାଉସରେ ଏକ କୋଠାରେ ଭୟଙ୍କର ଅଗ୍ନିକାଣ୍ଡ ଘଟି ୧୭ ଜଣଙ୍କର ମୃତ୍ୟୁ ଘଟିଛି । ମୁଖ୍ୟମନ୍ତ୍ରୀ ଏ. ରେବନ୍ତ ରେଡ୍ଡୀ ଏହି ଘଟଣାରେ ଦୁଃଖ ପ୍ରକାଶ କରିଛନ୍ତି ଏବଂ କୋଠାରେ ଫସି ରହିଥିବା ଲୋକଙ୍କୁ ଉଦ୍ଧାର କରିବା ପାଇଁ ସମସ୍ତ ଆବଶ୍ୟକୀୟ ପଦକ୍ଷେପ ନେବାକୁ ବରିଷ୍ଠ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ଏହି ଘଟଣାରେ ଦୁଃଖ ପ୍ରକାଶ କରିଛନ୍ତି । ଏହା ସହିତ, ମୃତକଙ୍କ ପରିବାରଙ୍କ ପାଇଁ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି । ପ୍ରଧାନମନ୍ତ୍ରୀ ମୋଦୀ ସୋସିଆଲ ମିଡିଆ ଏକ୍ସରେ କହିଛନ୍ତି, ତେଲେଙ୍ଗାନାର ହାଇଦ୍ରାବାଦରେ ଅଗ୍ନିକାଣ୍ଡ ଘଟଣାରେ ଲୋକଙ୍କ ମୃତ୍ୟୁରେ ମୁଁ ଗଭୀର ଦୁଃଖିତ । ଯେଉଁମାନେ ସେମାନଙ୍କର ପ୍ରିୟଜନଙ୍କୁ ହରାଇଛନ୍ତି ସେମାନଙ୍କ ପ୍ରତି ମୋର ସମବେଦନା । ମୁଁ ଆହତମାନଙ୍କ ଶୀଘ୍ର ଆରୋଗ୍ୟ କାମନା କରୁଛି ।

ପ୍ରତ୍ୟେକ ମୃତକଙ୍କ ପରିବାର ସଦସ୍ୟଙ୍କୁ ପ୍ରଧାନମନ୍ତ୍ରୀ ଜାତୀୟ ରିଲିଫ୍ ପାଣ୍ଠିରୁ ୨ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ପ୍ରଦାନ କରାଯିବ । ଆହତମାନଙ୍କୁ ୫୦,୦୦୦ ଟଙ୍କା ପ୍ରଦାନ କରାଯିବା ନେଇ ଘୋଷଣା କରୁଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।



## ୱାନ୍ ମିଲ୍ ଏ ଡେ'

ନିକଟରେ ସୋସିଆଲ ମିଡିଆରେ ଏକ ଡାଏଟ୍ ଖୁବ ଭାଇରାଲ ହେଉଛି, ତାହା ହେଲା ୱାନ୍ ମିଲ୍ ଏ ଡେ' । ଏହାର ଅର୍ଥ ଦିନକୁ ଥରେ ଖାଇବା ବାକି ସମୟ ଓପାସ କରିବା । ଯେଉଁ ବ୍ୟକ୍ତି ଏହି ଡାଏଟ ଅନୁକରଣ କରନ୍ତି, ସିଏ ଦିନକୁ ଗୋଟିଏ ଥର ଖାଦ୍ୟା ଖାଇଥାଆନ୍ତି ବାକି ସମୟ କିଛି ପାନୀୟ ପି ରହିଥାଆନ୍ତି । ତେବେ ଏହି ଡାଏଟ୍ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ନୁହେଁ, ସେହିଭଳି ଏହି ଡାଏଟ୍ ଅନୁକରଣ କରିବା ଆଗରୁ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ । ସେହିଭଳି ଯେଉଁ ମିଲଟି ଆପଣ ଖାଇବେ ସେଥିରେ ସମସ୍ତ ପ୍ରକାରର ପୋଷଣ ରହିବା ଜରୁରୀ । ଏଥିରେ ବିଭିନ୍ନ ପୋଷଣ, ହେଲ୍‌ଦି ଫ୍ୟାଟ, ପନିପରିବା, କ୍ରାବ ଆଦି ରହିବାର ଆବଶ୍ୟକତା ରହିଛି । ତେଣୁ ଏହି ଡାଏଟ୍ ଜଣେ ଏକ୍ସପର୍ଟଙ୍କ ସହିତ କଥା ହୋଇ ପ୍ରସ୍ତୁତ କରନ୍ତୁ, ଯେପରି କୌଣସି ଭୁଲ ହେବ ନାହିଁ । ସେହିଭଳି କୌଣସି ସ୍ୱାସ୍ଥ୍ୟ ସମସ୍ୟା ଥିଲେ ସେ ନେଇ ଡାକ୍ତରଙ୍କ ସହିତ କଥା ହେବାପରେ ଏହି ଡାଏଟ୍ ଅନୁକରଣ କରନ୍ତୁ ।


## ସୋସିଆଲ କୋଟ୍ସ



"ଦୀପିକାଙ୍କ ଭଳି ସ୍ତ୍ରୀ ପାଇ ମୁଁ ଖୁବ ଲକି । ସେ ମୋତେ ଅନେକ କଥା ଶିକ୍ଷା ଦେଇ ଥାଆନ୍ତି । ସେ ମୋର ଟିଚର ।
ରଣବୀର ସିଂ, ଅଭିନେତା




"ରଣବୀର ଯେପରି ଜଣେ ଭଲ ଅଭିନେତା, ସେହିଭଳି ଜଣେ ଭଲ ମଣିଷ ମଧ୍ୟ । ତାଙ୍କ ସହିତ ଅଭିନୟ କରି ମୁଁ ଯେତିକି ଖୁସି ସେତିକି ଶିଖା ମଧ୍ୟ କରିଛି ।
ବବି ଦେଓ୍ୱଲ, ଅଭିନେତା



"ସ୍କାଏ ଡାଇଭିଂ କରିବା ପାଇଁ ମୋତେ ଖୁବ ଡର ଲାଗିଥାଏ । ଏପରିକି ସ୍କାଏ ଡାଇଭିଂ କରିବାକୁ ମୁଁ ମୋ ପିଲାଙ୍କୁ ମଧ୍ୟ କେବେ ବି ଅନୁମତି ଦେଇ ନାହିଁ ।
ଅମିତାଭ ବଚ୍ଚନ, ଅଭିନେତା

## ଗଛର ଆଧାର କାର୍ଡ

ଆଜିକାଲି ଭାରତରେ ଆଧାରକାର୍ଡ ସମସ୍ତ କାର୍ଯ୍ୟ ପାଇଁ ବାଧ୍ୟତା ମୂଳକ ହୋଇ ସାରିଲାଣି । ତେବେ କେବଳ ମଣିଷନୁହେଁ କାଶ୍ମୀରରେ ଥିବା ଗଛ ମାନଙ୍କର ମଧ୍ୟ ଆଧାର କାର୍ଡ ରହିଛି । ସୂଚନା ଅନୁସାରେ କାଶ୍ମୀରର ପୁଲଓ୍ୱାମ୍‌ରେ ଥିବା ଚିନାର ଗଛ ଗୁଡିକର ଆଧାର କାର୍ଡ ପ୍ରସ୍ତୁତ କରାଯାଇଛି । ଏଗୁଡିକୁ ସମ୍ପୃକ୍ତ ଗଛ ଗୁଡିକରେ ଟଙ୍ଗା ଯାଇଛି ମଧ୍ୟ । ତେବେ ଏହାପଛରେ ଖୁବ ଗୁରୁତର କାରଣ ରହିଛି । ଏଠାରେ ଚିନାର ଗଛର ଚୋରା ଚାଲାଣ ବଢି ଚାଲିଛି । ଚୋରା ଚାଲାଣକାରୀମାନେ ଏହି ଗଛ ଗୁଡିକ ପ୍ରଶାସନ ନଜର ଆଢୁଆଳରେ କାଟିବାରେ ଲାଗିଛନ୍ତି । ଏହାକୁ ରୋକିବାକୁ ପ୍ରଶାସନ ଏଭଳି ପଦକ୍ଷେପ ନେଇଛନ୍ତି । ଏହି ଡିଜିଟାଲ କାର୍ଡ ମାଧ୍ୟମରେ ଗଛକୁ କିଏ କାଟିଲେ ତାହାକୁ ଟ୍ରାକ କରାଯାଇପାରିବ । ସୋସିଆଲ ମିଡିଆରେ ଏହାକୁ ଖୁବ ପ୍ରଶଂସା କରାଯାଉଥିବା ଦେଖିବାକୁ ମିଳିଛି ।





## ସୁଖାସନ



ଏହି ଆସନଟିକୁ କରିବା ପାଇଁ ସର୍ବପ୍ରଥମେ ଯୋଗମ୍ୟାଟ୍ ଉପରେ ଦଣ୍ଡାସନ ପୋଜ୍‌ରେ ବସିଯାଆନ୍ତୁ । ଧ୍ୟାନ ରଖନ୍ତୁ ଏହି ସମୟରେ ଯେମିତି ଆପଣଙ୍କର ମେରୁଦଣ୍ଡ ଓ ମୁଣ୍ଡ ସିଧା ରହିଥିବ । ଏହି ଆସନଟିକୁ ଇଜି ପୋଜ୍ ବୋଲି ମଧ୍ୟ କୁହାଯାଏ । ଏହି ପୋଜ୍‌ରେ ହାତ ଦୁଇଟିକୁ ଆଣ୍ଠୁ ଉପରେ ରଖି ଫଟୋ ଭଳି ହସ୍ତମୁଦ୍ରା କରନ୍ତୁ ।

### ଉପକାର

- ଏକାଗ୍ରତା ବୃଦ୍ଧି କରିବ ।
- ଅବସାଦ ଓ ଆଙ୍ଗ୍‌ଜାଇଟି କମାଇବାରେ ସକ୍ଷମ ହେବ ।
- ପିଠି ମାଂସପେଶୀକୁ ଶକ୍ତ କରିବ ।
- ରକ୍ତ ସଞ୍ଚାଳନକୁ ଉନ୍ନତ କରିବ ।
- ଓଜନକୁ ନିୟନ୍ତ୍ରଣାଧୀନ ରଖିବ ।


## ମନେପଡ଼େ

## ଗୋଟିଏ ରାତିରେ କରିଥିଲେ ଡ୍ରେସ୍



ବି-ଟାଉନ୍‌ର ଜଣେ ଚର୍ଚ୍ଚିତ ସେଲିବ୍ରିଟି କଷ୍ଟ୍ୟୁମ ଡିଜାଇନର୍ ଓ ଫ୍ୟାଶନ୍ ଷ୍ଟାଇଲିଷ୍ଟ ହେଉଛନ୍ତି ନୀତା ଲୁଲ୍ଲା । ଫ୍ୟାଶନ୍ ସେକ୍ସରରେ ବଡ଼ ବଡ଼ ଷ୍ଟାର୍‌ଙ୍କୁ ସୁନ୍ଦର ଲୁକ୍ ଦେଇ ଲାଇମ୍‌ଲାଇଟ୍‌କୁ ଆସିଥିବା ନୀତା ବର୍ତ୍ତମାନ ତାଙ୍କର ଏକ ସାକ୍ଷାତକାରକୁ ନେଇ ଚର୍ଚ୍ଚା ପରିସରକୁ ଅଛନ୍ତି । ୩୦୦ରୁ ଊର୍ଦ୍ଧ୍ୱ ଫିଲ୍ମରେ କଷ୍ଟ୍ୟୁମ୍ ଡିଜାଇନର୍ ଭାବେ କାର୍ଯ୍ୟ କରିସାରିଛନ୍ତି ଡିଜାଇନର୍ ନୀତା । ଦେବଦାସ, ଯୋଦ୍ଧା ଆକବର, ମଣିକର୍ଣ୍ଣିକା ଭଳି ଫିଲ୍ମର ଭବ୍ୟତା ସାରା ଜୀବନ ଅବିସ୍ମରଣୀୟ ହୋଇ ରହିଥିବ । ହେଲେ ଏଥିରେ ଲିଡ୍‌ରେ ନଜର ଆସିଥିବା ହିରୋ ହିରୋଇନ୍‌ଙ୍କର ଆକର୍ଷଣୀୟ ପୋଷାକ ପଛରେ ହାତ ରହିଥିଲା ଏହି ଡିଜାଇନର୍‌ଙ୍କର । ଫିଲ୍ମ ଦେବଦାସରେ ଐଶ୍ୱର୍ଯ୍ୟା ରାୟ ବଚ୍ଚନଙ୍କ ଭାରି ଶାଢ଼ୀ ଠାରୁ ଆରମ୍ଭ କରି ମାଧୁରି ଦୀକ୍ଷିତଙ୍କ ଓଜନିଆ ଲେହେଙ୍ଗାକୁ ପ୍ରସ୍ତୁତ କରିବା ପଛରେ ମଧ୍ୟ ନୀତାଙ୍କର ହାତ ଥିଲା । ଏଶ୍ୱର୍ଯ୍ୟାଙ୍କ ପାଇଁ ରାତିକ ମଧ୍ୟରେ ଶାଢ଼ୀ ପ୍ରସ୍ତୁତ କରିଥିଲେ । ସେହିପରି ଯଶ୍ ଚୋପ୍ରାଙ୍କ ଡିମାଣ୍ଡ କ୍ରମେ ମାତ୍ର ଦେଢ଼ ଘଣ୍ଟା ମଧ୍ୟରେ ଜୁହି ଚାଓ୍ୱଲାଙ୍କ ପାଇଁ ଡ୍ରେସ୍ ତିଆରି କରିଥିଲେ । ଏମାନଙ୍କ ବ୍ୟତୀତ ଶିଳ୍ପା ସେଟ୍ଟୀ, ଶ୍ରୀଦେବୀ, ସପ୍ନା, ସଲ୍ମା ଆଜାଦ୍, ଈଶା କୋପିକାର ପ୍ରମୁଖଙ୍କର ଡିଜାଇନର୍ ରହିସାରିଛନ୍ତି ନୀତା । ଫିଲ୍ମ ସହିତ ଟେଲି ଆକ୍ଟର ଓ ଆକ୍ଟ୍ରେସଙ୍କ ଡିଜାଇନର୍ ରୂପେ ମଧ୍ୟ ସେ କାର୍ଯ୍ୟ କରିଛନ୍ତି । ନୀତାଙ୍କୁ ତାଙ୍କ କାମ ପାଇଁ ଶ୍ରେଷ୍ଠ କଷ୍ଟ୍ୟୁମ୍ ଡିଜାଇନର ରୂପେ ନାସନାଲ୍ ଆଓ୍ୱାର୍ଡ ମଧ୍ୟ ପ୍ରଦାନ କରାଯାଇଛି । ୧୯୬୫ ମସିହା ମାର୍ଚ୍ଚ ୫ରେ ମୁମ୍ବାଇରେ ଜନ୍ମିତ ନୀତାଙ୍କ ହୋମ୍‌ଟାଉନ୍‌ରେ ଫ୍ୟାଶନ୍ ସ୍କୁଲ୍ ଅଛି, ଯେଉଁଠି ଫ୍ୟାଶନ୍ ଓ ଅନ୍‌ଲାଇନ୍ ମାର୍କେଟିଂ ଶିକ୍ଷା ଦିଆଯାଉଛି ।

## ସୌର ଗମ୍ବୁଜ ସଂଗ୍ରହାଳୟ



କୋଲକାତାରେ ରହିଛି ସୌର ଗମ୍ବୁଜ ସଂଗ୍ରହାଳୟ, ଯାହାର ସ୍ୱତନ୍ତ୍ର ଡିଜାଇନ୍ ସମସ୍ତଙ୍କୁ ବେଶ ପସନ୍ଦ ଆସିଥାଏ । କୋଲକାତାର ଇକୋ ପାର୍କରେ ଏହି ସଂଗ୍ରହାଳୟ ରହିଛି, ଯାହାକୁ ଦେଖିବାକୁ ପ୍ରତିଦିନ ଶତାଧୀକ ଲୋକଙ୍କର ଭିଡ ଯମୁଛି । ଏହି ସଂଗ୍ରହାଳୟକୁ ପ୍ରାକୃତିକ ଆଲୋକ ଓ ଉର୍ଜାର ବ୍ୟବହାର ଦର୍ଶାଉଛି । ଏହାର ଆକାର ସବୁବେଳେ ସୌରଶକ୍ତିର ଉପାଦେୟତାକୁ ସୂଚାଇଥାଏ । ଏହି ମ୍ୟୁଜିୟମରେ ୨ହଜାରରୁ ଅଧିକ ସୋଲାର ପ୍ୟାନେଲ ଇନଷ୍ଟଲ କରାଯାଇଛି । ଏଠାରେ ଦେଖିବାକୁ ଅନେକ କିଛି ରହିଛି ଏବଂ ସବୁକିଛି ସୌର ଶକ୍ତି ଓ ପ୍ରାକୃତିକ ଉର୍ଜାର ପ୍ରଚାର ପ୍ରସାର କରିଥାଏ । ଏଠାରେ ଛଅଟି ରୋବଟ ରହିଛନ୍ତି ଯେଉଁମାନେ ଏଠାକୁ ଆସୁଥିବା ପର୍ଯ୍ୟଟକଙ୍କୁ ଗାଇଡ କରିଥାଆନ୍ତି । ଏଠାରେ ଛୋଟ ପିଲାଙ୍କ ପାଇଁ ମଧ୍ୟ ସୁବିଧା ରହିଛି ।

## ନୃତ୍ୟ ପାଇଁ ଟ୍ରୋଲିଂର ଶିକାର



ନିକଟରେ ସଞ୍ଜୟ କପୁରଙ୍କ ଝିଅ ସନାୟା କପୁରଙ୍କର ଏକ ମ୍ୟୁଜିକ ଭିଡିଓ ସାମନାକୁ ଆସିଛି । ଖୁବଶୀଘ୍ର ସେ ବଲିଉଡ ଡେବ୍ୟୁ କରିବେ ହେଲେ ଏହା ପୂର୍ବରୁ ତାଙ୍କ ମ୍ୟୁଜିକ୍ ଭିଡିଓକୁ ଦର୍ଶକ ପସନ୍ଦ କରୁ ନଥିବା ଦେଖିବାକୁ ମିଳିଛି । ଏହି ଭିଡିଓରେ ସେ ସିଙ୍ଗର ଗୁରୁ ରନ୍ଧବାଙ୍କ ସହିତ ନଜର ଆସିଛନ୍ତି । ହେଲେ ତାଙ୍କ ଫେସିଆଲ ଏକ୍ସପ୍ରେସନକୁ ଦର୍ଶକ ପସନ୍ଦ କରୁନଥିବା ଦେଖିବାକୁ ମିଳିଛି । ଏପରିକି ତାଙ୍କ ଡ୍ୟାନ୍ସକୁ ମଧ୍ୟ ଦର୍ଶକ ପସନ୍ଦ କରୁନାହାନ୍ତି । ସୋସିଆଲ ମିଡିଆରେ ୟୁଜର୍ସଙ୍କର ଟ୍ରୋଲିଂ ଦେଖିବାକୁ ମିଳୁଛି । ଗୀତଟିକୁ ସନୟା ନିଜ ଇନଷ୍ଟାଗ୍ରାମରେ ପୋଷ୍ଟ କରିବା ପରେ ୟୁଜର୍ସଙ୍କର ଏଭଳି ରିଆକସନ୍ ଦେଖିବାକୁ ମିଳିଛି । ଲୋକମାନେ ତାଙ୍କ ସହିତ ଅନନ୍ୟା ପାଣ୍ଡେଙ୍କୁ ତୁଳନା କରୁଛନ୍ତି, ଯେଉଁଥିରେ ଅନନ୍ୟାଙ୍କୁ ଭଲ କହୁଛନ୍ତି । ତେବେ ଏହି ଟ୍ରୋଲିଂରେ ସନୟାଙ୍କର ମତାମତ ମିଳିନାହିଁ । ହେଲେ ଏହାର ପ୍ରଭାବ ତାଙ୍କ ଫିଲ୍ମ ଉପରେ ପଡିବ ବୋଲି ଆଲୋଚନା ହେଉଛି । ଖୁବଶୀଘ୍ର ସେ ଧର୍ମା ପ୍ରଡକସନ୍‌ର ବେଧଡକ ଫିଲ୍ମ ଜରିଆରେ ଡେବ୍ୟୁ କରିବେ ।

## ବେଙ୍ଗଲି ଛେନା ତରକାରୀ



**ସାମଗ୍ରୀ–** ଛେନା, ଆଳୁ, ଟମାଟୋ,ଶୁଖିଲା ଲଙ୍କା, ସମସ୍ତ ଗୁଣ୍ଡ ମସଲା, ଅଦା ରସୁଣ ପେଷ୍ଟ,ତେଜ ପତ୍ର, ଘିଅ, ତେଲ, ଚିନି, ଲୁଣ ।

**ପ୍ରଣାଳୀ–** ପ୍ରଥମେ ଆଳୁ ଓ ଟମାଟୋକୁ କାଟି ଦିଅନ୍ତୁ । ଏହାପରେ ଲଙ୍କା ଗୁଣ୍ଡ ଓ ହଳଦୀକୁ ମିଶାଇ ପେଷ୍ଟ ପ୍ରସ୍ତୁତ କରନ୍ତୁ । ଏହାପରେ ଏକ ପ୍ୟାନରେ ତେଲ ଗରମ କରନ୍ତୁ ଏଥିରେ ଆଳୁକୁ ଭାଜି ନିଅନ୍ତୁ । ଏହି ପ୍ୟାନ୍‌ରେ ବଳକା ତେଲରେ ଛେନାକୁ ଭାଜି ନିଅନ୍ତୁ । ଏହାପରେ ତେଲରେ ଶୁଖିଲା ଲଙ୍କା, ତେଜପତ୍ର, ଜିରା ପକାନ୍ତୁ । ଏହାପରେ ଏଥିରେ ଟମାଟୋ ପକାନ୍ତୁ । ଟମାଟୋ ଭାଜି ହେବା ପରେ ଏଥିରେ ଅଦା ରସୁଣ ପେଷ୍ଟ, ସମସ୍ତ ଗୁଣ୍ଡ ମସଲା ପକାନ୍ତୁ । ମସଲାକୁ ଭଲ ଭାବେ କଷି ଦିଅନ୍ତୁ । ଏହି ମସଲାରେ ବର୍ତ୍ତମାନ ଆଳୁ ଓ ଛେନାକୁ ପକାଇ ଗୋଳାନ୍ତୁ । ଏଥିରେ ଅଳ୍ପ ପାଣି ଦେଇ ପାରିବେ । ଶେଷରେ ଗରମ ମସଲା ଓ ଘିଅ ପକାଇ ଆଞ୍ଚ ବନ୍ଦ କରି ନିଅନ୍ତୁ ।

## ଇତିହାସ

୧୮୯୨ – କାରାଗାରରୁ ମୁକ୍ତ ହେଲେ ବହୁ ଚର୍ଚ୍ଚିତ ନାଟ୍ୟକାର ଓ କବି ଓ୍ୱସ୍କର ଓ୍ୱାଇଲ୍ଡ ।

୧୯୧୦ – ମହାତ୍ମା ଗାନ୍ଧୀଙ୍କ ହତ୍ୟାକାରୀ ନାଥୁରାମ ଗଡସେଙ୍କ ଜନ୍ମ ।

୧୯୧୩ – ଦେଶର ଷଷ୍ଠ ରାଷ୍ଟ୍ରପତି ନିଲମ ସଞ୍ଜୀବ ରେଡ୍ଡିଙ୍କ ଜନ୍ମ ।

୧୯୦୪ – ଭାରତର ପ୍ରଥମ ଉଦ୍ୟୋଗପତି ଭାବେ ପରିଗଣିତ ଜାମସେଦଜୀ ଟାଟାଙ୍କ ଦେହାନ୍ତ ।

୧୯୨୬ – ଇଟାଲୀଙ୍କୁ ଫାଶୀବାଦୀ ରାଷ୍ଟ୍ର ଘୋଷଣା କଲେ ବେନିତୋ ମୁସୋଲିନ୍ ।

୧୯୭୧ – ମାର୍ସ –୨ ପ୍ରୋଗ୍ରାମ ଲଞ୍ଚ କଲା ରୁଷ ।

୧୯୭୯ – ପ୍ରସିଦ୍ଧ ହିନ୍ଦୀ ସାହିତ୍ୟକାର ହଜାରୀ ପ୍ରସାଦ ଦ୍ୱିବେଦୀଙ୍କ ପରଲୋକ ।

### ବୌଦ୍ଧର ସରସରା ଗ୍ରାମ ସିନ୍ଦୁର ଶୋଭାଯାତ୍ରାରେ ମୁଖ୍ୟମନ୍ତ୍ରୀ

# ଆତଙ୍କବାଦୀଙ୍କୁ ସୁରକ୍ଷା ଦେଉଥିବା ଶକ୍ତିଙ୍କୁ ଦଣ୍ଡ ଦେବା ପାକିସ୍ତାନ ପାଇଁ ଥିଲା ଅକଳ୍ପନୀୟ

**ତ୍ରିରଙ୍ଗା ପତାକା ଧରି ହଜାର ହଜାର ମହିଳା କଲେ ପଞ୍ଚାୟତ ପରିକ୍ରମା**

**ଆତଙ୍କବାଦ ବିରୋଧରେ ସରକାରଙ୍କର ଶୂନ୍ୟ ସହନଶୀଳତା ନୀତିର ସଫଳତା**

ଭୁବନେଶ୍ୱର, (ସବ୍ୟୁ): ଅପରେସନ ସିନ୍ଦୁରରେ ଆମ ସେନା ବାହିନୀର ପରାକ୍ରମ ଓ ଶୌର୍ଯ୍ୟ ପ୍ରତ୍ୟେକ ଭାରତୀୟଙ୍କୁ ଗର୍ବିତ କରିଛି । ଆଜି କେବଳ ବୌଦ୍ଧ ନୁହେଁ ଭୁବନେଶ୍ୱର ନୁହେଁ, ଓଡ଼ିଶାର ପ୍ରତ୍ୟେକ ଗାଁ ରେ ଏହି ଅସୀମ ପରାକ୍ରମର ସିନ୍ଦୁର ଶୋଭାଯାତ୍ରା ହେଉଛି ଏବଂ ଏହା ଆତଙ୍କବାଦ ବିରୋଧରେ ସରକାରଙ୍କର ଶୂନ୍ୟ ସହନଶୀଳତା ନୀତିକୁ ଦର୍ଶାଉଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୌଦ୍ଧ ଜିଲ୍ଲାର ସରସରା ଗ୍ରାମ ଠାରେ ଆୟୋଜିତ ସିନ୍ଦୁର ଶୋଭାଯାତ୍ରାରେ କହିଥିଲେ ।

ଏହି ଶୋଭାଯାତ୍ରାରେ ହଜାର ହଜାର ସଂଖ୍ୟକ ମହିଳା ଯୋଗ ଦେଇ ହାତରେ ତ୍ରିରଙ୍ଗା ପତାକା ଧରି ଜୟ ହିନ୍ଦ, ଭାରତ ମାତା କି ଜୟ ଧ୍ୱନୀରେ ଚାଲି ଚାଲି ଏହି ଯାତ୍ରା ସମ୍ପୂର୍ଣ୍ଣ କରିଥିଲେ । ମୁଖ୍ୟମନ୍ତ୍ରୀ ମଧ୍ୟ ଏହି ଯାତ୍ରାରେ ସାମିଲ ହୋଇ ଗ୍ରାମ ପରିକ୍ରମା କରିଥିଲେ । ମୁଖ୍ୟମନ୍ତ୍ରୀ ଙ୍କ ସମେତ, ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ, ବିଧାୟକ, ବୌଦ୍ଧ ତଥା ସରକାରୀ ଦଳ ମୁଖ୍ୟ ସଚେତକ, ସରୋଜ କୁମାର ପ୍ରଧାନ, ବିଧାୟକ, କନ୍ଧମାଳ, ଶ୍ରୀ କହ୍ନାଇ ଚରଣ ଡାଙ୍ଗ ମଧ୍ୟ ଏହି ଶୋଭାଯାତ୍ରା ରେ ସାମିଲ ହୋଇଥିଲେ ।

ନିଜ ବକ୍ତବ୍ୟରେ ମୁଖ୍ୟମନ୍ତ୍ରୀ କହିଥିଲେଯେ, ଅପରେସନ ସିନ୍ଦୁର ଅନେକ ପ୍ରକାରେ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ । ପ୍ରଥମେ, ୧୯୭୧ ପରେ ପାକିସ୍ତାନର ସୀମା ଭିତରେ ଏମିତି ପ୍ରଚଣ୍ଡ ଆକ୍ରମଣ କେବେ ହୋଇନଥିଲା । ପେହେଲଗାମ ଠାରୁ ବି ଅଧିକ ଭୟଙ୍କର ନରସଂହାର ମୁମ୍ବାଇରେ ହୋଇଥିଲା । କିନ୍ତୁ, ସୀମାପାର ଆତଙ୍କବାଦୀଙ୍କୁ ସୁରକ୍ଷା ଦେଉଥିବା ଶକ୍ତିଙ୍କୁ ତାଙ୍କ ମାଟିରେ ଦଣ୍ଡ ଦେବା ପାକିସ୍ତାନ ପାଇଁ ଥିଲା ଅକଳ୍ପନୀୟ, ଅବିଶ୍ୱସନୀୟ । ଆମ ସେନା ଆଗରୁ ବି ସମର୍ଥ ଥିଲା, କିନ୍ତୁ ରାଜନୈତିକ ଇଚ୍ଛା ଶକ୍ତିର ଅଭାବ ଯୋଗୁଁ ଅନେକ ଭାରତୀୟଙ୍କୁ ସେମାନଙ୍କ ଜୀବନ ଦେଇ ମୂଲ୍ୟ ଦେବାକୁ ପଡିଥିଲା । କିନ୍ତୁ, ବାସ୍, ଆଉ ନୁହେଁ । ଭାରତ ନିଜେ ସମର୍ଥ ଏପରି ଆତଙ୍କବାଦୀଙ୍କୁ ଖୋଜି ନିପାତ କରିବା ପାଇଁ ।

ସେ ଶେଷରେ କହିଥିଲେଯେ, ଆଜି ଆପଣମାନଙ୍କ ଗହଣରେ ଏଭଳି ଏକ ବିରତ୍ୱଗାଥାର ଶୋଭାଯାତ୍ରାରେ ଯୋଗ ଦେଇ ମୁଁ ଆହ୍ୱାନ କରୁଛି, ଆମକୁ ସୁରକ୍ଷା ପ୍ରଦାନ କରୁଥିବା ବୀରଯବାନମାନଙ୍କ ସମ୍ମାନାର୍ଥେ ପ୍ରତ୍ୟେକ ନାଗରିକ ନିଜକୁ ଏହି ତ୍ରିରଙ୍ଗା ଯାତ୍ରାରେ ସାମିଲ କରନ୍ତୁ । ଦେଶର ସୁରକ୍ଷା ସହିତ ବିକାଶ ହିଁ ମୋଦି ଜୀଙ୍କ ମନ୍ତ୍ର । ଆଜି ଆମଦେଶ ବିଶ୍ୱର ସବୁଠାରୁ ଅଧିକ ହାରରେ ବୃଦ୍ଧିହେଉଥିବା ଅର୍ଥନୀତି । ଅପରେସନର ସଫଳତା ଆମ ଦେଶର ସୁରକ୍ଷା ବଳକୁ ବିଶ୍ୱର ଏକ ଅଗ୍ରଣୀ ସାମରିକ ଶକ୍ତି ଭାବେ ପ୍ରତିପାଦନ କରିଛି, ଆମେ ସମସ୍ତେ ଏଥିପାଇଁ ଗର୍ବିତ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

### କାର୍ ବିଜ୍ଞାପନ ନାଁରେ ଠକେଇ

# ଫିଜିଓଥେରାପିଷ୍ଟଙ୍କୁ ଠକି ଦଲାଲ ଗିରଫ

କଟକ,(ସବ୍ୟୁ): ଆକର୍ଷଣୀୟ କାର୍ ବ୍ରିକି ନାଁରେ ସୋସିଆଲ୍ ମିଡିଆରେ ମିଛ ବିଜ୍ଞାପନ ଦେଇ ର୍ନିତାରର୍ ଜଣେ ଫିଜିଓଥେରାପିଷ୍ଟଙ୍କୁ ୧ଲକ୍ଷ ୮୦ ହଜାର ଟଙ୍କା ଠକିବା ଘଟଣାରେ ମଙ୍ଗଳାବାଗ ଥାନା ପୁଲିସ ଜଣେ ଠକକୁ ଆଜି ଗିରଫ କରିଛି । ଅଭିଯୁକ୍ତ ଜଣକ ହେଉଛି ଜଗତସିଂହପୁର ନାଉଗାଁ ଥାନା ଅନ୍ତର୍ଗତ ସୁନ୍ଦଳର କାହ୍ନା ଓରଫ ପ୍ରିୟବ୍ରତ ଦାସ(୨୫) । ତା'ଠାରୁ ଏକ ବାଇକ୍, ୫ଟି ଫୋନ୍, ୬୫ ହଜାର ଟଙ୍କା, ୬ଟି ଏଟିଏମ୍ କାର୍ଡ, ୪ଟି ଚେକ୍ବହି, ୪ଟି ସିମ୍କାର୍ଡ ଓ ଏକ ଜାଲ୍ ପରିଚୟପତ୍ର ଜବତ ହୋଇଛି । ଅଭିଯୁକ୍ତକୁ ଆଜି କୋର୍ଟ ଚାଲାଣ କରାଯାଇଥିବା ବେଳେ ଜାମିନ୍ ନାମଞ୍ଜୁର ହେବାରୁ ତାକୁ ଚୌଦ୍ୱାର ଜେଲ୍କୁ ପଠାଇ ଦିଆଯାଇଛି ।

ବାଲେଶ୍ୱର ସିମୁଳିଆର ସୌମ୍ୟନିହାର ଦାସ କଟକ ଅଡ଼ଶପୁରରେ ଥିବା ର୍ନିତାରେ ଫିଜିଓଥେରାପିଷ୍ଟ ପାଠ ପଢୁଛନ୍ତି । ସେ ଗତ ମାର୍ଚ୍ଚ ମାସରେ ଫେସ୍ବୁକ୍ରେ ଏକ କାର୍ ବିକ୍ରିର ବିଜ୍ଞାପନ ଦେଖି ସେଥିରେ ଦିଆଯାଇଥିବା ନମ୍ବରରେ ଫୋନ୍ କରିଥିଲେ । ଗିରଫ ଅଭିଯୁକ୍ତ ପ୍ରିୟବ୍ରତ ଫୋନ୍ ଉଠାଇ ନିଜକୁ ଏକ କାର୍ ବିକ୍ରି ସଂସ୍ଥାର ଏଜେଣ୍ଟ ବୋଲି ପରିଚୟ ଦେଇଥିଲେ । ବ୍ୟାଙ୍କ୍ ରିକଭରି କରିଥିବା କିଛି କାର୍ ଭୁବନେଶ୍ୱରର ଡୁମୁଡୁମାରେ ଏକ ଗୋଦାମରେ ଥିବା କହିଥିଲେ । ଏହା ପରେ ଦୁହେଁ ଡୁମୁଡୁମା ଯାଇ ଏକ 'ସ୍ୱିଫ୍ଟ ଡିଜାୟାର୍' କାର୍ ଦେଖି ପସନ୍ଦ କରିଥିଲେ । କାର୍ ଦର ୩ ଲକ୍ଷ ୮୦ ହଜାର ଚୁଡ଼ାନ୍ତ ହୋଇଥିଲା । ଅଗ୍ରୀମ ବାବଦରେ ୧ଲକ୍ଷ ୮୦ ହଜାର ଟଙ୍କା ପ୍ରିୟବ୍ରତ ନେଲା ପରେ ଏକ ଏଗ୍ରିମେଣ୍ଟରେ ଦସ୍ତଖତ କରାଇଥିଲା । ଏପ୍ରିଲ୍ ୩ ତାରିଖ ଦିନ ଗାଡ଼ି ହସ୍ତାନ୍ତର କରାଯିବ ଓ ବାକି ୨ ଲକ୍ଷ ଟଙ୍କା ଚେକ୍ରେ ପ୍ରଦାନ କରାଯିବ ବୋଲି ସ୍ଥିର ହୋଇଥିଲା । ମାତ୍ର ଉକ୍ତ ତାରିଖ ଆସିବା ପରେ ମଧ ପ୍ରିୟବ୍ରତ ଧରାଛୁଆଁ ଦେଇନଥିଲା । ଦିନ ଗଡ଼ାଇବା ପରେ ଫୋନ୍ ସୁଇଚ୍-ଅଫ୍ କରି ଦେଇଥିଲା । ଏଭଳି ସ୍ଥିତିରେ ଠକାମିର ଶିକାର ହୋଇଥିବା ଆଶଙ୍କା କରି ସୌମ୍ୟନିହାର ଗତ ଏପ୍ରିଲ୍ ୫ ତାରିଖରେ ମଙ୍ଗଳାବାଗ ଥାନାରେ ଏତଲା ଦେଇଥିଲେ । ପୁଲିସ କାଗଜପତ୍ର ଯାଞ୍ଚ କରିବାରୁ ପ୍ରିୟବ୍ରତ ଜଣେ ପେସାଦାର ଠକ ବୋଲି ଜଣାପଡ଼ିଥିଲା । ତେବେ ସେ ଫୋନ୍ ବନ୍ଦ କରି ରଖିଥିବାରୁ ହଠାତ୍ ଧରାପଡ଼ିନଥିଲା ଗା ଗତକାଲି ତାକୁ ମଙ୍ଗଳାବାଗ ପୁଲିସ ଧରିବାରେ ସକ୍ଷମ ହୋଇଥିଲେ ।

### ୨ କ୍ୱିଣ୍ଟାଲ ଗଞ୍ଜେଇ ଜବତ : ୨ଗିରଫ

# ବୌଦ୍ଧରୁ ଭୁବନେଶ୍ୱର ଚାଲାଣ ହେଉଥିଲା, ଖସିଗଲେ ୨ ଅଭିଯୁକ୍ତ

ଖୋର୍ଦ୍ଧା, (ସବ୍ୟୁ): ୧୬ନଂ ଜାତୀୟ ରାଜପଥ ସୁନାଖଳା ଓଭରବ୍ରିଜ୍ ନିକଟରେ ଚଢଉ କରି ବାଲୁଗାଁ ଅବକାରୀ ପୁଲିସ ୨ କ୍ୱିଣ୍ଟାଲ ଗଞ୍ଜେଇ ଜବତ କରିଛି । ଏହି ସମ୍ମିଳନୀରେ ସୂଚନା ଦେଇଛନ୍ତି ।

ବୌଦ୍ଧ ରୁ ଭୁବନେଶ୍ୱର ଅଭିମୁଖେ ଗଞ୍ଜେଇ ଚାଲାଣ ହେଉଥିବା ଖବର ପାଇ ଅବକାରୀ ଟିମ୍ ଜାତୀୟ ରାଜପଥର ବିଭିନ୍ନ ଭ୍ୟାନ ଅଟକାଇ ଯାଂଚ କରିବାରେ ସେଥିରୁ ୧୫୦ ପକେଟ ଗଞ୍ଜେଇ ଜବତ ହୋଇଥିଲା । ଏହି ଘଟଣାରେ ଫିରୋଜ ଓ ସୁଶାନ୍ତ କୁ ଗିରଫ କରିଥିଲା ଅବକାରୀ ଟିମ୍ । ଫିରୋଜ ଓ ସୁଶାନ୍ତ ବୌଦ୍ଧ ର ବିଭିନ୍ନ



ଘଟଣାରେ ଦୁଇଜଣଙ୍କୁ ଗିରଫ କରାଯାଇଛି । ଗିରଫ ଦ୍ୱୟ ହେଲେ କେଉଁଝର ବଂଶପାଣି ରେ ରହୁଥିବା ଫିରୋଜ ଖାନ୍ (୩୩) ଏବଂ ବୌଦ୍ଧ ର ସୁଶାନ୍ତ ମେଣ୍ଡଲି (୨୪) । ଅନ୍ୟ ଦୁଇ ଅଭିଯୁକ୍ତ ମାଲ ଫୋପାଡି ଗାଡିସହ ଖସି ଯାଇଥିବା ଅବକାରୀ ଅଧିକ୍ଷକ ସୁମତି ତ୍ରିପାଠୀ ସାମ୍ବାଦିକ ସ୍ଥାନରେ ଛପି ରହିଥିଲେ । ଭୋର ପ୍ରାୟ ୫ଟା ସମୟରେ ରାଜସୁନାଖଳା ଛକ ନିକଟରେ ୩ଟି ଗାଡି ଅଟକାଇବା ବେଳେ ଘଟଣା ସ୍ଥଳରୁ ଦୁଇଟି କାର୍ ର ଡ୍ରାଇଭର ୨୫କେଜି ଲେଖାଏଁ ହୋଇଥିବା ପକେଟ ଫିଙ୍ଗି ଫେରାର ହୋଇଯାଇଥିଲେ । ମାତ୍ର ପଛରେ ଆସୁଥିବା ଓଡି-୦୨-ସିଜେଡ୍-୪୬୨୯ ନଂ ବିଶିଷ୍ଟ ପିକ୍ଅପ୍ ସ୍ଥାନରୁ ଚାଷୀଙ୍କ ଠାରୁ ମାଲ୍ ସଂଗ୍ରହ କରି ଆଣୁଥିଲା । ଉଭୟ ମାଲ ଧରି ଭୁବନେଶ୍ୱର ଅଭିମୁଖେ ଯାଉଥିଲେ । ସମୁଦାୟ ୨କୁଇଁଟାଲ ଗଞ୍ଜେଇ ଜବତ ହୋଇଥିବାବେଳେ ଏହାର ମୂଲ୍ୟ ୨୦ଲକ୍ଷ ଟଙ୍କା ହେବ । ଘଟଣାର ଅଧିକ ତଦନ୍ତ ଜାରି ରହିଛି ବୋଲି ଶ୍ରୀମତୀ ତ୍ରିପାଠୀ କହିଛନ୍ତି ।

### ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ପୁନଃ ସ୍ଥାପନ ସଂପର୍କରେ କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କୁ ସରପଞ୍ଚଙ୍କ ପତ୍ର

ଟାଙ୍ଗୀ,(ସବ୍ୟୁ) :ବହୁ ଅଭିଯୋଗ ପରେ ସୁଗମନାଗମନକୁ ଦୃଷ୍ଟିରେ ରଖି ଚାନ୍ଦପୁର, ଟାଙ୍ଗୀ ରାସ୍ତା ପ୍ରଶସ୍ତିକରଣ କରାଯାଉଛି ଓ ଏଥି ସହିତ ଆବର୍ଜନା ଜଳ ନିଷ୍କାସନ ପାଇଁ ରାସ୍ତା ପାର୍ଶ୍ୱ ରେ ନାଳ ମଧ୍ୟ ତିଆରି କରାଯାଉଛି। ତେବେ ବଜାର ପାର୍ଶ୍ୱରେ ଥିବା ଗୋପବନ୍ଧୁଙ୍କ ପ୍ରତିମୂର୍ତି ସମ୍ମୁଖ ଦେଇ ଏହି ଆବର୍ଜନା ନାଳଟି ଯାଉଥିବାରୁ ଏହା ଆଦୌଗ୍ରହଣୀୟ ନୂହେଁ ବୋଲି ମନେ କରି ବିକଳ୍ପ ସଂପର୍କରେ ଚାନ୍ଦପୁର ସରପଞ୍ଚ ରଂଜିତା ସେନାପତି ଖୋର୍ଦ୍ଧା ପୂର୍ତବିଭାଗ କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିବା ଜଣାପଡିଛି। ଚାନ୍ଦପୁର ବାଣିଜ୍ୟ ବ୍ୟବସାୟ ର ପେଣ୍ଠସ୍ଥଳଛ ରାଜରାସ୍ତା ପ୍ରଶସ୍ତିକରଣ ଯୋଗୁ ଯାନବାହନ ଦ୍ରୁତଗତି ଫଳରେ ଅନେକ ଦୂର୍ଘଟଣା ଘଟିବା ସମ୍ଭାବନା ରହିଛିଛ ଏହି ଦୃଷ୍ଟିରୁ ଗୋପବନ୍ଧୁଙ୍କ ପ୍ରତିମୂର୍ତି ସମ୍ମୁଖ ଚାରି ଛକକୁ ଗୋଟିଏ ବୃତାକାର ଛକରେ ପରିବର୍ତନ କରି ତାହା ଉପରେ ଗୋପବନ୍ଧୁଙ୍କ ପ୍ରତିମୂର୍ତି ସ୍ଥାପନ କରାଗଲେ ଯାନବାହନ ଦୃତଗତିରୁ ରୋକାଯାଇପାରିବା ସହିତ ଗୋପବନ୍ଧୁଙ୍କ ପ୍ରତି ବାସ୍ତବିକ ସମ୍ମାନଜନକ ହୁଅନ୍ତା ବୋଲି ଦର୍ଶାଇ ଚାନ୍ଦପୁର ସରପଞ୍ଚ ରଂଜିତା ସେନାପତି ଖୋର୍ଦ୍ଧା ପୂର୍ତବିଭାଗ କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିବା ଜଣାପଡିଛି।

# ଦୀଘାରେ ଶ୍ରୀଜଗନ୍ନାଥ ଧାମ ବିରୋଧରେ ପ୍ରତିବାଦ

### ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କୁ ଚିଠି




- ସ୍କନ୍ଦ ପୂରାଣ ଅନୁସାରେ ବାହାର ଜଗନ୍ନାଥ ମନ୍ଦିରରେ ନୀତିକାନ୍ତି ହେଉ
- ଲଣ୍ଡନରେ ଅଦିନିଆ ରଥଯାତ୍ରା ବନ୍ଦ ପାଇଁ ପରିଷଦର ଇସ୍କନକୁ ଚିଠି
- ଚୌକିରେ ବସି ମହାପ୍ରସାଦ ସେବନ ନିନ୍ଦନୀୟ ଘଟଣା

ଭୁବନେଶ୍ୱର(ସବ୍ୟୁ): ପଶ୍ଚିମବଙ୍ଗ ସରକାର ଦୀଘାରେ ଶ୍ରୀଜଗନ୍ନାଥ ଧାମ ଲେଖିବା ଘଟଣା ଜଗନ୍ନାଥଙ୍କ ଗରିମା ଓ ମର୍ଯ୍ୟାଦା କ୍ଷୁର୍ଣ୍ଣ ହୋଇଛି । କେବଳ ସେତିକି ନୁହେଁ ଲଣ୍ଡନରେ ଅଦିନିଆ ରଥଯାତ୍ରା ହେବାକୁ ଯାଉଛି । ଏହାକୁ ଆମେ ବିରୋଧ କରୁଛୁ । ମହାପ୍ରାସଦକୁ ଅସମ୍ମାନ କରି ଚୌକି ବସି ଭୋଜନ କରିବା ନିନ୍ଦନୀୟ । ଏସବୁ ଘଟଣା ସର୍ମ୍ପକରେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ଓଡ଼ିଶା ମୁଖ୍ୟମନ୍ତ୍ରୀ ଓ ପର୍ଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀଙ୍କ ଶ୍ରୀ ଜଗନ୍ନାଥ ସଂସ୍କୃତି ପରିଷଦ ଚିଠି ଲେଖି ବିକ୍ଷୋଦଗାର କରିଛି । ଭୁବନେଶ୍ୱର ପ୍ରେସ କ୍ଲବରେ ଶ୍ରୀ ଜଗନ୍ନାଥ ସଂସ୍କୃତି ପରିଷଦ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପରିଷଦର ସଭାପତି ସଞ୍ଚିତା ମହାନ୍ତି କହିଥିଲେ, ଦୀଘାରେ ଜଗନାଥ ଧାମ ଲେଖିବା ସେମାନଙ୍କ ଅଧିକାର ନାହିଁ । ଏହାକୁ ଆମେ ବିରୋଧ କରୁଛୁ । ଚାରୋଟି ଧାମ ମଧ୍ୟରୁ ପୁରୀ ହେଉଛି ଅନ୍ୟତମ । ଦୀଘାରେ ଜଗନାଥ ମନ୍ଦିର ଲେଖିବାରେ କୌଣସି ଅସୁବିଧା ନାହିଁ । ଆଜି ଲଣ୍ଡନରେ ଅଦିନିଆ ରଥଯାତ୍ରା ହେବାକୁ ଯାଉଛି । ଗତକାଲି ଆମେ ଏ ଖବର ଜାଣିବାକୁ ପାଇଲୁ । ଏହାପରେ ପରିଷଦ ପକ୍ଷରୁ ଇସ୍କନକୁ ଚିଠି ଲେଖାଯାଇଛି । ଇସ୍କନ ଗୋଟିଏ ଅଲଗା ନିୟମରେ ଚାଲୁଛି । ସେହିଭଳି ମହାପ୍ରସାଦ ଟେବୁଲରେ ଖାଇବା ପୁଣି ବ୍ରାହ୍ମଣ ବାଢ଼ିବା ନିନ୍ଦନୀୟ ଘଟଣା ।

ପରିଷଦର ଉପଦେଷ୍ଟା ପ୍ରଭାତ ନନ୍ଦ କହିଥିଲେ, ଶ୍ରୀ ଜଜଗନାଥଙ୍କ ଗରିମା ଓ ମହତ୍ୱକୁ ସାରା ବିଶ୍ୱରେ ପ୍ରଚାର ଓ ପ୍ରସାର କରିବା ଆମ ପରିଷଦର ଲକ୍ଷ୍ୟ । ପୃଥିବୀରେ ସମସ୍ତ ଧର୍ମରେ ରଥଯାତ୍ରା କରିବାର ନଜିର ରହିଛି । ଆଷାଢ଼ ଦ୍ୱିତୀୟା ଦିନରେ ପୁରୀରେ ରଥଯାତ୍ରା ହେଉଛି । ଶଙ୍କରାଚାର୍ଯ୍ୟ ଚାରି ଧାମକୁ ନାମିତ କରିଛନ୍ତି । ବଦ୍ରିନାଥ, ରାମନାଥ, ଦ୍ୱାରିକାନାଥ ଓ ଜଗନ୍ନାଥ ଧାମ। ଦୀଘାରେ ଜଗନ୍ନାଥ ଧାମ ଲେଖିବା ଗ୍ରହଣୀୟ ନୁହେଁ । ଆମର ଧାର୍ମିକ, ଇତିହାସ ଓ ପରମ୍ପରା ପ୍ରତି କୁଠାରଘାତ ହୋଇଛି । ଏହାସହ ବଡ଼ବଡ଼ ହୋଟେଲରେ ଆମିଷ ସହିତ ମହାପ୍ରସାଦ ଭୋଜନ କରିବା ମର୍ଯ୍ୟାଦା କ୍ଷୁର୍ଣ୍ଣ ହୋଇଛି । ଏହା ଓଡ଼ିଆଙ୍କ ଅସ୍ମିତାର କଥା । ଓଡ଼ିଆଙ୍କ ଜଗନାଥ ସଂସ୍କୃତି ହେଉଛି ଅସ୍ମିତା । ସାମ୍ବାଦିକ ସମ୍ମିଳନୀରେ ପରିଷଦର ସେକ୍ରେଟାରୀ ସନ୍ତୋଷ କୁମାର ଦାସ ଓ ସନନ୍ତ ରଞ୍ଜନ ନାୟକ, ଉପସଭାପତି ଅନ୍ତର୍ଯାମୀ ମିଶ୍ରଙ୍କ ସମେତ ସଦସ୍ୟମାନେ ଉପସ୍ଥିତ ଥିଲେ ।

# ବେସରକାରୀ ଆମ୍ବୁଲାନ୍ସ ସେବାକୁ ନିୟନ୍ତ୍ରଣ କରିବେ ସରକାର

**ଓଡ଼ିଶା ଯାତ୍ରୀ ଆପ୍ ସହିତ ସଂଯୋଗ ହେବ ଆମ୍ବୁଲାନ୍ସ ସେବା**

**ଆମ୍ବୁଲାନ୍ସ ଭଡ଼ା ନିୟନ୍ତ୍ରଣ ପାଇଁ ପ୍ରସ୍ତୁତ ହେବ ଏସ୍ଓପି**

ଭୁବନେଶ୍ୱର(ସବ୍ୟୁ): ଓଡ଼ିଶାରେ ଜରୁରୀ ଚିକିତ୍ସା ପରିବହନ ସେବାକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି । ବେସରକାରୀ ଆମ୍ବୁଲାନ୍ସ ସେବାକୁ ନିୟନ୍ତ୍ରଣ ଓ ସ୍ଥାନୀୟ ଲୋକଙ୍କ ପାଇଁ ସୁଗମ କରିବାକୁ ନେଇ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି । ବେସରକାରୀ ଆମ୍ବୁଲାନ୍ସ ସେବାରେ ପାରଦର୍ଶୀତା, ସମରୂପ ଚାଳନା ଓ ସ୍ୱଳ୍ପ ସମୟରେ ସେବା ପ୍ରଦାନ ନିମିତ୍ତରେ ଏକ ନୂତନ ନୀତି ପ୍ରସ୍ତୁତ କରାଯିବା ଉପରେ ଜୋର ଦିଆଯାଇଛି ।



ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର କମିଶନର ତଥା ଶାସନ ସଚିବ ଅଶ୍ୱଥି ଏସ୍ ଉପସ୍ଥିତ ଥିଲେ । ଏହି ଉଦ୍ୟମର ଅଂଶ ଭାବରେ ସମସ୍ତ ବେସରକାରି ଆମ୍ବୁଲାନ୍ସକୁ ଏକତ୍ରିକୃତ ଓ ମାନ୍ୟତାପ୍ରାପ୍ତ ପ୍ଲାଟଫର୍ମ ଉପରେ ନିବନ୍ଧନ କରିବା ପାଇଁ ଏକ ବିଶେଷ ଅଭିଯାନ ଆରମ୍ଭ କରାଯିବ । ଏହା ଦ୍ୱାରା ଆବଶ୍ୟକ ସମୟରେ ଆମ୍ବୁଲାନ୍ସ ସେବା ପାଇବା ସମ୍ଭବ ହେବ । ଆମ୍ବୁଲାନ୍ସ ଚାଳକମାନଙ୍କୁ ନିବନ୍ଧନ ଓ ନିୟମ ମାନିବା ପାଇଁ ପ୍ରୋତ୍ସାହନ ଦେବା ନିମନ୍ତେ ଉଦ୍ୟମ କରାଯିବ । ଏହି ପ୍ରକ୍ରିୟା ଦ୍ୱାରା ସ୍ୱଇଚ୍ଛା ଅନୁସରଣ ବୃଦ୍ଧି ଓ ଅନଧିକୃତ କିମ୍ବା ଶୋଷଣମୂଳକ କାର୍ଯ୍ୟକଳାପ ଉପରେ ନିୟନ୍ତ୍ରଣ ଆସିବ ।

ସମସ୍ତ ନିବନ୍ଧିତ ଆମ୍ବୁଲାନ୍ସକୁ ଭେହିକଲ ଲୋକେସନ୍ ଟ୍ରାକିଂ ସିଷ୍ଟମ୍ (ଭିଏଲଟିଏସ୍) ସହିତ ଏକତ୍ର କରାଯିବ । ଯାହା ଦ୍ୱାରା ଜିପିଏସ୍ ଭିତ୍ତିକ ନିରୀକ୍ଷଣ ଓ ତ୍ୱରିତ ସେବା ପ୍ରଦାନ ସମ୍ଭବ ହେବ । ସେଥିପାଇଁ ଓଡ଼ିଶା ଯାତ୍ରୀ ଆପ୍ ସହିତ ଆମ୍ବୁଲାନ୍ସ ସେବାକୁ ସଂଯୋଗ କରିବା ନେଇ ଆଲୋଚନା ହୋଇଥିଲା । ଏହା ଦ୍ୱାରା ନାଗରିକମାନେ ସହଜରେ ଆମ୍ବୁଲାନ୍ସ ବୁକ୍ କରିପାରିବେ ଓ ସେବା ଉପଲବ୍ଧି କରିପାରିବେ । ଅନଧିକୃତ ଭାବେ ଦେଖାଯାଉଥିବା ଭାଡ଼ା ନେବା ପ୍ରଥାକୁ ରୋକିବା ପାଇଁ ଆମ୍ବୁଲାନ୍ସ ଭାଡ଼ା ନିୟନ୍ତ୍ରଣ ପାଇଁ ଏକ ଏସ୍ଓପି ପ୍ରସ୍ତୁତ କରାଯିବ । ଏହି ଭାଡ଼ା ରାଶି ଭୋକ୍ତା ମୂଲ୍ୟ ସୂଚକାଙ୍କ ( ସିପିଆଇ) ସହିତ ଗଠିତ ହେବ । ଯାହା ଦ୍ୱାରା ସମୟ ଓ ଭୌଗୋଳିକ ଅଞ୍ଚଳ ଅନୁଯାୟୀ ଭାଡ଼ା ନ୍ୟାୟସଙ୍ଗତ ଓ ସହଜ ରହିପାରିବ ।

ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଏନ୍ଏଚ୍ଏମ୍ ଏମ୍ଡି ଡା. ବୃନ୍ଦା ଡି, ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକ ଡା. ବିଜୟ ମହାପାତ୍ର, ଅତିରିକ୍ତ ଡିଏମ୍ଇଟି ଡା. ଉମାକାନ୍ତ ଶତପଥୀ ଏବଂ ପରିବହନ ବିଭାଗ ଯୁଗ୍ମ ନିର୍ଦ୍ଦେଶକ ତପନ କୁମାର ମିଶ୍ରଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଅଂଶ ଗ୍ରହଣ କରିଥିଲେ ।

# କାଠଯୋଡ଼ି ନଦୀରେ ବୁଡ଼ିଗଲେ ୨ଇଞ୍ଜିନିୟର୍ : ଜଣେ ମୃତ, ଜଣେ ନିଖୋଜ

କଟକ, (ସବ୍ୟୁ): ମର୍କତନଗର ଫେଜ୍-୨ ଥାନା ଅନ୍ତର୍ଗତ ସେକ୍ଟର-୧୧ ଅନ୍ତର୍ଗତ କାଠଯୋଡି ନଦୀରେ ୨ଜଣ ଇଞ୍ଜିନିୟର୍ ବୁଡ଼ି ଯାଇ ନିଖୋଜ ହୋଇଯାଇଥିଲେ । ସେମାନଙ୍କ ମଧ୍ୟରୁ ଜଣଙ୍କର ମୃତ ଦେହ ଅଗ୍ନିଶମ ବିଭାଗ କର୍ମଚାରୀ ଉଦ୍ଧାର କରିଥିବା ବେଳେ ଆଉ ଜଣେ ଇଞ୍ଜିନିୟର୍ ନିଖୋଜ ଅଛନ୍ତି । ନିଖୋଜ ଇଞ୍ଜିନିୟର୍ଙ୍କୁ ନଦୀ ମଧ୍ୟରେ ଖୋଜିବାକୁ ବିଡାନାସୀ ଅଗ୍ନିଶମ କର୍ମଚାରୀ ରେସ୍କ୍ୟୁ ଅପରେସନ୍ ଚଳାଇଥିବା ବେଳେ ରାତି ହେବାରୁ ଅପରେସନ୍ ବନ୍ଦ କରାଯାଇଛି । ତେବେ ମୃତ ଇଞ୍ଜିନିୟରଙ୍କ ଘର ମହାରାଷ୍ଟ୍ର ଏବଂ ତାଙ୍କ ନାଁ ରୁତିକେଶ ମଟଲ୍(୨୫)ଏବଂ ନିଖୋଜ ରହିଥିବା ଇଞ୍ଜିନିୟରଙ୍କ ନାଁ ରତିକ୍ ବ୍ରିଜିନୀ(୨୮) । ଏମାନେ ଏଲ୍ଆଣ୍ଡି କମ୍ପାନୀରେ ଇଞ୍ଜିନିୟର୍ ଭାବେ ନିୟୋଜିତ ରହି ଏସ୍ସିବି ମେଡିକାଲରେ ନବର୍ନିମିତ କୋଠାର ନିର୍ମାଣ ଦାୟିତ୍ୱରେ ରହିଥିଲେ ।

ଅଗ୍ନିଶମ କର୍ମଚାରୀଙ୍କ ସୂତ୍ରରୁ ପ୍ରକାଶ ଯେ, ଆଜି ରବିବାର ହୋଇଥିବାରୁ ଏସ୍ସିବିରେ ନିର୍ମାଣ କାର୍ଯ୍ୟ ବନ୍ଦ ରହିଥିଲା । ସିଡିଏ ସେକ୍ଟର-୧୧ରେ ଏଲ୍ଆଣ୍ଡି କମ୍ପାନୀର ଇଞ୍ଜିନିୟର ଏବଂ ଉଚ୍ଚପଦସ୍ଥ କର୍ମଚାରୀ ରହିବା ନିମନ୍ତେ ମେସ୍ ବ୍ୟବସ୍ଥା ରହିଛି । ଏଣୁ ଏହି ମେସ୍ରେ ଇଞ୍ଜିନିୟର ରୁତିକେଶ, ରତିକ୍ଙ୍କ ସମେତ ଅନ୍ୟ କର୍ମଚାରୀମାନେ ରୁହନ୍ତି । ଛୁଟିଦିନ ଯୋଗୁଁ ୨ଇଞ୍ଜିନିୟରଙ୍କ ସହିତ ଆଉ ୨କର୍ମଚାରୀ ଭୋଜିଭାତ କରିଥିଲେ ଛ ଭୋଜି ଶେଷ ହେବା ପରେ ଗାଧେଇବା ନିମନ୍ତେ କାଠଯୋଡି ନଦୀକୂଳକୁ ଆସିଥିଲେ । ସେଠାରେ ପହଞ୍ଚି ନିଜ ନିଜ ଭିତରେ ସନ୍ତରଣ ପ୍ରତିଯୋଗୀତା କରିଥିଲେ । ବିଡମ୍ବନାର ବିଷୟ ୪ସାଙ୍ଗଙ୍କ ମଧ୍ୟରୁ କାହାରିକୁ ପହଁରିବା ଜଣାନଥିଲା । ପ୍ରଥମେ ରୁତିକେଶ ନଦୀ ମଧ୍ୟକୁ ଡେଇଁ କୂଳରେ ପହଁରିବାକୁ ଚେଷ୍ଟା କରିଥିଲେ । ତାଙ୍କ ସହିତ ରତିକ୍ ମଧ୍ୟ କୂଳକୁ ଯାଇ ପହଁରିଥିଲେ । ତେବେ କିଛି ସମୟ ମଧ୍ୟରେ ୨ବନ୍ଧୁ କୂଳରୁ ମଝିକୁ ଚାଲି ଯାଇଥିଲେ । ପହଁରିବା ଜଣାନଥିବାରୁ ରତିକ୍ ପାଣିର ପ୍ରଖର ସୁଅରେ ଭାସି ଯାଇଥିଲେ । ଏହାପରେ ତାଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରି ରୁତିକେଶ ନଦୀ ମଝିକୁ ଚାଲିଯାଇଥିଲେ । ଏହାପରେ ୨ଜଣ ନଦୀରେ ବୁଡ଼ି ଯାଇଥିଲେ । କୂଳରେ ଥିବା ୨ବନ୍ଧୁ ପ୍ରଥମେ ଫେଜ୍-୨ ଥାନା ଓ ପରେ ବିଡ଼ାନାସୀ ଫାୟାର୍ ଷ୍ଟେସନ୍କୁ ଫୋନ୍ କରି ଘଟଣା ବିଷୟରେ ଅବଗତ କରାଇଥିଲେ । ଘଟଣାସ୍ଥଳରେ ପୁଲିସ ଓ ଅଗ୍ନିଶମ କର୍ମଚାରୀ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ । ଅଧଘଣ୍ଟା ଭିତରେ ରୁତିକେଶଙ୍କ ମୃତ ଦେହ ଠାବ କରାଯାଇଥିଲା । ତାଙ୍କୁ ତୁରନ୍ତ ଏସସିବି ମେଡିକାଲ ପଠାଯାଇଥିଲା । ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ରତିକ୍ଙ୍କ ପତ୍ତା ମିଳିନଥିଲା । ଅନ୍ଧାର ହୋଇଯିବାରୁ ଖୋଜାଖୋଜି କାର୍ଯ୍ୟକୁ ବନ୍ଦ ରଖଯାଇଥିଲା । ଏ ସମ୍ପର୍କରେ ବିଡ଼ାନାସୀ ଅଗ୍ନିଶମ କେନ୍ଦ୍ରର ଫାୟାର୍ ଅଫିସର ପୁଲକ୍ ଲେଙ୍କାଙ୍କୁ ପଚାରିବାରୁ ସେ କହିଛନ୍ତି, ଘଟଣାସ୍ଥଳରେ ପାଣିର ପ୍ରଖର ସ୍ରୋତ ରହିଥିଲା । ୨ଇଞ୍ଜିନିୟର୍ ଆଦୌ ପହଁରା ନଜାଣି ନଦୀ ଗର୍ଭକୁ ଲମ୍ଫ ଦେଇଥିଲେ । ଯାହାଫଳରେ ଏଭଳି ଅଘଟଣ ଘଟିଛି । ତେବେ ଏକ ନିର୍ଭରଯୋଗ୍ୟସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ୪ଜଣ ବନ୍ଧୁ ଭୋଜିଭାତ କରି ପ୍ରଚୁର ମଦ୍ୟପାନ କରିଥିଲେ । ଏହାପରେ ଗ୍ରୀଷ୍ମପ୍ରବାହ ଯୋଗୁଁ ଅସହ୍ୟ ଗରମରେ ନଦୀରେ ଗାଧୋଇବାକୁ ଯାଇଥିଲେ । ପ୍ରଚୁର ନିଶା ଥିବାରୁ ସେମାନଙ୍କ ମଧ୍ୟରୁ ୨ଜଣ ନଦୀ ଗର୍ଭରେ ଭାସିଯାଇ ବୁଡ଼ିଯାଇଥିଲେ । ତେବେ ଏସବୁ ଘଟଣାର ତଦନ୍ତ ଫେଜ୍-୨ ଥାନା ପୁଲିସ ଚଳାଇଛି । ତଦନ୍ତ ପରେ ଏହି ଅଘଟଣର କାରଣ' ସ୍ପଷ୍ଟ ହେବ ବୋଲି ପୁଲିସ କହିଛି ।

# କାର ଓ ବାଇକ୍କୁ ପିଟିଲା ଅଳିଆ ଗାଡ଼ି

ବାରଙ୍ଗ, (ସବ୍ୟୁ) ଷଣ୍ଢପୁର ବାଙ୍କ ନିକଟରେ ଅଳିଆ ଗାଡ଼ି ଏକ ବାଇକ୍ ଓ କାରକୁ ଧକା ଦେବାରୁ ବାଇକ୍ ଚାଳକ ଗୁରୁତର ଆହତ ହୋଇଛନ୍ତି।ଦୁର୍ଘଟଣା ପରେ ଅଳିଆ ଗାଡି ଫେରାର ହୋଇଯାଇ ଥିବା ବେଳେ ପୋଲିସ ଗାଡି ସହ ଚାଳକକୁ ଧରି ଥାନାକୁ ଆଣିଛି। ପ୍ରକାଶଯେ, ରବିବାର ଅପରାହ୍ନ ୨ଟା ସମୟରେ ତ୍ରିଶୂଳିଆ ବାଙ୍କୀ ମୁଖ୍ୟରାସ୍ତାର ଷଣ୍ଢପୁର ଦୋଗଛିଆ ବାଙ୍କ ନିକଟରେ କଟକ ମହାନଗର ନିଗମର ଅଳିଆବୁହା ଓଆର ୦୫ ଏପି ୭୮୧୬ ନମ୍ବର ହାଇଓ୍ୱା ଗାଡ଼ିଟି ଦୃତଗତିରେ ଯାଉଥିଲା।ଏହି ସମୟରେ ବିପରୀତ ଦିଗରୁ ଆସୁଥିବା ଓଡି ୦୫ ବିଜି ୩୯୨୨ ନମ୍ବର ବାଇକକୁ ଧକ୍କା ଦେଇଥିଲା ।ଦୁର୍ଘଟଣା ପରେ ବାଇକ୍ ଚାଳକ ଜଣକ ଗୁରୁତର ଆହତ ଅବସ୍ଥାରେ ପଡ଼ିଥିବା ବେଳେ ହାଇଓ୍ୱାଟି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ସ୍ଥାନୀୟ ଲୋକମାନେ ଗୁରୁତର ଆହତ ହୋଇଥିବା ଯୁବକଙ୍କୁ ଚିକିତ୍ସା ପାଇଁ ଆମ୍ବୁଲାନ୍ସ ଯୋଗେ କଟକ ବଡ଼ ଡ଼ାକ୍ତରଖାନାକୁ ପଠାଇଥିଲେ। ପରେ ଉକ୍ତ ହାଇଓ୍ୱାଟି ଦୃତଗତିରେ ଫେରାର ହେଉଥିବା ବେଳେ ଗୋଡିସାହି ପୁରୀ ମୁଖ୍ୟକେନାଲ ବ୍ରିଜ ଛକନିକଟରେ ଭୁବନେଶ୍ୱରରୁ ଅନୁଗୋଳ ଯାଉଥିବା ଓଡି ୦୨ ସିଏକ୍ସ ୪୬୪୬ ନମ୍ବର କାରଟିକୁ ପଛପଟୁ ଧକ୍କା ଦେଇ ପକାଇଥିଲା। ଖବରପାଇ ବାରଙ୍ଗଥାନା ପୁଲିସ ହାଇଓ୍ୱଟିକୁ ପିଛା କରି ବେଣ୍ଟୁଆ ଗ୍ରାମ ନିକଟ ଅଳିଆଗଦା ନିକଟରୁ ଗାଡି ସହ ଚାଳକକୁ ଧରି ଥାନାକୁ ଆଣିଥିଲେ।

# ବାଇକ୍ ଆରୋହୀଙ୍କୁ ପଛରୁ ପିଟିଲା କାର୍, ଜଣେ ମୃତ

ଚୌଦ୍ୱାର, (ସବ୍ୟୁ) : ଟାଙ୍ଗୀ ଥାନା ଅନ୍ତର୍ଗତ ୧୬ନଂ. ଜାତୀୟ ରାଜପଥ ଚଟିଲୋ ଛକ ନିକଟରେ ୨ଜଣ ବାଇକ୍ ରଖି ସ୍ଥାନୀୟ ଏକ ଚା ଦୋକାନରେ ଚା ପିଉଥିବା ବେଳେ ଦ୍ରୁତ ଗତିରେ ଆସୁଥିବା ଏକ ହଣ୍ଡାସିଟି କାର୍ ଦୋକନ ସମ୍ମୁଖରେ ଠିଆ ହୋଇଥିବା ଜଗତ୍ସିଂହପୁର ନୂଆଗାଁ ତେନ୍ତୋଇ ଗ୍ରାମର ଧନଞ୍ଜୟ ବରାଳ (୨୯) ଉପରେ ଚି ଯାଇ କିଛି ବାଟ ତାଙ୍କୁ ରାସ୍ତାରେ ଘୋଷାଡ଼ି ନେଇଯାଇଥିଲା । ଘଟଣାସ୍ଥଳରେ ଧନଞ୍ଜୟଙ୍କର ମୃତ୍ୟୁ ଘଟିଥିବା ବେଳେ ତାଙ୍କ ସାଙ୍ଗରେ ଆସିଥିବା ପବିତ୍ର ମହାରଣା ଅଳ୍ପକେ ବର୍ତ୍ତି ଯାଇଥିଲେ । ଖବର ପାଇ ଟାଙ୍ଗୀ ପୁଲିସ୍ ଘଟଣାସ୍ଥଳରେ ପହଂଚି ଜାତୀୟ ରାଜପଥ ଆମ୍ବୁଲାନ୍ସ ସାହାଯ୍ୟରେ ଶବ ବ୍ୟବଚ୍ଛେଦ ନିମନ୍ତେ କଟକ ବଡ଼ଡାକ୍ତରଖାନା ପଠାଇବା ସହ ୨ଟି ଗାଡ଼ିକୁ ଜବତ କରି ତଦନ୍ତ ଜାରି ରଖିଛନ୍ତି ବୋଲି ଥାନା ଅଧିକାରୀ ଶିବପ୍ରସାଦ ଭଦ୍ର ପ୍ରକାଶ କରିଛନ୍ତି ।

# ଆଇନଜୀବୀ ପ୍ରଶାନ୍ତ ପଣ୍ଡାଙ୍କ ବିୟୋଗରେ ଶୋକ

କଟକ, (ସବ୍ୟୁ): ବିଶିଷ୍ଟ ଆଇନଜୀବୀ ମହାନଗର ନାଗରିକ ମଞ୍ଚ ର ବରିଷ୍ଠ ନେତା ପ୍ରଶାନ୍ତ କୁମାର ପଣ୍ଡାଙ୍କର ଶନିବାର ଅପରାହ୍ନରେ ଅଂଶୁଘାତରେ ଅକାଳ ମୃତ୍ୟୁ ଘଟିଛି । ସେ ଜଣେ ନିସ୍ୱାର୍ଥପର ସାମାଜିକ କର୍ମୀ ଥିଲେ । ସେ ପରିବହନ ଓ ଉପଭୋକ୍ତା ଆଇନର ବିଶାରଦ ଥିଲେ । ଉପଭୋକ୍ତା ଆନ୍ଦୋଳନର ସର୍ବ ଭାରତୀୟ ନେତା ତଥା କଲ୍ୟାଣ କମିଟିର ସଭାପତି ଥିଲେ ।



ଜନସ୍ୱାର୍ଥ ରକ୍ଷା ପାଇଁ ଉଚ୍ଚ ନ୍ୟାୟାଳୟ ପକ୍ଷରୁ ଗଠିତ କମିଟିମାନଙ୍କରେ ସଦସ୍ୟ ରହି ସାଲିସହୀନ ଭାବେ ଜନସ୍ୱାର୍ଥ ରକ୍ଷା କରି ଥିଲେ । ତାଙ୍କ ବିୟୋଗରେ ମହାନଗର ନାଗରିକ ମଞ୍ଚ ସମେତ ବିଭିନ୍ନ ଗଣ ସଂଗଠନ ପକ୍ଷରୁ ଚିତ୍ତରଞ୍ଜନ ମହାନ୍ତି, ବିଶ୍ୱାବସୁ ଦାସ, ଖଗେଶ୍ୱର ସେଠୀ, ପ୍ରଶାନ୍ତ ଦାସ, ଲକ୍ଷ୍ମୀ ମହାନ୍ତି, ଡଲି ଦାସ, ଆଡ଼ଭୋକେଟ ସୁକାନ୍ତ ନାୟକ, ବିଜୟ ରାଉତରାୟ, ଇଂ କ୍ଷୀରୋଦ ମହାପାତ୍ର, ଅଧ୍ୟାପକ ଅକ୍ଷୟ ଦାସ, ଏନାମେଲ ହକ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଗଭୀର ଶୋକ ବ୍ୟକ୍ତ କରିଛନ୍ତି ।

### କାଳବୈଶାଖୀ ଜନିତ ଫସଲ କ୍ଷୟକ୍ଷତିର ସହାୟତା

# ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଧନ୍ୟବାଦ ଜଣାଇଲା ବିଜେପି କୃଷକ ମୋର୍ଚ୍ଚା



ଭୁବନେଶ୍ୱର,(ସବ୍ୟୁ): ଓଡ଼ିଶାର ଚାଷୀମାନଙ୍କର ଆୟକୁ ଦୁଇ ଗୁଣା କରିବା ପାଇଁ ଚାଷୀ ଦରଦୀ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅନେକ କୃଷକ କଲ୍ୟାଣକାରୀ ଯୋଜନା କରୁଛନ୍ତି । ଏନେଇ ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ଶ୍ରୀ ମହେଶ୍ୱର ସାହୁ ଭୁବନେଶ୍ୱର ସ୍ଥିତ ସରକାରୀ ବାସଭବନରେ ଆଜି ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଧନ୍ୟବାଦ ଜଣାଇଛନ୍ତି। ବିଶେଷ କରି ଲଘୁଚାପଜନିତ ଅଦିନିଆ ଝଡ଼ବର୍ଷା। ଅବା କାଳବୈଶାଖୀ ଜନିତ ଫସଲ କ୍ଷୟକ୍ଷତିରେ କୃଷକମାନଙ୍କୁ ସହାୟତା ଦେବା ପାଇଁ କ୍ୟାବିନେଟ୍‌ରେ ନିଷ୍ପତି ନିଆଯାଇଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ଶ୍ରୀ ସାହୁ କୃତଜ୍ଞତା ଜଣାଇଛନ୍ତି । ଏହାଛଡ଼ା ଧାନ କୁଇଂଟାଲ ପ୍ରତି ୩୧୦୦ ଟଙ୍କା ଚାଷୀମାନଙ୍କୁ ଦେବା, ୫୮ଟି ସବ୍‌ଡିଭିଜନରେ ଶୀତଳଭଣ୍ଡାର କରିବା, ୧୫ ଲକ୍ଷ ହେକ୍ଟର ଚାଷ ଜମିକୁ ଜଳସେଚିତ କରିବା ନିଷ୍ପତି, ସିଏମ୍ କିଶାନ ଯୋଜନାରେ ୫୧ ଲକ୍ଷରୁ ଉର୍ଦ୍ଧ୍ୱ ଚାଷୀମାନଙ୍କୁ ୨ଟି କିସ୍ତିରେ ବର୍ଷକୁ ୪ ହଜାର ଟଙ୍କା ପ୍ରଦାନ, ଆଳୁ ଚାଷ କରିବା ପାଇଁ ଚାଷୀମାନଙ୍କୁ ହେକ୍ଟର ପିଛା ୫୮ ହଜାର ଟଙ୍କା ପ୍ରୋତ୍ସାହନ ସହାୟତା ପ୍ରଦାନ କରିଥିବାରୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଚାଷୀମାନଙ୍କୁ ସମୃଦ୍ଧ କରିବା ପାଇଁ ସେମାନଙ୍କ ନିକଟରେ କିପରି କୃଷକ କଲ୍ୟାଣକାରୀ ଯୋଜନାଗୁଡ଼ିକ ପହଂଚିବ ସେ ବିଷୟରେ ଶ୍ରୀ ସାହୁ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ । ଏସବୁ ଦିଗରେ ବଳିଷ୍ଠ ପଦକ୍ଷେପ ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ ସାକ୍ଷତକାର ଅବସରରେ ପ୍ରତିଶ୍ରୁତି ଦେଇଛନ୍ତି। ତତ୍‌ସହିତ ସରକାରଙ୍କ କୃଷକ କଲ୍ୟାଣକାରୀ ଯୋଜନାଗୁଡ଼ିକ ବିଷୟରେ ଚାଷୀମାନଙ୍କ ମଧ୍ୟରେ ବ୍ୟାପକ ପ୍ରଚାରପ୍ରସାର କରିବା ପାଇଁ କୃଷକମୋର୍ଚ୍ଚା ମୁଖ୍ୟଭୂମିକା ଗ୍ରହଣ କରୁ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପରାମର୍ଶ ଦେଇଥିଲେ । ଏହି ଆଲୋଚନା ସମୟରେ ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସମ୍ପାଦକ ଶ୍ରୀ ବିକ୍ରମ କେଶରୀ ରାଉତରାୟ ଉପସ୍ଥିତ ଥିଲେ ।

### ଓଡ଼ିଶା ରାଜ୍ୟ ସଂଗ୍ରହାଳୟରେ ଅନ୍ତର୍ଜାତୀୟ ସଂଗ୍ରହାଳୟ ଦିବସ

# ସଂଗ୍ରହାଳୟ ଗୌରବମୟ ଇତିହାସ ସହିତ ସମ୍ପୃକ୍ତ ହେବାର ଏକ ବଳିଷ୍ଠ ମାଧ୍ୟମ

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶା ରାଜ୍ୟ ସଂଗ୍ରହାଳୟରେ ଅନ୍ତର୍ଜାତୀୟ ସଂଗ୍ରହାଳୟ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ରାଜ୍ୟ ସଂଗ୍ରହାଳୟରେ ସମାଜର ଦ୍ରୁତ ପରିବର୍ତ୍ତନରେ ସଂଗ୍ରହାଳୟର ଭବିଷ୍ୟତ ଶୀର୍ଷକ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ଆଲୋଚନା ଚକ୍ରରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ତଥା ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଦେବ ପ୍ରସାଦ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ସେ କହିଥିଲେ ଯେ, ସଂଗ୍ରହାଳୟ ହେଉଛି ଆମ ଗୌରବମୟ ଇତିହାସ ସହିତ ସମ୍ପୃକ୍ତ ହେବାର ଏକ ବଳିଷ୍ଠ ମାଧ୍ୟମ । ଆମ ସଭ୍ୟତା, ସାହିତ୍ୟ ଓ ସଂସ୍କୃତି ସହ ସଂଗ୍ରହାଳୟ ଆମକୁ ପରିଚିତ କରାଇଥାଏ । କୌଣସି ସ୍ଥାନ ଏବଂ ସମ୍ପ୍ରଦାୟର ଇତିହାସ ସମ୍ବନ୍ଧରେ ଜାଣିବାକୁ ହେଲେ ଆମକୁ ସେହି ସ୍ଥାନରେ ରହିଥିବା ସଂଗ୍ରହାଳୟ ବୁଲି ଦେଖିବା ଉଚିତ କାରଣ ସଂଗ୍ରହାଳୟ ହିଁ ଏକମାତ୍ର ସ୍ଥାନ ଯେଉଁଠି ସମସ୍ତ ବିଷୟବସ୍ତୁର ସବିସ୍ତୃତ ବିବରଣୀ ମିଳିପାରିଥାଏ । ସାମ୍ପ୍ରତିକ ସମୟରେ ସଂଗ୍ରହାଳୟର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ । ଏହା ଆମକୁ ଆମ ଇତିହାସ ସହିତ ପରିଚିତ କରାଇବା ସହ ଆମକୁ ଆଗାମୀ ଭବିଷ୍ୟତରେ ଆମ ରାଜ୍ୟ ଓ ଆମ ଦେଶ ପାଇଁ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ କରିବା ନିମନ୍ତେ ପ୍ରେରିତ କରିଥାଏ ବୋଲି ଶ୍ରୀ ଦାଶ ମତପ୍ରକାଶ କରିଥିଲେ ।



ସମ୍ମାନିତ ଅତିଥି ଭାବରେ ଅବସରପ୍ରାପ୍ତ ଅଧିକ୍ଷଣ ପ୍ରତ୍ନତତ୍ତ୍ୱ ବିତ୍ ଡ଼. ଜୀବନ କୁମାର ପଟ୍ଟନାୟକ ଏବଂ ଆଞ୍ଚଳିକ ପ୍ରାକୃତିକ ବିଜ୍ଞାନ ସଂଗ୍ରହାଳୟର ପ୍ରଭାରି ବୈଜ୍ଞାନିକ ଶ୍ରୀ ଗୌରବ ଯୋଗ ଦେଇଥିଲେ । ଆଜିର ଡିଜିଟାଲ୍ ଯୁଗରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଏବଂ ବିଭିନ୍ନ ଡିଜିଟାଲ୍ ଟେକନୋଲୋଜିର ପ୍ରୟୋଗ ମାଧ୍ୟମରେ ସଂଗ୍ରହାଳୟରେ ରହିଥିବା ତଥ୍ୟ, ବିବରଣୀକୁ କିପରି ରୋଚକ ଭାବରେ ଦର୍ଶକମାନଙ୍କ ଆଗରେ ପ୍ରସ୍ତୁତ କରିପାରିବା, ଯୁବପିଢ଼ି ଯେପରି ଆମ ଗୌରବମୟ ଇତିହାସ ଓ ସଭ୍ୟତା ସହ ପରିଚିତ ହୋଇପାରିବେ ଏବଂ ସଂଗ୍ରହାଳୟ ମାଧ୍ୟମରେ ଆମ ଭାଷା, ସାହିତ୍ୟ, ସଂସ୍କୃତିର ଯେପରି ବହୁଳ ପ୍ରଚାର ଓ ପ୍ରସାର ହୋଇପାରିବ ସେ ସମ୍ବନ୍ଧରେ ସମ୍ମାନିତ ଅତିଥି ଡ଼. ଜୀବନ କୁମାର ପଟ୍ଟନାୟକ ଏବଂ ଶ୍ରୀ ଗୌରବ ଆଲୋଚନା କରିଥିଲେ । ଆଜିର ଆଲୋଚନା ଚକ୍ରରେ ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଡ଼. ଚନ୍ଦ୍ର ଶେଖର ହୋତା ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଉପନିର୍ଦ୍ଦେଶକ ସୁଶ୍ରୀ ଦେବଯାନୀ ଭୂୟାଁ ଉପସ୍ଥିତ ଥିଲେ । ଓଡ଼ିଶା ରାଜ୍ୟ ସଂଗ୍ରହାଳୟର ଅଧିକ୍ଷକ ହଳଧର ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

### ନକଲି ଟ୍ରେଡ଼ିଂ ର୍ୟାକେଟ୍‌ର ପର୍ଦ୍ଦାଫାସ ଘଟଣା

# ଅନଲାଇନ୍ ଟ୍ରେଡ଼ିଂ ନାଁରେ ୭୮ଲକ୍ଷ ଠକେଇ: ମାଷ୍ଟରମାଇଣ୍ଡ ଗିରଫ

କଟକ,(ସବ୍ୟୁ): କଟକ ବିଡ଼ାନାସୀରେ ରହୁଥିବା ଏଲ୍‌ଆଇସିର ପ୍ରାଶାସନିକ ଅଧିକାରୀଙ୍କୁ ସାଇବର୍ ଠକ ଷ୍ଟକ୍ ମାର୍କେଟ୍(ଅନଲାଇନ୍ ଟ୍ରେଡ଼ିଂ)ରେ ନିବେଶ କରିବାର ଲୋଭ ଦେଖାଇ ୭୮ଲକ୍ଷ ଟଙ୍କା ଲୁଟିବା ଘଟଣାରେ ବଡ଼ଧରଣର ପର୍ଦ୍ଦାଫାସ ହୋଇଛି ଛ ଦିଲ୍ଲୀ ମଣ୍ଡବାଲିର ମାଷ୍ଟରମାଇଣ୍ଡ ରବି ରାଜ୍(୨୮)କୁ ଗିରଫ କରାଯାଇଛି । ଏହି ଗ୍ୟାଙ୍ଗର ପୂର୍ବରୁ ୬ ଜଣ ଗିରଫ ହୋଇସାରିଥିବା ବେଳେ ପ୍ରଥମେ ୧୧ଲକ୍ଷ ୬୫ହଜାର ଓ ପରେ ୧୧ଲକ୍ଷ ୩୫ହଜାର ଟଙ୍କା ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟରେ ଫ୍ରିଜ୍ କରାଯାଇଛି । ଗତ ଫେବ୍ରୁଆରିରେ ଏଲ୍‌ଆଇସିର ପ୍ରାଶାସନିକ ଅଧିକାରୀ ଟେଲିଗ୍ରାମ୍ ଆଇଡି ମାଧ୍ୟମରେ ସପ୍ରେଡେକ୍ସ ଗ୍ଲୋବାଲ୍ ଲିମିଟେଡ୍ କମ୍ପାନୀ ନାଁରେ ଥିବା ଏକ ଟ୍ରେଡ଼ିଂ କମ୍ପାନିର ଯୋଗାଯୋଗରେ ଆସିଥିଲେ । ଏହି ଟେଲିଗ୍ରାମ୍ ଆଇଡିକୁ ପରିଚାଳନା କରୁଥିବା ବ୍ୟକ୍ତି ନିଜକୁ 'ପ୍ରିୟା ବଜାଜ୍' ବୋଲି କହିବା ସହ ଷ୍ଟକ୍ ମାର୍କେଟ୍‌ରେ ନିବେଶ କରି ଅଧିକ ଲାଭ ପାଇବାର ଲୋଭ ଦେଖାଇଥିଲା । ପ୍ରାଥମିକ ଭାବେ ପ୍ରାଶାସନିକ ଅଧିକାରୀ ୧୨ ଲକ୍ଷ ଟଙ୍କା କୋଟାକ୍ ମହିନ୍ଦ୍ରା ବ୍ୟାଙ୍କ ଆକାଉଣ୍ଟରୁ ଡିବିଏସ୍ ବ୍ୟାଙ୍କ ଆକାଉଣ୍ଟକୁ ଟ୍ରାନସଫର୍ କରିଥିଲେ । ଫେବ୍ରୁଆରି ୮ରେ ୧୦ ହଜାର, ମାର୍ଚ୍ଚ ୫ରେ ୧୦ ଲକ୍ଷ, ମାର୍ଚ୍ଚ ୨୨ରେ ୨୦ ଲକ୍ଷ, ମାର୍ଚ୍ଚ ୨୩ରେ ୨୦ ଲକ୍ଷ, ଏପ୍ରିଲ୍ ୧୮ରେ ୧୦ ଲକ୍ଷ ଆକ୍ସିସ୍ ବ୍ୟାଙ୍କ ଆକାଉଣ୍ଟରୁ ଆଇଡିଏଫ୍‌ସି ଆକାଉଣ୍ଟକୁ ଟ୍ରାନ୍ସଫର୍ କରିଥିଲେ । ଏପ୍ରିଲ ୧୨ରେ ବନ୍ଧନ ବ୍ୟାଙ୍କ ଆକାଉଣ୍ଟରୁ ୫ ଲକ୍ଷ ଟଙ୍କା ମଧ୍ୟ ଟ୍ରାନ୍ସଫର୍ କରିଥିଲେ ଛ ମୋଟ ୭୮ ଲକ୍ଷ ଟଙ୍କା ଷ୍ଟକ୍ ମାର୍କେଟ୍‌ରେ ପ୍ରାଶାସନିକ ଅଧିକାରୀ ନିବେଶ କରିଥିଲେ । କୌଣସି ଲାଭ ନ ମିଳିବାରୁ କଟକ ସାଇବର୍ ଥାନାରେ ଏପ୍ରିଲ୍ ୨୪ ତାରିଖରେ ଅଭିଯୋଗ କରିଥିଲେ । ସାଇବର୍ ଥାନା ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା । ଏହି ଠକ ଗୋଷ୍ଠୀ ଯେଉଁ ହ୍ୱାଟ୍ସଆପ୍ ଓ ଟେଲିଗ୍ରାମ୍ ନମ୍ବର ବ୍ୟବହାର କରୁଥିଲେ ତାହା ବିଦେଶୀ ଆଇପି ଆଡ୍ରେସ୍ ମାଧ୍ୟମରେ ବ୍ୟବହାର କରାଯାଇଥିବା ଜଣାପଡ଼ିଥିଲା । ସାଇବର୍ ଠକମାନେ ଟଙ୍କା ଉଠାଣ କରିଥିବା ବ୍ୟାଙ୍କ ଏଟିଏମ୍‌ର ଭିଡିଓ ଫୁଟେଜ୍ ଜବତ କରାଯାଇଥିଲା । ପୁଲିସ ଗତ ୪ ତାରିଖରେ ଏହି ମାମଲାରେ ବଲାଙ୍ଗୀର ଜିଲ୍ଲା ବେଲପଡ଼ାର ଥାନା କୁବା ଅଞ୍ଚଳର ବିଜୟ କୁମାର ମେହେର୍, ପଲେସିରାର ବିଶ୍ୱମ୍ଭର ସର୍ଖେଲ, ପାଟଣାଗଡ଼ ଥାନା ବାଥର୍ଲାର ରାଜେଶ ତଣ୍ଡି, ବଡ଼ପଡ଼ାର ଅନୀଲ ନାୟକ, ଜେଲ୍ ଲାଇନ୍ସପଡ଼ାର ସୀତାରାମ ମେହେର, ସୁନାମୁଦିର ଦୀପକ ଧରୁଆକୁ ଗିରଫ କରିଥିଲା । ରାଜେଶ ଯୁକ୍ତ ତିନି ଦ୍ୱିତୀୟ ବର୍ଷ ପଢୁଥିବା ବେଳେ ଦୀପକ ଯୁକ୍ତ ଦୁଇ ଫେଲ୍ ହୋଇ ସୁରକ୍ଷାକର୍ମୀ ଚାକିରି କରୁଥିଲା । ବିଜୟ, ବିଶ୍ୱମ୍ଭର, ଅନୀଲ ଓ ଶ୍ରୀତମ ଯୁକ୍ତ ତିନି ବିଜ୍ଞାନ ପିଢନ୍ତି । ଏମାନେ ଦିଲ୍ଲୀର ସାଇବର୍ ଅପରାଧୀ ଗୋଷ୍ଠୀଙ୍କ ସମ୍ପର୍କରେ ଆସିବା ପରେ ଏଭଳି ଠକେଇ କାରବାର ଚଳାଇ ଆସୁଥିବା ପ୍ରମାଣ ମିଳିଥିଲା । ଏମାନଙ୍କୁ ପଚରାଉଚରା ସମୟରେ ଦିଲ୍ଲୀ ମଣ୍ଡବାଲିର ରବି ରାଜକୁ ଗିରଫ କରାଯାଇଛି ।

# କେନାଲରୁ ମିଳିଥିବା ଅଜଣା ଶବର ମିଳିଲା ପରିଚୟ

ବାରଙ୍ଗ,(ସବ୍ୟୁ) : ପୁରୀ ମୁଖ୍ୟକେନାଲ ଭିତରୁ ବୁଧବାର ସକାଳୁ ମିଳିଥିବା ଅଜଣା ଶବର ପରିଚୟ ମିଳିପାରିଛି। ମୃତକ ବୃଦ୍ଧ ଜଣକ ବାରଙ୍ଗ ଥାନା ଅନ୍ତର୍ଗତ ଦାଢାପାଟଣା ସାମଲସାହିର ମହେନ୍ଦ୍ର ସାମଲ(୭୫)। ପ୍ରକାଶଯେ, ବୁଧବାର ସକାଳୁ ପଞ୍ଚୁପାଳ ଗ୍ରାମ ନିକଟରେ ପୁରୀ ମୁଖ୍ୟକେନାଲ ଭିତରେ ଗୋଟିଏ ଶବ ଭାସୁଥିବାର ସ୍ଥାନୀୟ ଲୋକମାନେ ଦେଖି ଥାନାକୁ ସୂଚନା ଦେଇଥିଲେ। ସୂଚନାପାଇ ବାରଙ୍ଗ ଥାନା ପୁଲିସ ଶବ ଉଦ୍ଧାର କରି କଟକ ବଡ଼ ଡ଼ାକ୍ତରଖାନାକୁ ବ୍ୟବଛେଦ ପାଇଁ ପଠାଯାଇଥିଲା। ଏଖବର ପ୍ରଚାରିତ ହେବାପରେ ମୃତ ବୃଦ୍ଧଙ୍କ ପୁଅ ବୋହୂ ମହେନ୍ଦ୍ର ନିଖୋଜ ହୋଇଥିବା ନେଇ ଶନିବାର ଥାନାରେ ଜଣାଇବା ସହ ମୃତକଙ୍କ ଫୋଟଚିତ୍ରରୁ ତାଙ୍କ ବାପା ବୋଲି ଚିହ୍ନଟ କରିଥିଲେ।ପରେ ପୁଲିସ ସହାୟତାରେ ସଂରକ୍ଷିତ ହୋଇରହିଥିବା ଶବକୁ ଶନିବାର ରାତିରେ ଅଣାଯାଇ ପରିବାରଲୋକଙ୍କୁ ପୋଲିସ ହସ୍ତାନ୍ତର କରିଥିଲେ।

### ପୁରୀ ପୋଲିସ ପକ୍ଷରୁ ମହିଳା ଭକ୍ତଙ୍କ ସୁରକ୍ଷା ଓ ସହାୟତା ପାଇଁ

# ସ୍ୱତନ୍ତ୍ର ପିଙ୍କ୍ ହେଲ୍ପ ଲାଇନ ଡେସ୍କ ଉଦଘାଟିତ

ପୁରୀ, (ସବ୍ୟୁ): ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ମନ୍ଦିରରକୁ ଦର୍ଶନ ପାଇଁ ବାହାରୁ ଆସୁ ଥିବା ମହିଳା ଭକ୍ତଙ୍କ ସୁରକ୍ଷା ଓ ସହାୟତା ପାଇଁ ପୁରୀ ପୋଲିସ ପକ୍ଷରୁ ପିଙ୍କ୍ ହେଲ୍ପ ଡେସ୍କ ନାମରେ ଆଜି ଏକ ଅଭିନବ ପ୍ରାୟାସ ଆରମ୍ଭ ହୋଇଛି । ପୁରୀ ଏସପି ବିନୀତ ଅଗ୍ରୱାଲ ରବିବାର ଏହାକୁ ଉଦ୍‌ଘାଟନ କରିଛନ୍ତି । ଏହି ନୂତନ ପିଙ୍କ୍ ହେଲ୍ପ ଡେସ୍କ ମହିଳା ଭକ୍ତଙ୍କ ପାଇଁ ସହାୟତା ହେବ ବୋଲି ଗଭୀର ଆଶା ବ୍ୟକ୍ତ କରିଛନ୍ତି । ଏହି ଡେସ୍କ ମାଧ୍ୟମରେ ମହିଳା ଭକ୍ତମାନଙ୍କ ସୁରକ୍ଷା ସୁନିଶ୍ଚିତ ହେବା ସହିତ ସେମାନଙ୍କ ପାଇଁ ଏକ ସ୍ନେହଭରା ସନ୍ଦେଶ ଦେବାରେ ପିଙ୍କ୍ ହେଲ୍ପ ଡେସ୍କ ସହାୟତା ହେବ ବୋଲି କହିଛନ୍ତି ଏସପି । ଶ୍ରୀଜଗନ୍ନାଥ ଧାମକୁ ପ୍ରତିଦିନ ଲକ୍ଷ ଲକ୍ଷ ଭକ୍ତ ଓ ପର୍ଯ୍ୟଟକ ଆସି ଥାଆନ୍ତି । ଯାହା ମଧ୍ୟରୁ ମହିଳା ଭକ୍ତଙ୍କ ସଂଖ୍ୟା ଅଧିକ । ସେମାନଙ୍କ ସୁରକ୍ଷା ଓ ସୁବିଧା ପାଇଁ ପିଙ୍କ୍ ହେଲ୍ପ ଡେସ୍କ ଆରମ୍ଭ ହୋଇଛି । ଭାରତର ଚାରି ଧାମ ମଧ୍ୟରେ ଶ୍ରେଷ୍ଠ ଧାମ ପୁରୀ ଶ୍ରୀ ଜଗନ୍ନାଥ ଧାମ । ଏହି କାର୍ଯ୍ୟକ୍ରମ ଅନ୍ୟ ଧାମ ମଧ୍ୟରେ ପୁରୀ ପୋଲିସ ପ୍ରଥମ । ଏହି ହେଲ୍ପ ଡେସ୍କ ରେ କାର୍ଯ୍ୟ କରିବା ଓ ସେବା ପାଇଁ ୬ ଜଣ ମହିଳା କନେଷ୍ଟବଳ ଙ୍କୁ ଏସପି ଶ୍ରୀ ଅଗ୍ରୱାଲ ନିଯୁକ୍ତି ଦେଇଛନ୍ତି । ଯଦି କୌଣସି ମହିଳା ଭକ୍ତ ଅସୁବିଧାର ସମ୍ମୁଖୀନ ହୁଅନ୍ତି ତେବେ ଏହି ମହିଳା କନେଷ୍ଟବଳ ମାନେ ସହଯୋଗ କରିବେ । ଭକ୍ତମାନଙ୍କ ମତାମତ, ଅଭିଯୋଗ ଓ ପ୍ରତିକ୍ରିୟା ସଂଗ୍ରହ କରାଯିବ । ଆବଶ୍ୟକ ପରିସ୍ଥିତିରେ ଥାନା ବା ପିସିଆର ସହ ଯୋଗାଯୋଗ କରିବେ । ଏହି ହେଲ୍ପ ଡେସ୍କ ଦ୍ୱାରା ପୁରୀ ପୁଲିସ ଏକ ଉତ୍ତରଦାୟୀ ଓ ଲୋକାଭୀମୁଖୀ ପୋଲିସିଂ ବ୍ୟବସ୍ଥା ଉପସ୍ଥାପନ କରିବ । ପ୍ରତିଦିନ ଏଥିରେ ସଂଗ୍ରହ ହେଉଥିବା ଫିଡବ୍ୟାକ ଅନୁସାରେ ମନ୍ଦିର ପରିସରରେ ନିର୍ବିଘ୍ନ ଦର୍ଶନ ଓ ସୁବିଧା ବୃଦ୍ଧି ପାଇଁ ପଦକ୍ଷେପ ନିଆଯିବ । ଶ୍ରୀଜଗନ୍ନାଥ ଧାମ ଯାତ୍ରାକୁ ଅଧିକ ନିରାପଦ, ସମ୍ମାନଜନକ ଓ ଆଧ୍ୟାତ୍ମିକ ଅନୁଭବ କରାଇବାରେ ଏହି ପଦକ୍ଷେପ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ପିଙ୍କ ହେଲ୍ପ ଡେସ୍କ ମହିଳା ଓ ପର୍ଯ୍ୟଟକଙ୍କୁ ସ୍ୱାଗତ ଓ ସୁବିଧା ଦେବାରେ ପୁରୀ ପୁଲିସର ଏକ ଅଭିନବ ପ୍ରୟାସ ହେବ । ପୁରୀ ପୋଲିସର ଏହି ସ୍ୱତନ୍ତ୍ର ପଦକ୍ଷେପ କୁ ଅନେକ ଭକ୍ତ ଓ ଶ୍ରଦ୍ଧାଳୁ ସ୍ୱାଗତ କରିବା ସହ ଧନ୍ୟବାଦ୍ ଜଣାଇଛନ୍ତି । ଏହି କାର୍ଯ୍ୟକ୍ରମରେ ସିଟି ଡ଼ିସପି ପ୍ରଶାନ୍ତ କୁମାର ସାହୁ, ସିଂହଦ୍ୱାର ଥାନା ଅଧିକାରୀ ଶ୍ୱେତପଦ୍ମା ଦାଶଙ୍କ ସମେତ ବହୁ ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ ।




# ପ୍ରଜ୍ଞାନ ମିଶନର ୩୩ତମ ପ୍ରତିଷ୍ଠା ଦିବସ

କଟକ, (ସବ୍ୟୁ ): ଜଗତପୁର ୪୮ନମ୍ବର ୱାର୍ଡ଼ ସ୍ଥିତ ପ୍ରଜ୍ଞାନ ମିଶନ ଆଶ୍ରମ ପରିସରରେ ଦୁଇ ଦିନ ଧରି ୩୩ତମ ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଆଶ୍ରମ ପରିସରରେ କ୍ରିୟାଯୋଗ ଧ୍ୟାନ, ଗୁରୁପାଦୁକା ପୂଜା, ହୋମଯଜ୍ଞ ହୋଇଥିଲାଛ ବାଳାଶ୍ରମ ଅନ୍ତେବାସୀଙ୍କ ଦ୍ୱାରା ପ୍ରାର୍ଥନା ପରିବେଷଣ କରଯାଇଥିଲା । ଆଶ୍ରମର ବରେଣ୍ୟ ସନ୍ଥ ସ୍ୱାମୀ ନିତ୍ୟପ୍ରେମାନନ୍ଦଜୀ ମହାରାଜଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଋଷିକୁଳ ଆଶ୍ରମର ପୂଜ୍ୟ ସ୍ୱାମୀ ଜୀବନ ମୁକ୍ତାନନ୍ଦ ମୂଖ୍ୟ ବକ୍ତା ଭାବେ ବକ୍ତବ୍ୟ ରଖିଥିଲେ । ଦେଇଥିଲେ । ଅନ୍ୟ ସାଧୁସନ୍ଥଙ୍କ ମଧ୍ୟରେ ମୁଖ୍ୟବକ୍ତା ଭାବେ ପୁରୀ ଗୁରୁକୁଳ ଆଶ୍ରମର ସ୍ୱାମୀ ଅରୂପାନନ୍ଦ ଗିରି, ପ୍ରଜ୍ଞାନ ମିଶନର ସମ୍ପାଦକ ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ଗିରି, ଯୋଗାଚାର୍ଯ୍ୟ ପ୍ରଫେସର ଡକ୍ଟର ନରୋତ୍ତମ ଗାହାଣ ପ୍ରମୁଖ ଆଶୀର୍ବଚନ ଦେଇଥିଲେ ।

ସ୍ୱାମୀ ନିର୍ମଳାନନ୍ଦ ଗିରି, ସ୍ୱାମୀ ବିମଳାନନ୍ଦ ଗିରି, ଦେବପ୍ରିୟାନନ୍ଦ, ସ୍ୱାମୀ ସତସ୍ୱରୂପାନନ୍ଦ, ଜ୍ଞାନପ୍ରଭା ମିଶନର ସ୍ୱାମୀ ସାରଦାନନ୍ଦ ଗିରି, ସ୍ୱାମୀ ଗିରିଜାନନ୍ଦ ଗିରି, ସ୍ୱାମୀ ସତ୍ୟମାୟାନନ୍ଦ ଗିରି, ବ୍ରହ୍ମଚାରିଣୀ କୃଷ୍ଣାମୟୀ, ବ୍ରହ୍ମାନଚାରିଣୀ ମଧୁମୟୀ ପ୍ରମୁଖ ସହଯୋଗ କରିଥିଲେ । ଆଶ୍ରମର ବରେଣ୍ୟ ସନ୍ଥ ସ୍ୱାମୀ ଶ୍ରୀକୃଷ୍ଣାନନ୍ଦଜୀ ଅତିଥି ଓ ସାଧୁମାନଙ୍କ ପରିଚୟ ପ୍ରଦାନ କରିଥିଲେ । ସ୍ୱାମୀ ଆନନ୍ଦାନନ୍ଦଜୀ ମହାରାଜ ପ୍ରଜ୍ଞାନ ମିଶନର ବାର୍ଷିକ ବିବରଣୀ ପାଠ କରିଥିଲେ । ସ୍ୱାମୀ ବିଜ୍ଞାନାନନ୍ଦଙ୍କ ରଚିତ ଶ୍ରୀଗୁରୁ ପ୍ରାର୍ଥନା ପୁସ୍ତକ ଉନ୍ମୋଚିତ ହୋଇଥିଲା । ଆଭାସୀ ଜରିଆରେ ପରମହଂସ ପ୍ରଜ୍ଞାନାନନ୍ଦ ମହାରାଜଙ୍କ ବାର୍ତା ପ୍ରଦର୍ଶିତ ହୋଇଥିଲା । ସକାଳେ କ୍ରିୟାଯୋଗ ଧ୍ୟାନ, ଗୁରୁ ପାଦୁକା ପୂଜା ହୋମ ଓ ଅଖଣ୍ଡ ଧ୍ୟାନ ହୋଇଥିଲା । ଆଶ୍ରମ ଯୁଗ୍ମ ସମ୍ପାଦକ ସ୍ୱାମୀ ବ୍ରହ୍ମଜ୍ଞାନାନନ୍ଦ ଧନ୍ୟବାଦ ଦେଇଥିଲେ ।


# ଧରାପଡ଼ିଲା ନାବାଳକ ଚୋର

ବାରଙ୍ଗ,(ସବ୍ୟୁ) :ରବିବାର ସକାଳେ ଜଣେ ନାବାଳକ ଚୋର ଧରାପଡ଼ିଛି। ଧରାପଡ଼ିଥିବା ଏହି ନାବଳକ ଚୋରେକୁ ସ୍ଥାନୀୟ ଲୋକମାନେ ବାରଙ୍ଗ ଥାନା ପୁଲିସକୁ ହସ୍ତାନ୍ତର କରିଛନ୍ତି। ପ୍ରକାଶଯେ, ବିଦ୍ୟାଧରପୁର ଗ୍ରାମ ନିକଟସ୍ଥ ତ୍ରିଶୂଳିଆ ନରାଜ କାଠଯୋଡି ନଦୀବନ୍ଧ ରାସ୍ତାରେ କଟକ ତୁଳସୀପୁର ଅଂଚଳର ସାଜିଦ୍ ମହମ୍ମଦ ନାମକ ବ୍ୟକ୍ତିଙ୍କ ଘର କବାଟ ଭଙ୍ଗାଯାଇ ଶନିବାର ରାତିରେ ୪ହଜାର ଟଙ୍କା ଓ ବିଭିନ୍ନ ଘରକରଣା ଆସବାସପତ୍ର ଚୋରି ହୋଇଥିଲା।ଚୋରି ହେବା ସମୟର ଦୃଶ୍ୟ ଓ ସିସିଟିଭି କ୍ୟାମେରା ଭାଙ୍ଗିବାର ଦୃଶ୍ୟ ଘର ସମ୍ମୁଖରେ ଲଗା ଯାଇଥିବା ସିସିଟିଭି କ୍ୟାମେରାରେ କଏଦ ହୋଇଥିଲା।ରବିବାର ସକାଳେ ଚୋରି ହୋଇଥିବାର ଜଣାପଡିବା ପରେ ସିସିଟିଭି କ୍ୟାମେରା ଯାଞ୍ଚ ବେଳେ ଜଣେ ନାବାଳକର କାରନାମା ଜଣାପଡିଥିଲା।ପରେ ସ୍ଥାନୀୟ ଲୋକ ନାବାଳକକୁ ଧରି ଉତ୍ତମ ମଧ୍ୟମ ଦେଇ ଥାନାକୁ ହସ୍ତାନ୍ତର କରିଛନ୍ତି।

# ଚାନ୍ଦିନୀଚୌକ ରଥଯାତ୍ରା ସଫଳ କରିବାକୁ ପ୍ରସ୍ତୁତି

କଟକ, (ସବ୍ୟୁ):ଚଳିତ ବର୍ଷ ଚାନ୍ଦିନୀଚୌକ ଜଗନ୍ନାଥ ମହାପ୍ରଭୁଙ୍କ ରଥଯାତ୍ରା ମହୋତ୍ସବକୁ ସଫଳ କରିବା ପାଇଁ ଦଇତାପତି ସେବାୟତ ନିଯୋଗର ଏକ ପ୍ରସ୍ତୁତି ବୈଠକ ମନ୍ଦିର କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ମନ୍ଦିର ପରିଚାଳନା ସମିତିର କାର୍ଯ୍ୟକାରୀ ସଭାପତି ଭିକାରୀ ଦାସ ଅଧ୍ୟକ୍ଷତା କରିଥିଲେ । ଚଳିତ ବର୍ଷ ରଥଯାତ୍ରାର ସ୍ନାନ ପୂର୍ଣ୍ଣିମା, ଶ୍ରୀଗୁଣ୍ଡିଚା, ହେରାପଞ୍ଚମୀ, ବାହୁଡ଼ାଯାତ୍ରା ଓ ନୀଳାଦ୍ରିବିଜେରେ ଦଇତାପତି ସେବାୟତ ନିଯୋଗର ସଦସ୍ୟମାନେ ନିଜ ନିଜର ଦାୟିତ୍ୱ ସୁଚାରରୂପେ ତୁଲାଇବାକୁ ନିଷ୍ପତ୍ତି ଗ୍ରହଣ କରାଗଲା । ସ୍ନାନ ପୂର୍ଣ୍ଣମୀଠାରୁ ନୀଳାଦ୍ରିବିଜେ ପର୍ଯ୍ୟନ୍ତ ନିଯୋଗ ସଦସ୍ୟମାନେ ମନ୍ଦିର କାର୍ଯ୍ୟାଳୟରେ ଏକତ୍ରିତ ହୋଇ ରହିବା ସହ ନିର୍ଦ୍ଧାରିତ ସମୟ ମଧ୍ୟରେ ପହଣ୍ଡି କାର୍ଯ୍ୟକ୍ରମ ସମ୍ପର୍ଣ୍ଣ କରିବା ସଙ୍ଗେ ସଙ୍ଗେ ସନ୍ଧ୍ୟା ସୁଦ୍ଧା ତିନୋଟି ରଥକୁ ଗୁଣ୍ଡିଚା ମନ୍ଦିରରେ ପହଞ୍ଚେଇବାକୁ ନିଷ୍ପତ୍ତି ଗ୍ରହଣ କରାଗଲା। ଭୋଇ ସେବାୟତ ଏବଂ ଦଇତାପତି ସେବାୟତଙ୍କ ମଧ୍ୟରେ ସମନ୍ୱୟ ରକ୍ଷାକରି ରଥଯାତ୍ରାକୁ ସୁପରିଚାଳନା କରିବାକୁ ସ୍ଥିର କରାଗଲା । ଏହି ବୈଠକରେ ପରିଚାଳନା ସମିତିର ସଂଗଠନ ସମ୍ପାଦକ ଆଇନଜୀବୀ ବିଶ୍ୱନାଥ ଦାସ, ଯୁଗ୍ମ-ସମ୍ପାଦକ ଦିଲ୍ଲୀପ ପ୍ରଧାନ ଏବଂ ଦଇତାପତି ସେବାୟତ ନିଯୋଗର ସଦସ୍ୟ ସର୍ବଶ୍ରୀ ଆନନ୍ଦ ଦାସ, ମନୋଜ ବେହେରା, ଲୋକନାଥ ଦାସ, ସୋମନାଥ ବେହେରା, ସୁକାନ୍ତ ଦାସ, ଦେବବ୍ରତ ସିଂହ, ମଣିରାଜ ସ୍ୱାଇଁ, ସତ୍ୟପ୍ରକାଶ ସିଂହ, ପିଣ୍ଟୁ ସାହୁ, ପୂର୍ଣ୍ଣଚନ୍ଦ୍ର ସିଂହ, ଅୟସକାନ୍ତ ମହାନ୍ତି, ସୌଭାଗ୍ୟ ପାଣି, ଉଜ୍ଜ୍ୱଳ ରାୟ, ପ୍ରଫୁଲ୍ଲ ସିଂହ, ଶେଷଦେବ ମହାରଣା, ପ୍ରଫୁଲ୍ଲ ବେହେରା, ଅନନ୍ତଗୋପାଳ ସାହୁ ଓ ଜ୍ଞାନରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ରହି ରଥଯାତ୍ରା ସଫଳତା ସମ୍ପର୍କରେ ନିଜ ନିଜର ମାତାମତ ପ୍ରଦାନ କରିଥିଲେ ଶେଷରେ ବାମାଶଙ୍କର ରାଓ ଧନ୍ୟବାଦ ଅର୍ପଣ କରିଥିଲେ ।

# ଆଇଏମ୍‌ଏ କଟକ ଶାଖା ପକ୍ଷରୁ ବିଶ୍ୱ ଉଚ୍ଚ ରକ୍ତଚାପ ଦିବସ





କଟକ, (ସ୍ୱପ୍ର) : ସ୍ଥାନୀୟ ଏସ୍‌ସିବି ମେଡିକାଲ ସମ୍ମୁଖ ଆଇଏମ୍‌ଏ ହଲ ପରିସରରେ ଆଇଏମ୍‌ଏ କଟକ ଶାଖା ପକ୍ଷରୁ ବିଶ୍ୱ ଉଚ୍ଚ ରକ୍ତଚାପ ଦିବସ ପାଳିତ ହୋଇଯାଇଛି । ଏଥିରେ ଅତିଥିଭାବେ ପ୍ରଫେସର ଡା. ଜୟନ୍ତ ପଣ୍ଡା, ଡା. ମୃତ୍ୟୁଞ୍ଜୟ ମହାପାତ୍ର, ପ୍ରଫେସର ଡା. ଅନଙ୍ଗ ମୋହନ ଦ୍ୱିବେଦୀ, ଡା. ଦୀପକ ରଞ୍ଜନ ଦାସ, ପ୍ରଫେସର ଡା. ମୃତ୍ୟୁଞ୍ଜୟ ବେହେରା, ପ୍ରଫେସର ଡା. ଛବି ଶତପଥୀ, ଡା. ସତ୍ୟନାରାୟଣ ରାଉତରାୟ, ଡ. ମନୋରଞ୍ଜନ ମଲ୍ଲିକ୍, ଡା. ଗୀତାଞ୍ଜଳି କର ପ୍ରମୁଖ ଯୋଗଦେଇ ଉଚ୍ଚ ରକ୍ତଚାପ (ହାଇପର ଟେନସନ୍) ସମ୍ପର୍କରେ ମତପୋଷଣ କରିଥିଲେ । ଏହି ନିରବଘାତକ ବ୍ୟାଧିର କାରଣ ଓ ନିରାକରଣ ସଂପର୍କରେ ପ୍ରତ୍ୟେକ ସଚେତନ ହେବା ଏବଂ ନିୟମିତ ବ୍ୟାୟାମ, ଯୋଗ, ପ୍ରାଣାୟାମ ଇତ୍ୟାଦି ଜରୁରୀ ବୋଲି ବକ୍ତାମାନେ କହିଥିଲେ। ଏଥିରେ ବହୁ ସଂଖ୍ୟାରେ ଡାକ୍ତର, ନର୍ସ ଓ ଡାକ୍ତରୀ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ ।

### ମହାପ୍ରଭୁଙ୍କ ସେବାରେ ରାଉତପଡା ବୁଣାକାର

# ତନ୍ତକୁ ନାହିଁ ଫୁର୍‌ସତ, ସବୁଠି ଶୁଭୁଛି ତନ୍ତର ଠକ୍ ଠକ୍ ଶବ୍ଦ

ଖୋର୍ଦ୍ଧା, **(ଲଳିତ ମୋହନ ମହାପାତ୍ର)** : ଶ୍ରୀମନ୍ଦିରରେ ବାରମାସରେ ତେରଯାତ ଅନୁଷ୍ଠିତ ହୋଇଥାଏ । ଦୈନିକ ବିଭିନ୍ନ ରୀତିନୀତି ଏବଂ ପର୍ବପର୍ବାଣୀରେ ମହାପ୍ରଭୁଙ୍କ ବିଭିନ୍ନ ବେଶ ଧାରଣ କରନ୍ତି । ବର୍ଷସାରା ମହାପ୍ରଭୁଙ୍କ ବିଭିନ୍ନ ପର୍ବପର୍ବାଣୀ, ରଥଯାତ୍ରା ଲାଗି ମହାପ୍ରଭୁଙ୍କ ସୂତା ଓ ପାଟ ବସ୍ତ୍ର ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ବ୍ଲକ ରାଉତପଡାର ବୁଣାକାରମାନେ ଯୋଗାଇ ଆସୁଛନ୍ତି । ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂତା ଓ ପାଟବସ୍ତ୍ର ଲାଗି ତାଲିକା ପାଇବା ପରେ ଏହି ବୁଣାକାରମାନେ ଏହି କାର୍ଯ୍ୟରେ ଲାଗିପଡନ୍ତି । ପବିତ୍ର ଅକ୍ଷୟ ତୃତୀୟା ଠାରୁ କାମ ଆରମ୍ଭ କରନ୍ତି । ସ୍ନାନଯାତ୍ରା ପୂର୍ବରୁ ସମସ୍ତ କାର୍ଯ୍ୟ ସମାପନ କରନ୍ତି । ପରେ ଏହି ପାଟବସ୍ତ୍ର ଶ୍ରୀମନ୍ଦିର କାର୍ଯ୍ୟାଳୟରେ ପହଁଚାଇଥାନ୍ତି । ବର୍ତ୍ତମାନ ସୁଦ୍ଧା କିଛି ଅଧାରୁ ଅଧିକ ବସ୍ତ୍ର ପ୍ରସ୍ତୁତି କାର୍ଯ୍ୟ ସରିଗଲାଣି । ଜୁନ୍ ୧୧ରେ ସ୍ନାନଯାତ୍ରା ଥିବାରୁ ଖୁବଶୀଘ୍ର ଏହାକୁ ପଠାଯିବ ଏବଂ ଅବଶିଷ୍ଟ ବସ୍ତ୍ର କୁ ରଥଯାତ୍ରା ପୂର୍ବରୁ ପହଁଚାଯିବ ବୋଲି ବରିଷ୍ଠ ବୁଣାକାର ଗୋପିନାଥ ଦାସ କହିଛନ୍ତି ।

ରାଉତପଡା ଗ୍ରାମର ଅଧିକାଂଶ ପରିବାର ହେଉଛନ୍ତି ବୁଣାକାର । ବର୍ଷସାରା ଏଠି ହସ୍ତତନ୍ତରେ ବିଭିନ୍ନ ପ୍ରକାର ଲୁଗା ଓ ପାଟବସ୍ତ୍ର ବୁଣନ୍ତି । ମହାପ୍ରଭୁଙ୍କ ଲାଗି ପାଟ ଓ ସୂତାଲୁଗା ଏଠାରୁ ଶ୍ରୀକ୍ଷେତ୍ରରୁ ଯାଉଥିବାରୁ ଏହି ଗ୍ରାମ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି । ଆଜକୁ ପ୍ରାୟ ୩୨ବର୍ଷ ହେବ ରାଉତପଡ଼ାର ୨୨ବୁଣାକାର ପରିବାର ପାରମ୍ପରିକଭାବେ ଜଗନ୍ନାଥଙ୍କ ସେବାରେ ନିଜକୁ ସମର୍ପଣ କରିଆସୁଛନ୍ତି । ଗୋପିନାଥ କୁହନ୍ତି ବାପା ମଧୁସୁଦନ ଗତ ୧୯୯୩ ମସିହାରେ ମହାପ୍ରଭୁଙ୍କ ଏହି ଅନନ୍ୟ ସେବା ପାଇବାର ସୁଯୋଗ ପାଇଥିଲେ । ସେବେଠାରୁ କ୍ରମାଗତ ଭାବେ ମହାପ୍ରଭୁଙ୍କ ରଥଯାତ୍ରା ଓ ବର୍ଷସାରା ପର୍ବପର୍ବାଣୀ ଲାଗି ସୂତା ଲୁଗା ଓ ପାଟବସ୍ତ୍ର ଯୋଗାଇ ଆସୁଛନ୍ତି ଏହି ବୁଣାକାର ପରିବାର । ଏହି ସେବାରେ ଗୋପିନାଥଙ୍କ ପରିବାର ସମେତ ଗ୍ରାମର ୨୨ ପରିବାରର ସଦସ୍ୟ ମହାପ୍ରଭୁଙ୍କ ସେବାରେ ଲାଗିଛନ୍ତି । ୧୯୯୬ ଓ ୨୦୧୫ ନବକଳେବର ଏବଂ ୨୦୨୦ ନାଗାର୍ଜୁନ ବେଶ ଲାଗି ସୂତା ଓ ପାଟବସ୍ତ୍ର ପଠାଇବାର ସୁଯୋଗ ପାଇଥିବା ସେ କହିଛନ୍ତି ।ଏହି ସେବାରେ ଗୋପିନାଥଙ୍କ ପରିବାର ସମେତ ଅନ୍ୟ ପରିବାର ସଦସ୍ୟମାନେ ମହାପ୍ରଭୁଙ୍କ ସେବାରେ ଲାଗିଛନ୍ତି । ମହାପ୍ରଭୁଙ୍କ କାର୍ଯ୍ୟରେ ଲାଗିଥିବାରୁ ଅପୂର୍ବ ଆନନ୍ଦ ମିଳେ ବୋଲି ଏମାନେ କୁହନ୍ତି ।



ଗୋପିନାଥ କୁହନ୍ତି ଘୋଷଯାତ୍ରା ସମୟରେ ପ୍ରାୟ ୨ହଜାର ଯୋଡ଼ି ପାଟବସ୍ତ୍ର ଏବଂ ଲୁଗାର ଆବଶ୍ୟକତା ପଡ଼ିଥାଏ। ପ୍ରସ୍ତୁତ କରିବା ପରେ ମନ୍ଦିର ପ୍ରଶାସନକୁ ଏଠାକାର ବୁଣାକାରମାନେ ହସ୍ତାନ୍ତର କରିଥାନ୍ତି । ତନ୍ମଧ୍ୟରେ ପତନି (୧୪ହାତି) ୩୦୦ମୂର୍ତି, ପତନି (୧୬ହାତି) ୧୩୦ମୂର୍ତି, ବୋଇରାଣୀ (୧୪ହାତି) ୩୦୦ମୂର୍ତି, ବୋଇରାଣୀ (୧୬ହାତି) ୧୩୦ମୂର୍ତି, ମଲମଲ ୨୫୦ମୂର୍ତି, ଗଦିଫେଟା ୩୦୦ମୂର୍ତି, ୧୨ହାତୀ ଗଡା ୧୫୦୦ମୂର୍ତି, ୧୬ହାତୀ ଗଡା ୨୫୦ମୂର୍ତି, ନେତଫୁଟା ୩୨ମୂର୍ତି, ନେତ ଖଣ୍ଡୁଆ ୬ମୂର୍ତି,ସୁତାଫୁଟା ୭୦ମୂର୍ତି, ଶ୍ରୀମୁଖ ଓଡା ୬ମୂର୍ତି, ନିଉଛାଳି ଗାମୁଛା ୧୯୦ ମୂର୍ତି, ଟଣାଖସା(ବଡ଼) ୪ମୂର୍ତି, ଟଣାଖସା(ସାନ) ୩ମୂର୍ତି, ଅଧରଗାମୁଛା ୯ମୂର୍ତି, ଚେମେଡି ୧୦ହଜାର ମୂର୍ତି, ଲାଲ କରିଆ ୧୦ହଜାର ମୂର୍ତି, ନାଲିଚେହେଲି (ପାଟ) ୬୪ଗଜ, ହଳଦିଆ ଚେହେଲି (ପାଟ) ୫୨ଗଜ ଏବଂ ସବୁଜ ଚେହେଲି(ପାଟ) ୪୬ଗଜ, ଗୀତଗୋବିନ୍ଦ ସେଟ ୧୫ ମୂର୍ତି, ଅଧିକା ଫୁଟା (୨୨ହାତି)- ୪ମୂର୍ତି, ଗୀତଗୋବିନ୍ଦ (୮ହାତି)-୫ ମୂର୍ତି ଓ ଗୀତଗୋବିନ୍ଦ (୧୨ହାତି) ୨ମୂର୍ତି ରହିଛି ।

ଚଳିତ ରଥଯାତ୍ରା ଲାଗି ଚେହେଲି ପାଟ, ବଡସିଂହାର ଲାଗି ଗୀତଗୋବିନ୍ଦ ପାଟ, ସୂତାରେ ପ୍ରସ୍ତୁତ ଦୁଇ ପ୍ରକାର ଘୋଡଣି, ଦେବସ୍ନାନ ପୂର୍ଣ୍ଣମୀ ୧୦୮ଗରାବଡୁ ଜଳ ପାଇଁ ଗାମୁଛା, ମହାପ୍ରଭୁଙ୍କ ଗୁପ୍ତ ସେବା ଲାଗି ଲାଲ,ସବୁଜ ଓ ହଳଦିଆ ରଙ୍ଗର ଏକ ସେଟ ଲେଖାଏଁ ଚେହେଲି ପାଟ ପ୍ରସ୍ତୁତ ହୋଇଛି । ପ୍ରତିବର୍ଷ ରଙ୍ଗ ବେରଙ୍ଗର ଗୀତାଗୋବିନ୍ଦ ପାଟବସ୍ତ୍ର ବୁଣାକାରମାନେ ପଠାଇଥାନ୍ତି । ଏଥିସହିତ ସାତବାର ଲାଗି ୭ପ୍ରକାର ଖଣ୍ଡୁଆ ପାଟ ପ୍ରସ୍ତୁତ କରାଯାଇଛି । ବଡସିଂହାର ବେଶ ଲାଗି ଗୀତଗୋବିନ୍ଦ ପାଟ ରହିଛି । ସେହିପରି ସପ୍ତବିଗ୍ରହ ଯଥା ମାଧବ, ସୁଦର୍ଶନ, ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା, ଶ୍ରୀଦେବୀ, ଭୂଦେବୀଙ୍କ ଲାଗି ସୁତାର ୨ପ୍ରକାର ଘୋଡଣି ସମେତ ମହାପ୍ରଭୁଙ୍କ ବର୍ଷସାରା ଅନ୍ୟ ସେବା ଲାଗି ୩୦ରୁ ୩୫ ପ୍ରକାର ବସ୍ତ୍ର ପ୍ରସ୍ତୁତି ଚାଲିଛି । ଘୋଷଯାତ୍ରା ପାଇଁ ବୁଣାକାର ପରିବାରଙ୍କ ତନ୍ତକୁ ଏବେ ଫୁରସତ୍ ନାହିଁ । ପିଲାଠାରୁ ବୁଢ଼ା ଓ ମହିଳା ଯାଏଁ ସମସ୍ତେ ଦିନ ରାତି ଏକାଠି କରି ମହାପ୍ରଭୁ ଜଗନ୍ନାଥଙ୍କ ନିମନ୍ତେ ପାଟବସ୍ତ୍ର ବୁଣିବାରେ ବ୍ୟସ୍ତ ।

# ଦୋଛକିରେ ମୃତ ଦେହ ଖୋଜୁଛି ବିହାର ପୋଲିସ

## କମ୍ପାନୀର ମାଲିକ, ମ୍ୟାନେଜେର କର୍ମଚାରୀଙ୍କ ମିଳୁନି ଦେଖା



ପାରାଦୀପ, (ଜିପ୍ର) : ପୋଲିସ ଆଗରେ ନିଜ ଦୋଷ ସ୍ୱୀକାର କରି ସାରିଛି ଅଭିଯୁକ୍ତ । କୋର୍ଟରୁ ରିମାଣ୍ଡରେ ଆଣି କ୍ରାଇମ ସ୍ପଟରେ ଏବେ ବିହାର ପୋଲିସ ସ୍ପଟ ବୁଲୁଚି ଓ କେଉଁ ଘରେ ହତ୍ୟାକାଣ୍ଡ ଘଟାଇବା ପରେ ମୃତଦେହକୁ ରଖି ଲୁଚି ଚାଲିଯାଇଥିଲା। ତାହା ମଧ ପୋଲିସ ଆଗରେ ବଖାଣୁଛି । ହେଲେ ଆଶ୍ଚର୍ଯ୍ୟର କଥା ହତ୍ୟାର ଶିକାର ହୋଇଥିବା ବ୍ୟକ୍ତିର ମୃତଦେହ ମିଳୁନି। ଏଭଳି ଏକ ଚାଂଚଲ୍ୟକର ଘଟଣା ଦେଖିବାକୁ ମିଳିଛି ବନ୍ଦର ନଗରୀ ପାରାଦୀପର ଦୋଛକିରେ ଥିବା ବିଏସ ହେଭି ଇଂଣ୍ଡଷ୍ଟ୍ରିରେ । ଗତ ଦୁଇଦିନ ହେବ ପାରାଦୀପରେ ପହଁଞ୍ଚିଛି ବିହାର ପୋଲିସ ଦୁଇ ଦିନ ହେବ ଡେରା ପକାଇ ପାରାଦୀପର ଗଳିକନ୍ଦି ଖୋଜୁଛି ଏକ ମୃତ ଦେହକୁ । ବିହାର ରୋତାଶା ଜିଲ୍ଲାର ନାସିରଗଞ୍ଜ ଥାନା ଅଞ୍ଚଳର ଗୋରଖ କୁମାର ଓରଫ ବିଜୁ ପାରାଦୀପ ଦୋଛକିରେ ଥିବା ବିଏସ ହେଭି ଇଂଣ୍ଡଷ୍ଟିରେ୍ରେ କାର୍ଯ୍ୟ କରୁଥିବା ବେଳେ କୌଣସି କାରଣରୁ ଅଜୟ କୁମାରଙ୍କ ସହ ଝଗଡା ହୋଇଥିଲା । ଝଗଡ଼ା ପରେ ଅଜୟ ଗୋରେଖଙ୍କୁ ଏକ ରଡ଼ ରେ ପିଟି ହତ୍ୟା କରିବା ପରେ କମ୍ପାନୀର ଏକ କୋଠାରୀରେ ଲୁଚାଇ ଫେରାର ହୋଇ ଯାଇଥିଲା। ପୁଅର ମୋବାଇଲ ନଲାଗିବାରୁ ଗୋରେଖ ଓରଫ ଅଜୟଙ୍କ ପିତାମାତା ଓ ସମ୍ପର୍କୀୟ ବିହାରରୁ ପାରାଦୀପ ଆସିଲେ ଓ ପୁଅ କାମ କରୁଥିବା କମ୍ପାନୀରେ ବହୁ ପଚରାଉଚରା କରିବାପରେ ମଧ କିଛି ସନ୍ଧାନ ପାଇଁ ନଥିଲେ ।ଶେଷରେ ସେମାନେ ଅଜୟକୁ ଖୋଜି ପାଇଥିବା ବେଳେ ଅଜୟ ପ୍ରଥମେ ତାଙ୍କୁ ଗୋରେଖ ଓରଫ ବିଜୟକୁ ସେ ଦେଖିନଥିବା କହିବା ଓ ଫେରାର ହୋଇଯିବା ବାପାମା ଙ୍କୁ ସନ୍ଦେହ ଲାଗିଥିଲା । ଏହି ଘଟଣାକୁ ନେଇ ଗୋରେଖର ପିତାମାତା ପୋଲିସରେ ଅଭିଯୋଗ କରିବା ପରେ ବିହାର ପୋଲିସ ଅଭିଯୁକ୍ତ ଅଜୟ କୁମାରଙ୍କୁ ଗିରଫ କରିବା ପରେ ଅଭିଯୁକ୍ତ ଅଜୟ ପୋଲିସ ଆଗରେ ସବୁ ସତ ମାନିଛି। ଦୁଇଦିନ ହେବ ଅଜୟଙ୍କୁ ଆଣି ପାରାଦୀପରେ ପହଂଚି ଗୋରେଖଙ୍କ ମୃତଦେହ ଖୋଜୁଛି ବିହାର ପୋଲିସ। ଅଭିଯୁକ୍ତ ଅଜୟ ପୋଲିସ ଆଗରେ ଦେଇଥିବା ବୟାନ ମୁତାବକ ଗୋରେଖ ଓରଫ ବିଜୟ ଙ୍କୁ ଅଜୟ ହତ୍ୟା କରିବା ପରେ ପାରାଦୀପ ଦୋଛକିରେ ଥିବା ଏହି କମ୍ପାନୀ ପରିସରରେ ଲୁଚାଇ ଚାଲି ଯାଇଥିଲା । ତେବେ କମ୍ପାନୀ ପରିସର ମଧ୍ୟରୁ ମୃତଦେହ ଗଲା କୁଆଡେ । ମୃତଦେହ ଏବେ କେଉଁଠି ଦୀର୍ଘ ତିନିମାସ ହେବ ମୃତଦେହ ଲୁଚାଇବା ପଛରେ କାହାର ରହିଛି ହାତ କୁଆଡେ ଗଲେ କମ୍ପାନୀର ମ୍ୟାନେଜେର , ମାଲିକ ,ସୁପରଭାଇଜର ଓ ଅନ୍ୟ କର୍ମଚାରୀ ସମ୍ପୃକ୍ତ କମ୍ପାନୀର ମାଲିକ ମ୍ୟାନେଜରଙ୍କୁ ପୋଲିସ ଡାକୁଥିବା ବେଳେ ପୋଲିସ ପାଖକୁ କେହି ଆସିନଥିବା ଆଜି ଜଣାପଡିଛି । ଏବେ ପ୍ରଶ୍ନ ଉଠିଛି ହତ୍ୟା କରିଥିବା ଅଭିଯୁକ୍ତ ହତ୍ୟା ଘଟଣା ବିଷୟରେ ସବୁ ସତ ସ୍ୱୀକାର କରି ସାରିଥିବା ବେଳେ ହତ୍ୟା ହୋଇଥିବା ଗୋରେଖ ଙ୍କର ମୃତଦେହ ଠାବ କରିବରେ ପାରାଦୀପ ଲକ ଥାନା ପୋଲିସ ସହାୟତାରେ ଲାଗିପଡ଼ିଚି ବିହାର ପୋଲିସ ।

# ଓଭରବ୍ରିଜ ତଳୁ ବୋମା ଓ ଖଣ୍ଡା ଜବତ ଘଟଣା : ୪ ଅଟକ

ବ୍ରହ୍ମପୁର, (ସବ୍ୟୁ): ବୈଦ୍ୟନାଥପୁର ଥାନା ଅନ୍ତର୍ଗତ କମାପଲ୍ଲୀ-ଲାଞ୍ଜିପଲ୍ଲୀ ଓଭରବ୍ରିଜ ତଳ ଜେଲରୋଡରେ ଥିବା ଏକ ଟ୍ରାନ୍ସଫମର ନିକଟରୁ ବୋମା ଓ ଖଣ୍ଡା ଜବତ ଘଟଣାର ରହସ୍ୟ ଧିରେ ଧିରେ ଉନ୍ମୋଚିତ ହେବାରେ ଲାଗିଛି । ଏହି ଘଟଣାରେ ସଂପୃକ୍ତି ଥିବା ସନ୍ଦେହ କରି ଗତକାଲି ରାତିରେ ପୁଲିସ ବିଭିନ୍ନ ସ୍ଥାନରେ ଚଢଉ କରି ୪ ଜଣ ଯୁବକଙ୍କୁ କାବୁ କରିବା ପରେ ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି । ତେବେ ଏହି ଖଣ୍ଡା ଓ ବୋମା ବ୍ୟବହାର କରି ଗୋଟିଏ ଗୋଷ୍ଠୀର ଯୁବକ ଅନ୍ୟ ଗୋଷ୍ଠୀର ଯୁବକଙ୍କ ଉପରକୁ ଆକ୍ରମଣ ତଥା ହତ୍ୟା ଉଦ୍ୟମ କରିବାକୁ ଯାଉଥିଲେ ବୋଲି ପୁଲିସର ପ୍ରାଥମିକ ତଦନ୍ତରୁ ଜଣାପଡିଛି । ପ୍ରକାଶଥାଉକି, ଗତକାଲି ସନ୍ଧ୍ୟାରେ ଏହି ଓଭରବ୍ରିଜ ତଳେ ଥିବା ଟ୍ରାନ୍ସଫର୍ମର ନିକଟରୁ ଏକ ବ୍ୟାଗ ଭିତରେ ୩ ଟି ଜୀବନ୍ତ ବୋମା ଓ ୩ ଟି ଖଣ୍ଡା ରହିଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ । ଜଣେ ଯୁବକ ଏକ ବାଇକରେ ଆସି ସେହି ବ୍ୟାଗଟିକୁ ଟ୍ରାନ୍ସଫର୍ମର ନିକଟରେ ରଖି ଚାଲି ଯାଇଥିଲେ । କିଛି ସମୟ ପରେ ସ୍ଥାନୀୟ ଲୋକେ ବ୍ୟାଗରେ ବୋମା ଥିବା ଜାଣିବା ପରେ ଲାଞ୍ଜିପଲ୍ଲୀ ଫାଣ୍ଡି ପୁଲିସକୁ ଖବର ଦେଇଥିଲେ । ପୁଲିସ ପହଞ୍ଚି ତଦନ୍ତ କରିବା ସହ ଉକ୍ତ ବ୍ୟାଗରୁ ବୋମା ଓ ଖଣ୍ଡା ଜବତ କରିବା ପରେ ବୋମା ଗୁଡ଼ିକ ନିଷ୍କ୍ରିୟ ପାଇଁ ପଦକ୍ଷେପ ନେଇଥିଲା । ତେବେ ଆଜିଠାରୁ ଲାଞ୍ଜିପଲ୍ଲୀର ପ୍ରସିଦ୍ଧ ଠାକୁରାଣୀ ଯାତ୍ରା ଆରମ୍ଭ ହେଉଥିବା ବେଳେ ସେହି ଅଞ୍ଚଳରୁ ଜୀବନ୍ତ ବୋମା ଓ ମାରଣାସ୍ତ୍ର ଜବତ ହେବା ଘଟଣା ପୁଲିସ ପାଇଁ ଚିନ୍ତା ବଢାଇ ଦେଇଥିଲା । ହେଲେ ସେଠାରେ କିଏ ଓ କେଉଁ ଉଦ୍ଦେଶ୍ୟରେ ବୋମା ଓ ଖଣ୍ଡା ରଖିଲା ତାକୁ ନେଇ ପୁଲିସ ତନାଘନା ଆରମ୍ଭ କରିଥିଲା । ସନ୍ଧ୍ୟା ଠାରୁ ବିଳମ୍ବିତ ରାତି ଯାଏଁ ପୁଲିସ ଲାଞ୍ଜିପଲ୍ଲୀ ସହ ଜାତୀୟ ରାଜପଥ ଅଞ୍ଚଳରେ ପାଟ୍ରୋଲିଂକୁ କଡାକଡି କରିବା ସହ ଚଢଉ ଆରମ୍ଭ କରିଥିଲା। ବିଳମ୍ବିତ ରାତିରେ ପୁଲିସ ତ୍ରିନାଥ ମନ୍ଦିର ନିକଟ ମଶାଣୀ ବନ୍ଧ ହୁଡାରୁ ୪ ଜଣ ଯୁବକଙ୍କୁ କାବୁ କରିଥିଲା । ଏହି ଯୁବକମାନେ ହିଁ ସେଠାରେ ବୋମା ଓ ଖଣ୍ଡା ନେଇ ରଖିଥିବା ପୁଲିସ ସନ୍ଦେହ କରୁଛି । ତେବେ ଏହି ଯୁବକମାନେ ଗୋଟିଏ ଗୋଷ୍ଠୀର ହୋଇଥିବା ବେଳେ ସେମାନେ ନିଜ ବିପକ୍ଷ ଗୋଷ୍ଠୀର ସଦସ୍ୟ ଜେଲରେ ରହିଛନ୍ତି। ସେହିକ୍ରମରେ ବିପକ୍ଷ ଗୋଷ୍ଠୀର ସଦସ୍ୟମାନେ ଜେଲରୁ ମୁକୁଳିବା କ୍ଷଣି ଏହି ଯୁବକମାନେ ଟ୍ରାନ୍ସଫର୍ମର ନିକଟରେ ଲୁଚାଇ ରଖିଥିବା ବୋମା ଓ ଖଣ୍ଡା ଦ୍ୱାରା ଆକ୍ରମଣ କରିବାକୁ ଯୋଜନା କରିଥିଲେ ବୋଲି ସନ୍ଦେହ କରାଯାଉଛି । ଏହି ଘଟଣାରେ ଆହୁରି ଏକାଧିକ ଯୁବକ ସଂପୃକ୍ତ ରହିଛନ୍ତି । ପୁଲିସ ସମସ୍ତ ଅଭିଯୁକ୍ତଙ୍କୁ କାବୁ କରି ତଦନ୍ତ ସାରିବା ପରେ ହିଁ ଘଟଣାର ପ୍ରକୃତ ସତ୍ୟ ସାମ୍ନାକୁ ଆସିବ। ତେବେ ପୂର୍ବରୁ ହିଁ ବୋମା ଓ ଖଣ୍ଡା ଜବତ ହୋଇଯାଇଥିବାରୁ ଏହି ଅଞ୍ଚଳରେ ଏକ ଗୋଷ୍ଠୀ ସଂଘର୍ଷ ଟଳିଗଲା ବୋଲି ଆଲୋଚନା ହେଉଛି।

# ବହାଦୁରପେଣ୍ଠରେ ବୋମା ମାଡ଼

## ବୋମା ଉଦ୍ଧାର, ଜଣେ ଅଟକ

ଗୋପାଳପୁର, (ସବ୍ୟୁ): ଗୋପାଳପୁର ଥାନା ଅନ୍ତର୍ଗତ ବହାଦୁରପେଣ୍ଠ ଗ୍ରାମରେ ଗତକାଲି ରାତିରେ ଚାରୋଟି ବୋମା ମାଡ଼, ଗାଳି ଗୁଲଜ କରିବା ସହ ହତ୍ୟା ଧମକ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି । ସୂଚନା ପ୍ରକାରେ ବହାଦୁରପେଣ୍ଠ ଗ୍ରାମର ଜି.ଲୋକେଶ ରେଡି ପୂର୍ବରୁ ସାଙ୍ଗ ମାନଙ୍କୁ ଗାଳି ଗୁଲଜ କରିଥିଲା । ଗତକାଲି ବ୍ରହ୍ମପୁରରୁ ଗେଟ ବଜାର ସାହିର ଦିବାକର ଚୌଧୁରୀ ଓ ସାଙ୍ଗ ସାଥୀ ମାନେ ସ୍ଥାନୀୟ ଅଞ୍ଚଳରେ ଗୋଟିଏ ଭୋଜିରେ ଯୋଗ ଦେଇଥିଲେ । ଲୋକେଶ ଗାଳି କରୁଥିବା ନେଇ ସାଙ୍ଗ ସାଥୀମାନଙ୍କ ମଧ୍ୟରେ ଆଲୋଚନା ହୋଇଥିଲା । ଭୋଜି ସରିବା ପରେ ଲୋକେଶ ଗାଳି ଗୁଲଜ କରିବାର କାରଣ ପଚାରିବାକୁ ରାତ୍ର ପ୍ରାୟ ୧୧ ଟା ୪୫ ସମୟରେ ଘର ପାଖକୁ ପ୍ରାୟ ୧୦ ଜଣ ଯାଇଥିଲେ । ସେମାନଙ୍କୁ ଦେଖି ଘରେ ଥିବା ଲୋକେଶ ସହ ବଚସା ହୋଇଥିଲା। ପରେ ଘର ଉପରକୁ ପଥର ଓ ଇଟା କରିଥିଲେ। ଲୋକେଶ ଗାଳି ଗୁଲଜ କରିବା ସହ ହତ୍ୟା ଧମକ ଦେଇ ଚାରୋଟି ବୋମା ସେମାନଙ୍କ ଉପରକୁ ଫୋପାଡ଼ି ଥିଲା । ଯାହା ଫଳରେ ଦିବାକରର ବାମ ଗୋଡ଼ରେ ସାମାନ୍ୟ ଆଘାତ ହୋଇଥିଲା। ଏନେଇ ଗୋପାଳପୁର ଦିବାକର ଥାନାରେ ଲିଖିତ ଅଭିଯୋଗ କରିଥିଲା। ଅଭିଯୋଗ ପ୍ରକାରେ ପୁଲିସ କେସ ନମ୍ବର ୧୪୮/୨୫ ମାମଲା ରୁଜୁ କରି ଘଟଣା ସ୍ଥଳରେ ଥାନା ଅଧିକାରୀ ପ୍ରଶାନ୍ତ କୁମାର ମଲ୍ଲିକ, ଏସଆଇ ମଣି ଦାଡିଆ, ଏ ଏସଆଇ ବି.ତିରୁପତି ରାଓଙ୍କ ସମେତ ଏକ ଟିମ ପହଞ୍ଚି ସେଠାରୁ ଲୋକେଶକୁ କାବୁ କରିବା ସହ ଏକ ଜୀବନ୍ତ ବୋମା, ଫୁଟା ବୋମାର ଟୁକୁଡ଼ା ଓ ମୋବାଇଲ ଜବତ କରି ଥାନାରେ ଅଟକ ରଖି ପଚରା ଉଚରା କରୁଥି ଜଣାପଡ଼ିଛି । ପରେ ବୋମ ସ୍କ୍ୱାର୍ଡ ପହଂଚି ତଦନ୍ତ କରିଥିଲେ । ଜୀବନ୍ତ ବୋମାକୁ ନିଷ୍କ୍ରିୟ କରିଥିବା ଜଣାପଡିଛି। ତଦନ୍ତ ବେଳେ ଲୋକେଶ ଆମ୍ବପୁଆ ଗ୍ରାମର ଜଣେ ବ୍ୟକ୍ତିଙ୍କ ଠାରୁ ୬ ଟି ବୋମା ଆଣିଥିଲା । ଗୋଟିଏ ବୋମାକୁ ପରୀକ୍ଷା କରିବା ନିମନ୍ତେ ଜାତୀୟ ରାଜପଥରେ ନିଛାଟିଆ ସ୍ଥାନରେ ଫୁଟାଇ ଥିଲା । ଆଉ ୫ ଟିରୁ ଗତକାଲି ରାତିରେ ଚାରୋଟି ଫୁଟିଥିବା ବେଳେ ଆଉ ଗୋଟିଏ ଜୀବନ୍ତ ବୋମାକୁ ପୁଲିସ ଉଦ୍ଧାର କରିଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି ।

# ବଳାତ୍କାର ଅଭିଯୋଗରେ ଯୁବକ ଗିରଫ

ବ୍ରହ୍ମପୁର, (ସବ୍ୟୁ): ଜଣେ ନାବାଳିକାଙ୍କୁ ବଳାତ୍କାର କରିବା ଅଭିଯୋଗରେ ସଦର ଥାନା ପୁଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ସଦର ଥାନା ଅଞ୍ଚଳର ଅଶ୍ୱିନୀ ଗୌଡ଼(୨୩)। ସୂଚନାଯୋଗ୍ୟ ଯେ ସଦର ଥାନା ଅଞ୍ଚଳର ଜଣେ ୧୫ ବର୍ଷୀୟ ନାବାଳିକାଙ୍କ ସହ ଆଜକୁ ୩ମାସ ହେବ ଅଶ୍ୱିନୀଙ୍କ ପରିଚିତ ହୋଇଥିଲା । ପରେ ଉଭୟଙ୍କ ମଧ୍ୟରେ ବନ୍ଧୁତା ବଢିଥିଲା । କିଛିଦିନ ପୂର୍ବେ ଅଶ୍ୱିନୀ ନାବାଳିକାଙ୍କୁ ଦୁଷ୍କର୍ମ କରିଥିଲେ। ଏନେଇ ସଦର ଥାନାରେ ଅଭିଯୋଗ ହେବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରି ଅଭିଯୁକ୍ତ ଅଶ୍ୱିନୀଙ୍କୁ ଗିରଫ କରିଥିଲା । ପରେ ପୁଲିସ ଅଭିଯୁକ୍ତ ଓ ପିଡ଼ିତାଙ୍କ ଡାକ୍ତରୀ ମାଇନା କରାଇଥିଲା। ଏହାସହ ନାବାଳିକାଙ୍କ ବୟାନ ରେକର୍ଡ କରିଥିଲା ।

# ତାଲାବନ୍ଦ ଘରେ ପଶି ନେଇଗଲେ ୫୦ଲକ୍ଷ ଟଙ୍କାର ଗହଣା

ବ୍ରହ୍ମପୁର, (ସବ୍ୟୁ): ସହରରେ ପୁଣିଥରେ ଆଇନଶୃଙ୍ଖଳା ବିଗିଡିବାରେ ଲାଗିଛି। ଅପରାଧୀ ଗୋଷ୍ଠି ସକ୍ରିୟ ରହିଛନ୍ତି। ଗତକାଲି ବ୍ରିଜତଳୁ ବୋମା ଖଣ୍ଡା ଜବତ ହୋଇଥିବା ବେଳେ ଆଜି ମଧାହ୍ନରେ ଗୋଶାଣିନୁଆଗାଁ ଥାନା ଅନ୍ତର୍ଗତ ହାଉସିଂବୋର୍ଡ ହରେକୃଷ୍ଣ ନଗରରେ ଏକ ତାଲା ବନ୍ଦ ଘରେ କଳାକାନା ବୁଲାଇଛନ୍ତି ଲୁଟିଆ ଗ୍ୟାଙ୍ଗ। ଘରେ କେହି ନଥିବାର ସୁଯୋଗ ନେଇ ଦୃର୍ବୃତ୍ତ ମାନେ ଘର ଭିତରେ ପଶି ୫୦ ଲକ୍ଷ ଟଙ୍କାର ସୁନା ଅଳଙ୍କାର ଚୋରି କରି ନେଇଯାଇଛନ୍ତି । ଏନେଇ ଅଭିଯୋଗ ପରେ ପୋଲିସ ତଦନ୍ତ ଆରମ୍ଭ କରିଛି । ଘଟଣାରୁ ପ୍ରକାଶ ଯେ, ହାଉସିଂବୋର୍ଡ ହରେକୃଷ୍ଣ ନଗରରେ ଏ. କୃପାକର ଓ ତାଙ୍କ ପରିବାର ଲୋକେ ରହୁଛନ୍ତି । କିଛି ଦିନ ତଳେ କୃପାକର ଝିଅର ବିବାହ କାର୍ଯ୍ୟ ସକାଶେ ଲକ୍ଷାଧିକ ଟଙ୍କା ମୂଲ୍ୟର ସୁନା ହାର ଓ ମୁଦି ସହ ଅନ୍ୟାନ୍ୟ ଅଳଙ୍କାର କିଣି ଘରେ ରଖିଥିଲେ । ଆଜି ଦମ୍ପତ୍ତି ଚର୍ଚ୍ଚକୁ ପ୍ରାଥନା ପାଇଁ ଯାଇଥିଲେ। ଘରକୁ ଫେରି ଦେଖିବା ବେଳେ ଅଲମୀରା ଖୋଲାଥିଲା। ସେହିପରି ବାରିପଟ କବାଟ ଖୋଲାଥିଲା। ଘର ଭିତରକୁ କିଏ ଓ କିପରି ଆସିଲା। ସେନେଇ ସନ୍ଦେହ ହେଉଛି। ଯାଞ୍ଚ ପରେ ଘର ଭିତରେ ରଖାଯାଇଥିବା ସମସ୍ତ ସୁନା ଅଳଙ୍କାର ସହ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇ ଯାଇଥିବା ଜାଣିବାକୁ ପାଇଥିଲେ। ଏହା ପରେ ସେ ଥାନାକୁ ଯାଇ ଏନେଇ ଅଭିଯୋଗ କରିଥିଲେ । ପୋଲିସ ସନ୍ଧନୀ କୁକୁର ଓ ସାଇଣ୍ଟିଫିକ ଟିମ୍ ସହ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଛି ।

# ଖବର କାଗଜ ବିତରକଙ୍କ ପିତୃ ବିୟୋଗ



ଭଞ୍ଜନଗର, (ସବ୍ୟୁ): ସହରର ଜଣାଶୁଣା ଖବର କାଗଜ ବିତରକ ବୁଲୁ ବେହେରାଙ୍କ ପିତା ଶ୍ରୀନିବାସ ବେହେରାଙ୍କ ପରଲୋକ ଘଟିଛି। ସେ ଜଣେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ। ଦୀର୍ଘ ଦିନ ଧରି ପତ୍ନୀ ପକ୍ଷାଘାତ ରୋଗରେ ପୀଡିତ ରହିଥିବା ବେଳେ ଏହାକୁ ନେଇ ସେ ମାନସିକ ଭାବେ ଭାଙ୍ଗି ପଡିଥିଲେ। ଆଉ ରବିବାର ଭୋରରୁ ଉଚ୍ଚ ରକ୍ତଚାପ କାରଣରୁ ନିଜ ବାସଭବନରେ ହିଁ ଶ୍ରୀନିବାସଙ୍କ ପରଲୋକ ଘଟିଥିଲା। ପରେ ପରିବାର ଓ ଆତ୍ମୀୟ ସ୍ୱଜନଙ୍କ ଉପସ୍ଥିତିରେ ଗାଁ ଶ୍ମଶାନ ଘାଟରେ ତାଙ୍କର ଅନ୍ତିମ ସତ୍କାର କରାଯାଇଥିଲା। ମୃତ୍ୟୁ ଶଯ୍ୟା ନିକଟରେ ୩ ପୁଅ ଓ ବହୁ ଉପସ୍ଥିତ ରହିଥିଲେ।

# ଭଞ୍ଜନଗରରେ ବିଜେପିର ତ୍ରିରଙ୍ଗା ଶୋଭାଯାତ୍ରା

ଭଞ୍ଜନଗର, (ସବ୍ୟୁ): ଭଞ୍ଜନଗର ବିଜେପି ପକ୍ଷରୁ ରବିବାର ସହରରେ ୫୦ ମିଟର ଲମ୍ବର ଏକ ଜାତୀୟ ପତାକା ଧରି ଏକ ବର୍ଣ୍ଣାଢ଼୍ୟ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ଏଥିରେ ବହୁ ସଂଖ୍ୟାରେ ଦଳୀୟ କର୍ମୀମାନେ ଅଂଶ ଗ୍ରହଣ କରି ହିନ୍ଦୁସ୍ଥାନ ଜିନ୍ଦାବାଦ ଓ ପାକିସ୍ଥାନ ମୁର୍ଦ୍ଦାବାଦ୍ ଧ୍ୱନିରେ ପୁରା ସହର ପ୍ରକମ୍ପିତ କରିଥିଲେ। ସହରର ଚକରା ବିଷୋୟୀ ବାଇପାସ୍ ଛକରୁ ଏହି ତ୍ରିରଙ୍ଗା ଯାତ୍ରା ଆରମ୍ଭ ହୋଇ ଭେଜିପୁଟ, ପାୱାର ହାଉସ୍ ଛକ, ଷ୍ଟେଟ ବ୍ୟାଙ୍କ ଛକ, ୟୁବି ହାଇସ୍କୁଲ ରାସ୍ତା, ଆରସି ରୋଡ, ମୁଖ୍ୟ ରାସ୍ତା ଅତିକ୍ରମ କରି ଥାନା ଛକ, ବସଷ୍ଟାଣ୍ଡ, ମହାବୀର ଛକ ହୋଇ ଶେଷରେ ବନ ବିଭାଗ ବିଶ୍ରାମାଗାର ଠାରେ ପରିସମାପ୍ତି ଘଟିଥିଲା। ଶେଷରେ ବିଧାୟକ ନାୟକ ନିଜ ପ୍ରତିକ୍ରିୟାରେ ପହଲଗାମ୍ ନରସଂହାର ଘଟଣା ପରେ ଭାରତୀୟ ସେନା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିର୍ଦ୍ଦେଶକ୍ରମେ ପାକିସ୍ତାନ ଭିତରେ ପଶି ଯେଉଁଭଳି ଭାବରେ ୯ ଟି ଆତଙ୍କବାଦୀ ଆଡ୍ଡାକୁ ମିସାଇଲ୍ ମାଡ କରି ଉଡାଇଥିଲେ ଓ ପରବର୍ତ୍ତୀ ସମୟରେ ପ୍ରାକ୍ ଆକ୍ରମଣକୁ ପ୍ରତିହତ କରିଥିଲେ ତାକୁ ମନେ ପକାଇ ଭାରତୀୟ ସେନାର ସୌର୍ଯ୍ୟକୁ ସମ୍ମାନ ଜଣାଇ ସେନାର ମନୋବଳକୁ ବଢାଇବା ପାଇଁ ଏଭଳି ଶୋଭାଯାତ୍ରା ବାହାର କରାଯାଇଛି ବୋଲି ଉଲ୍ଲେଖ କରିଥିଲେ। ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଜେପି ଘୁମୁସର ସାଂଗଠନିକ ଜିଲ୍ଲା ସଭାପତି ନୀଳମାଧବ ପାତ୍ର, ସନ୍ତୋଷ ପାଳ, ସନ୍ତୋଷ ତିଆଡି, ରବିନ୍ଦ୍ର ଗୌଡ, ଶିବ ଶଙ୍କର ପ୍ରଧାନ, ସୁବାସ ଚନ୍ଦ୍ର ବରାଡ, ଆବାସ ଅଲ୍ଲୀ ଖାନ୍, ଏରସାଦ୍ ମହମ୍ମଦ ପ୍ରମୁଖଙ୍କ ସମେତ ହଜାରରୁ ଉର୍ଦ୍ଧ ଦଳୀୟ କର୍ମୀ ଅଂଶ ଗ୍ରହଣ କରିଥିଲେ।

# ପରାକ୍ରମ ଶୋଭାଯାତ୍ରା

ଆଗରପଡ଼ା,(ସବ୍ୟୁ):ସ୍ଥାନୀୟ ଥାନା ଛକ ଠାରୁ ପରାକ୍ରମ ଶୋଭାଯାତ୍ରା ବାହାରି ଡାଏଟ ଛକ ପର୍ଯ୍ୟନ୍ତ ଯାଇଥିଲା। ଏଥିରେ ବିଭିନ୍ନ ବର୍ଗର ଲୋକ ସ୍ଲୋଗାନ ଦେବା ସହ ହାତରେ ତ୍ରୀରଙ୍ଗା ପତାକା ଧରିଥିଲେ। ଅମୂଲ୍ୟରନ୍ ନନ୍ଦ,ଶିବାନନ୍ଦ ଦାଶ ଅଧିକାରୀ,ଗୋପାଳ କୃଷ୍ଣ ଦାଶ,ରାଜୀବଲୋଚନ ରାୟ,ଶୁଭେନ୍ଦୁ ବେହେରା,ରମାକାନ୍ତ ନାୟକ,ଚିନ୍ମୟ ମହାପାତ୍ର,ତପନ ସିଂହ,ଅନିରୁଦ୍ଧ ସିଂହ,ମଦନମୋହନ ଦାଶ,ବସନ୍ତ ନାୟକ ପ୍ରମୁଖଙ୍କ ସମେତ ଶତାଧିକ ଲୋକ ଏଥିରେ ସାମିଲ ଥିଲେ।

# ଭଞ୍ଜସେନାର ନୂତନ କର୍ମକର୍ତ୍ତା ମନୋନୀତ

ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲାର ଯୁବଛାତ୍ର ସଂଗଠନ ଭଞ୍ଜସେନାର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନାଙ୍କ ଅନୁମୋଦନ କ୍ରମେ ଜିଲ୍ଲାର ଅନ୍ୟତମ ନୂତନ ଉପସଭାପତି ଭାବେ ବିଜୁ ସିଂ, ଶ୍ୟାମାଖୁଣ୍ଟା ବ୍ଲକ ସଭାପତି ଭାବେ ଶୁଭମ ସିଂ, ବ୍ଲକ କାର୍ଯ୍ୟକାରୀ ସଭାପତି ଭାବେ ଦୀପକ କୁମାର ବେହେରା, ଉପସଭାପତି ଭାବେ ଜିତୁ ସିଂ, ସାଧାରଣ ସମ୍ପାଦକ ଭାବେ ଲିକୁ ଲେଙ୍କା ମହାନ୍ତ, ସମ୍ପାଦକ ଭାବେ ବିକାଶ ମହାନ୍ତ, ଧର୍ମେନ୍ଦ୍ର ବେହେରା, ବାପୁନ ସିଂ, ବାରିପଦା ସହର ଯୁବ ଶାଖା ଉପସଭାପତି ଭାବେ ରୁଦ୍ର ପଟ୍ଟନାୟକ, ସମ୍ପାଦକ ଭାବେ ପଙ୍କଜ ପରିଡା, ପଦ୍ମା ମୁଖୀ ଏବଂ ବଡ଼ସାହି ବ୍ଲକ ଉପସଭାପତି ଭାବେ ଜଗନ ମହାନ୍ତ, ମାନସ ସିଂ, ସମ୍ପାଦକ ଭାବେ ସୁଦାମ ନାୟକ ପ୍ରମୁଖଙ୍କ ନାମ ଜିଲ୍ଲା ସଭାପତି ପିଣ୍ଟୁ ମାଇତି ଘୋଷଣା କରିଛନ୍ତି ବୋଲି ଜିଲ୍ଲା ସାଧାରଣ ସମ୍ପାଦକ ଜ୍ୟୋତିରଞ୍ଜନ ପୃଷ୍ଟି ଏକ ପ୍ରେସ ବିବୃତ୍ତିରେ ଜଣାଇଛନ୍ତି।

# ବୁଗୁଡ଼ାରେ ଅଘୋଷିତ ବିଦ୍ୟୁତ୍ କାଟ


## ସାଧାରଣରେ ତେଜୁଛି ଅସନ୍ତୋଷ, ରାଜରାସ୍ତାକୁ ଓହ୍ଲାଇବାକୁ ସଜବାଜ

ବୁଗୁଡା, (ସବ୍ୟୁ): ସରକାରଙ୍କ ଚବିଶି ଘଣ୍ଟିଆ ବିଦ୍ୟୁତ୍ ଯୋଗାଣର ଡିଣ୍ଡିମ ପିଟୁଥିବା ବେଳେ ଟାଟାର ଅଘୋଷିତ ବିଦ୍ୟୁତ କାଟ ଘଟଣା ବୁଗୁଡା ଅଞ୍ଚଳବାସୀଙ୍କ ପାଇଁ ପରିହାସ ସଦୃଶ ହୋଇଛି। ମେଘ ଘୋଟିଲେ କିମ୍ବା ସାମାନ୍ୟ ପବନ ହେଲେ ବିଦ୍ୟୁତ୍ ଯୋଗାଣ ଠପ୍ ହୋଇଯିବା ଅଞ୍ଚଳବାସୀଙ୍କ ପାଇଁ ସାଧାରଣ ଘଟଣା ପାଲଟିଯାଇଥିବା ବେଳେ ବିନା ମେଘ ପବନରେ ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ କାଟ ହେଉଥିବାରୁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅସହ୍ୟ ଗରମ ସାଙ୍ଗକୁ ଗୁଳୁଗୁଳିରେ ଲୋକେ ଛଟପଟ ହେଉଥିବା ବେଳେ ଦୀର୍ଘ ସମୟ ଧରି ବିଦ୍ୟୁତ କାଟ ଲୋକଙ୍କ ପାଇଁ ବୋଝ ଉପରେ ନଳିତା ମାଡ ଭଳି ହେଉଛି। ଅନ୍ୟପକ୍ଷରେ ଅଘୋଷିତ ବିଦ୍ୟୁତ କାଟ ଯୋଗୁଁ ବୁଗୁଡା ସହରର ଅନେକ ସାହିରେ ପାନୀୟ ଜଳ ଯୋଗାଣରେ ବ୍ୟାଘାତ ସୃଷ୍ଟି ହୋଇ ଲୋକେ ଜଳ ସଙ୍କଟର ସମ୍ମୁଖୀନ ହେଉଛନ୍ତି। ଏଥିସହ ଦୀର୍ଘ ସମୟ ଧରି ବିଦ୍ୟୁତ କାଟ ଯୋଗୁଁ ଇନଭେଟର୍ ମଧ କାମ କରୁନଥିବାରୁ କେବଳ ସରକାରୀ କାର୍ଯ୍ୟାଳୟ ନୁହେଁ ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନର କାର୍ଯ୍ୟରେ ମଧ ବ୍ୟାଘାତ ସୃଷ୍ଟି ହେଉଛି। କେଉଁ କାରଣରୁ ଏଭଳି ଅଘୋଷିତ ବିଦ୍ୟୁତ କାଟ ହେଉଛି, ସେନେଇ ବିଦ୍ୟୁତ୍ ବିଭାଗୀୟ ଅଧିକାରୀମାନେ କୌଣସି ଯୁକ୍ତିଯୁକ୍ତ ତଥା ସନ୍ତୋଷଜନକ ଉତ୍ତର ଦେଇ ପାରୁନଥିବା ବେଳେ ଅଞ୍ଚଳର ବିଭିନ୍ନ ମହଲରେ ତୀବ୍ର ଅସନ୍ତୋଷ ଦେଖା ଦେଇଛି। ସ୍ଥାନୀୟ ସଚେତନ ନାଗରିକ ଏବଂ ବୁଦ୍ଧିଜୀବୀ ମହଲରୁ ଏହି ଅଘୋଷିତ ବିଦ୍ୟୁତ କାଟ ପ୍ରତିବାଦରେ ଜନ ଆନ୍ଦୋଳନ କରିବା ଜରୁରୀ ବୋଲି ମତ ପ୍ରକାଶ ପାଇଥିଲା ବେଳେ ଅସନ୍ତୁଷ୍ଟ ଜନତା ବିଦ୍ୟୁତ ବିଭାଗର ମନମାନି ବିରୁଦ୍ଧରେ ରାଜରାସ୍ତାକୁ ଓହ୍ଲାଇବାକୁ ସଜବାଜ ହେଉଥିବା ଜଣାଯାଇଛି। ଏଣୁ ଲୋକେ ରାଜରାସ୍ତାକୁ ଓହ୍ଲାଇବା ପୂର୍ବରୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଅଘୋଷିତ ବିଦ୍ୟୁତ କାଟ ପ୍ରତି ଦୃଷ୍ଟି ଦେଇ ଯଥାଶୀଘ୍ର ପ୍ରତିକାରାତ୍ମକ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି ।

# ଭଞ୍ଜନଗରରେ ଦ୍ୱାଦଶ ତମ ଆର୍ଟ ଅଫ ଗିଭିଂ ଡେ ପାଳିତ

ଭଂଜନଗର, (ସବ୍ୟୁ): ଭଂଜନଗର ନିକଟସ୍ଥ ତନରଡା ସ୍ଥିତ ସତ୍ୟଶ୍ରୀ ଜରାଶ୍ରମ ଠାରେ ଦ୍ୱାଦଶ ତମ ଆର୍ଟ ଅଫ୍ ଗିଭିଂ ଡେ ପାଳିତ ହୋଇଯାଇଛି । ସମାଜସେବୀ ଡଃ ଅଚ୍ୟୁତ ସାମନ୍ତଙ୍କ ପରିକଳ୍ପିତ ଏହି କାର୍ଯ୍ୟକ୍ରମରେ ଚଳିତ ବର୍ଷର ବିଷୟ ରହିଥିଲା। ନେଇବର୍ ଗୁଡ୍‌ର ମହତ୍ୱ ଏବଂ ଦାନ କରିବାର କଳାକୁ ନେଇ ଆୟୋଜିତ କାର୍ଯ୍ୟକ୍ରମ ମାଧମରେ ଅତିଥିମାନେ ଆଶ୍ରମର ଅନ୍ତେବାସୀଙ୍କୁ ଅବଗତ କରାଇଥିଲେ । ଏହାସହ ଅନ୍ତେବାସୀଙ୍କୁ, କିଛି ସୁଖିଲା ଖାଦ୍ୟ ଏବଂ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମର କେଏସୟୁବି କଲେଜର ଅବସରପ୍ରାପ୍ତ ଅଧକ୍ଷ ବାଲ୍ମୀକି ପଟ୍ଟନାୟକ, ବରିଷ୍ଠ ସାମ୍ବାଦିକ ରବିନ୍ଦ୍ର କୁମାର ପାତ୍ର, କିମସ୍ କର୍ମଚାରୀ ଶୁଭେନ୍ଦୁ ପଟ୍ଟନାୟକ, କିସ୍ କର୍ମଚାରୀ ନିରାକାର ନାୟକଙ୍କ ସମେତ ସ୍ଥାନୀୟ ଅଞ୍ଚଳର ବହୁ ବୁଦ୍ଧିଜୀବୀ, ଶିକ୍ଷାବିତ୍ ବୃଦ୍ଧ, ବୃଦ୍ଧା ପ୍ରମୁଖ ଯୋଗ ଦେଇଥିଲେ ।


# ପ୍ରତୀକ ସାହିତ୍ୟ ସଂସଦ ତରଫରୁ ଡ଼. ବିଜୟ କୁମାର ପଣ୍ଡାଙ୍କୁ ସମ୍ବର୍ଦ୍ଧନା



ଭଞ୍ଜନଗର, (ସବ୍ୟୁ): ସ୍ଥାନୀୟ କୋର୍ଟ ହାଲ ପାଠାଗାର ସମ୍ମିଳନୀ କକ୍ଷ ଠାରେ ଭଞ୍ଜନଗରର ପୁରାତନ ସାହିତ୍ୟ ଅନୁଷ୍ଠାନ ପ୍ରତୀକ ସାହିତ୍ୟ ସଂସଦତରଫରୁ ସଭାପତି ରବୀନ୍ଦ୍ର ନାଥ ଦାସଙ୍କ ସଭାପତିତ୍ୱରେ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ମୁଖ୍ୟଅତିଥି ତଥା ଉଦଘାଟକ ଭାବେ ଯୋଗଦେଇ ଅଂଚଳର ଜଣାଶୁଣା ଡ଼ଃ ବିଜୟ କୁମାର ପଣ୍ଡା, ଅବସରପ୍ରାପ୍ତ ଗଞ୍ଜାମ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ତାଙ୍କର ଦାୟିତ୍ୱବୋଧ ଓ ସେବା ପାଇଁ ସମ୍ବର୍ଦ୍ଧିତ କରିଥିଲେ । ଏଥିସହ ଘୁମୁସରର ଦୁଇ ଗର୍ବ ଓ ଗୌରବ କବିସମ୍ରାଟ ଉପେନ୍ଦ୍ରଭଞ୍ଜ ଏବଂ ଚକରା ବିଷୋୟୀଙ୍କ ସାହିତ୍ୟକୃତି ଓ ବୀରତ୍ୱର ଗାଥାର ଇତିହାସ ସମ୍ପର୍କରେ ବକ୍ତବ୍ୟ ରଖି ତାଙ୍କରି ସ୍ମୃତି ଉଦେଶ୍ୟରେ ଭଞ୍ଜନଗରରେ ଏକ ଐତିହାସିକ ପୀଠ ଭାବେ ଚକ୍ରଘାଟି ଓ ଗଣ୍ଡିଶୁଳାର ରୂପାନ୍ତରିତ କାର୍ଯ୍ୟ ସରକାରଙ୍କ ତରଫରୁ ଅଗ୍ରାଧିକାର ଭିତ୍ତିରେ ଚାଲିଥିବା କହିଥିଲେ। ଅନ୍ୟ ସମ୍ମାନିତ ଅତିଥିଭାବେ ଡ଼. କମ୍ବୁପାଣି ସାମନ୍ତ, ପ୍ରଫେସର କୃତିବାସ ବିଶ୍ୱାଳ, ଡ. ଶିବରାମ ପଣ୍ଡା ଓ ଡ଼. ଶ୍ୟାମା ପ୍ରସାଦ ମିଶ୍ର ଯୋଗଦେଇ ଆଲୋଚ୍ୟ ପ୍ରସଙ୍ଗ ସମର୍ପିତ ସେବାରେ ପୂଣ୍ୟଭୂମି ଘୁମୁସର ଉପରେ ନିଜନିଜର ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଡ. ବିଜୟ କୁମାର ପଣ୍ଡା ଗାଁ ମାଟିର ପରମ୍ପରା ଓ ଅତୀତର ସ୍ମୃତି ସାଉଁଟି ମା ମାଟି ଦେଇଥିବା ଆତ୍ମ ପରିଚୟକୁ ପ୍ରଶଂସା କରିଥିଲେ। ବାହାଡାପଦର ଗାୟତ୍ରୀ ପରିବର ତରଫରୁ ଅତିଥିମାନଙ୍କୁ ସ୍ୱାଗତ କରାଯାଇଥିଲା । ଡ଼. ନଳିନିପ୍ରଭା ଦାସ ସ୍ୱାଗତ ଭାଷଣ ଦେଇଥିବାବେଳେ ସ୍ନେହଲତା ବିଷୋୟୀ ଓ ଡ.ଗାୟତ୍ରୀ ସାହୁ ଅତିଥିମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ । ପ୍ରତୀକ ସାହିତ୍ୟ ସଂସଦର ସମ୍ପାଦକ ବାଳକୃଷ୍ଣ ପଟ୍ଟନାୟକ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ସନ୍ତୋଷ ଜେନା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ଜଗବନ୍ଧୁ ଜେନାଙ୍କ ଦ୍ୱାରା ଭାଗ୍ୟଶାଳୀ ବିଜେତା କାର୍ଯ୍ୟକ୍ରମ କରାଯାଇ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମରେ ବହୁ ସାହିତ୍ୟବନ୍ଧୁ, ଓକିଲ ବନ୍ଧୁ, ଶିକ୍ଷକ, ଶିକ୍ଷୟିତ୍ରୀ, ବୁଦ୍ଧିଜୀବୀ ଯୋଗ ଦେଇଥିଲେ। କୋଷାଧକ୍ଷ ଜଗବନ୍ଧୁ ଜେନା ଧନ୍ୟବାଦ ପ୍ରଦାନ କରିଥିଲେ । ସମାଜସେବୀ ଶୂଳପାଣି ଶତପଥୀଙ୍କ ସମ୍ପାଦନରେ ଜାତୀୟ ସଂଗୀତ ଗାନ ପରେ ସଭାପତି ଶ୍ରୀଯୁକ୍ତ ଦାସ ସଭାସାଙ୍ଗ ଘୋଷଣା କରିଥିଲେ ।

# ମହେଶ ଦାସ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

## କିସାନ ବ୍ରଦର୍ସ ଓ ଝାଞ୍ଜଡ଼ାପାଳ ଚମ୍ପିୟାନ



ବାରିପଦା, (ସବ୍ୟୁ) : ସ୍ଥାନୀୟ ମଧୁବନ ମିନି ଷ୍ଟାଡିୟମ ପଡିଆରେ ମହେଶ ଦାସ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟର ୪୦ବର୍ଷରୁ କମ ଫାଇନାଲ ମ୍ୟାଚରେ କିସାନ ବ୍ରଦର୍ସ ଫୁଟବଲ କ୍ଲବ ଫ୍ରେଣ୍ଡସ ଉଇନାଇଟେଡ଼ ଫୁଟବଲ କ୍ଲବ, ଗୋପୀବଲ୍ଲଭପୁର କୁ ୧-୦ ଗୋଲରେ ପରାସ୍ତ କରି ଚାମ୍ପିୟାନ ହୋଇଛି । ସୋନୁ ହେମ୍ବ୍ରମ ଏକ ମାତ୍ର ଗୋଲ କରିଥିଲେ । ୪୦ବର୍ଷରୁ ଉର୍ଦ୍ଧ ଦ୍ୱିତୀୟ ଫାଇନାଲ ମ୍ୟାଚରେ ଝାଞ୍ଜଡ଼ାପାଳ ଫୁଟବଲ କ୍ଲବ ଭେଟେରାନ ଫୁଟବଲ କ୍ଲବକୁ ୧-୦ ଗୋଲରେ ପରାସ୍ତ କରି ଚାମ୍ପିୟାନ ହୋଇଛି । ହିକିମ ମୁର୍ମୁ ଏକ ମାତ୍ର ଗୋଲ କରିଥିଲେ । ଶୈକତ ଗିରି, ଅମିତ ମାଇତି, ଚନ୍ଦନା ଘୋଷ ଓ ସୁଭଦ୍ରା ହେମ୍ବ୍ରମ ଖେଳ ପରିଚାଳନା କରିଥିବାବେଳେ ମନୋଜ ପାତ୍ର ଧାରାବିବରଣୀ ପ୍ରଦାନ କରିଥିଲେ । ଏହି ଅବସରରେ ବରିଷ୍ଠ ଖେଳାଳି ଦିଗେଶ୍ୱର ମହାନ୍ତ, ସୁଶାନ୍ତ କରଣ, ମାଣିକ ରଣା, ପଟେଲ ଦାଙ୍କୁ ମୁଖ୍ୟ ଆୟୋଜକ ଲୋହିତ ଦାଶ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ ଓ ଅତିଥି ଭାବେ ଯୋଗ ଦେଇ ଫାଓ ଉପ ସଭାପତି ଅସିତ ପତି, ପୂର୍ବତନ କ୍ରୀଡା ଅଧିକାରୀ ପ୍ରଦୀପ କୁମାର ବେହେରା, ପୂର୍ବତନ ଫାଓ ଉପ ସଭାପତି ପ୍ରଦୀପ କିଶୋର ମହାନ୍ତି, ସେଙ୍ଗଲ ଦା, ଯଦୁନାଥ ମାଝୀ, କୁମାର ରଞ୍ଜନ ପଣ୍ଡା, ନନ୍ଦଲାଲ ମହାପାତ୍ର, କୈଳାଶ ବେହେରା, ବିଜୟ କୁମାର ଦାସ (ମଣ୍ଟୁ ଦା), ହରିଶ ଷଡ଼ଙ୍ଗୀ, ତ୍ରୈଲୋଚନ ପାତ୍ର ଓ ଲଲାଟେନ୍ଦୁ ବେହେରା ତପନ କୁମାର ସିହ୍ନା ପ୍ରମୁଖ ଉପସ୍ଥିତ ରହି ପୁରସ୍କାର ବିତରଣ କରିଥିଲେ। ଯୁବ ଦଳରେ ଚମ୍ପିୟାନ ଦଳକୁ ୩୦ହଜାର ଓ ଟ୍ରଫି ଓ ରନର୍ସ ଅପ ଦଳକୁ ୨୫ହଜାର ଓ ଟ୍ରଫି ପ୍ରଦାନ କରାଯାଇଥିବା ବେଳେ ଭେଟେରାନ ଦଳରେ ଚାମ୍ପିୟାନ ଦଳକୁ ୧୦ ହଜାର ଟଙ୍କା ଓ ଟ୍ରଫିଏବଂ ରନର୍ସ ଅପ ଦଳକୁ ୮ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରାଯାଇଥିଲା । ସୋନୁ ହେମ୍ବ୍ରମ ଓ ହିକିମ ମୁର୍ମୁଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରାଯାଇଥିଲା । ରବୀନ୍ଦ୍ର ନାୟକ, ନୁରୁଲ ଇସଲାମ ଓ ସୁକେନ୍ଦୁ ଦାସ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା ପ୍ରଦାନ କରିଥିଲେ।

# ଧର୍ମଶାଳାରେ ତ୍ରିରଙ୍ଗା ଶୋଭାଯାତ୍ରା



ଧର୍ମଶାଳା,(ସବ୍ୟୁ): ଭାରତୀୟ ସେନାର ଅପରେସନ ସିନ୍ଦୁର ସଫଳତା ପରେ ସମଗ୍ର ଦେଶ ବୀର ଯବାନ ମାନଙ୍କ ମନୋବଳ ବଢ଼ାଇବା ପାଇଁ ତ୍ରିରଙ୍ଗା ଶୋଭାଯାତ୍ରା କରୁଥିବା ବେଳେ ଧର୍ମଶାଳା ନିର୍ବାଚନ ମଣ୍ଡଳୀ ଜାରକା ଠାରେ ଏକ ବିଶାଳ ପରାକ୍ରମ ଶୋଭାଯାତ୍ରା ଅଜି ଅନୁଷ୍ଠିତ ହୋଇଯାଇଛି । ବିଧାୟକ ହିମାଂଶୁ ଶେଖର ସାହୁଙ୍କ ନେତୃତ୍ୱରେ ଜାରକା ମହୋତ୍ସବ ପଡିଆରୁ ଏକ ବିଶାଳ ଶୋଭାଯାତ୍ରାରେ ହଜାର ହଜାର ସଂଖ୍ୟାରେ ଲୋକ ସାମିଲ ହୋଇଥିଲେ। ଜାରକା ମହୋତ୍ସବ ପଡିଆରୁ ହଜାର ହଜାର ସଂଖ୍ୟାରେ ଲୋକେ ତ୍ରିରଙ୍ଗା ପତକା ଧରି ବାହାରି ଗୋପବନ୍ଧୁଛକ ଦେଇ ଜେମାଶୁଣୀ ପର୍ଯ୍ୟନ୍ତ ଯାଇଥିଲେ । ସେଠାରୁ ଜାରକା ବଡ ବଜାର, ମେନ ମାର୍କେଟେ ଦେଇ ମହୋତ୍ସବ ପଡିଆରେ ପହଁଚିଥିଲେ ।ଏହି କାର୍ଯ୍ୟକ୍ରମରେ ବିଜେପି ନେତା କାହ୍ନୁ ଚରଣ ଦାଶ, ଚନ୍ଦ୍ରମଣି ପଣ୍ଡିତ, ଆଲୋକ ଲେଙ୍କା, ପାଣ୍ଡବ ଧଳ, ଜିତେନ୍ଦ୍ର ରାଉତ, ଉପେନ୍ଦ୍ର କୁମାର କର ସମେତ ହଜାର ହଜାର କର୍ମୀ, ସାଧାରଣ ନାଗରିକ ଓ ବିଭିନ୍ନ ସ୍କୁଲ ଓ କଲେଜର ସ୍କାଉଟ ଓ ଏନସିସି କ୍ୟାଡେଟର ଛାତ୍ରଛାତ୍ରୀମାନେ ସାମିଲ ହୋଇଥିଲେ । ଦେଶ ର ଏକତା ଓ ଅଖଣ୍ଡତା ବଜାୟ ରଖିବାରେ ବୀର ଯବାନ ମାନଙ୍କ ଅବଦାନ କୁ ଭୁଲି ହେବ ନାହିଁ ବୋଲି ବିଧାୟକ ହିମାଂଶୁ କହିଛନ୍ତି। ଏହି କାର୍ଯ୍ୟକ୍ରମକୁ ରାଜେଶ ପାଳ,ଅଭିଶେକ ରାଉତ, ଲୋକନାଥ ମହାନ୍ତି , ଗୌତମ ସାହୁ, ଅଂଶୁମାନ ରଥ, ସୁଦାମ ବେହେରା, ପ୍ରମୁଖ ପରିଚାଳନା କରିଥିଲେ।

# ଏଓଏସ୍ ଗ୍ରୁପ୍ ଅଫ୍ ଇନ୍ଷ୍ଟିଚ୍ୟୁସନ୍ସର ବାର୍ଷିକ ଉତ୍ସବ





କେନ୍ଦ୍ରାପଡ଼ା,ସବ୍ୟୁ): ଏଓଏସ୍ ଗ୍ରୁପ୍ ଅଫ୍ ଇନ୍ଷ୍ଟିଚ୍ୟୁସନ୍‌ରେ ଚାଲିଥିବା ଅନ୍ତର୍ଜାତୀୟ ନର୍ସିଂ ସପ୍ତାହ ଓ ବାର୍ଷିକ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଅନୁଷ୍ଠାନର ନିର୍ଦ୍ଦେଶକ ବାଣୀବ୍ରତ ତ୍ରିପାଠୀଙ୍କ ସଭାପତିତ୍ୱରେ ଉଦ୍‌ଯାପନୀ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ମୁଖ୍ୟ ଅତିଥି ଭାବେ ଓମ୍‌ସାର ରାଜ୍ୟ ସଭାପତି ଡ. କିଶୋର ମିଶ୍ର ଯୋଗ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ଏସ୍‌ଓଏସ୍ କଲେଜ୍ ଅଫ୍ ନର୍ସିଂର ଅଧ୍ୟକ୍ଷା ପବିତ୍ରା ବାଗୁଡ଼ାଇ, ସମ୍ମାନୀତ ଅତିଥି ଭାବେ ନିର୍ଦ୍ଦେଶକ ସୁଖଦା ପ୍ରସାଦ ତ୍ରିପାଠୀ, ପ୍ରଫେସନାଲ ନିର୍ଦ୍ଦେଶିକା ଜ୍ୟୋତିର୍ମୟୀ ପଟ୍ଟନାୟକ, ତୁଳସୀ ଏଏନ୍‌ଏମ୍ ଓ ଜିଏନ୍‌ଏମ୍ ଟ୍ରେନିଂ ସେଣ୍ଟରର ଅଧ୍ୟକ୍ଷା କୁମୁଦିନୀ ଲେଙ୍କା, ମୁଖ୍ୟ ପ୍ରଶାସନିକ ଅଧିକାରୀ ଶ୍ରୀକାନ୍ତ ବିଶ୍ୱାଳ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ପରିବେଷ ସୁରକ୍ଷା ପାଇଁ ଗୋଟିଏ ଗଛଚାରା ପ୍ରଦାନ କରଯାଇଥିଲା । ମୁଖ୍ୟ ଅତିଥି ଡ. କିଶୋର ମିଶ୍ର ତାଙ୍କ ଅଭିଭାଷଣରେ କହିଥିଲେ ଯେ ନିଜର କାର୍ଯ୍ୟଶୈଳୀକୁ ଉନ୍ନତ କରି ରୋଗୀଙ୍କୁ ଉତ୍ତମ ସେବା ଯୋଗାଇପାରିଲେ ସେମାନଙ୍କର ସେବିକା ହେବାର ସାର୍ଥକତା ପୂରଣ ହୋଇପାରିବ। ଏଥି ସହିତ ନର୍ସିଂ ଛାତ୍ରୀଛାତ୍ରମାନେ ସେମାନଙ୍କର ଅନ୍ତଃର୍ନିହିତ କାର୍ଯ୍ୟକୁ ବିକାଶ କରିବା ସହିତ ରୋଗୀଙ୍କ ପ୍ରତି ସେବା ଓ ସହାନୁଭୂତି ମନୋଭାବ ପୋଷଣ କଲେ ଭବିଷ୍ୟତରେ ଜଣେ ଜଣେ ସୁଦକ୍ଷା ସେବିକା ହୋଇପାରିବେ ବୋଲି ସେ କହିଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ମିଷ୍ଟର ଏସ୍‌ଓଏସ୍ ଭାବେ ସୂର୍ଯ୍ୟକାନ୍ତ ଦାସ, ମିସ୍ ଏଓଏସ୍ ଭାବେ ଏ.ପି ଅଲିଭା ଅଭିନୀତା, ମିସ୍‌ଟାଇନ୍ ଭାବେ ଲକ୍ଷ୍ମୀପ୍ରିୟା ମହାପାତ୍ର ଓ ମିଷ୍ଟର ଟାଇନ୍ ଭାବେ ଅବିନାଶ ବଳ, ବେଷ୍ଟ ଭଲ୍ୟୁଣ୍ଟର ଭାବେ ସଙ୍ଗୀତା ବାରିକ ଓ ରମାକାନ୍ତ ମଲ୍ଲିକଙ୍କୁ ଟ୍ରଫି ଓ ଉପଢୌକନ ଅତିଥିମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ଓଡ଼ିଶାର ସୁନାମଧନ୍ୟ ଅଭିନେତା ଓ ମଡେର୍ଲ ଲୋହିତାକ୍ଷ ପଟ୍ଟନାୟକ ଏହି ଉଦ୍‌ଯାପନୀ ଉତ୍ସବରେ ଯୋଗଦେଇ ନର୍ସିଂ ଛାତ୍ରୀଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ଶେଷରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବିଭିନ୍ନ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଥିଲା। ଏଥିରେ ଉପାଧକ୍ଷା ପ୍ରିୟମ୍ବଦା ପଟ୍ଟନାୟକ, ବନ୍ଦିତା ସାହୁ, ପଲ୍ଲବୀ ପଟ୍ଟନାୟକ, ମନିସାରାଣୀ, ମୋନାଲିସା ସାହୁ, ସନ୍ଧ୍ୟାରାଣୀ ସାହୁ, ମିତାଲୀ ମଧୁସ୍ମିତା ବିଶ୍ୱାଳ, ସୁପ୍ରଭା ମଞ୍ଜରୀ ଦାଶ, ସୋନାଲୀ ସେନାପତି, ପ୍ରଜ୍ଞା ମିଶ୍ର, ବିଜୟ କୁମାର ସାହୁ, ଶ୍ରାବଣୀ ନାୟକ ପ୍ରମୁଖ ଏହି ଉଦ୍‌ଯାପନୀ ସଭାକୁ ପରିଚାଳନା କରିଥିଲେ। ଏଥିରେ ରତୁପଣ୍ଡା ବିଶୋଇ, ଶୁଭଲକ୍ଷ୍ମୀ ବିଶ୍ୱାଳ, ଦିବ୍ୟଜ୍ୟୋତି ଶତପଥୀ, ରେଖାରାଣୀ ସେଠୀ, ସ୍ୱାତୀ ସାଗରିକା ଷଡଙ୍ଗୀ, ପ୍ରିୟଙ୍କା ମଲ୍ଲିକ, ସନ୍ଧ୍ୟାରାଣୀ ବାରିକ, ପିନାଲୀ ରାଉତ, ଅର୍ଚ୍ଚିତା ଜେନା, ବନପ୍ରଭା ସାହୁ, ରୁପାଲି ଦାଶ, ହିମାଂଶୁ ପରିଡ଼ା, ସାହିଲ ଜେନା, ରମାକାନ୍ତ ମଲ୍ଲିକ, ଗୌରୀଶଙ୍କର ସେଠୀ, ସୌଭାଗ୍ୟ ଦାସ, ସୌମ୍ୟଜିତ୍ ସାହୁ, ଲୋରା ରିଜ୍?ଝିମ୍ ବିଶ୍ୱାଳ, ରାଜଲକ୍ଷ୍ମୀ ସାହୁ, ତେଜସ୍ୱିନୀ ମହାନ୍ତି, ଏ.ପି ଅଲିଭା ଅଭିନୀତା, ଏସ୍କେ ଅହମ୍ମଦ ରାଜା, ଏସ୍କେ ମହମ୍ମଦ ସବୀର, ପ୍ରଫୁଲ୍ଲ ବାରିକ, ତପନ ପାଢ଼ୀ ପ୍ରମୁଖ ସହଯୋଗ କରିଥିଲେ।

# ସର୍ଟର କାଟି ହରପାର୍ବତୀ ଟ୍ରେଡିଂରୁ ଲୁଟି ନେଲେ ଲକ୍ଷାଧିକ ଟଙ୍କାର ସାମଗ୍ରୀ

ପାଣିକୋଇଲି, (ସବ୍ୟୁ): ପାଣିକୋଇଲିସ୍ଥିତ ଦୁର୍ଗମାର୍କେଟରେ ଥିବା ହରପାର୍ବତୀ ଟ୍ରେଡଂରୁ ଶନିବାର ରାତିରେ ଚୋର ମାନେ ସଟର କାଟି ପ୍ରାୟ ୧୦ ଲକ୍ଷଟଙ୍କାରୁ ଉର୍ଦ୍ଧ୍ୱ ସାମଗ୍ରୀ ଚୋରି କରିଥିବା ଥାନାରେ ଅଭିଯୋଗ ହୋଇଛି । ପୁଲିସ ଘଟଣାସ୍ଥଳେ ପହଂଚି ତଦନ୍ତ ଜାରି ରଖିଛି । ପ୍ରକାଶଯେ ଯାଜପୁର ସଦରର ଥାନା ଅନ୍ତର୍ଗତ କୋଳଥା ଗ୍ରାମର ଚିନ୍ମୟ ବିଶ୍ୱାଳଙ୍କ ଅଭିଯୋଗ ମୁତାବକ ଯାଜପୁରରୋଡ-ପାଣିକୋଇଲି ରାସ୍ତା କଡରେ ଦୁର୍ଗା ମାର୍କେଟରେ ତାଙ୍କର ହରପାର୍ବତୀ ଟ୍ରେଡିଂ ନାମରେ ଏକ ହୋଲସେଲ ବ୍ୟବସାୟ ପ୍ରତିଷ୍ଠାନ ରହିଛି । ଶନିବାର ବିଳମ୍ବିତ ରାତ୍ରୀରେ ଦୃର୍ବୃର୍ତ ମାନେ ଦେକାନର ସର୍ଟର କାଟି ପ୍ରାୟ ୧୦ ଲକ୍ଷରୁ ଉର୍ଦ୍ଧ ଟଙ୍କାର ଷୋରିଶ ତେଲ, ରିଫାଇନ, ସନଫ୍ଲାୱାର, ଚିନି, ଚାଉଳ, ଅଟା ଆଦି ସମଗ୍ରୀ ଲୁଟି ନେଇଛନ୍ତି । ଶ୍ରୀ ବିଶ୍ୱାଳ ରବିବାର ସକାଳେ ଦୋକାନ ଖୋଲିବାକୁ ଆସି ଦେଖିବା ବେଳେକୁ ସମସ୍ତ ସମଗ୍ରୀ ଚୋରି ହୋଇଛି । ଏନେଇ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଘଟଣାସ୍ଥଳେ ପହଂଚି ତଦନ୍ତ ଆରମ୍ଭ କରିଛି । ହେଲେ ଦୃର୍ବୃତ ମାନେ ଏ ଚୋରିରେ ନିଶ୍ଚୟ ଗାଡି ବ୍ୟବହାର କରିଛନ୍ତି । ଏତେ ଟଙ୍କାର ଓ ଏତେ ପରିମାଣର ସମାଗ୍ରୀ କେହି ହାତରେ ବୋହିନେବ ନାହିଁ । ପାଣିକୋଇଲିରେ ଥାନା, ଜିଲ୍ଲା ପୁଲିସ ମୁଖ୍ୟାଳୟ ଥାଇ ରାଜପଥ କଡରେ ଥିବା ଦୋକନରୁ ଗାଡି ଲଗାଇଚୋରି କରିବା ଘଟଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିଛି । ଫଳରେ ଏହା ପୁଲିସ ପାଇଁ ଦୃର୍ବୃତ ମାନଙ୍କ ଏକ ଖୋଲା ଆହ୍ୱାନ ବୋଲି କୁହାଯାଇପାରେ । ଦୃର୍ବୃତ ମାନଙ୍କୁ ଧରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବଜାରବାସୀଙ୍କ ପକ୍ଷରୁ ଦୁର୍ଗା କମିଟିର ସମ୍ପାଦକ ପ୍ରଦୀପ ମାଝୀ ଦାବି କରିଛନ୍ତି ।

# ହୋଲିଜେଶସ ସ୍କୁଲର ଶତ ପ୍ରତିଶତ ସଫଳତା



ଚଣ୍ଡିଖୋଲ, (ସବ୍ୟୁ) : ଯାଜପୁର ଜିଲ୍ଲା ବଡଚଣା ଶିକ୍ଷା ମଣ୍ଡଳ ଅଧିନସ୍ଥ ଧାନମଣ୍ଡଳ ସ୍ଥିତ ହୋଲି ଜେଶସ ସ୍କୁଲର ଛାତ୍ରଛାତ୍ରୀ ମାନେ ଚଳିତ ବର୍ଷ ସି,ବି,ଏସ,ଇ ଦଶମ ଶ୍ରେଣୀ ପରୀକ୍ଷାରେ ଶତ ପ୍ରତିଶତ ସଫଳତା ହାସଲ କରି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି।ଚଳିତ ବର୍ଷ ଦଶମ ଶ୍ରେଣୀରେ ଏହି ସ୍କୁଲର ୧୪ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ।ସେଥିମଧ୍ୟରୁ ଅମ୍ବିକା ପି ସେଠୀ ଶତକଡା ୯୪ ନମ୍ବର ରଖି ବିଦ୍ୟାଳୟରେ ଟପ୍ପର ହୋଇଥିବା ବେଳେ ବୈଭବ ବିଶ୍ୱାଳ ଶତକଡା ୯୨ ଓ ଶୁଭମ ପାତ୍ର ଶତକଡା ୯୨ ନମ୍ବର ରଖି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ଅନ୍ୟ ଛାତ୍ରଛାତ୍ରୀ ମାନେ ଶତକଡା ୮୦ରୁ ୯୦ ନମ୍ବର ରଖି କୃତିତ୍ୱ ଅର୍ଜନ କରିଛନ୍ତି।ବିଦ୍ୟାଳୟର ଏହି ସଫଳତା ପାଇଁ ଛାତ୍ରଛାତ୍ରୀ, ଅଭିଭାବକ, ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି।ବିଦ୍ୟାଳୟର ଅଧକ୍ଷା ଶୁଶ୍ରୀ କାମିନୀ ନାୟକ ଛାତ୍ର ଛାତ୍ରୀ ମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହିତ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

# ବିଦ୍ୟୁତ କେବୁଲ ତାର ଚୋର ସକ୍ରିୟ

ପାଣିକୋଇଲି, (ସବ୍ୟୁ): ଯାଜପୁର ଜିଲ୍ଲା ପାଣିକୋଇଲି ଅଞ୍ଚଳରେ କେବୁଲ ତାର ଚୋର ସକ୍ରିୟ ହୋଇଛନ୍ତି। କୋରେଇ ବ୍ଲକ ଅନ୍ତର୍ଗତ ବିଭିନ୍ନ ଗ୍ରାମରେ ଆଗ୍ରୋ ପକ୍ଷରୁ ଖନନ କରାଯାଇଥିବା ବୋର ୱେଲରେ ସଂଯୋଗ କରାଯାଉଥିବା କେବୁଲ ତାରକୁ ବାରମ୍ବାର ଦୁର୍ବୃତମାନେ ଚୋରି କରି ନେଉଥିବାରୁ ଚାଷୀମାନେ ବହୁ ହଇରାଣ ହରକତ ହେଉଛନ୍ତି । ପୂର୍ବରୁ କ୍ରମାଗତଭାବେ ବିଭିନ୍ନ ଗ୍ରମରେ ଯାଇଥିବା ବିଦ୍ୟୁତ କେବୁଲ ଚୋରି ହୋଇ ଚାଲିଛି । ଓଡିନ୍ଦା, ଖଜୁରିଆ, ଦାମୋଦରପୁର, ବର୍ତମଣା, ଅମୃତିଆ, ବଣହରା, ରାଣିଗୋଡା ଆଦି ଗ୍ରାମରୁ ତାର ଚୋରି ହୋଇଥିବା ବେଳେ ୪ ଦିନ ହେବ ବର୍ତମଣା ଓ ପଳସା ଗ୍ରାମର ଚାଷୀମାନଙ୍କର ବୋରିଂଗରୁ ସମସ୍ତ ତାର ଚୋରି ହୋଇଛି । ଚାଷୀମାନେ ପୁର୍ନବାର ତାର ସଂଯୋଗ ପାଇଁ ବିଦ୍ୟୁତ ବିଭାଗୀୟ ଅଧିକାରୀଙ୍କ ନିକଟକୁ ଦୌଡି ଦୌଡି ନୟାନ୍ତ ହେଉଛନ୍ତି । ଫଳରେ କୃଷି କାର୍ଯ୍ୟରେ ବ୍ୟାପକ କ୍ଷୟକ୍ଷତି ହେଉଛି । କୋରେଇ ଏକ ମରୁଡି ପ୍ରପିଡିତ ଅଂଚଳ ହୋଇଥିବାରୁ ବୋରିଂଗ ପାଣି ଚାଷକୁ ସାହା । କିନ୍ତୁ କେବୁଲ ଚୋର ମାନଙ୍କ ଏହି ଚୋରି ପାଇଁ ଚାଷୀମୁଣ୍ଡରେ ହାତ ଦେଇ ବସିବା ସାର ହୋଇଛି । ହେଲେ ବିଦ୍ୟୁତ ତାର ଚୋରଙ୍କ ଟେର ପାଉନି ପୁଲିସ । ଚାଷୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ଚୋର ମାନଙ୍କୁ ପୁଲିସ ଧରିବା ପାଇଁ କୃଷକ ନେତା ବଳରାମ ସାହୁ ଦାବି କରିଛନ୍ତି ।

# ଦୁଇ ପେଟି ମଦ ସହ ବେପାରୀ ଅଟକ

ମାହାଙ୍ଗା ,(ସବ୍ୟୁ) : ଭଦ୍ରେଶ୍ୱର ଥାନା ଅଂଚଳରେ ବ୍ୟାପକ ଚୋରାମଦ ବେପାର ଦୀର୍ଘଦିନ ଧରି ଚାଲୁଥିବା ମୁଖ୍ୟ ଆଲୋଚନାର ବିଷୟ ପାଟଲିଛି। ଏପରିକି ବାଇକ ଯୋଗେ ଚୋରାମଦ ଆଣି ମଦ ବ୍ୟବସାୟଙ୍କ ପଏଣ୍ଟରେ ପହଂଚାଇ ଦିଆଯାଉଛି। ଗତ ୩ଦିନ ତଳେ ଆପିଲୋ ଜହ୍ନିଆବଜାର ନିକଟରେ ଏକ ଯୁବକ ମୁହଁରେ ଗାମୁଛା ବାନ୍ଧି ବାଇକ୍ ପଛରେ ମଦପେଟି ବାନ୍ଧି ଦିନ ୨ଟା ବେଳେ ଆପିଲୋ ଅଂଚଳକୁ ଯାଉଥିବା ଦେଖିବାକୁ ମିଳିଥିଲା । ଏପରିକି ଆପିଲୋ, ପ୍ରହରାଜପୁର, ଝାଡେଶ୍ୱରପୁର ସ୍କୁଲ ଛକ, ଉମର ବ୍ୟାଙ୍କ ଛକ , ନାହାଙ୍ଗ,ହରଗୌରୀ ବଜାର, ହଳଦିଆ କୋଠିଛକ, ବେଗୁନିଆପଦା, ନାଳିପଡିଆ ବଜାର, ଓସ୍ତପୁର ଅଂଚଳରେ ବ୍ୟାପକ ଚୋରାମଦ କାରବାର ଦୀର୍ଘଦିନଧରି ଚାଲୁଅଛି। ଯାହାକି ଅବକାରୀ ବିଭାଗର ଜ୍ଞାତସାରରେ, ମାସିକ ବଟି ଦେଇ ଚୋରମଦ ବ୍ୟବସାୟମାନେ ନିର୍ଭୟରେ ବ୍ୟବସାୟ କରୁଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଆଜି ଭଦ୍ରେଶ୍ୱର ଥାନା ପୋଲିସ ଗୋପାଳପୁର ଅଂଚଳର ବିରାଜ ମୋହନ ପ୍ରଧାନଙ୍କୁ ଧରିବା ସହ ୨ପେଟି ମଦ ଜବତ କରିଛି। ୮୯/୨୫ରେ ଏକ ମାମଲା ଥାନାରେ ରୁଜୁ ହୋଇଥିବା ଜଣାପଡିଛି।

# ମାହାଙ୍ଗାରେ ଭୁଶୁଡୁଛି ଶିକ୍ଷା ବ୍ୟବସ୍ଥା

ମାହାଙ୍ଗା (ସବ୍ୟୁ): ଚଳିତ ମାଟ୍ରିକ ପରୀକ୍ଷାରେ କଟକ ଜିଲ୍ଲାରେ ମିଶନ ମୋରିଟ୍ ଫେଲ ହୋଇଥିବା ଚର୍ଚ୍ଚା ହୋଇଥିଲା ବେଳେ ଯାହାର ଉଦାହରଣ ପାଲଟିଛି ମାହାଙ୍ଗା ବ୍ଲକ। ଏହି ବ୍ଲକରେ ୫୧ଟି ଉଚ୍ଚ ବିଦ୍ୟାଳୟ ରହିଛି। ଚଳିତ ମାଟ୍ରିକ ପରୀକ୍ଷାରେ ଏ୧ରେ ୬ଜଣ, ଏ୨ରେ ୩୬ଜଣ, ବି୧ରେ ୨୦୦ଜଣ, ବି୨ରେ ୩୮୭ଜଣ, ସି ରେ ୫୬୪ଜଣ, ଡି ରେ ୫୫୩ଜଣ, ଇ ରେ ୨୩୭ଜଣ ପାସ୍ କରିଥିଲା ବେଳେ ୬୪ଜଣ ଫେଲ୍ ହୋଇଛନ୍ତି। ରାଜ୍ୟ ସରକାର ଉଚ୍ଚ ବିଦ୍ୟାଳୟ ଗୁଡିକୁ ରୁପାନ୍ତରିତ କରିବା ସହ ସରକାରୀ ବିଦ୍ୟାଳୟରେ କିଭଳି ପାଠ ପଢ଼ାଯିବ ସେଥିପ୍ରତି ଗୁରୁତ୍ୱ ଦେଇଥିଲେ। ତେବେ ଅନେକ ଉଚ୍ଚ ବିଦ୍ୟାଳୟରେ ଠିକ୍ ଭାବେ ପାଠପଢ଼ା ଯାଉ ନଥିବାରୁ ଅଭିଭାବକ ମହଲରେ ଅସନ୍ତୋଷ ବଢ଼ିବାରେ ଲାଗିଛି, ଏହାର ଉଦାହରଣ ପାଲଟିଛି ଚଳିତବର୍ଷ ମାଟ୍ରିକ ପରୀକ୍ଷାର ଫଳାଫଳ। ଏପରିକି ମିସନ୍ ମେରିଟ୍ ଦାୟିତ୍ୱରେ ଥିବା ଶିକ୍ଷକ କିଭଳି ଶିକ୍ଷାଦାନ କରୁଥିଲେ ସେ ନେଇ ଅଭିଯୋଗ ସାଧାରଣରେ ହେଉଛି। ମାହାଙ୍ଗା ବ୍ଲକରେ ଏ ୧ ରେ ମାତ୍ର ୬ଜଣ ଛାତ୍ରଛାତ୍ରୀ ପାଇଥିବାରୁ ଶିକ୍ଷାଦାନ ବ୍ୟବସ୍ଥା ଏହି ବ୍ଲକରେ ଭୁଷୁଡୁବାରେ ଲାଗିଛି ବୋଲି ବୁଦ୍ଧିଜୀବି ମହଲରେ ଚର୍ଚ୍ଚା ହେଉଛି।

# ସ୍ୱର୍ଗତ ଲକ୍ଷ୍ମୀକାନ୍ତଙ୍କ ଶ୍ରଦ୍ଧାଞ୍ଜଳି

ନିଶ୍ଚିନ୍ତକୋଇଲି (ସବ୍ୟୁ) :କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ବ୍ଲକ ସାନ୍ତପୁର ପଞ୍ଚାୟତ ବ୍ରାହ୍ମଣଖଣ୍ଡ ଗ୍ରାମର ସୁବୋଧ ଚନ୍ଦ୍ର ମହାନ୍ତିଙ୍କ ସାନପୁଅ ଲକ୍ଷ୍ମୀକାନ୍ତ ମହାନ୍ତି(କାବୁ) ଗତ ୭ତାରିଖରେ ମୁମ୍ବାଇଠାରେ ହୃଦ୍ଘାତରେ ମୃତ୍ୟୁବରଣ କରିଥିଲେ । କାବୁକୁ ଭଲ ପାଉଥିବା ତା'ର ସାଙ୍ଗ ସାଥୀ ଓ ଛୋଟବଡ ଭାଇମାନେ ମିଶି ସ୍ୱର୍ଗତ ଲକ୍ଷ୍ମୀକାନ୍ତଙ୍କ ଦ୍ୱାଦଶାହ ତିଥି ଅବସରରେ ସାନ୍ତପୁର ବକ୍ରେଶ୍ୱର ମହାଦେବ ମନ୍ଦିର ପରିସରରେ ସ୍ୱର୍ଗତ ଲକ୍ଷ୍ମୀକାନ୍ତଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ୧୦୮ ଦୀପ ଦାନ କରିବା ସହ ସ୍ୱର୍ଗତଙ୍କ ସ୍ମୃତି ଚାରଣ କରିଥିଲେ । ପ୍ରାରମ୍ଭରେ ସ୍ୱର୍ଗତ ଲକ୍ଷ୍ମୀକାନ୍ତଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ସ୍ୱର୍ଗତ ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ ।

# ନିଶୁଳ୍କ ଚକ୍ଷୁ ପରୀକ୍ଷଣ ଶିବିର

ମଙ୍ଗଳପୁର, (ସବ୍ୟୁ) : : ଦଶରଥପୁର ବ୍ଲକ ଦଶରଥପୁର ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖ ରାଧାମାଧବ ମଣ୍ଡପ ପରିସରରେ ଏକ ନିଶୁଳ୍କ ଚକ୍ଷୁ ପରୀକ୍ଷଣ ଶିବିର ଆୟୋଜିତ ହୋଇଯାଇଛି। ସକ୍ଷମ ଅନୁଷ୍ଠାନ ଆନୁକୂଲ୍ୟରେ ଆୟୋଜିତ ଏହି ଶିବିରକୁ ଯାଜପୁର ସାଂସଦ ଡ଼ଃ. ରବୀନ୍ଦ୍ର ନାରାୟଣ ବେହେରା ଅନୁଷ୍ଠାନିକ ଭାବେ ଉଦଘାଟନ କରିବା ସହିତ ଅନୁଷ୍ଠିତ ସ୍ୱତନ୍ତ୍ର ସଭାରେ ଭାଜପା କାର୍ଯ୍ୟକର୍ତାଙ୍କ ଜନସେବା ମୂଳକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା କାର୍ଯ୍ୟକର୍ତା ଓ ସମର୍ଥକଙ୍କୁ ପ୍ରଶଂସା କରିଥିଲେ । ବରିଷ୍ଠ ଭାଜପା କାର୍ଯ୍ୟକର୍ତା ନିରଞ୍ଜନ ସାହୁଙ୍କ ସଂଚାଳନରେ ଅନୁଷ୍ଠିତ ଏହି ସଭାରେ ବରିଷ୍ଠ ଭାଜପା ନେତା ଅମୀୟକାନ୍ତ ମଲ୍ଲିକ, ଜିଲ୍ଲା ବିଜେପି ଉପ ସଭାପତି ସଂଜୟ ନାୟକ, ରାଜ୍ୟ ଯୁବମୋର୍ଚ୍ଚା ଉପ ସଭାପତି ସଂଗ୍ରାମ ପାତ୍ର, ପୂର୍ବତନ ଯାଜପୁର ନଗର ସଭାପତି ତଥା ଯୁବ ବିଜେପି ନେତା ମୃତୁଞ୍ଜୟ ମିଶ୍ର ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ଶିବିରରେ ଚକ୍ଷୁ ବିଶେଷଜ୍ଞ ଡାକ୍ତର କର୍ଣ୍ଣାଟ କେଶରୀ ଜେନା, ଅବସରପ୍ରାପ୍ତ ସିଡିଏମଓ ତଥା ଭେଷଜ ବିଶେଷଜ୍ଞ ଦେବେନ୍ଦ୍ରନାଥ ବାରିକ,ଦନ୍ତ ଚିକିତ୍ସିକା ରାଜତକାନ୍ତ ଶତପଥୀ ପ୍ରମୁଖ ଉପସ୍ଥିତ ରହି ବ୍ଲକର ବିଭିନ୍ନ ଅଞ୍ଚଳରୁ ଆସିଥିବା ୫ ଶହରୁ ଅଧିକ ଶିବିରାର୍ଥୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ।ଚକ୍ଷୁ ଚିକିତ୍ସାଳୟ ଭୂମିକା ଅନୁଷ୍ଠାନର କର୍ମଚାରୀ ଚକ୍ଷୁ ପରୀକ୍ଷାରେ ଅଂଶଗ୍ରହଣ କରିଥିଲେ। ସକ୍ଷମ ଅନୁଷ୍ଠାନର ପୂର୍ବ ଓଡିଶା ସଭାପତି ବାସୁ ବାବୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବର ପରିଚାଳନାରେ ଯୁବ ବିଜେପି କାର୍ଯ୍ୟକର୍ତା ପ୍ରତ୍ୟୁଷ ନାୟକ,ରମାକାନ୍ତ ଜେନା, ଜୟରଞ୍ଜନ ସ୍ୱାଇଁ, ଆଶୁତୋଷ ସାହୁ, ସୁଜିତ ଧଳ,ସତ୍ୟରଞ୍ଜନ ନାୟକ, ରାଜେଶ ବିଶ୍ୱାଳ, ସଂଜୀବ ସାହୁ, ଅଜୟ ରାଉତ,ଅମିତ କୁମାର ମହାପାତ୍ର, ମନୋଜ ପରିଡା,ବିଜୟ ମଲ୍ଲିକ, ମହେଶ୍ୱର ସାହୁ,ଶରତ ସେଠୀ, ଦିନେଶ ସାମଲ,ଆଶୁତୋଷ ନାୟକ, ମାନସ ରାଉତ,ସତ୍ୟବ୍ରତ ବାଇ, ପ୍ରସନ କୁମାର ସାମଲ, ରାଜେଶ କୁମାର ଦାସଙ୍କ ସମେତ ବହୁ ଭାଜପା ଯୁବ ସଂଗଠକ ସକ୍ରିୟ ସହଯୋଗ କରିଥିଲେ।

# ଓଡାସିଂ ପଞ୍ଚାୟତରେ ବିଭିନ୍ନ ପ୍ରକଳ୍ପର ଶୁଭ ଉଦ୍‌ଘାଟନ




ସାଲେପୁର,(ସବ୍ୟୁ) : ରବିବାର ସାଲେପୁର ବ୍ଲକ ଓଡ଼ାସିଂ ପଂଚାୟତରେ ପ୍ରାୟ ପଚାଶ ଲକ୍ଷ ଟଙ୍କା ବ୍ୟୟରେ ର୍ନିମିତ ବିଭିନ୍ନ ପ୍ରକଳ୍ପ ଶୁଭ ଉଦଘାଟନ ବିଧାୟକ ପ୍ରଶାନ୍ତ ବେହେରାଙ୍କ କରକମଳରେ ଉଦଘାଟନ ହୋଇଯାଇଛି । ଅପରାହ୍ନ ରେ ଓଡ଼ାସିଂ ପଞ୍ଚାୟତ କଟିକଟା ଛକ ନିକଟରୁ ସ୍ଥାନୀୟ ସରପଞ୍ଚ ଜ୍ୟୋତିରେଖା ନାୟକଙ୍କ ନେତୃତ୍ୱରେ ଶତାଧିକ ପଞ୍ଚାୟତ ଜନସାଧାରଣ ଓ ମହିଳା ମାନେ ବାଜା, ବାଣ ଫୁଟାଇ ବିରାଟ ପାଟୁଆରରେ ବିଧାୟକ ଶ୍ରୀଯୁକ୍ତ ବେହେରାଙ୍କୁ ପାଛୋଟି ନେଇ କଟିକଟା ଗ୍ରାମରେ ର୍ନିମିତ ପଂଚାୟତ ମିଶନଶକ୍ତି ଗୃହର ଶୁଭ ଉଦଘାଟନ ହୋଇଥିଲା।ପରେ ଶୋଭାଯାତ୍ରାରେ ଯାଇ ବିଧାୟକ ଶ୍ରୀଯୁକ୍ତ ବେହେରା କଟିକଟା ବନଦୁର୍ଗା କମ୍ୟୁନିଷ୍ଟ ସେଣ୍ଟର, ତିଳଦା ତାନ୍ତୁବାୟ କେନ୍ଦ୍ର, ତିଳିଦା ଗାୟତ୍ରୀ କମ୍ୟୁନିଷ୍ଟ ସେଣ୍ଟର ଓ ଓଡାସିଂ ଠାରେ ପଂଚାୟତ କଲ୍ୟାଣ ମଣ୍ଡପର ଶୁଭ ଉଦଘାଟନ କରିଥିଲେ। ପରେ କଲ୍ୟାଣ ମଣ୍ଡପ ପରିସରରେ ସାଧାରଣ ସଭାରେ ଉଦବୋଧନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷ ରାମଚନ୍ଦ୍ର ଭୋଇ, ବ୍ଲକ ମିଶନଶକ୍ତି ସଭାନେତ୍ରୀ ତୃପ୍ତିରେଖା ପରିଡା, ଜିଲ୍ଲା ଯୁବ ବିଜେଡି ସାଧାରଣ ସମ୍ପାଦକ ବିରଞ୍ଚି ନାରାୟଣ କର, ଯୁବନେତା ବିଧୁଭୂଷଣ ସ୍ୱାଇଁ, ଓଡାସିଂ ସମିତିସଭ୍ୟା ମିନତୀ ମହାପାତ୍ର, ପ୍ରଦୀପ୍ତ ମିଶ୍ର,ପ୍ରକାଶଦୀପ ନାୟକ, ନିରୋଦ ପ୍ରଧାନ, ବିଜୟ ଦାସ, ଗଣେଷ ପଣ୍ଡା, ଏସ. କେ. ସ୍ୱିତି,ଦିଲ୍ଲୀପ ଶତପଥୀ, ଅବତାର ଅଲ୍ଲୀ ଓ ଦେବାଶିଷ ରାଉତରାୟ ପ୍ରମୁଖଙ୍କ ସମେତ ଶତାଧିକ ମହିଳା, ଯୁବକ ଓ ପଂଚାୟତ ଜନସାଧାରଣ ଉପସ୍ଥିତ ରହିଥିଲେ ।

# ଅଧିକାରୀଙ୍କ ଇଂରାଜୀ ପ୍ରୀତି : ସରକାରୀ ନିର୍ଦ୍ଦେଶକୁ ଅଣାଦେଖା

ମାହାଙ୍ଗା (ସବ୍ୟୁ) : ରାଜ୍ୟସରକାର ଓଡ଼ିଆ ଭାଷାକୁ ସରକାରୀ ଭାଷାର ମାନ୍ୟତା କରିବା ଏବଂ ଓଡ଼ିଆ ଭାଷାରେ ସମସ୍ତ କାର୍ଯ୍ୟାଳୟର ନାମ ଲେଖିବା ଉପରେ ଗୁରୁତ୍ୱଦେବା ସହିତ ସମସ୍ତ ସରକାରୀ ଚିଠିପତ୍ର ଓଡ଼ିଆ ଭାଷାରେ ଲେଖାଯିବା ପାଇଁ ନିର୍ଦ୍ଦେଶ ଦେଇଥିଲା ବେଳେ ସରକାରୀ କାର୍ଯ୍ୟାଳୟର ଅଧିକାରୀମାନେ ଇଂରାଜୀ ପ୍ରୀତିକୁ ଛାଡିପାରୁ ନଥିବା ସାଧାରଣରେ ଅଭିଯୋଗ ହେଉଛି। ଓଡ଼ିଆ ଅସ୍ମିତାର ନାରା ଦେଇ ବିଜେପି ସରକାର ଶାସନ କ୍ଷମତାକୁ ଆସିଥିଲା ବେଳେ ଅଧିକାରୀମାନଙ୍କର ଇଂରାଜୀ ପ୍ରୀତି କେଉଁ ଓଡ଼ିଆ ଅସ୍ମିତା ବୋଲି ସାଧାରଣରେ ପ୍ରଶ୍ନ ଉଠୁଛି। ମାନ୍ୟବର ମୁଖ୍ୟମନ୍ତ୍ରୀ ତୁରନ୍ତ ସମସ୍ତ ସରକାରୀ କାର୍ଯ୍ୟାଳୟ ମାନଙ୍କୁ ଓଡ଼ିଆ ଭାଷାରେ ଚିଠିପତ୍ର ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେବା ସହ ଯେଉଁ ଅଧିକାରୀମାନେ ସରକାରୀ ନିୟମକୁ ମାନୁ ନାହାନ୍ତି ସେମାନଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମାହାଙ୍ଗା ଅଂଚଳର ସ୍ତମ୍ଭକାର ବିବେକାନନ୍ଦ ଦାସ ଦାବୀ କରିଛନ୍ତି।

# ଗୋଚର ଜମିରେ ବନ୍ଧୁମହାନ୍ତିଙ୍କ ପ୍ରତିମୂର୍ତ୍ତି ସ୍ଥାପନାକୁ ବିରୋଧ

ଦଶରଥପୁର ,(ସବ୍ୟୁ) : ଦଶରଥପୁର ବ୍ଲକ ଦଉପୁର ଗ୍ରାମରେ ପ୍ରଭୁ ଜଗନ୍ନାଥଙ୍କ ପରମ ଭକ୍ତ ବନ୍ଧୁମହାନ୍ତିଙ୍କ ପ୍ରତିମୂର୍ତ୍ତି ସ୍ଥାପନାକୁ ନେଇ ବିବାଦ ଦେଖା ଦେଇଛି । ବନ୍ଧୁମହାନ୍ତି କ୍ରିୟାନୁଷ୍ଠାନ ପକ୍ଷରୁ ବନ୍ଧମହାନ୍ତିଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ସ୍ଥିରିକୃତ ସ୍ଥାନକୁ ନେଇ ବିବାଦ ସୃଷ୍ଟି ହୋଇଛି। ଦଉପୁର ଗ୍ରାମବାସୀ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ସ୍ଥିରିକୃତ ସ୍ଥାନକୁ ବିରୋଧ କରି ଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି, ସଂସ୍କୃତି ମନ୍ତ୍ରୀରାଜ୍ୟ ସଂସ୍କୃତି ନିର୍ଦ୍ଦେଶକଙ୍କ ନିକଟରେ ଲିଖିତ ଅଭିଯୋଗ କରିବା ସହିତ ଓଡିଶା ହାଇକୋର୍ଟରେ କ୍ରିୟାନୁଷ୍ଠାନ କମିଟି ବେଆଇନ ଭାବେ ପ୍ରଶାସନ ଦ୍ୱାରା ଚିହ୍ନଟ ସ୍ଥାନ ପରିବର୍ତ୍ତେ ଗ୍ରାମବାସୀଙ୍କ ବିବିଧ କାର୍ଯ୍ୟରେ ବ୍ୟବହୃତ ହେଉଥିବା ଗୋଚର ଜମିରେ ପ୍ରତିମୂର୍ତ୍ତି ସ୍ଥାପନ ନିଷ୍ପତିକୁ ବିରୋଧ କରି ପିଆଏଲ (ଜନ ସ୍ୱାର୍ଥ ମାମଲା)ଦାଏର କରିଥିବା ଜଣାଯାଇଛି। ଏ ସମ୍ପର୍କରେ ରବିବାର ଦିନ ଗ୍ରାମବାସୀଙ୍କ ପକ୍ଷରୁ ଏକ ପତ୍ରକାର ସମ୍ମିଳନୀରେ ସବିଶେଷ ତଥ୍ୟ ପ୍ରଦାନ କରାଯିବା ସହିତ ଆବଶ୍ୟକ ହେଲେ କ୍ରିୟାନୁଷ୍ଠାନ କମିଟିର ବେଆଇନ କାର୍ଯ୍ୟ ବିରୁଦ୍ଧରେ ଦୁର୍ବାର ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। କୁଆଖିଆ-କଁୟାଗୋଲା ୨୦ ନଂ ଜାତୀୟ ରାଜପଥ ଅନ୍ତର୍ଗତ ଝୁମ୍ପୁରୀ ବଜାର ସନ୍ନିକଟ ଦଶରଥପୁର ସଂସ୍କୃତି ଭବନଠାରେ ଅନୁଷ୍ଠିତ ପତ୍ରକାର ସମ୍ମିଳନୀରେ ଦଉପୁର ପଞ୍ଚାୟତ ବିଜେପି ସଭାପତି ଅଜୟ କୁମାର ରାଉତ, ସ୍ଥାନୀୟ ସମିତି ସଭ୍ୟା ସୁକାନ୍ତି ସାହୁ, ଯୁବ ବିଜେପି ନେତା, ସୁଶାନ୍ତ ସାହୁ, ରାଜକିଶୋର ନାୟକ ପ୍ରମୁଖ ନିଜ ବକ୍ତବ୍ୟରେ ଦଉପୁର ଠାରେ ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ ଜଗନ୍ନାଙ୍କ ପରମ ଭକ୍ତ ବନ୍ଧମହାନ୍ତିଙ୍କ ପ୍ରତିମୂର୍ତ୍ତି ସ୍ଥାପନା ନିଷ୍ପତିକୁ ସ୍ୱାଗତ କରାଯାଉଥିବା କୁହାଯାଇଥିଲେ ହେଁ ବନ୍ଧମହାନ୍ତି କ୍ରିୟାନୁଷ୍ଠାନ କମିଟି ଚଞ୍ଚକତା କରି ଦଶରଥପୁର ତହସିଲ ପ୍ରଶାସନ ଦ୍ୱାରା ଚିହ୍ନଟ ସ୍ଥାନ ପରିବର୍ତ୍ତେ ଦଉପୁର ମୌଜାରେ ଥିବା ଗୋଚର ଜମି (ଖାତା ନଂ ୧୪୩୨/ପ୍ଲଟ ନଂ ୩୧୬୮) ରେ ସ୍ଥାପନା କରିବା ପାଇଁ ବେଆଇନ ଉଦ୍ୟମ କରୁଥିବା ଅଭିଯୋଗ କରିଥିଲେ। କ୍ରିୟାନୁଷ୍ଠାନ କମିଟିର ମନମାନକୁ ନେଇ ଗ୍ରାମବାସୀ ଜିଲ୍ଲପାଳ ପି. ଅନ୍‌ଷୋ ରେଣ୍ଡୀଙ୍କ ସମେତ ରାଜ୍ୟ ସଂସ୍କୃତି ମନ୍ତ୍ରୀ, ସଂସ୍କୃତି ନିର୍ଦ୍ଦେଶକ ଙ୍କୁ ଲିଖିତ ଅଭିଯୋଗ କରାଯାଇଥିଲେ ହେଁ ଗତ ଅପ୍ରେଲ ୨୬ ତାରିଖରେ କ୍ରିୟାନୁଷ୍ଠାନ କମିଟି ରାଜନୈତିକ ଅଭିଶନ୍ଧି ପୂର୍ବକ ଗ୍ରାମବାସୀଙ୍କ ବିବିଧ କାର୍ଯ୍ୟରେ ବ୍ୟବହୃତ ହେଉଥିବା ଗୋଚର ଜମିରେ ପ୍ରତିମୂର୍ତ୍ତି ଠିଆ କରାଇଛି। ସେହିପରି ବନ୍ଧମହାନ୍ତିଙ୍କ ପ୍ରତିମୂର୍ତ୍ତି ସ୍ଥାପନାକୁ ଗ୍ରାମବାସୀ ବିରୋଧ କରୁନାହାନ୍ତିଛ କିନ୍ତୁ ଦଉପୁର ଏକ ବନ୍ୟା ପ୍ଳାବିତ ଅଞ୍ଚଳଛ ପ୍ରାୟତଃ ପ୍ରତିବର୍ଷ ଏଠାରେ ବର୍ଷା ଋତୁରେ ବନ୍ୟା ଆସିଥାଏଛ ବନ୍ୟା ସମୟରେ ଗ୍ରାମର ଅଧିକାଂଶ ପରିବାର ଏହି ସ୍ଥାନରେ ଆଶ୍ରୟ ନେଇଥାନ୍ତି। ଏହାବାଦ ଏହି ଗୋଚର ଜମି ଗ୍ରାମର ଗୋପାଳକଙ୍କ ବହୁ ଉପକାରରେ ବ୍ୟବହୃତ ହୋଇଥାଏ। । ଏପରିକି ଗ୍ରାମର ଏକାଧିକ ସାଂସ୍କୃତିକ କାର୍ଯ୍ୟକ୍ରମରେ ଏହି ଗୋଚର ଜମି ବ୍ୟବହୃତ ହୋଇଥାଏ। ଏଠାରେ ପ୍ରତିମୂର୍ତ୍ତି ସ୍ଥାପନା ଭଳି ସ୍ଥାୟୀ ପ୍ରକଳ୍ପ ହେଲେ ଗ୍ରାମବାସୀ ଏସବୁରୁ ସବୁଦିନ ପାଇଁ ବଞ୍ଚିତ ହେବେ ।ତେଣୁ କୌଣସି ପରିସ୍ଥିତିରେ ଗ୍ରାମବାସୀ ଉକ୍ତ ଗୋଚର ଜମିରେ ବନ୍ଧୁମହାନ୍ତିଙ୍କ ପ୍ରତିମୂର୍ତ୍ତି ସ୍ଥାପନା କାର୍ଯ୍ୟକୁ ପ୍ରଶୟ ଦେବେ ନାହିଁ। ଯଦି ପ୍ରଶାସନ ଗ୍ରାମବାସୀଙ୍କ ନିବେଦନକୁ ଅଣଦେଖା କରି ଏହି ଗୋଚର ଜମିରେ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଆଗଭର ହୁଏ ତେବେ ଗ୍ରାମବାସୀ ପ୍ରଶାସନର ବେଆଇନ କାର୍ଯ୍ୟ ବିରୁଦ୍ଧରେ ଦୁର୍ବାର ଆନ୍ଦୋଳନ କରିବାକୁ ପଛାଇବେ ନାହିଁ ବୋଲି କହିଥିଲେ। ଅନୁଷ୍ଠିତ ଏହି ପତ୍ରକାର ସମ୍ମିଳନରେ ଅନ୍ୟମାନଙ୍କ ମଧ୍ୟରେ ରକ୍ଷାକର ନାୟକ, ଦୁଃଶାସନ ଦାସ,ସାଗର ଦାସ, ପ୍ରଦୀପ ମଲ୍ଲିକ, ବାବାଜୀ ଦାସ,ଶ୍ରୀକାନ୍ତ ଯେନା, ଧରଣୀଧର ଯେନା, ସୁରେନ୍ଦ୍ର ମଲ୍ଲିକ, ଶାନ୍ତନୁ ଯେନା, ନୀଳମାଧବ ଦାସ,ହରେକୃଷ୍ଣ ସାହୁ, ଚୈତନ୍ୟ ସାହୁ, ମନୋଜ ନାୟଙ୍କ ସମେତ ବହୁ ସଂଖ୍ୟାରେ ଗ୍ରାମବାସୀ ଉପସ୍ଥିତ ଥିଲେ।ସୂଚନା ଥାଉକି ପ୍ରଭୁ ଜଗନ୍ନାଙ୍କ ପରଭକ୍ତ ବନ୍ଧମହାନ୍ତିଙ୍କ ଜନ୍ମସ୍ଥଳୀ ଦଶରଥପୁର ବ୍ଲକ ଦଉପୁର ଗ୍ରାମରେ ବନ୍ଧମହାନ୍ତିଙ୍କ ପ୍ରତିମୂର୍ତ୍ତି ସ୍ଥାପନା ପାଇଁ ରାଜ୍ୟ ସଂସ୍କୃତି ବିଭାଗ ୫୦ କୋଟିରୁ ଅଧିକ ଆର୍ଥିକ ଅନୁଦାନ ଯୋଗାଇ ଦେବାକୁ ସ୍ଥିର କରିଥିବା ବେଳେ ଏଠାରେ ବନ୍ଧମହାନ୍ତିଙ୍କ ବ୍ରୋଞ୍ଜ ପ୍ରତିମୂର୍ତ୍ତି, ପାନ୍ଥଶାଳା, ପାର୍କ, ଗ୍ରନ୍ଥାଗାର ଆଦି ର୍ନିମାଣ କରାଯିବା ନେଇ ପ୍ରସ୍ତାବ ରହିଛି।

# ପୁଲିସର ସଚେତନତା କାର୍ଯ୍ୟକ୍ରମ



ପାଣିକୋଇଲି, (ସବ୍ୟୁ) ପାଣିକୋଇଲି ଥାନା ପକ୍ଷରୁ ଶଂଖଚିଲା ମା ହିଂଗୁଳା ପାଲାମଣ୍ଡପ ଠାରେ ନୂତନ ଭାବେ ପ୍ରଣୀତ ଆଇନ(ଭାରତୀୟ ନ୍ୟାୟ ସଂହିତା), ନିଶା ନିବାରଣ ଓ ପୋକ୍ସୋ ଆକ୍ଟ ସର୍ମ୍ପକରେ ଏକ ସେଚତନତା ଶିବିର ଅନୁଷ୍ଠିତ ହୋଇଯାଇଚିଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପାଣିକୋଇଲି ଥାନାଧିକାରୀ ରଂଜିତ କୁମାର ମହାନ୍ତି ଯୋଗଦେଇ ନୂତନଭାବେ ପ୍ରଣୀତ ଆଇନ ସର୍ମ୍ପକରେ ଅବଗତ କରିଥିଲେ । ପୂର୍ବରୁ ଥାନାରେ ଆଇନ ଅନୁଯାୟୀ ଯେ କୌଣସି ମାମଲାରେ ଅଭିଯୁକ୍ତକୁ ଗିରଫ କରାଯାଉଥିଲା । ପରେ ଅଦାଲତରେ ଏହାର ବିଚାର କରାଯାଇ ତାକୁ ଛଡାଯାଉଥିଲା । ଯାହା ଫଳରେ ସାଧାରଣ ଲୋକମାନେ ଏଥିରେ ଅସୁବିଧାର ସମ୍ମୁଖିନ ହେଉଥିଲେ । ଏବେ ପ୍ରଦତ ଦଫା ଗୁଡିକରେ ୭ ବର୍ଷରୁ କମ ଦଣ୍ଡାଦେଶ ହେଉଥିବା ମାମଲାରେ ଅଭିଯୁକ୍ତଙ୍କୁ ଗିରଫ କରନଯାଇ ତାଙ୍କୁ ଆଇନ ଅନୁଯାୟୀ ନୋଟିସ ଦିଆଯିବାର ବ୍ୟବସ୍ଥା କରାଯାଇଛି । ଆଜିକାଲି କିଶୋର ବୟସରେ ଛାତ୍ର/ ଛାତ୍ରୀମାନେ କୁସଂଗରେ ପଡି ଡ୍ରଗ୍ସ ନିଶା ସେବନ ସହିତ ବିପଥଗାମୀ ହୋଇଯାଉଛନ୍ତି । ଏହି ନିଶା ଏବେ ସହରାଂଚଳରୁ ଗ୍ରାମାଂଚଳକୁ ବ୍ୟାପିଲାଣି । ଏଥି ପ୍ରତି ସର୍ତକ ରହିବାର ଅବଶ୍ୟକତା ଦେଖାଦେଇଛି । ସେ ନେଇ ଆଲୋଚନା କରାଯାଇଥିଲା । ସାମାଜିକ କର୍ମୀ ଅକ୍ଷୟ କୁମାର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜିଲ୍ଲା ସାମ୍ବାଦିକ ସଂଘ ସଭାପତି ସୁବାସ ଧଳ, ଆଇନଜିବୀ ରମେଶ ଚନ୍ଦ୍ର ସାହୁ, କୋରେଇ ଉନ୍ନୟନ ପରିଷଦ ସଭାପତି ଶ୍ରୀଧର ସାହୁ, ଅବସରପ୍ରାପ୍ତ କର୍ମଚାରୀ ସଂଘ ସଭାପତି ବିନୋଦ ବିହାରୀ ସାହୁ, ବରିଷ୍ଠ ନାଗରିକ ମଂଚ ସଭାପତି ଚକ୍ରଧର ସାହୁ, ହିଂଗୁଳା କମିଟି ପକ୍ଷରୁ କୃଷ୍ଣ ଚନ୍ଦ୍ର ସାହୁ, ନାରୀନେତ୍ରୀ ଗାୟତ୍ରୀ ପୃଷ୍ଟି, ଉପେନ୍ଦ୍ର ସାହୁ ପ୍ରମୁଖ ଅତିଥିଭାବେ ଯୋଗଦେଇ ନିଜ ମତ ଉପସ୍ଥାପନା କରିଥିଲେ । ସାମ୍ବାଦିକ ବିରଂଚି ଖୁଂଟିଆଙ୍କ ସଂଚାଳନାରେ ନୂତନ ଆଇନ ସର୍ମ୍ପକରେ ଉପସ୍ଥିତ ଜନତା ଓ ଥାନାଧିକାରୀଙ୍କ ମଧ୍ୟରେ ମତ ବିନିମୟ କରାଯାଇଥିଲା । ଶେଷରେ ରଘୁନାଥ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଅଗ୍ନିକାଣ୍ଡ ଘଟାଇ ଅର୍ଦ୍ଧଦଗ୍ଧ ଅବସ୍ଥାରେ ଅଭିଯୁକ୍ତ ଗିରଫ

ଅସ୍ତରଙ୍ଗ,(ସବ୍ୟୁ) : ଅସ୍ତରଙ୍ଗ ବ୍ଲକ ଅଧୀନ ଆଳସାହି ପଞ୍ଚାୟତ ଓଳିହାଁ ଗ୍ରାମ ବାବା ଐଶାନେଶ୍ୱର ଶୈବ ପୀଠ ସାମ୍ନାରେ ଶୁକ୍ରବାର ଭୋର ସାଢ଼େ୩ଟାରେ ଦେଖିବାକୁ ମିଳିଥିଲାଏକ ଅଭାବନୀୟ କାଣ୍ଡ । ଓଳିହାଁ ଗ୍ରାମର କ୍ଷେତ୍ରବାସୀ



ବେହେରା ଙ୍କ ପୁଅ ପ୍ରଭାତ ବେହେରା(୩୮) ଦୀର୍ଘ ବର୍ଷ ହେବ ଏହି ଶିବ ମନ୍ଦିର ସାମ୍ନା ରେ ଏକ ପୂଜା ସାମଗ୍ରୀ ଓ ଭେରାଇଟି ଷ୍ଟୋର ଦୋକାନ କରି ରୋଜଗାରକ୍ଷମ ଥିଲେ। ମାତ୍ର ସେହି ସ୍ଥାନରେ ଦୁର୍ଯ୍ୟୋଧନ ମହାନ୍ତିଙ୍କ ପୁଅ କୃଷ୍ଣଚନ୍ଦ୍ର ମହାନ୍ତି (୩୦)ଆଉ ଏକ ଦୋକାନ ଖୋଲି ବ୍ୟବସାୟ କରୁଥିଲେ।ଏହି ୨ ଜଣଙ୍କ ଭିତରେ ଦୀର୍ଘ ବର୍ଷ ହେବ ବ୍ୟବସାୟିକ ଶତୃତା ଲାଗିରହିଥିଲା । ଗୁରୁବାର ଦିନ ବାବା ଐସାନେଶ୍ବରଙ୍କ ପୀଠରେ ନାମ ସଂକୀର୍ତ୍ତନ ଚାଲିଥିଲା । ରାତି ସାଢ଼େ ଗୋଟାଏରେ ସଂକୀର୍ତ୍ତନ ମଣ୍ଡଳି ବିଶ୍ରାମ ହେବା ପରେ ଭକ୍ତମାନେ ନିଜ ନିଜ ଘରକୁ ଯାଇଥିଲେ। ଭୋର ସାଢ଼େ ୩ଟାରେ ଏକ ବିସ୍ଫୋରଣ ଘଟିଥିଲା ।ଏହି ଶବ୍ଦ ଶୁଣି ଲୋକମାନେ ବାହାରକୁ ଦୌଡ଼ି ଆସି ଦେଖିଥିଲେ ଯେ,ପ୍ରଭାତଙ୍କ ଦୋକାନ ହୁତୁହୁତୁ ହୋଇ ଜଳୁଛି । ସ୍ଥାନୀୟ ଲୋକ ପାଣି ଆଣି ପକାଇ ନିଆଁକୁ ଆୟତ୍ତ କରିବାକୁ ପ୍ରୟାସ କରିଥିଲେ ।ମାତ୍ର ଅଗ୍ନିକାଣ୍ଡ ଏତେ ଭୟଙ୍କର ଥିଲା ଯେ ଶେଷରେଅସ୍ତରଙ୍ଗ ଦମକଳ ବାହିନୀ ପହଞ୍ଚି ନିଆଁ ଲିଭାଇ ଥିଲେ। ସେତେବେଳକୁ ଦୋକାନରେ ଥିବା ହାରାହାରି ୫ ଲକ୍ଷ ଟଙ୍କା ର ସାମଗ୍ରୀ ପୋଡି ପାଉଁଶ ହୋଇଯାଇଥିଲା । ପରିଶେଷରେ ପ୍ରଭାତ କୁମାର ବେହେରା ଙ୍କ ତରଫରୁ ଅସ୍ତରଙ୍ଗ ଥାନା ରେ ଏକ ଲିଖିତ ଅଭିଯୋଗ ହୋଇଥିଲା। ଅଭିଯୋଗ ପରେ ଅସ୍ତରଙ୍ଗ ଓ କାକଟପୁର ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ । ଦୀର୍ଘ ସମୟ ପରେ ଅଭିଯୁକ୍ତ କୃଷ୍ଣଚନ୍ଦ୍ର ମହାନ୍ତି ଅର୍ଦ୍ଧଦଗ୍ଧ ଅବସ୍ଥାରେ ଗ୍ରାମବାସୀ ମାଧ୍ୟମରେ ଉଦ୍ଧାର ହୋଇଥିଲା ଓ ସ୍ଥାନୀୟ ପୋଲିସ ଅଭିଯୁକ୍ତକୁ ଗିରଫ କରି ପ୍ରଥମେ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରାଥମିକ ଚିକିତ୍ସା କରାଇଥିଲେ ଓ ଅସ୍ତରଙ୍ଗ

ଅତିରିକ୍ତ ତହସିଲଦାର ପ୍ରଭୁ ପ୍ରସାଦ ପଣ୍ଡାଙ୍କ ଉପସ୍ଥିତିରେ ଅଭିଯୁକ୍ତର ବୟାନ ରେକର୍ଡ ପୋଲିସ ତରଫରୁ କରାଯାଇଥିଲା । ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ତାଙ୍କୁ ୨ ଜଣ ପୋଲିସ କର୍ମୀଙ୍କ ସହାୟତାରେ ଆମ୍ବୁଲାନ୍ସ ଦ୍ୱାରା ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ ସ୍ଥାନାନ୍ତର କରାଯାଇଛି। ଏ ଘଟଣା ରେ ୯୫/୨୫ ରେ କେଶ ପଞ୍ଜିକରଣ କରାଯାଇ ତଦନ୍ତ ଚାଲୁରହିଛି। ଗିରଫ ଯୁବକ ସମ୍ପୂର୍ଣ୍ଣ ସୁସ୍ଥ ହେବା ପରେ କୋର୍ଟ ଚାଲାଣ ହେବେ ବୋଲି ତଦନ୍ତକାରି ପୋଲିସ ଅଧିକାରୀ ଗଣମାଧ୍ୟମ କୁ ସୂଚନା ପ୍ରଦାନ କରିଛନ୍ତି।

# ଗେଣ୍ଡୁ ଫୁଲର ଅଭାବି ବିକ୍ରି

## ଚାଷୀଙ୍କୁ ମିଳୁନି ଉଚିତ ମୂଲ୍ୟ

କଣାସ,(ସବ୍ୟୁ): ପୁରୀ ଜିଲ୍ଲା କଣାସ ବ୍ଲକ୍ ଅଞ୍ଚଳରେ ଗେଣ୍ଡୁଫୁଲର ଅଭାବି ବିକ୍ରି ଦେଖାଦେଇଛି। ଗେଣ୍ଡୁଫୁଲ ଚାଷୀଙ୍କୁ ଉଚିତ ମୂଲ୍ୟ ମିଳୁ ନଥିବାରୁ ଏହି ଚାଷ ପ୍ରତି ଲୋକେ ମୁହଁ ମୋଡୁଥିବା ଜଣାଯାଇଛି। କଣାସ ବ୍ଲକବଡାସ ପଞ୍ଚାୟତ କଖାରୁବସ୍ଥ ଗ୍ରାମରେ କେତକ ପରିବାର ଓ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେ ଗେଣ୍ଡୁ ଫୁଲ ଚାଷ କରି ପରିବାର ପ୍ରତିପୋଷଣ କରନ୍ତି।ଚଳିତ ବର୍ଷ ଗେଣ୍ଡୁ ଫୁଲ ଚାଷକରି ଅନେକ ପରିମାଣରେ କ୍ଷତି ସହିଥିବା ଚାଷୀ ଟିକନ ସାମନ୍ତରାୟ କହିଛନ୍ତି। ବ୍ରହ୍ମଗିରି ଓ ବାହାର ଅଂଚଳରୁ ଚାଷୀମାନେ ଗେଣ୍ଡୁ ଫୁଲ ଚାରା ଆଣି ଏକର ଏକର ଜମିରେ ଫୁଲ ଚାଷ କରିଥିଲେ ହେଲେ ଚଳିତ ବର୍ଷ ଗେଣ୍ଡୁଫୁଲର ଅଭାବୀ ବିକ୍ରି ଯୋଗୁ ପୂର୍ବ ଭଳି ଆଉ ଭଲ ରୋଜଗାର ହେଉ ନଥିବା ସ୍ୱୟ ସହାୟକ ଗୋଷ୍ଠୀର ମହିଳାମାନେ କହିଛନ୍ତି ।ମୁଖ୍ୟତଃ ଗତ ବର୍ଷ



ଗେଣ୍ଡୁ ଫୁଲ କେଜି ପ୍ରତି ୬୦ ଟଙ୍କାରୁ ଉର୍ଦ୍ଧ୍ୱ ଦରରେ ବିକ୍ରି ହୋଇଥିବା ବେଳେ ଏବେ ଏହା ୩୦ ଟଙ୍କାରେ ବିକ୍ରି ହେଉଥିବା ଜଣାପଡିଛି । କଣାସ ଅଞ୍ଚଳ ତଥା ଆଖପାଖରେ ମାର୍କେଟିଂର କୌଣସି ସୁବିଧା ନଥିବାରୁ ଚାଷୀମାନେ ଗେଣ୍ଡୁଫୁଲକୁ ନେଇ ପୁରୀ ,ଖୋର୍ଦ୍ଧା ଓ ଭୁବନେଶ୍ୱରରେ କମ୍ ଦରରେ ବିକ୍ରୀ କରିବାକୁ ବାଧ ହେଉଛି ।ଯାହା ଫଳରେ ଚାଷୀମାନଙ୍କର ପାରିଶ୍ରମିକ ମିଳୁନଥିବା ଅଭିଯୋଗ କରିଛନ୍ତି ।ସରକାର ଏଥି ପ୍ରତି ଦୃଷ୍ଟି ଦେବା ପାଇଁ ଚାଷୀମାନେ ଦାବୀ କରିଛନ୍ତି ।

# ଟାଙ୍ଗୀ ଚାନ୍ଦପୁର ପୂର୍ତ୍ତବିଭାଗ ରାସ୍ତା ପାର୍ଶ୍ୱରେ ବୃକ୍ଷ ରୋପଣ ପ୍ରକ୍ରିୟା ବିଳମ୍ବିତ

ଟାଙ୍ଗୀ,(ସବ୍ୟୁ) :ଟାଙ୍ଗୀ, ଚାନ୍ଦପୁର ପୂର୍ତ୍ତ ବିଭାଗ ରାସ୍ତାକୁ ପ୍ରଶସ୍ତିକରଣ କାର୍ଯ୍ୟ ଚାଲିଛି। ଏହି ରାସ୍ତାର ଉଭୟ ପାର୍ଶ୍ୱରେ ବହୁ ପୁରାତନ ଫଳନ୍ତି ଓ ଛାୟା ପ୍ରଦାନ କାରୀ ବୃକ୍ଷ ରହି ପରିବେଶକୁ ସନ୍ତୁଳିତ କରିଆସୁଥିଲା। ରାସ୍ତା ନିର୍ମାଣ ର ଆବଶ୍ୟକତାକୁ ଉପଲବ୍ଧି କରି ୭୨୨ଟି ବୃକ୍ଷକଟାଯାଇଛି।ପୁଣି ଏହାକୁ ଭରଣା କରିବା ନିମିତ୍ତ ୧୪୪୪ ଟି ନୂତନ ବୃକ୍ଷ ରୋପଣ କରାଯିବାର ପ୍ରସ୍ତାବ ସରକାରଙ୍କର ରହିଛି। ପୁରାତନ ବୃକ୍ଷ କଟିବା ଓ ନୂତନ ବୃକ୍ଷ ରୋପଣ କରିବା କାର୍ଯ୍ୟ ରାଜ୍ୟ ବନ ଉର୍ଣ୍ଣୟନ ନିଗମକୁ ଦିଆଯାଇ ଆବଶ୍ୟକ ଅର୍ଥ ମଧ୍ୟ ପଇଠ କରାଯାଇଛି।ବୃକ୍ଷ କାଟିବା ପାଇଁ ୭୪ ଲକ୍ଷ ୯୮ ହଜାର୩୪୪ ଟଙ୍କା ଓ ରୋପଣ ପାଇଁ ୫୬ ଲକ୍ଷ ୬୮ ହଜାର ୧୧୮ ଟଙ୍କା ଆଗତୁରା ନିଗମକୁ ପ୍ରଦାନ କରାଯାଇଛି ।ଇତି ମଧ୍ୟରେ ଗଛକଟା କାର୍ଯ୍ୟ ସରିଛିଛ ରାସ୍ତା ନିର୍ମାଣ ଧୀର ମନ୍ଥର ଗତିରେ ଚାଲିଛିପ୍ରାୟତଃ ଜୁନ ମାସ ଦ୍ୱିତୀୟ ସପ୍ତାହ ବେଳକୁ ଓଡ଼ିଶାରେ ମୌସୁମୀ ବର୍ଷା ପ୍ରବେଶ କରିବାର ସମ୍ଭାବନା ରହିଛିଛ ଏହି ସମୟରୁ ବୃକ୍ଷ ରୋପଣର ଆନୁସଙ୍ଗିକ ପ୍ରସ୍ତୁତି ଆରମ୍ଭ ହେବା କଥା ।ରାସ୍ତାର ଉଭୟ ପାର୍ଶ୍ୱରେ ଗଛ ଲଗାଇବା ପାଇଁ ଆବଶ୍ୟକ ଜାଗା ନଥିବା ପରି ଲକ୍ଷ୍ୟ କରାଯାଉଛି। ଏହି ରାସ୍ତା ପାର୍ଶ୍ୱରେ ଲିମ୍ବ, ଜାମୁ. କେନ୍ଦୁ, ବେଲ, ପଣସ, ଦେଶୀ ଆମ୍ବ, କରଞ୍ଜ,ଅଶୋକ, ଅର୍ଜୁନ, ବର ଓ ଅଶ୍ୱତ୍ଥ ଇତ୍ୟାଦି ବୃକ୍ଷ ରୋପଣକୁ ଗୁରୁତ୍ୱ ଦେବାକୁ ଟାଙ୍ଗୀ ଚାନ୍ଦପୁର ଅଞ୍ଚଳରୁ ବୁଦ୍ଧିଜୀବୀ ଓ ପରିବେଶବିତ ମାନଙ୍କ ତରଫରୁ ଦାବୀ ହେଉଛି।ଜାତୀୟ ରାଜପଥ ପ୍ରାଧିକରଣ ଙ୍କ ତରଫରୁ ଜାତୀୟ ରାଜପଥ ପାର୍ଶ୍ୱରେ କନିଅର ଫୁଲ ଗଛ ଲଗାଇ ଶସ୍ତା ସୁନ୍ଦର ପରି ତାଙ୍କ କାମ ସାରି ଦେଇ ରାଧେ ରାଧେ ନ୍ୟାୟରେ ଅର୍ଥ ହରିଲୁଟ କରିନେଉଥିବା ବହୁ ନଜିର ରହିଛି। କିନ୍ତୁ ଟାଙ୍ଗୀ ଚାନ୍ଦପୁର ପୂର୍ତ୍ତବିଭାଗ ରାସ୍ତା ପାର୍ଶ୍ୱରେ ଏପରି କନିଅର ଚାରା ରୋପଣକୁ କୌଣସି ମତେ କରାଇ ଦିଆଯିବ ନାହିଁ। ଏଥିପାଇଁ ଟାଙ୍ଗୀ ଚାନ୍ଦପୁର ଅଂଚଳର ପରିବେଶ ସୁରକ୍ଷା ନିମିତ୍ତ ଟାଙ୍ଗୀ, ଚାନ୍ଦପୁର ଓ କାନ୍ଧନୟାଗଡ଼ ପଞ୍ଚାୟତର ଯୁବକ ମାନେ ପ୍ରସ୍ତୁତ ହୋଇ ଏହି ଚାରା ରୋପଣକୁ ନିୟନ୍ତ୍ରିତ କରିବାକୁ ଟାଙ୍ଗୀ ବ୍ଲକ ସାମ୍ବାଦିକ ସଙ୍ଘ ତରଫରୁ ଏକ ପ୍ରେସ ବିବୃତି ମାଧ୍ୟମରେ ସଭାପତି ପଦ୍ମନାଭ ବିଶ୍ୱାଳ, ସମ୍ପାଦକ ମନୋଜ କୁମାର ପଟନାୟକ ଓ ସଂଯୋଜକ ରଜନୀ କାନ୍ତ ମିଶ୍ର,ଉପସଭାପତି ମନୋଜ କୁମାର ନାଇଡୁ,ଉପସଭାପତି ମାନସ କୁମାର ପଟ୍ଟନାୟକ,ଆଇନ ପରମର୍ଶଦାତା ସନ୍ଦିପନି ମିଶ୍ର ,କୋଷାଧ୍ୟକ୍ଷ ଦାମୋଦର ସାହୁ,ପ୍ରଶାନ୍ତ କୁମାର ବେହେରା, ପ୍ରମୁଖ ନିବେଦନ କରିଥିବା ଜଣାପଡିଛି।

# ୨ କୁଇଣ୍ଟାଲ ଚୋରା ଗଞ୍ଜେଇ ଜବତ : ୨ ଗିରଫ

ବାଲୁଗାଁ ,(ସବ୍ୟୁ) : ରବିବାର ଖୋର୍ଦ୍ଧା ଜିଲ୍ଲା ନାରୁଣୀ ନିକଟ ୧୬ ନମ୍ବର ଜାତୀୟ ରାଜପଥ ସୁନାଖଳା ନିକଟରୁ ୨ କୁଇଣ୍ଟାଲ ଚୋରା ଗଞ୍ଜେଇ ଜବତ କରିବା ସହିତ ଦୁଇ ଜଣଙ୍କୁ ବାଲୁଗାଁ ଅବକାରୀ ବିଭାଗ ଗିରଫ କରିଛି। ବୌଦ୍ଧରୁ ବ୍ରହ୍ମପୁର ଦେଇ ଭୁବନେଶ୍ୱର ଯାଉଥିବା ସମୟରେ ବିଶେଷ ସୂତ୍ରରୁ ବାଲୁଗାଁ ଅବକାରୀ ବିଭାଗ ଖବର ପାଇ ସୁନାଖଳା ଠାରେ ଜଗି ରହିଥିଲା ।କିନ୍ତୁ ଫିଲ୍ମି ଷ୍ଟାଇଲରେ ନିଶା ବେପାରୀମାନେ ଆଗରେ ଗୋଟେ କାର ମଝିରେ ପିକ ଅପ ଭ୍ୟାନ ଓ ପଛରେ ଆଉ ଏକ କାର ରେ ଗଂଜେଇ ଭରି କରି ଯାଉଥିଲେ। ଅବକାରୀ ବିଭାଗ ଦ୍ୱାରା ପିକ ଅପ ଭ୍ୟାନକୁ ଅଟକାଇବାର ଦେଖି ଆଗରେ ଯାଉଥିବା କାର ଚାଳକ ନିଜ ଗାଡିରେ ଥିବା ପଚିଶ କେଜି ଗଂଜେଇ ରାସ୍ତାରେ ଫୋପାଡ଼ି ଦ୍ରୁତ



ଗତିରେ ଚାଲିଯାଇଥିଲା। ଠିକ ସେଇଭଳି ପଛ କାର ରେ ଥିବା ଆଉ ପଚିଶ କେଜି ଗଂଜେଇ କାର ଚାଳକ ଫୋପାଡ଼ି ଦେଇ ପଛୁଆ ଚାଲିଯାଇ ଫେରାର ହୋଇଥିବା ବେଳେ ଅବକାରୀ ବିଭାଗ ପିକଅପ ଭ୍ୟାନକୁ ଅଟକାଇ ଜାଞ୍ଚ କରିବା ବେଳେ ଭ୍ୟାନରୁ ଦେଢ଼ କୁଇଣ୍ଟାଲ ଗଂଜେଇ ଧରାପଡ଼ି ଥିଲା। ଗଞ୍ଜେଇ ଚୋରା ଚାଲାଣ ଅଭିଯୋଗରେ ବିହାରର ଫିରୋଜ ଖାନ ଓ ବୌଦ୍ଧ ଭରତ ପୁରର ସୁଶାନ୍ତ ମେଣ୍ଡଲିକୁ ଗିରଫ କରାଯାଇଛି। ଫିରୋଜ ଖାନ କିଛି ବର୍ଷ ହେଲା କେଉଁଝର ଯୋଡ଼ା ଅଞ୍ଚଳରେ ଆଧାର କାର୍ଡ କରି ରହି ଆସୁଥିଲା ବୋଲି ବାଲୁଗାଁ ଅବକାରୀ ଅଧିକାରୀ ସୁଜିତ କୁମାର ମୁଦୁଲି କହିଛନ୍ତି । ଏ ସମ୍ପର୍କରେ ଖୋର୍ଦ୍ଧା ଅବକାରୀ ଜିଲ୍ଲା ଅଧିକ୍ଷିକା ସୁମତି ତ୍ରିପାଠୀ ପ୍ରେସ ମିଟ କରି ପ୍ରକାଶ କରିଛନ୍ତି ଏବଂ ଅବକାରୀ ବିଭାଗର ଏତେବଡ ସଫଳତା ପାଇଁ ସମସ୍ତ ଫୋର୍ସଙ୍କୁ ଧନ୍ୟବାଦ ଦେବା ସହ ପ୍ରଶଂସା କରିଛନ୍ତି ।

# ଫର୍ଣ୍ଣିଚର ୱାର୍କ୍ ସପରୁ ଚୋରି : ସିସିଟିଭିରେ ଚୋର ଫଟୋ

ବାଲିପାଟଣା ,(ସବ୍ୟୁ) :ଖୋର୍ଦ୍ଧା ଜିଲ୍ଲା ବାଲିପାଟଣା ଥାନା ଅନ୍ତର୍ଗତ ସରିପୂର୍ ଛକ ଠାରୁ ଚଣାହଟ୍ଟା ରାସ୍ତାରେ ଥିବା ଏକ ଫର୍ଣ୍ଣିଚର ୱାର୍କ ସପରୁ ଶନିବାର ବିଳମ୍ବିତ ରାତ୍ରରେ କେହି ଦୁର୍ବୃତ୍ତ ଦାମୀ କମ୍ପାନୀର ମେସିନ ଓ ଟଙ୍କା ଲୁଟିନେଇଛି। ରବିବାର ସକାଳୁ ଦୋକାନ ମିସ୍ତ୍ରୀ ଆସି ଦେଖିବା ପରେ ସଙ୍ଗେ ସଙ୍ଗେ ମାଲିକ ବିଷ୍ଣୁ ପ୍ରସାଦ ସ୍ୱାଇଁ ଙ୍କୁ ଜଣାଇଥିଲେ। ଦୋକାନ ମାଲିକ ଏ ବିଷୟରେ ବାଲିପାଟଣା ଥାନାରେ ଲିଖିତ ଅଭିଯୋଗ କରିବା ପରେ ଘଟଣା ସମ୍ପର୍କରେ ପୋଲିସ ତଦନ୍ତ ଜାରୀ ରଖିଛି। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ସରାଟ ଗ୍ରାମର ବିଷ୍ଣୁ ପ୍ରସାଦ ସ୍ୱାଇଁ ସରାଟ ଶାସନ ଗ୍ରାମର ସିତୁନା ମିଶ୍ରଙ୍କ ଘର ଭଡ଼ା ନେଇ ଫର୍ଣ୍ଣିଚର ୱାର୍କ୍ ସପ କରିଥିଲେ।୧୭ ତାରିଖ ରାତି ୧୦ ଟାରେ କାମ ସାରି ମିସ୍ତ୍ରୀ ନିଜ ଘରକୁ ଫେରି ଯାଇଥିଲେ।୧୮ ତାରିଖ ଦିନ ସକାଳୁ ଆସି ଦେଖନ୍ତି,ଘର ଗ୍ରିଲ ଓ କବାଟ ତାଲା କାଟି ଭିତରୁ ଦୁଇଟି ସାଇଣ୍ଡାର ମେସିନ , ଗୋଟିଏ ଡ୍ରିଲ ମେସିନ ଓ ୧୬ ହଜାର ଟଙ୍କା କେହି ଦୁର୍ବୃତ୍ତ ଚୋରୀ କରି ନେଇଛି।କିନ୍ତୁ ଚୋର ସବୁ ସି ସି ଟିଭି ଭାଙ୍ଗି ଦେଇଥିବା ବେଳେ ଗୋଟିଏ ଟିଭିରେ ତାର ଚୋରି ବେଳର ସମସ୍ତ ପ୍ରକାର ଦୃଶ୍ୟ କଏଦ ହୋଇ ଯାଇଛି। ଏଣୁ ତୁରନ୍ତ ଚୋର କୁ ଧରିବା ପାଇଁ ସାଧାରଣରେ ଦାବି ହୋଇଛି।

# ଚନ୍ଦନ ଯାତ୍ରା - ୨୦୨୫ ଉତ୍ସବ ଉଦଘାଟିତ

ସାକ୍ଷୀଗୋପାଳ ,(ସବ୍ୟୁ) : ସାକ୍ଷିଗୋପାଳ ଠାକୁରଙ୍କ ଚନ୍ଦନ ଯାତ୍ରା- ୨୦୨୫ ଉତ୍ସବ ନୃତ୍ୟ ଓ ସଙ୍ଗୀତରେ ଭରା ସାଂସ୍କୃତିକ କାର୍ଯ୍ୟକ୍ରମ ରବିବାରି ସନ୍ଧ୍ୟାରେ ଉଦଘାଟିତ ହୋଇଛି।ମୁଖ୍ୟ ଅତିଥି ସତ୍ୟବାଦୀ ତହସିଲଦାର ତଥା ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ପାଣିଗ୍ରାହୀ କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ। ସାକ୍ଷୀଗୋପାଳ ମନ୍ଦିର ଅଞ୍ଚଳର ପର୍ଯ୍ୟଟନ ଭିତିକ ବିକାଶ ସହିତ ଠାକୁରଙ୍କ ପର୍ବପର୍ବାଣୀ ଆକର୍ଷଣୀୟ କରିବାକୁ ସେ ସେବାୟତ ଓ ସ୍ଥାନୀୟ ଜନସାଧାରଣଙ୍କ ସହଯୋଗ କାମନା କରିଥିଲେ। ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ତହସିଲଦାର ଓମ୍ ପ୍ରକାଶ ପରିଡ଼ା, ସେବାୟତ ସଂଘ ସମ୍ପାଦକ ପ୍ରତାପ କୁମାର ମହାପାତ୍ର, ସଭାପତି ଅଶୋକ ଖୁଣ୍ଟିଆ, ସତ୍ୟବାଦୀ ସଙ୍ଗୀତ ମହାବିଦ୍ୟାଳୟ ସଭାପତି ଦୁର୍ଗା ପ୍ରସାଦ ମହାପାତ୍ର ଯୋଗ ଦେଇଥିଲେ। ସଙ୍ଗୀତ ମହାବିଦ୍ୟାଳୟ ସମ୍ପାଦକ ବଦ୍ରିନାରାୟଣ ଖୁଣ୍ଟିଆ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ସଂଯୋଜନା କରିଥିଲେ ଆଡଭୋକେଟ ଅଞ୍ଜନ କୁମାର ହୋତା। ସାକ୍ଷୀଗୋପାଳ ମନ୍ଦିର ପ୍ରଶାସନ ଓ ସେବାୟତ ସଂଘ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ରାଜ୍ୟ ଭାଷା ସାହିତ୍ୟ ସଂସ୍କୃତି ବିଭାଗ ସହାୟତା। କ୍ରମେ ସତ୍ୟବାଦୀ ସଙ୍ଗୀତ ମହାବିଦ୍ୟାଳୟ ର ଛାତ୍ରଛାତ୍ରୀ ଓ କଳାକାର ମାନେ ଓଡ଼ିଶୀ, ସମ୍ବଲପୁରୀ ନୃତ୍ୟ ଓ ଆଧ୍ୟାତ୍ମିକ ଭଜନ ପରିବେଷଣ କରିଥିଲେ।

## ବସ ଟିକେଟ କାଉଣ୍ଟର ଖୋଲିବା ଦାବି

ଖଣ୍ଡପଡା,(ସବ୍ୟୁ) :ଖଣ୍ଡପଡା ସହରର ଉମାଦେବୀ ଛକରେ ସ୍ଥାପନ କରାଯାଇଥିବା ନୂତନ ବସଷ୍ଟାଣ୍ଡ ପରିସରରେ ସରକାରୀ ବସ ସେବା ନିମନ୍ତେ ଏକ ଟିକେଟ କାଉଁଟର ଖୋଲିବା ପାଇଁ ସାଧାରଣରେ ଦାବି ହେଉଛି । ଉକ୍ତ ସ୍ଥାନରେ ଟିକେଟ କାଉଁଟରଟିଏ ଖୋଲାଗଲେ ଖଣ୍ଡପଡା ଅଂଚଳର ଜନସାଧାରଣ ଉପକୃତ ହୋଇପାରିବେ ବୋଲି ଜଣାପଡିଛି । ଏବେ ଖଣ୍ଡପଡା ସହର ଦେଇ ସୁଦୂର ରାଉରକେଲାରୁ ନୟାଗଡ, ନରସିଂହପୁରରୁ ଜୟପୁର, ବ୍ରହ୍ମପୁରରୁ ଗଣିଆ ମଧ୍ୟରେ ରାଜ୍ୟ ସଡକ ପରିବହନ ନିଗମର ଦୂରଗାମୀ ଯାତ୍ରୀବାହୀ ବସ ଗୁଡିକ ଯାତାୟତ କରୁଥିବା ବେଳେ ପ୍ରଭୁ ଶ୍ରୀ ନୀଳମାଧବଙ୍କ କ୍ଷେତ୍ର କଂଟିଲୋ ଦେଇ ମଧ୍ୟ ବିଭିନ୍ନ ସ୍ଥାନକୁ ସରକାରୀ ବସ ଗୁଡିକ ଯାତାୟତ କରୁଛି । ଖଣ୍ଡପଡା ବସ ଷ୍ଟାଣ୍ଡ ପରିସରରେ ଟିକେଟ କାଉଁଟରଟିଏ ଖୋଲାଗଲେ ଅଂଚଳବାସୀ ଉକ୍ତ ସ୍ଥାନରୁ ଟିକେଟ କ୍ରୟ କରି ସୁବିଧାରେ ଯାତାୟତ କରିପାରିବେ ।

## ନିଆରା ଢଙ୍ଗରେ ଜନ୍ମଦିନ ପାଳିଲେ ଡାକ୍ତର

ଗୋପ,(ସବ୍ୟୁ) : ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ର ସ୍ତ୍ରୀ ଓ ପ୍ରସୁତି ବିଭାଗ ଡାକ୍ତର ଶିବପ୍ରସାଦ ମଙ୍ଗରାଜ ରବିବାର ଏକ ନିଆରା ଢଙ୍ଗରେ ଜନ୍ମଦିନ ପାଳନ କରିଥିବା ବେଳେ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ବୃକ୍ଷ ରୋପଣ କରିବା ସହ ରୋଗି ମାନଙ୍କୁ ଫଳ ବଣ୍ଟନ କରିଥିଲେ। ପ୍ରକାଶ ଯେ ଡ଼ଃ ମଙ୍ଗରାଜ ଦୀର୍ଘ ବର୍ଷ ଧରି ସ୍ତ୍ରୀ ପ୍ରସୂତି ବିଭାଗ ଡାକ୍ତର ଭାବରେ ଗୋପ ରେ ରହିଥିବା ବେଳେ ଦୈନନ୍ଦିନ ଶହଶହ ରୋଗି ମାନଙ୍କ ସେବା କରିଥାଆନ୍ତି। ପ୍ରତିବର୍ଷ ପରି ରବିବାର ତାଙ୍କର ୬୨ ତମ ଜନ୍ମତିଥି ପଡିବା ଫଳରେ ମଧ୍ୟାହ୍ନରେ ବିଭିନ୍ନ ପ୍ରକାରର ଫଳମୂଳ ନେଇ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଚିକିତ୍ସାଧୀନ ରୋଗି ମାନଙ୍କୁ ଫଳ ବଣ୍ଟନ କରିବା ପରେ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ମଧ ବୃକ୍ଷ ରୋପଣ କରିଥିଲେ।ଏପରି ଏକ ନିଆରା ଢଙ୍ଗରେ ଜନ୍ମଦିନ ପାଳନ କୁ ନେଇ ଡ଼ଃ ମଙ୍ଗରାଜ ଙ୍କୁ ପଚାରିବା ରେ ଆଜିକାଲି ସମାଜରେ ଅନେକ ଗରିବ ଲୋକ ମାନେ ରହିଛନ୍ତି। ବୃକ୍ଷ ରୋପଣ, ଫଳ ବଣ୍ଟନ କରିବା ଯୋଗୁଁ ମତେ ଆତ୍ମସନ୍ତୋଷ ମିଳିଛି ବୋଲି କହିଥିଲେ। ଡ଼ଃ ମଙ୍ଗରାଜ ଙ୍କ ଜନ୍ମ ଦିବସ ଯୋଗୁଁ ସ୍ୱାସ୍ଥ୍ୟ କେନ୍ଦ୍ର ର ଡାକ୍ତର ଓ ସାଧାରଣ ଲୋକ ମାନେ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ।

# ରେଳ ଫାଟକ ଘାତକ ହମ୍ପସ ମରାମତି ଦାବି

ନିରାକାରପୁର,(ସବ୍ୟୁ): ପୁରୀକୁ ଦୈନନ୍ଦିନ ଲକ୍ଷାଧିକ ଭକ୍ତଙ୍କ ସମେତ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ତୀର୍ଥ ଯାତ୍ରୀ ମାନେ ପୁରୀ ନୂଆ ଜଗନ୍ନାଥ ସଡ଼କ ରେ ନିରାକାରପୁର ଦେଇ ପୁରୀ ଯାଉଛନ୍ତି। କିନ୍ତୁ ବଡ଼ ବିଡ଼ମ୍ବନାର ବିଷୟ ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ରେଳ ଫାଟକର ଉଭୟ ପାର୍ଶ୍ୱରେ ଯାତାୟାତ କରୁଥିବା ଯାନବାହାନର ଗତିକୁ ନିୟନ୍ତ୍ରଣ କରିବାକୁ ସିମେଣ୍ଟ କଂକ୍ରିଟରେ ଦୁଇଟି ବହୁ ବଡ଼ ବଡ଼ ହମ୍ପସ ନିର୍ମାଣ କରାଯାଇଛି। ଯାହାକି ବର୍ତମାନ ଅତିକ୍ରମ କରୁଥିବା ଯାନବାହାନ ପାଇଁ ଘାତକ ପାଲଟିଛି। ଏହି ହମ୍ପସ ଦୁଇଟି ଏତେ ବଡ଼ ଆକାରରେ ହୋଇଛି ଯେ ପ୍ରାୟ ଯେ କୌଣସି ଗାଡି ଅତିକ୍ରମ କଲାବେଳେ ଏହି ହମ୍ପସରେ ଘଷି ହୋଇ ଗାଡ଼ିର କ୍ଷତି ଘଟୁଛି।ଏହି ରେଳ ଫାଟକ ଟି ଅତ୍ୟଧିକ ଗହଳି ରହୁଥିବାରୁ ଗାଡିଗୁଡିକ ବଳାନ୍ସ କରି ଗାଡ଼ିକୁ ଘଷି ହେବାରୁ ବଞ୍ଚାଇବା ପାଇଁ ବାମରୁ ଡାହାଣକୁ କାଟି ନେବା ବେଳେ ଅନେକ ସମୟେ ଦୁର୍ଘଟଣା ମାନ ଘଟୁଛି। ଫଳରେ ଗାଡି ଚାଳକ ମାନଙ୍କ ମଧ୍ୟରେ କଥା କଟାକଟିରୁ ଆରମ୍ଭ ହୋଇ ହାତାହାତି ପର୍ଯ୍ୟନ୍ତ ଯାଉଛି। ପୁଣି ଏବେ ଏହି ହମ୍ପସ କୁ ଲାଗି ଉଭୟ ପାର୍ଶ୍ୱରେ ବଡବଡ ଗାତ ହୋଇଛି। ଯାହାକି କଷ୍ଟ କୁ ଦ୍ୱିଗୁଣିତ କରିଛି। ତେଣୁ ତୁରନ୍ତ ରେଳ ବିଭାଗ ଓ ରାଜ୍ୟ ସରକାରଙ୍କ ପିଡବ୍ଲୁଡି ବିଭାଗ ଦ୍ୱାରା ଉଭୟ ପାର୍ଶ୍ୱର ହମ୍ପସକୁ ସିମେଣ୍ଟ କଂକ୍ରିଟ ଲଗାଇ ସ୍ଲୋପିଂ କରିବା ସହ ହୋଇଥିବା ଗାତ ଗୁଡ଼ିକୁ ପୋତି ମରାମତି କଲେ ଯାତ୍ରୀ ମାନଙ୍କ ଯାତାୟାତ ସୁଗମ ହୋଇ ପାରିବ ବୋଲି ସହଯୋଗ ପରିବାର ତରଫରୁ ରୁ ଦାବି କରାଯାଇଛି।

# ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

ଟାଙ୍ଗୀ,(ସବ୍ୟୁ) :ଇ. ଲର୍ଣ୍ଣିଂ କମ୍ପ୍ୟୁଟର ଇନଷ୍ଟିଚ୍ୟୁଟ ଭୂଷଣ୍ଡପୁର ଏବଂ ଆମ ସେବା ପରିବାର ଟ୍ରଷ୍ଟ ଭୁବନେଶ୍ୱର ମିଳିତ ଆନୁକୁଲ୍ୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଭୂଷଣ୍ଡପୁର ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ୫୩ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ରେ ଆସି ରକ୍ତ ଦାନ କରି ଥିବାରୁ ସମସ୍ତ ରକ୍ତଦାତାଙ୍କୁ ସ୍ୱାଗତ ଶୁଭେଚ୍ଛା ପ୍ରଦାନ କରାଯାଇଥିଲା। ଏହି ଶିବିର ରେ ଭୂଷଣ୍ଡପୁର ଅଞ୍ଚଳର ଶିକ୍ଷାବିତ୍ ଓ ସମାଜସେବୀ ଅଶୋକ କୁମାର ପାତ୍ର,କୁମର ପ୍ରଧାନ,ପ୍ରଭାକର ରାଉତରାୟ,ପ୍ରତାପ ପାତ୍ର,ଶିବ ପ୍ରସାଦ ପରିଡା,ଭୂଷଣ୍ଡପୁର ସରପଞ୍ଚ ସୌରଭ ଦାସ ମହାପାତ୍ର ,ପୂର୍ବତନ ସରପଞ୍ଚ ଗୋପାଳ ଚନ୍ଦ୍ର ଜେନା,ସ୍ୱାସ୍ଥ୍ୟ ବିଭାଗର ଶକ୍ତିନାଥ ତରେଇ ପ୍ରମୁଖ ଯୋଗଦାନ କରି ସ୍ୱେଚ୍ଛାକୃତ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଆମ ପରିବାର ସେବା ଟ୍ରଷ୍ଟ ର ସଦସ୍ୟ ଧରଣୀଧର ଆଚାର୍ଯ୍ୟ, ପ୍ରଭାତ କୁମାର ସାହୁ, ଗୌରୀ ଶଙ୍କର ସାହୁ, ବାସନ୍ତୀ ପୃଷ୍ଟି ଓ ଜୟନ୍ତି ଜେନା ଶିବିର ପରିଚାଳନାରେ ସହଯୋଗ କରିଥିଲେଛ ଇ. ଲର୍ଣ୍ଣିଂ କମ୍ପ୍ୟୁଟର ଇନଷ୍ଟିଚ୍ୟୁଟର ଜୟକୃଷ୍ଣ ପ୍ରଧାନ,ତୋଫାନ ପ୍ରଧାନ ,ପର୍ଶୁରାମ ପ୍ରଧାନ,କାଜଲ ପରିଡା, ସମସ୍ତ ଛାତ୍ର ଓ ଛାତ୍ରୀ ପରିଚାଳନା ରେ ସହଯୋଗ କରିଥିଲେ।

## କୋଠଘର ନିର୍ମାଣ ବକେୟା ବିଲକୁ ନେଇ ଦାନା ବାନ୍ଧୁଛି ଆନ୍ଦୋଳନ

ଖଣ୍ଡପଡା,(ସବ୍ୟୁ) :ଖଣ୍ଡପଡା ବ୍ଲକ ଅଧିନ ଶିଖରପୁର ଗ୍ରାମ ଜେମାଦେଇପୁର ସାହିରେ ବ୍ଲକ ପ୍ରଶାସନର ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ନିର୍ମାଣ କରାଯାଇଥିବା ଏକ କୋଠଘର ବାବଦ ବକେୟା ବିଲ ୩.୫ ଲକ୍ଷ ଟଙ୍କା ମିଳୁନଥିବାରୁ ସ୍ଥାନୀୟ ଅଂଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ରାଜନୈତିକ ଚାପରେ ବ୍ଲକ ପ୍ରଶାସନ ଉକ୍ତ କୋଠଘର ନିର୍ମାଣ ବାବଦ ବିଲ ପୈଠ କରୁନଥିବା ଅଭିଯୋଗ ହେଉଛି । ଫଳରେ ଉକ୍ତ ଘଟଣାକୁ ନେଇ ଆନ୍ଦୋଳନ ଦାନା ବାନ୍ଧୁଥିବା ଜଣାପଡିଛି । ସ୍ଥାନୀୟ ବାସିନ୍ଦାଙ୍କ ସୁତ୍ରରୁ ମିଳିଥିବା ସୂଚନା ମୁତାବକ ତତ୍କାଳୀନ ବିଧାୟକ ସୌମ୍ୟରଂଜନ ପଟ୍ଟନାୟକଙ୍କ ହାତ ପାଣ୍ଠିରୁ ୩.୫ ଲକ୍ଷ ଟଙ୍କା ଉକ୍ତ କୋଠଘର ନିର୍ମାଣ ପାଇଁ ମଂଜୁର ହୋଇଥିଲା । ସ୍ଥାନୀୟ ବାସିନ୍ଦାଙ୍କ ଦ୍ୱାରା କୋଠଘର ନିର୍ମାଣ କାର୍ଯ୍ୟ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ ହୋଇଥିବା ଜଣାଯାଇଛି । ମାତ୍ର ରାଜନୈତିକ ଚାପରେ ବ୍ଲକ ପ୍ରଶାସନ ଉକ୍ତ କାର୍ଯ୍ୟ ବାବଦ ଅନୁଦାନ ଅର୍ଥକୁ ଅନ୍ୟ ପ୍ରକଳ୍ପକୁ ସ୍ଥାନାନ୍ତର କରି ଦେଇଥିବାରୁ କୋଠଘର ନିର୍ମାଣ ବାବଦ ବକେୟା ବିଲ ପୈଠରେ ଅସୁବିଧା ସୃଷ୍ଟି ହେବା ସହ ଏ ନେଇ ଏବେ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଛି । ସମସ୍ୟାର ସମାଧାନ ଦିଗରେ ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଦୁର୍ଯ୍ୟୋଧନ ସ୍ୱାଇଁ ବ୍ଲକ ଉନ୍ନୟନ ଅଧିକାରୀ, ବ୍ଲକ ସହକାରୀଯନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ହେଁ କୌଣସି ସୁଫଳ ମିଳିନଥିବା ଜଣାପଡିଛି । ନୟାଗଡ ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେଇ ଘଟଣାରେ ହସ୍ତକ୍ଷେପ କରିବାକୁ ଦାବି ହେଉଛି । ନଚେତ ଆଗାମୀ ଦିନରେ କୋଠଘର ବାବଦ ବକେୟା ବିଲ ପୈଠ ଦାବିରେ ଜେମାଦେଇପୁର ସାହିବାସିନ୍ଦା ଆଇନର ଆଶ୍ରୟ ନେବା ସହ ବ୍ଲକ କାର୍ଯ୍ୟାଳୟ ପରିସରରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି ।

# ମେଧାବୀ ଛାତ୍ରୀଙ୍କୁ ଶ୍ୱେତପଦ୍ମା ସାହିତ୍ୟାନୁଷ୍ଠାନର ସମ୍ବର୍ଦ୍ଧନା

ବୋଲଗଡ଼,(ସବ୍ୟୁ) : ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ସଦର ମହକୁମାସ୍ଥିତ ଅଗ୍ରଣୀ ସାହିତ୍ୟାନୁଷ୍ଠାନ ଶ୍ୱେତପଦ୍ମା ସାହିତ୍ୟ, ମଣିଷ ହୋଇ ଲୋକଙ୍କ ସେବା କରିବା ପାଇଁ ଉପସ୍ଥିତ ସମସ୍ତ ଆତ୍ମୀୟ ଓ ଗୁରୁଜନ ମାନେ ମତ ପ୍ରକାଶ କରିବା



ସେବା ସଂସଦ ଆନୁକୂଲ୍ୟରେ ଚଳିତ ୨୦୨୫ ମସିହା ଆଦର୍ଶ ବିଦ୍ୟାଳୟରେ ଦଶମ ଶ୍ରେଣୀ ବାର୍ଷିକ ପରୀକ୍ଷାରେ ଖୋର୍ଦ୍ଧା , ବେଗୁନିଆ ଓ ବୋଲଗଡ ବ୍ଲକରେ ସର୍ବାଧିକ ୯୮ ପ୍ରତିଶତ ନମ୍ବର ରଖିଥିବା ସୁଲଂଗ୍ନା ପୂର୍ଣ୍ଣ୍ୟୋତୋୟାଙ୍କୁ ସମ୍ବର୍ଦ୍ଧନା କରାଯାଇଛି। ଅତିଥିମାନେ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ଉପଢ଼ୌକନ ଦେଇ ଅନୁଷ୍ଠାନ ତରଫରୁ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଆଗାମୀ ଜୀବନରେ ଭଲ ସହିତ ଆର୍ଶୀବାଦ ପ୍ରଦାନ କରିଥିଲେ ।ଏଥିରେ ଅନୁଷ୍ଠାନର ସଭାପତି ଭାଗୀରଥି ପରିଡ଼ା ,ସମ୍ପାଦିକା ସୁଶ୍ରୀ ପ୍ରତିମା ପ୍ରଧାନ, କୋଷାଧ୍ୟକ୍ଷ ସୋମନାଥ ସାହୁ,ରଶ୍ମି ଚାନ୍ଦ କର, ସୁଶ୍ରୀ ସସ୍ମିତାରାଣୀ ତ୍ରିପାଠୀ ,ଜିତେନ୍ଦ୍ର କୁମାର ଜେନା,ପ୍ରତାପ କୁମାର ସାହୁ, କୈଳାଶ ଚନ୍ଦ୍ର ସାହୁ,ବିଜୟ ମହାନ୍ତି, ରାମଚନ୍ଦ୍ର ସାହୁ,ଶୁଭମ ସାହୁ ,ସଦାଶିବ ମହାରଣା,,ବୁନା ମହାରଣା, ପ୍ରଦୀପ୍ତ କିଶୋର ତ୍ରିପାଠୀ ଯୋଗଦାନ କରିଥିଲେ।

## ରାଷ୍ଟ୍ରୀୟ ସ୍ୱୟଂସେବକ ସଙ୍ଘର ବୈଠକ

କାକଟପୁର (ସବ୍ୟୁ) :କାକଟପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପ୍ରାଙ୍ଗଣରେ ପୁରୀ ଜିଲ୍ଲା ର କାକଟପୁର ଓ ଗୋପ ଖଣ୍ଡ ର ପ୍ରାରମ୍ଭିକ ବର୍ଗ ବୈଠକ ତିନି ଦିନ ବ୍ୟାପି ଅନୁଷ୍ଠିତ ହୋଇଯାଇଛ। ଏଥିରେ (୫୦) ଉର୍ଦ୍ଧ ଶିକ୍ଷାର୍ଥୀ ଯୋଗ ଦେଇ ଶାରୀରିକ, ମାନସିକ ଓ ବୌଦ୍ଧିକ ସମ୍ବନ୍ଧିୟ ଶିକ୍ଷା ଗ୍ରହଣ କରିଥିଲେ ୫ ଅବସର ପ୍ରାପ୍ତ ଶିକ୍ଷକ ନଟବର ସ୍ୱାଇଁ ସମସ୍ତ କାର୍ଯ୍ୟ ତୁଲାଇ ଥିଲେ । କାକଟପୁର ଓ ଗୋପର ରାଷ୍ଟ୍ରୀୟ ସ୍ୱୟଂ ସେବକ ଭାଇ ମାନେ ଓ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିଚାଳନା କମିଟି ସଭ୍ୟମାନେ କାର୍ଯ୍ୟକ୍ରମ କୁ ସଫଳ କରିବା ପାଇଁ ପୂର୍ଣ୍ଣ ସହଯୋଗ କରିଥିଲେ ।

# ତ୍ରିରଙ୍ଗା ଯାତ୍ରା ଆଳରେ ରାଜନେତାଙ୍କ ଶକ୍ତି ପ୍ରଦର୍ଶନ

ନିମାପଡା,(ସବ୍ୟୁ): ପହଲଗାମ ଆତଙ୍କୀ ଆକ୍ରମଣ ଦେଶବାସୀଙ୍କୁ ସ୍ତବ୍ଧ କରିଦେଇଥିଲା । ଏହାର ଜବାବରେ ଭାତରୀୟ ସେନା ଅପରେସନ ସିନ୍ଦୁର ମାଧ୍ୟମରେ ପାକିସ୍ଥାନରେ ଲୁଚିଥିବା ଆତଙ୍କବାଦୀଙ୍କ ଉପରେ କଡା ପ୍ରହାର କରିଥିଲା । ଭାରତୀୟ ସେନାର ଏପରି କାର୍ଯ୍ୟକୁ ଦେଶବାସୀ ପ୍ରଶଂସା କରିଛନ୍ତି । ସେନାଙ୍କ ମନୋବଳକୁ ବଢାଇବା ଦେଶ ଓ ରାଜ୍ୟର ବିଭିନ୍ନ ସ୍ଥାନରେ ତ୍ରିରଙ୍ଗା ଯାତ୍ରା କରାଯାଉଛି । ନିମାପଡା ନିର୍ବାଚନ ମଣ୍ଡଳୀରେ ବିଭିନ୍ନ ରାଜନୈତିକ ଦଳ,ସାମ୍ବାଦିକ ସଂଘ ଓ ଅନୁଷ୍ଠାନ ପକ୍ଷରୁ ତ୍ରିରଙ୍ଗା ଯାତ୍ରା କରାଯାଉଥିବା ଦେଖିବାକୁ ମିଳିଛି । ନିମାପଡା ସହୀଦ ସ୍ମୃତି ସଂସଦ ପକ୍ଷରୁ ଆଜି ଅପରାହ୍ନରେ ନୂଆ ବସଷ୍ଟାଣ୍ଡ ଠାରୁ ତ୍ରିରଙ୍ଗା ଶୋଭାଯାତ୍ରା ବାହାରୀ ନିମାପଡା ବଜାର ପରିକ୍ରମା କରି ପୁରୁଣା ହାଇସ୍କୁଲ ସାମ୍ନାରେ ପହଂଚିଥିଲା । ଏହି ତ୍ରିରଙ୍ଗା ଶୋଭାଯାତ୍ରାକୁ ସହୀଦ ସ୍ମୃତି ସଂସଦର ସଭାପତି ତଥା ପୂର୍ବତନ ମନ୍ତ୍ରୀ ସମୀର ରଂଜନ ଦାଶ ଶୁଭାରମ୍ଭ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସଂସଦର ସଂପାଦକ ଡଃ. ବେଣୁଧର



ସେନାପତି,ସଦସ୍ୟ ରାମଚନ୍ଦ୍ର ସାହୁ,ଅଭିରାମ ମଲ୍ଲିକ,ଦୟାନିଧି ସାହୁ,ନିମାପଡା ଆଥଲେଟିକ ଆସୋସିଏସନର ସଂପାଦକ ଜୀବନାନନ୍ଦ ମହାପାତ୍ର,ବ୍ଲକ ଅଧ୍ୟକ୍ଷ ଶଙ୍କର ଭୋଇ,ଉପାଧ୍ୟକ୍ଷା ଅନୁସୂୟା ମହାନ୍ତି,ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ୍ତ ଖଟୋଇ,ଏନ୍ଏସି ଉପାଧ୍ୟକ୍ଷ ସନ୍ତୋଷ କୁମାର ଦାଶ,ସିପିଆଇ ନେତା କୃଷ୍ଣଚନ୍ଦ୍ର ରାଉତ,କୃଷକ ନେତା ଦେବେନ୍ଦ୍ର ସାହୁ,ପୂର୍ବତନ ନଗରପାଳ ସନାତନ ପ୍ରଧାନ,ଯୁବନେତା ଅଶୋକ ସାହୁ,ନାରୀନେତ୍ରୀ ମୋହିନୀ ଜେନା,କୁନି ସାହୁ,ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଅଜୟ ସ୍ୱାଇଁଙ୍କ ସମେତ ,ସ୍ୱେଚ୍ଛାସେବୀ ସଂଗଠନ ,ବରିଷ୍ଠ ନାଗରିକ,ସମାଜସେବୀ,ବିଶିଷ୍ଟ ବ୍ୟକ୍ତି,ବିଦ୍ୟାର୍ଥୀ,ଶିକ୍ଷାବିତ୍ ପ୍ରମୁଖ ଆୟୋଜିତ ତ୍ରିରଙ୍ଗା ଯାତ୍ରାରେ ସାମିଲ ହୋଇଥିଲେ । ଏହି ଶୋଭାଯାତ୍ରାରେ ୨୦୦ମିଟର ତ୍ରିରଙ୍ଗା ପତାକା ଦେଖିବାକୁ ମିଳିଥିଲା । ନିମାପଡା ନିର୍ବାଚନ ମଣ୍ଡଳୀରେ ବିଭିନ୍ନ ସଂଗଠନ ଦ୍ୱାରା ହେଉଥିବା ତ୍ରିରଙ୍ଗା ଶୋଭାଯାତ୍ରାରେ କେତେକ ରାଜନେତା ମାନେ ସାମିଲ ହେଉଥିବା ଏବଂ ନିଜ ନେତୃତ୍ୱରେ ତ୍ରିରଙ୍ଗା ଶୋଭାଯାତ୍ରା କରାଯାଉଥିବା ନେଇ ସୂଚନା ଦେଉଛନ୍ତି । ତେବେ ନିମାପଡାରେ ତ୍ରିରଙ୍ଗା ଶୋଭାଯାତ୍ରା ଆଳରେ ରାଜନେତା ମାନେ ନିଜ ନିଜର ଶକ୍ତି ପ୍ରଦର୍ଶନ କରୁଥିବା ନେଇ ଚର୍ଚ୍ଚା ହେଉଛି ।

(ଶ୍ରୀମଦ୍‌ଭଗବଦ୍ ଗୀତା ୧୫/୧୩)

–ପୁରୁଷୋତ୍ତମଯୋଗଃ–

(ଶ୍ରୀଭଗବାନୁବାଚ )

**ଗାମାବିଶ୍ୟ ଚ ଭୂତାନି ଧାରୟାମ୍ୟହମୋଜସା ।**
**ପୁଷ୍ଣାମି ଚୌଷଧୀଃ ସର୍ବାଃ ସୋମୋ ଭୂତ୍ୱା ରସାତ୍ମକଃ ।।୧୩।।**

ମୁଁ ନିଜ ମାୟାବଳ–ପ୍ରଭାବରେ ପୃଥିବୀରେ ପ୍ରବେଶ କରି ଚରାଚର ଭୂତଗଣଙ୍କୁ ଧାରଣ କରିଅଛି, ମୁଁ ରସମୟ ଚନ୍ଦ୍ରମୂର୍ତ୍ତି ଧାରଣ କରି ବ୍ରୀହି, ଯବ, ଗୋଧୂମାଦି ଓଷଧି ସମୁଦାୟକୁ ପରିପୁଷ୍ଟ କରେ ।।୧୩।।

# ଜଳବାୟୁ ପରିବର୍ତ୍ତନର ପ୍ରଭାବ

ବିଶ୍ୱରେ ଯୁଦ୍ଧ, ମହାମାରୀ ଯେପରି ଭୟାବହ, ଜଳବାୟୁ ପରିବର୍ତ୍ତନର ପ୍ରଭାବ ମଧ୍ୟ ସେପରି ଭୟାବହ ହେବାର ଆଶଙ୍କା ସୃଷ୍ଟି ହୋଇଛି । ଜଳବାୟୁ ପରିବର୍ତ୍ତନର ସଦ୍ୟତମ ରିପୋର୍ଟକୁ ଅନୁଧ୍ୟାନ କଲେ ଜଣାଯାଇଥାଏ ଯେ ବାତାବରଣ କ୍ଷେତ୍ରରେ କେତେଗୋଟି ମୁଖ୍ୟ ଗ୍ରୀନ ହାଉସ୍ ଗ୍ୟାସ ଯଥା: ଅଙ୍ଗାରକାମ୍ଳ, କାର୍ବୋନ ଡାଇଅକ୍ସାଇଡ୍, ମିଥେନ ଓ ନିଉଟ୍ରସ୍ ଅକ୍ସାଇଡ୍ ରେକର୍ଡ ସୃଷ୍ଟି କରିଛି ଏବେ । ଜଳବାୟୁର ଜଟିଳତା କାରଣରୁ ସର୍ବତ୍ର ଉତ୍ତାପ ପରିଲକ୍ଷିତ ହେଉଛି, ଗତ ବର୍ଷ ଜୁନ୍ (୨୦୨୪) ବିଶ୍ୱ ତାପାୟନରେ ରେକର୍ଡ ଭାଙ୍ଗିଥିଲା । ଏହି ବର୍ଷଟିକୁ ସର୍ବାପେକ୍ଷା ଉତ୍ତପ୍ତ ବର୍ଷ ବୋଲି ମଧ୍ୟ କୁହାଯାଉଥିଲା । ବିଗତ ୨୦୧୫–୧୬ରେ ମଧ୍ୟ ଅନୁରୂପ ଉତ୍ତପ୍ତ ଅନୁଭୂତ ହେଉଥିଲା ।

ଗତ ୨୦୧୫ରୁ ୨୦୨୨ ଲା–ନିନାର ଶୀତଳ ପ୍ରଭାବ ସତ୍ତ୍ୱେ ଅଷ୍ଟମ ସର୍ବାଧିକ ଉତ୍ତାପ ଅନୁଭୂତ ହୋଇଥିଲା ବୋଲି ଏହି ଅନୁଧ୍ୟାନରୁ ଜଣାଯାଇଛି । ଗ୍ଲାସିଅର୍ ବା ବରଫାବୃତ ନଦୀଗୁଡିକ ତରଳିବାରେ ଲାଗିଛି । ଏନ୍.ଓ.ଏ.ଏ (ନେସ୍‌ନଲ ଓସେନିକ୍ ଏଣ୍ଡ ଏଟ୍‌ମୋସଫିଅର)ର ୨୦୨୩ର ବାର୍ଷିକ ଜଳବାୟୁ ରିପୋର୍ଟ ଅନୁଯାୟୀ ଉଭୟ ଭୂମି ଓ ସମୁଦ୍ର ଜଳର ଉତ୍ତାପ ହାରାହାରି ହିସାବରେ ୦.୧୧ ଡିଗ୍ରୀ ଫାରେନହିଟ୍ ( ୦.୦୬ ସେଲ୍‌ସିଅସ୍) ବଢ଼ି ଚାଲିଛି ପ୍ରତି ଦଶନ୍ଧିରେ ୧୮୫୦ ମସିହାରୁ ପ୍ରାୟ ୨ ଡିଗ୍ରୀ ଫାରେନ୍‌ହିଟ ମଧ୍ୟ ବଢ଼ି ଚାଲିଛି । ୧୯୮୨ ମସିହାରେ ପ୍ରାୟ ତିନିଗୁଣ ଉତ୍ତାପ ବୃଦ୍ଧି ପାଇ ଆସୁଛି । ଜଳବାୟୁ ପରିବର୍ତ୍ତନର ସଦ୍ୟତମ ରିପୋର୍ଟ ଅନୁଯାୟୀ ୨୦୨୪ ବର୍ଷ ଠାରୁ ପ୍ରାକ୍ ଶିଳ୍ପାୟନ ସ୍ତରରେ ପ୍ରଥମ ବର୍ଷ ଭାବେ ୧.୫ ଡିଗ୍ରୀ ସେଲ୍‌ସିଅସ୍ ତାପମାତ୍ରା ବୃଦ୍ଧି ପାଇ ଚାଲିଛି ।

**ସମ୍ପାଦକୀୟ**

ଜାତିସଂଘର ଇଣ୍ଟର ଗଭରନମେଣ୍ଟାଲ ପାନେଲ ୨୦୨୧ ଅଗଷ୍ଟ ୯ ରେ ଯେଉଁ ଷଷ୍ଠ ରିପୋର୍ଟ ପ୍ରକାଶ କରିଥିଲେ, ତାହା ଅନେକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଥିଲା । ଏହି ରିପୋର୍ଟରେ ଉଲ୍ଲେଖ ରହିଥିଲା ଯେ ବିଶ୍ୱ ତାପମାତ୍ରା ୧.୫ରୁ ୨ ଡିଗ୍ରୀ ସେଲ୍‌ସିଅସ୍ ପର୍ଯ୍ୟନ୍ତ ବୃଦ୍ଧି ପାଇବ (ପ୍ରାକ୍–ଶିଳ୍ପାୟନ ବେଳଠାରୁ କୋଡିଏ ବର୍ଷ ମଧ୍ୟରେ) ଭାରତରେ ଏହି ଅତ୍ୟଧିକ ତାପମାତ୍ରା କାରଣରୁ ବନ୍ୟା, ବାତ୍ୟା ଓ ଗ୍ରୀଷ୍ମ ପ୍ରବାହ ଅନୁଭୂତ ହେବା ସହିତ ଭାରତୀୟ ଲୋକଙ୍କୁ କେତେକ ରୋଗରେ ପୀଡ଼ିତ ହେବାକୁ ପଡ଼ିବ । ବିକଶିତ ରାଷ୍ଟ୍ରମାନେ ଏହି ତାପାୟନ ପାଇଁ ଦାୟୀ, ତେଣୁ ଏହାର ପ୍ରତିକାର ସକାଶେ କାର୍ବନ ନିଷ୍କାସନ ପାଇଁ ସେମାନେ ପଦକ୍ଷେପ ନେବା ଉଚିତ । ଅବଶ୍ୟ ଚୀନ୍ ଓ ଯୁକ୍ତରାଷ୍ଟ୍ର ଆମେରିକା ତଳକୁ ଭାରତ ହିଁ ଏହି କାର୍ବନ ନିଷ୍କାସନ କ୍ଷେତ୍ରରେ ତୃତୀୟ ସ୍ଥାନରେ ରହିଛି । ତଥାପି ଏହି ଅତ୍ୟଧିକ ଗ୍ରୀଷ୍ମ ପ୍ରବାହ ଯୋଗୁଁ ଭାରତରେ ଫସଲ ପ୍ରଭୃତି ନଷ୍ଟ ହେବାର ଆଶଙ୍କା ରହିଛି । ସ୍ୱାସ୍ଥ୍ୟରକ୍ଷା ମଧ୍ୟ ବାଧାପ୍ରାପ୍ତ ହେବ । ସମଗ୍ର ବିଶ୍ୱରେ ଏହି ତାପାୟନର ପ୍ରଭାବ ପଡ଼ିବ ଓ ଗ୍ରୀଷ୍ମ ପ୍ରବାହ ମଧ୍ୟ ବ୍ୟାପିବାରେ ଲାଗିବ ।

ଏଥିରେ ମଧ୍ୟ ସୂଚନା ଦିଆଯାଇଛି ଯେ ଓଡ଼ିଶା ପଶ୍ଚିମବଙ୍ଗ ଠାରୁ ଏହି ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହର ଅଧିକ ଦୁର୍ଦ୍ଦଶା ଭୋଗ କରିବ । ୧୯୫୦ରୁ ୨୦୦୦ରେ ଭାରତର ମୌସୁମୀ ବର୍ଷା ଧାରା ହ୍ରାସ ପାଇ ଆସୁଥିଲା । ମାତ୍ର ବେଳେ ବେଳେ ଅତ୍ୟଧିକ ବୃଷ୍ଟିପାତ ଯୋଗୁଁ ଭାରତର ନଗରାଞ୍ଚଳରେ କୃତ୍ରିମ ବନ୍ୟା ସୃଷ୍ଟି ହୋଇ ଜନସାଧାରଣଙ୍କ ଘରଦ୍ୱାର ତ ଜଳମଗ୍ନ ହୋଇଥାଏ ତା ସହିତ ରାସ୍ତାଘାଟ ମଧ୍ୟ ବନ୍ଦ ହୁଏ । ଏହି ରିପୋର୍ଟ ଅନୁଯାୟୀ ଭାରତରେ ମରୁଡ଼ିଜନିତ ପରିସ୍ଥିତି ବୃଦ୍ଧି ପାଇବ କି ନାହିଁ ସେ ବିଷୟରେ ଏବେ ବିଶ୍ଲେଷଣ କରାଯାଉଛି ।

ଜଳବାୟୁ ପରିବର୍ତ୍ତନର ସଦ୍ୟତମ ରିପୋର୍ଟରୁ ଆହୁରି ଜଣାଯାଇଛି ଯେ ୨୦୨୫ରେ ଦ୍ୱିତୀୟ ସର୍ବାଧିକ ଉତ୍ତପ୍ତାବସ୍ଥା ପ୍ରଥମ ତିନି ମାସ ମଧ୍ୟରେ ଉପଲବ୍ଧ ହେବ । ଜଳବାୟୁ ପରିବର୍ତ୍ତନ ଏବେ ଚରମ ଅବସ୍ଥାରେ ଉପନୀତ ହୋଇଛି । ବିଦ୍ୟୁତ ଶକ୍ତିର ବହୁଳ ବ୍ୟବହାର ଓ କୋଇଲା ପ୍ରଭୃତି ଜାଳେଣିର ଜ୍ୱଳନ କାରଣରୁ ଯାହା ପୃଥିବୀ ପୃଷ୍ଠରୁ ନିଷ୍କାସିତ ହେଉଛି ତାହା ହିଁ ତାପାୟନ ଓ ଜଳବାୟୁ ପରିବର୍ତ୍ତନର ମୁଖ୍ୟ କାରଣ ବୋଲି ଏବେ ଅନୁମାନ କରାଯାଉଛି । ମାତ୍ର ଏ ସବୁ ପ୍ରତି ଆମେମାନେ ସତର୍କ ରହି ନ ପାରିଲେ ଭବିଷ୍ୟତ ଆମର ଅନୁଜ୍ଜ୍ୱଳ ବୋଲି ମନେହେବ ।

**ସଙ୍କଳ୍ପ**

**ମିଶୁ ମୋର ଦେହ ଏ ଦେଶ ମାଟିରେ,**
**ଦେଶବାସୀ ଚାଲିଯାଆନ୍ତୁ ପିଠିରେ ।**
**ଦେଶର ସ୍ୱରାଜ୍ୟ ପଥେ ଯେତେ ଗାଡ଼,**
**ପୂରୁ ତହିଁ ପଡ଼ି ,ମୋର ମାଂସ ହାଡ଼ ।**

**ଗୋପବନ୍ଧୁ ଦାସ**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ । (ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ସାମନ୍ତବାଦୀ ବ୍ୟବସ୍ଥାର ବିସର୍ଜନ କେବେ?



**ପ୍ରହଲାଦ କୁମାର ସିଂହ**

ଭାରତରେ ବ୍ରିଟିଶ ରାଜତ୍ୱ ବେଳେ ବଡଲାଟ୍ ଓ ରାଜ୍ୟପାଳମାନଙ୍କୁ 'ହିଜ୍ ଏକ୍ସେଲେନ୍ସି' ଏବଂ ବିଚାରପତିମାନଙ୍କୁ 'ମାଇଁ ଲର୍ଡ, ଇୟୋର ଲର୍ଡସିପ୍' ଆଦି ସମ୍ବୋଧନ କରାଯାଉଥିଲା। ପରାଧୀନତାର ଶୃଙ୍ଖଳ ଛିଣ୍ଡାଇ ଭାରତ ସ୍ୱାଧୀନ ହେବାର ୭୮ବର୍ଷରେ ବି ରାଷ୍ଟ୍ରପତି, ରାଜ୍ୟପାଳ ଓ ବିଚାରପତିମାନଙ୍କୁ ଏଭଳି ପୁରୁଣା ସମ୍ବୋଧନ କରାଯାଉଛି । ଏଥିଯୋଗେ ରାଷ୍ଟ୍ରପତି ଓ ରାଜ୍ୟପାଳ ଦାୟିତ୍ୱରେ ଥିବା ଅନେକ ଜନପ୍ରିୟ ନେତା ଏବଂ ସୁପ୍ରିମକୋର୍ଟ ଓ ହାଇକୋର୍ଟର ବହୁ ବିଚାରପତି ଅସନ୍ତୋଷ ବ୍ୟକ୍ତ କରିଆସୁଥିଲେ ବି ଔପନିବେଶିକ ଧାରାରୁ ମୁକୁଳି ନପାରି ଆଜିର ଦିନରେ ମଧ୍ୟ ଏଭଳି ସମ୍ବୋଧନ ବଳବତ୍ତର ରହିଛି। ଆମ ସମ୍ବିଧାନରେ କିନ୍ତୁ ଏଭଳି ସାମନ୍ତବାଦୀ ସମ୍ବୋଧନ ବ୍ୟବସ୍ଥା ନାହିଁ ।

ସୁପ୍ରିମ୍‌କୋର୍ଟ ବରିଷ୍ଠ ବିଚାରପତି ଏ. ଏସ୍. ବୋପାନ୍ନା ଓ ଅନ୍ୟତମ ବିଚାରପତି ପି. ଏସ୍. ନରସିଂହଙ୍କ ଖଣ୍ଡପୀଠରେ ଏକ ମାମଲାର ଶୁଣାଣି ଚାଲିଥିବାବେଳେ ଆଇନଜୀବୀଙ୍କ 'ମାଇଁଲର୍ଡ' ଓ 'ଇୟୋର୍ ଲର୍ଡସିପ୍' ଶବ୍ଦ ବ୍ୟବହାରକୁ ନେଇ ବିଚାରପତି ଅସନ୍ତୋଷ ବ୍ୟକ୍ତ କରିଥିଲେ। କେତେଥର ଆପଣ 'ମାଇଁ ଲର୍ଡ' ବ୍ୟବହାର କରିବେ ବୋଲି ଆଇନଜୀବୀଙ୍କୁ ପ୍ରଶ୍ନ କରିବା ସହ ବିଚାରପତି ଶ୍ରୀ ନରସିଂହ ଖୋଲା ଅଦାଲତରେ କହିଥିଲେ, 'ଆପଣ ଯଦି ଏହା କରିବା ବନ୍ଦ କରିବେ ତା' ହେଲେ ମୁଁ ମୋ ଦରମାର ଅଧା ଆପଣଙ୍କୁ ଦେଇଦେବି ।' ଏଭଳି ଶବ୍ଦ ପରିବର୍ତ୍ତେ ଆପଣ କାହିଁକି 'ସାର୍' ଶବ୍ଦ ବ୍ୟବହାର କରୁନାହାନ୍ତି ବୋଲି ବିଚାରପତି ପ୍ରଶ୍ନ କରିଥିଲେ। ଯଦି ଏହା ନକରିବେ ତେବେ କେତେଥର 'ମାଇଁ ଲର୍ଡ' ଶବ୍ଦ ଉଚ୍ଚାରଣ କରାଯାଉଛି ତାହା ସେ ଗଣିବେ ବୋଲି ମଧ୍ୟ କହିଥିବା ଗଣମାଧ୍ୟମରେ ପ୍ରକାଶ ପାଇଥିଲା ।

ଡି. ୱାଇ. ଚନ୍ଦ୍ରଚୂଡ ସୁପ୍ରିମ୍‌କୋର୍ଟର ପ୍ରଧାନ ବିଚାରପତି ଥିବାବେଳେ ଖୋଲା ଅଦାଲତରେ ବି ଏଭଳି ପ୍ରସଙ୍ଗ ଉଠାଇଥିଲେ । ଜଣେ ଆଇନଜୀବୀ ଶୁଣାଣିବେଳେ ବିଚାରପତିଙ୍କୁ 'ସାର୍' ବୋଲି ସମ୍ବୋଧନ କରିଥିଲେ । ପରେ ପରେ କିନ୍ତୁ ସେ 'ଇୟୋର ଲର୍ଡସିପ୍' ଭାବେ ସମ୍ବୋଧନ କଲେ । ଆଇନଜୀବୀ ଜଣକ ନିଜଆଡୁ ସ୍ପଷ୍ଟୀକରଣ ଦେଇ କହିଲେ ଯେ ସେ ପୂର୍ବରୁ କର୍ପୋରେଟ୍ କ୍ଷେତ୍ରରେ କାମ କରୁଥିଲେ ଏବଂ ସେଠାରେ ସାର୍ ସମ୍ବୋଧନ ସହ ସେ ଅଭ୍ୟସ୍ତ ଥିଲେ । ପୁରୁଣା ଅଭ୍ୟାସବଶତଃ ସେ ସୁପ୍ରିମ୍‌କୋର୍ଟର ପ୍ରଧାନ ବିଚାରପତିଙ୍କୁ 'ସାର୍' ଭାବେ ସମ୍ବୋଧିତ କରିଥିଲେ ଏବଂ ପରେ ତ୍ରୁଟି ସଂଶୋଧନ କରି ପ୍ରଥା ଅନୁଯାୟୀ ପୁଣି 'ଇୟୋର ଲର୍ଡସିପ୍' ଭାବେ ସମ୍ବୋଧନ କରିଛନ୍ତି।

ଇଂରାଜୀରେ ପ୍ରଭୁ ବା ଈଶ୍ୱରଙ୍କୁ ଲର୍ଡ କୁହାଯାଇଥାଏ । ଆମେ ବି ଇଂରାଜୀରେ ଲର୍ଡ ଜଗନ୍ନାଥ, ଲର୍ଡ ବିଷ୍ଣୁ, ଲର୍ଡ ଶିବ ଆଦି କହୁଁ । ଆମ ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ ସଂସଦରେ ଲୋକସଭା ଓ ରାଜ୍ୟସଭା ରହିଛି । **ଇଂଲଣ୍ଡରେ କିନ୍ତୁ ଏହା 'ହାଉସ୍ ଅଫ୍ କମନ୍ସ' ଓ 'ହାଉସ୍ ଅଫ୍ ଲର୍ଡସ୍' ଭାବେ ଜଣାଶୁଣା । ହାଉସ୍ ଅଫ୍ ଲର୍ଡସ୍‌ର ସଦସ୍ୟମାନଙ୍କୁ ବି ଲର୍ଡ କୁହାଯାଏ । ଏମିତିକି ସେମାନଙ୍କ ସଦସ୍ୟ ପଦ ଯିବାପରେ ବି ତାଙ୍କ ନାମ ପୂର୍ବରୁ ଲର୍ଡ ଯୋଡି ଲେଖାଯାଏ । ଇଂଲଣ୍ଡରେ ଚାଲି ଆସିଥିବା 'ଲର୍ଡ' ପ୍ରଥା ଆଧାରରେ ପରାଧୀନତାର ଯୁଗରେ ଆମ ଦେଶରେ ବିଚାରପତିମାନଙ୍କୁ 'ଲର୍ଡ' ସମ୍ବୋଧନ କରାଯାଉଥିଲା। ତେବେ ୨୦୦୬ ମସିହାରେ ବାର୍ କାଉନ୍‌ସିଲ୍ ଅଫ୍ ଇଣ୍ଡିଆ (ବିସିଆଇ) ରୁଲ୍‌ରେ ସଂଶୋଧନ ଅଣାଯାଇ ଉଚ୍ଚ ନ୍ୟାୟାଳୟର ବିଚାରପତିମାନଙ୍କୁ ମାଇଁ ଲର୍ଡ ପରିବର୍ତ୍ତେ ଇୟୋର ଅନର, ଅନରେବୁଲ୍ କୋର୍ଟ ଆଦି ସମ୍ବୋଧନ କରିବା ପାଇଁ ବ୍ୟବସ୍ଥା ହେଲା । ବିଭିନ୍ନ ଟ୍ରିବ୍ୟୁନାଲ ଏବଂ ଅନ୍ୟ କ୍ଷେତ୍ର ଅଦାଲତଗୁଡିକରେ ବିଚାରପତିମାନଙ୍କୁ 'ସାର୍' କିମ୍ବା ଆଞ୍ଚଳିକ ଭାଷାରେ ତତ୍ତୁଲ୍ୟ ସମ୍ବୋଧନ କରିବା ପାଇଁ କୁହାଗଲା । ଭାରତ ସରକାରଙ୍କ ରାଜପତ୍ର ବା ଗେଜେଟରେ ବି ଏହି ନୂଆ ବ୍ୟବସ୍ଥାର ବିଜ୍ଞପ୍ତି ପ୍ରକାଶ ପାଇଲା।** ବାର୍ କାଉନ୍‌ସିଲ୍ ମଧ୍ୟ ତାହାର ରାଜ୍ୟ ଶାଖାଗୁଡିକୁ ଏହା ଜଣାଇଦେଲା । ବିଭିନ୍ନ ଓକିଲ ସଂଘଙ୍କୁ ଏହି ଗେଜେଟ ବିଜ୍ଞପ୍ତିର ପ୍ରତିଲିପି ପଠାଗଲା । ପରେ ୨୦୧୯ରେ କିନ୍ତୁ ଭିନ୍ନ ଏକ ମାର୍ଗଦର୍ଶିକା ଦିଆଗଲା ।

ଏ ସଂକ୍ରାନ୍ତରେ ସୁପ୍ରିମ୍‌କୋର୍ଟରେ ଶିବସାଗର ତିୱାରୀ ନାମକ ଜଣେ ଓକିଲ ଏକ ଜନସ୍ୱାର୍ଥ ସମ୍ବଳିତ ମାମଲା ୨୦୧୪ରେ ରୁଜୁ କରିଥିଲେ । ବିଚାରପତି ଏଚ.ଏଲ୍. ଦତ୍ତୁ ଓ ଏସ୍.ଏ. ବୋବ୍‌ଡେଙ୍କ ଖଣ୍ଡପୀଠ ମାମଲାକୁ ଖାରଜ କରିଦେବା ସହ 'ଲର୍ଡ' ସମ୍ବୋଧନ ବାଧ୍ୟତାମଳକ ନୁହେଁ ଏବଂ ଅଦାଲତଙ୍କୁ ସମ୍ମାନର ସହ ସମ୍ବୋଧନ କରିବାକୁ କହିଥିଲେ। ୨୦୧୯ରେ ରାଜସ୍ଥାନ ହାଇକୋର୍ଟ ଏ ସଂକ୍ରାନ୍ତରେ ସ୍ପଷ୍ଟ ମତବ୍ୟକ୍ତ କରିଥିଲେ । ସୁପ୍ରିମ୍‌କୋର୍ଟର ତଦାନିନ୍ତନ ମୁଖ୍ୟ ବିଚାରପତି ଜେ. ଏସ୍. ବର୍ମା ବାରମ୍ବାର ଏ ପ୍ରସଙ୍ଗ ସୁପ୍ରିମ୍‌କୋର୍ଟ ଭିତରେ ଓ ବାହାରେ ଉଠାଇଥିଲେ ବି ଅଭ୍ୟାସର ଗୁଳାରେ ପଡି ପୁରୁଣା ସମ୍ବୋଧନକୁ ବିସର୍ଜନ କରାଯାଇପାରୁନାହିଁ । ସୁପ୍ରିମ୍‌କୋର୍ଟ, ହାଇକୋର୍ଟ ଆଦିରେ କେଉଁ ବିଚାରପତିଙ୍କ ନିକଟରେ କେଉଁଦିନ କେଉଁ ମାମଲାର ଶୁଣାଣି ହେବ ସେଥିଲାଗି ତାଲିକା ପ୍ରକାଶ ପାଏ । ଏହା 'କଜ୍‌ଲିଷ୍ଟ' ଭାବେ ଜଣାଶୁଣା। ବିଚାରପତି ଡ. ଏସ୍. ମୁରଲିଧର ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଥିବାବେଳେ 'କଜ୍‌ଲିଷ୍ଟ'ରେ ତାଙ୍କ ଖଣ୍ଡପୀଠର ଯେଉଁ ତାଲିକା ପ୍ରକାଶ ପାଏ ସେଥିରେ ସ୍ପଷ୍ଟ ଭାବେ ଲେଖାଯାଉଥିଲା 'ମାଇଁଲର୍ଡ' ସମ୍ବୋଧନ ନକରିବାକୁ । ପ୍ରତିଦିନ ଏଭଳି ବିଜ୍ଞପ୍ତି ଦେଖିବାକୁ ମିଳୁଥିଲା । ବିଚାରପତି ଡ. ମୁରଲିଧରଙ୍କ କାର୍ଯ୍ୟକାଳ ସରିଗଲା ପଛେ 'ମାଇଁ ଲର୍ଡ' ସମ୍ବୋଧନ କିନ୍ତୁ ସରିଲାନାହିଁ । କୋର୍ଟ କଚେରୀ ବାହାରେ ସଭାସମିତିରେ ବି ଲର୍ଡ ସମ୍ବୋଧନ ଚାଲିଛି । ଦେଶର ଅନ୍ୟ କେତେକ ସ୍ଥାନରେ ବି ଏଭଳି ନଜିର ରହିଛି । ଅବସରପ୍ରାପ୍ତ ବିଚାରପତି ସ୍ୱର୍ଗତ ଶରତ ଚନ୍ଦ୍ର ମହାପାତ୍ର ଓଡ଼ିଶା ପ୍ରଶାସନିକ ନ୍ୟାୟାଧିକରଣର ଅଧ୍ୟକ୍ଷ ଥିବାବେଳେ ଲର୍ଡ ସମ୍ବୋଧନ ନ କରିବା ପାଇଁ ବାରମ୍ବାର ଟିପ୍ପଣୀ ଦେଉଥିଲେ । ବିଚାରପତି ଶରତ ଚନ୍ଦ୍ର ମହାପାତ୍ରଙ୍କ ଇତିମଧ୍ୟରେ ଦେହାନ୍ତ ହୋଇଯାଇଛି ଓ ସ୍ୟାଟ୍ ବି ଉଠିଯାଇଛି, କିନ୍ତୁ ଉଠିପାରିନାହିଁ ବ୍ରିଟିଶ ଅମଳର 'ଲର୍ଡ' ସମ୍ବୋଧନ । ସେହିପରି ଡ. ଏ.ପି.ଜେ. ଅବୁଲ୍ କାଲାମ୍ ଓ ପ୍ରଣବ ମୁଖାର୍ଜୀ ଭାରତର ରାଷ୍ଟ୍ରପତି ଥିବାବେଳେ ସେମାନଙ୍କୁ 'ହିଜ୍ ଏକ୍ସେଲେନ୍ସି' ଭାବେ ସମ୍ବୋଧନ ନକରିବା ପାଇଁ ବାରମ୍ବାର ନିବେଦନ କରୁଥିଲେ ମଧ୍ୟ ଆଜିର ଦିନରେ ବି ରାଷ୍ଟ୍ରପତିଙ୍କୁ ଉପନିବେଶବାଦୀ ଢାଞ୍ଚାରେ ଏଭଳି ସମ୍ବୋଧନ କରାଯାଉଛି । ପ୍ରଫେସର ଗଣେଶିଲାଲ୍ ଓଡ଼ିଶାରେ ରାଜ୍ୟପାଳ ଥିବାବେଳେ ତାଙ୍କୁ ଏପରି ସମ୍ବୋଧନ ନକରିବାକୁ ବାରମ୍ବାର କହୁଥିଲେ । ଓଡ଼ିଶାର ପୂର୍ବତନ ମନ୍ତ୍ରୀ ବିଶ୍ୱଭୂଷଣ ହରିଚନ୍ଦନ ଆନ୍ଧ୍ରପ୍ରଦେଶ ଓ ଏବେ ଛତିଶଗଡ଼ର ରାଜ୍ୟପାଳ ଥିଲେ। ହିଜ୍ ଏକ୍ସେଲେନ୍ସି ସମ୍ବୋଧନକୁ ସେ ଲଗାତର ଭାବେ ନାପସନ୍ଦ ଓ ବିରୋଧ କରୁଥିଲେ। ବ୍ରିଟିଶ ଉପନିବେଶବାଦୀ ବ୍ୟବସ୍ଥାର ଗନ୍ଧକୁ ଭୁଲି ନପାରି କିନ୍ତୁ ଅନେକ ଏବେ ବି 'ହିଜ୍ ଏକ୍ସେଲେନ୍ସି' ସମ୍ବୋଧନ କରୁଛନ୍ତି । ଆମ ସମ୍ବିଧାନର ପ୍ରଣେତାମାନେ କେଉଁଠି ହେଲେ ଲେଖିନାହାନ୍ତି ରାଷ୍ଟ୍ରପତି କି ରାଜ୍ୟପାଳଙ୍କୁ 'ହିଜ୍ ଏକ୍ସେଲେନ୍ସି' କିମ୍ବା ବିଚାରପତିମାନଙ୍କୁ 'ଲର୍ଡ' ଭାବେ ସମ୍ବୋଧନ କରିବାକୁ।

ରାଜା, ଜମିଦାରଙ୍କ ଶାସନ କାଳରେ ପ୍ରଚଳିତ ଥିବା ସାମନ୍ତବାଦୀ ବ୍ୟବସ୍ଥା ମୁତାବକ ଏମାନେ ଯିବା ବାଟରେ 'ଛାମୁ ଛାଡ଼' କରାଯାଇ ରାସ୍ତାରୁ ଲୋକଙ୍କୁ ହଟାଇ ଦିଆଯାଉଥିଲା । ରାଜା, ଜମିଦାର ଆଦିଙ୍କ ଆଗରେ ପ୍ରଜାମାନେ ମୁଣ୍ଡଟେକି ଚାଲିପାରୁନଥିଲେ । ଏମିତିକି କେତେକ ସ୍ଥଳରେ ମୁଣ୍ଡ ନୁଆଁଇ କିମ୍ବା ଗୁରୁଣ୍ଡି ଗୁରୁଣ୍ଡି ଯିବାକୁ ପଡୁଥିଲା । ସେମାନଙ୍କ ଆଗରେ ଛତାଟାଣି କିମ୍ବା ଜୋତା ପିନ୍ଧି ଯିବା ଅପରାଧ ଥିଲା । ଛାମୁ, ମଣିମା, ଜମିଦାର, ମହାରାଜ ଆଦି ସମ୍ବୋଧନ ସେମାନଙ୍କ ପାଇଁ ଲାଗୁଥିଲା । ଏହି ସମୟରେ ବେଠି ପ୍ରଥାବି ପ୍ରଚଳିତ ଥିଲା । ରାଜା, ଜମିଦାର ଓ ସେମାନଙ୍କ ବ୍ରିଟିଶ ପ୍ରଭୁମାନଙ୍କ ଆଦେଶ ନମାନିଲେ ସାଧାରଣ ଲୋକଙ୍କୁ ଅକଥନୀୟ ନିର୍ଯାତନା ଦିଆଯାଉଥିଲା । ରାଜା ରାଜୁଡ଼ା ଓ ଜମିଦାରୀ ପ୍ରଥା ଲୋପ ପାଇବା ପରେ ବି ସାମନ୍ତବାଦୀ ଚିନ୍ତାଧାରା ରହିଯାଇଛି ଆମ ଗଣତାନ୍ତ୍ରିକ ବ୍ୟବସ୍ଥାରେ । ସରକାରୀ ଚାକିରିରେ ଥିବା କେତେକ ଉଚ୍ଚ ପଦାଧିକାରୀଙ୍କୁ ଆଜିର ଦିନରେ ବି ସାହେବ ଭାବେ ସମ୍ବୋଧନ କରାଯାଉଛି । ଅନେକ ଉଚ୍ଚ ପଦାଧିକାରୀଙ୍କ ଘରୋଇ କାମରେ ବି ବହୁ ଅଧସ୍ତନ କର୍ମଚାରୀଙ୍କୁ ଲଗାଯାଉଛି । ତଥାକଥିତ ଭିଭିଆଇପିମାନଙ୍କ ନିରାପତ୍ତା ପାଇଁ ରାଜକୋଷରୁ ବିପୁଳ ଅର୍ଥ ବରବାଦ୍ ହେଉଥିବାବେଳେ ସେମାନେ ଯେଉଁ ରାଜମାର୍ଗରେ ଯାଆନ୍ତି ତାହାକୁ ବି ପୁଲିସ ଲଗାଇ ଜନମାନବ ଶୂନ୍ୟ (ଛାମୁଛାଡ଼) କରିଦିଆଯାଏ ।

ଯେଉଁମାନେ ଗଣତାନ୍ତ୍ରିକ ବ୍ୟବସ୍ଥାରେ ସେବା କରିବାକୁ ଆସୁଛନ୍ତି, ସେମାନେ ସେବକ ପରିବର୍ତ୍ତେ ନିଜକୁ ମାଲିକ ଭାବିବା ସହ ଯେଉଁମାନଙ୍କ ଟିକସ ଅର୍ଥରେ ସେମାନେ ମୋଟା ବେତନ, ଭତ୍ତା ଓ ଅନ୍ୟାନ୍ୟ ସୁବିଧା ପାଉଛନ୍ତି ସେମାନଙ୍କୁ ନ୍ୟୁନ ଦୃଷ୍ଟିରେ ଦେଖିବା ଏକ ଖରାପ ପରମ୍ପରାରେ ପଡିଯାଇଛି । ବସ୍ତୁତଃ ଜନଗଣ ମାଲିକ ହୋଇଥିବାବେଳେ ସେମାନଙ୍କୁ ଉପେକ୍ଷା କରି ସେବକମାନେ ମାଲିକ ବୋଲାଇ ବ୍ୟବସ୍ଥାକୁ ବିପନ୍ନ କରିଦେଉଛନ୍ତି। ଏଥିଯୋଗୁ ଦୁର୍ନୀତି, ଭ୍ରଷ୍ଟାଚାର ଆଦି ମଧ୍ୟ ବଢୁଛି । ଗଣତନ୍ତ୍ରର ମନ୍ଦିରରେ ଗଣ୍ଡଗୋଳ କରିବାକୁ ଏକ ପରମ୍ପରା ଭାବୁଥିବା ବ୍ୟକ୍ତିମାନଙ୍କୁ 'ମାନ୍ୟବର' ସମ୍ବୋଧନ କରିବା ଏକ ପ୍ରକାର ବାଧ୍ୟତାମୂଳକ । ଆମ ସମ୍ବିଧାନର ମୌଳିକ ଅଧିକାରରେ ସମାନତା କଥା କୁହାଯାଉଥିବାବେଳେ 'ହିଜ୍ ଏକ୍ସେଲେନ୍ସି', 'ମାଇଁ ଲର୍ଡ', 'ସାହେବ' ଆଦି ଭାବେ ସମ୍ବୋଧନ କରିବା ସମାନତା ନା ଅସମାନତା ସେ ସମ୍ପର୍କରେ ବିଚାର କରାଯିବା ଆବଶ୍ୟକ । ଯେଉଁମାନଙ୍କୁ ଏଭଳି ସମ୍ବୋଧନ କରାଯାଉଛି, ସେମାନଙ୍କ ଭିତରୁ କେତେକ ଏହା ନକରିବା ପାଇଁ ବାରମ୍ବାର କହି ଆସୁଥିବା, ଏମିତିକି ବିସିଆଇ ରୁଲ୍‌ରେ ସଂଶୋଧନ ଆଣି ଭାରତ ସରକାର ଗେଜେଟ ବିଜ୍ଞପ୍ତି ପ୍ରକାଶ କରିବା ସତ୍ତ୍ୱେ ଉପନିବେଶବାଦୀ ଓ ରାଜା ଜମିଦାର ଶାସନ କାଳର ସମ୍ବୋଧନକୁ ବର୍ଷ ବର୍ଷ ଧରି ଆମ ବ୍ୟବସ୍ଥା ଛାଡି ପାରିନାହିଁ ।

ନବକୃଷ୍ଣ ଚୌଧୁରୀ ମୁଖ୍ୟମନ୍ତ୍ରୀ ଥିବାବେଳେ ୧୯୫୪ରେ ଓଡ଼ିଆକୁ ସରକାରୀ ଭାଷାର ମର୍ଯାଦା ଦେଇ ଆଇନ ପ୍ରଣୟନ ହୋଇଥିଲା । ଏଯାବତ୍ କିନ୍ତୁ ଆମ ରାଜ୍ୟର ସମସ୍ତ ସରକାରୀ କାର୍ଯ୍ୟ ଓଡ଼ିଆ ଭାଷାରେ ହେଉନାହିଁ । ବିବାହ, ବ୍ରତୋପନୟନ, ଜନ୍ମଦିନ, ଶୁଦ୍ଧିକ୍ରିୟା ଆଦିର ନିମନ୍ତ୍ରଣ ପତ୍ର ବି ଆମ ରାଜ୍ୟର ସଂଖ୍ୟାଧିକ ଲୋକେ ଛାପନ୍ତି ଇଂରାଜୀରେ । ସମ୍ମାନ ଓ ସ୍ୱାଭିମାନର ସହ ବଞ୍ଚିବା ପାଇଁ ଆମ ଭାଷା, ସଂସ୍କୃତି, ସଭ୍ୟତା ଓ ସାହିତ୍ୟରେ ବହୁ ଉପାଦାନ ରହିଛି । ଏଥିଲାଗି ଆମକୁ ବିଦେଶରୁ ନକଲ କରିବାର ଆବଶ୍ୟକତା ନାହିଁ । ସ୍ୱାଧୀନ ଦେଶର ନାଗରିକ ଭାବେ ବ୍ୟବସ୍ଥାକୁ ଆମ ଢଙ୍ଗରେ ଠିକଣା ସମ୍ମାନ ପ୍ରଦର୍ଶନ କରିବା ସହିତ ହିଜ୍ ଏକ୍ସେଲେନ୍ସି, ମାଇଁ ଲର୍ଡ, ସାହେବ ଭଳି ସାମନ୍ତବାଦୀ ବିଚାରଧାରାକୁ ବିସର୍ଜନ ଦେବାପାଇଁ ଆମର ମାନସିକତା ଅଛି ତ?

**ସୁପ୍ରିମ୍‌କୋର୍ଟ, ହାଇକୋର୍ଟ ଆଦିରେ କେଉଁ ବିଚାରପତିଙ୍କ ନିକଟରେ କେଉଁଦିନ କେଉଁ ମାମଲାର ଶୁଣାଣି ହେବ ସେଥିଲାଗି ତାଲିକା ପ୍ରକାଶ ପାଏ । ଏହା 'କଜ୍‌ଲିଷ୍ଟ' ଭାବେ ଜଣାଶୁଣା। ବିଚାରପତି ଡ. ଏସ୍. ମୁରଲିଧର ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଥିବାବେଳେ 'କଜ୍‌ଲିଷ୍ଟ'ରେ ତାଙ୍କ ଖଣ୍ଡପୀଠର ଯେଉଁ ତାଲିକା ପ୍ରକାଶ ପାଏ ସେଥିରେ ସ୍ପଷ୍ଟ ଭାବେ ଲେଖାଯାଉଥିଲା 'ମାଇଁଲର୍ଡ' ସମ୍ବୋଧନ ନକରିବାକୁ । ପ୍ରତିଦିନ ଏଭଳି ବିଜ୍ଞପ୍ତି ଦେଖିବାକୁ ମିଳୁଥିଲା । ବିଚାରପତି ଡ. ମୁରଲିଧରଙ୍କ କାର୍ଯ୍ୟକାଳ ସରିଗଲା ପଛେ 'ମାଇଁ ଲର୍ଡ' ସମ୍ବୋଧନ କିନ୍ତୁ ସରିଲାନାହିଁ । କୋର୍ଟ କଚେରୀ ବାହାରେ ସଭାସମିତିରେ ବି ଲର୍ଡ ସମ୍ବୋଧନ ଚାଲିଛି । ଦେଶର ଅନ୍ୟ କେତେକ ସ୍ଥାନରେ ବି ଏଭଳି ନଜିର ରହିଛି । ଅବସରପ୍ରାପ୍ତ ବିଚାରପତି ସ୍ୱର୍ଗତ ଶରତ ଚନ୍ଦ୍ର ମହାପାତ୍ର ଓଡ଼ିଶା ପ୍ରଶାସନିକ ନ୍ୟାୟାଧିକରଣର ଅଧ୍ୟକ୍ଷ ଥିବାବେଳେ ଲର୍ଡ ସମ୍ବୋଧନ ନ କରିବା ପାଇଁ ବାରମ୍ବାର ଟିପ୍ପଣୀ ଦେଉଥିଲେ । ବିଚାରପତି ଶରତ ଚନ୍ଦ୍ର ମହାପାତ୍ରଙ୍କ ଇତିମଧ୍ୟରେ ଦେହାନ୍ତ ହୋଇଯାଇଛି ଓ ସ୍ୟାଟ୍ ବି ଉଠିଯାଇଛି, କିନ୍ତୁ ଉଠିପାରିନାହିଁ ବ୍ରିଟିଶ ଅମଳର 'ଲର୍ଡ' ସମ୍ବୋଧନ । ସେହିପରି ଡ. ଏ.ପି.ଜେ. ଅବୁଲ୍ କାଲାମ୍ ଓ ପ୍ରଣବ ମୁଖାର୍ଜୀ ଭାରତର ରାଷ୍ଟ୍ରପତି ଥିବାବେଳେ ସେମାନଙ୍କୁ 'ହିଜ୍ ଏକ୍ସେଲେନ୍ସି' ଭାବେ ସମ୍ବୋଧନ ନକରିବା ପାଇଁ ବାରମ୍ବାର ନିବେଦନ କରୁଥିଲେ ମଧ୍ୟ ଆଜିର ଦିନରେ ବି ରାଷ୍ଟ୍ରପତିଙ୍କୁ ଉପନିବେଶବାଦୀ ଢାଞ୍ଚାରେ ଏଭଳି ସମ୍ବୋଧନ କରାଯାଉଛି । ପ୍ରଫେସର ଗଣେଶିଲାଲ୍ ଓଡ଼ିଶାରେ ରାଜ୍ୟପାଳ ଥିବାବେଳେ ତାଙ୍କୁ ଏପରି ସମ୍ବୋଧନ ନକରିବାକୁ ବାରମ୍ବାର କହୁଥିଲେ । ଓଡ଼ିଶାର ପୂର୍ବତନ ମନ୍ତ୍ରୀ ବିଶ୍ୱଭୂଷଣ ହରିଚନ୍ଦନ ଆନ୍ଧ୍ରପ୍ରଦେଶ ଓ ଏବେ ଛତିଶଗଡ଼ର ରାଜ୍ୟପାଳ ଥିଲେ। ହିଜ୍ ଏକ୍ସେଲେନ୍ସି ସମ୍ବୋଧନକୁ ସେ ଲଗାତର ଭାବେ ନାପସନ୍ଦ ଓ ବିରୋଧ କରୁଥିଲେ। ବ୍ରିଟିଶ ଉପନିବେଶବାଦୀ ବ୍ୟବସ୍ଥାର ଗନ୍ଧକୁ ଭୁଲି ନପାରି କିନ୍ତୁ ଅନେକ ଏବେ ବି 'ହିଜ୍ ଏକ୍ସେଲେନ୍ସି' ସମ୍ବୋଧନ କରୁଛନ୍ତି । ଆମ ସମ୍ବିଧାନର ପ୍ରଣେତାମାନେ କେଉଁଠି ହେଲେ ଲେଖିନାହାନ୍ତି ରାଷ୍ଟ୍ରପତି କି ରାଜ୍ୟପାଳଙ୍କୁ 'ହିଜ୍ ଏକ୍ସେଲେନ୍ସି' କିମ୍ବା ବିଚାରପତିମାନଙ୍କୁ 'ଲର୍ଡ' ଭାବେ ସମ୍ବୋଧନ କରିବାକୁ।**

*E-mail:*
*prahalladsinha@gmail.com*
ମୋ–୯୪୩୭୦୧୭୩୯୫
( ଓଡ଼ିଶାର ଜଣେ ସୁଲେଖକ, ଆଇନଜୀବୀ ଓ ଗାନ୍ଧିବାଦୀ ଭାବେ ପରିଚିତ)

# ପରିବାର,ପଡ଼ୋଶୀ ଏବଂ ବନ୍ଧୁ

**ସନ୍ତୋଷ କୁମାର ଅଦାବର**

ପିତା,ମାତା,ପୁତ୍ର,କନ୍ୟା ତଥା ଆଉ କିଛି ରକ୍ତ ସମ୍ପର୍କକୁ ନେଇ ପରିବାର ଗଠିତ । ବ୍ୟକ୍ତିକୁ ପରିବାରରୁ ପ୍ରଥମେ ମିଳିଥାଏ ଶିକ୍ଷା ଏବଂ ସଂସ୍କାର । ସେହିପରି ପରିବାରରେ ଭାଗ ବଣ୍ଟା ହୁଏ ଦୁଃଖ ସୁଖ ସବୁକିଛି । ସ୍ନେହ,ମମତାର ଉତ୍ସ ମଧ୍ୟ ବ୍ୟକ୍ତିର ଏହି ପରିବାର । ପରିବାର କହିଲେ ଘରକୁ ମଧ୍ୟ ବୁଝାଏ । ଭକ୍ତକବିଙ୍କ ଭାଷାରେ–

*'ବୈକୁଣ୍ଠ ସମାନ ଆହା ଅଟେ ସେହି ଘର,*
*ପରସ୍ପର ସ୍ନେହ ଯହିଁ ଥାଏ ନିରନ୍ତର ।'*

ଆବଶ୍ୟକ ବେଳେ ପେଟରେ ଓଦା ଗାମୁଛା ଦେଇ କ୍ଷୁଧା ମେଣ୍ଟାଇ ଦିଆଯାଉଥିବା ପରିବାରରେ ଯଦି ପରସ୍ପର ମଧ୍ୟରେ ସ୍ନେହ, ଆନ୍ତରିକତା ବିଦ୍ୟମାନ, ତେବେ ସେ ପରିବାର ବୈକୁଣ୍ଠ ତୁଲ୍ୟ ହୋଇଯାଏ । ସେହିପରି ପରିବାର ପରେ ପରେ ବ୍ୟକ୍ତିର ସମ୍ପର୍କର ତାଲିକାରେ ଆସିଥାଏ ତା'ର ପଡ଼ୋଶୀ ବା ପ୍ରତିବେଶୀ । ବିପନ୍ନ ସମୟରେ ଏହି ପଡ଼ୋଶୀ ହିଁ ପ୍ରଥମେ ପାଖରେ ଛିଡ଼ାହୁଏ । ସାନ୍ତ୍ୱନା, ସହଯୋଗ, ସହାନୁଭୂତି ଦେଇଥାଏ ।

ଉନ୍ମୁକ୍ତ ହୃଦୟରେ ସାହାଯ୍ୟ, ସହଯୋଗ ଏବଂ ସମବେଦନା ଦେଇ, ସମ୍ପର୍କର ସେତୁକୁ ମଜବୁତ କରେ ପଡ଼ୋଶୀ । କେତେବେଳେ ଶାରୀରିକ ସାହାଯ୍ୟରେ ନିଜର କରେ ତ କେତେବେଳେ ବାଚନିକ ମିଷ୍ଟତାରେ ଆଦରି ନିଏ । ପଡ଼ୋଶୀ ପରେ ଆଉ ଏକ ସମ୍ପର୍କ ଆସିଥାଏ,ସେ ହେଲା ବନ୍ଧୁ । ବନ୍ଧୁ ରକ୍ତ ସମ୍ପର୍କ ନ ହେଲେ ମଧ୍ୟ ସମ୍ପଦରେ ଏବଂ ବିପଦରେ ଛିଡ଼ାହୋଇ ସୁଖ ଆଉ ଦୁଃଖରେ ସହଭାଗୀ ହୁଏ । ବନ୍ଧୁ ଠାରେ ସ୍ନେହ,ପ୍ରେମ,ସମ୍ମାନ ତଥା ଆତ୍ମୀୟତା ଭଳି ସୁଗୁଣ ସଦା ଶୋଭାପାଏ ।

ସମୟ ଚକ୍ରରେ ଆଧୁନିକତାର ବସ୍ତୁବାଦ ତଥା ବ୍ୟସ୍ତତାରେ ଅନେକାଂଶରେ ବଦଳି ଯାଇଛି ଏସବୁର ସଂଜ୍ଞା ଏବଂ ସ୍ୱରୂପ । ହିଂସା, ଅହଙ୍କାର, ଲୋଭ, ସ୍ୱାର୍ଥପରତା ଭଳି କୁବିକାର ଗ୍ରାସି ଦେଉଛି ଅନେକାଂଶରେ ସମ୍ପର୍କର ନିବିଡ଼ତାକୁ । ତୁଟିଯାଉଛି ବିଶ୍ୱାସ । ସନ୍ଦେହର କଳା ବାଦଲ ଆଚ୍ଛାଦନ କରିପକାଉଛି । ସ୍ଥଳବିଶେଷରେ ପରିବାରର ସଦସ୍ୟଙ୍କ ଭିତରେ ସମୟ ନାହିଁ ସୁଖଦୁଃଖରେ ସହଭାଗୀ ହେବାକୁ । ବିପନ୍ନ ବେଳେ ଅନେକ ସ୍ଥାନରେ ପଡ଼ୋଶୀର ସମବେଦନା ବା ସାନ୍ତ୍ୱନା ମିଳିପାରୁନି ।

ସମ୍ପର୍କର ପରିସରରେ ଥିବା ଏ ତ୍ରୟ ପରସ୍ପର ଅଙ୍ଗାଙ୍ଗୀ ଭାବରେ ଜଡ଼ିତ । ଏମାନେ ଗୋଟିଏ ସୂତାର ମାଳ, ଗୋଟିଏ ସେତୁର ଖମ୍ବ । ଧନର ପ୍ରାଚୁର୍ଯ୍ୟତା, କର୍ମର ବ୍ୟସ୍ତତା ତଥା କ୍ଷମତାର ଲୋଲୁପତା ଠାରୁ ଏ ତ୍ରୟ ସର୍ବଦା ଦୂରରେ ରହିଲେ ସମ୍ପର୍କରେ ଘନିଷ୍ଠତା, ନିବିଡ଼ତା, ଆନ୍ତରିକତା ଏବଂ ଆତ୍ମୀୟତା ସୃଷ୍ଟି ହୋଇପାରିବ ।

**ବୀରମହାରାଜପୁର,ସୁବର୍ଣ୍ଣପୁର**
**ମୋ–୯୭୭୭୯୧୦୭୨୮**

# ପାପ–ପୁଣ୍ୟର କ୍ଷେତ...

**ମନୋଜ କୁମାର ବେହେରା**

ଆମ ଶରୀର ଗୋଟିଏ କ୍ଷେତ ସମାନ, ଯେଉଁଠି ମନ,ବଚନ,କର୍ମ ତିନିଜଣ କୃଷକ ଥାନ୍ତି । ପାପ ଆଉ ପୁଣ୍ୟ ରୂପରେ ଦୁଇ ପ୍ରକାରର ବୀଜ ମନୁଷ୍ୟର ପାଖରେ ଥାଏ । ଏବେ ଏହା ବ୍ୟକ୍ତିବିଶେଷ ଉପରେ ନିର୍ଭର କରିଥାଏ କି ସେ ନିଜରେ କ୍ଷେତରେ କ'ଣ ବୁଣିବାକୁ ଚାହୁଁଛି ? ସେହିପରି ଶରୀରରୂପୀ କୃଷକ ପାପ ଅଥବା ପୁଣ୍ୟ ଦୁହିଁଙ୍କ ମଧ୍ୟରୁ ଯାହାର ବୀଜ ପକେଇ ଥାଏ, ତାକୁ ସେହି ପ୍ରକାରର ଫସଲ କାଟିବାକୁ ମିଳିଥାଏ । ଅର୍ଥାତ୍ ମନୁଷ୍ୟର ମନ ଏହି ପାପ–ପୁଣ୍ୟ ଦୁହିଁଙ୍କ ମଧ୍ୟରୁ କୌଣସି ଗୋଟିଏରେ ଆକର୍ଷିତ ହୋଇଥାଏ । ପୁଣ୍ୟ କର୍ମରେ ଭଲ ଫଳ ଆଉ ପାପ କର୍ମରେ ଖରାପ ଫଳ ମିଳିଥାଏ । ଗୋଟିଏ ଉକ୍ତି ସର୍ବଦା କୁହାଯାଏ, 'ବୋୟେ ପେଡ୍ ବବୁଲ କା ତୋ ଆମ୍ କହାଁ ସେ ଖାୟ' । ଅର୍ଥାତ୍ ମନୁଷ୍ୟ ଯଦି ବବୁଲ ଗଛ କ୍ଷେତରେ ଲଗେଇବ, ତା'ହେଲେ ତାକୁ ତାକୁ ଆମ୍ବ ଭଳିମିଠା ଫଳ ଖାଇବାକୁ ମିଳିବନି । ମନୁଷ୍ୟକୁ ନିଜର କର୍ମ କରିବା ସମୟରେ ସାବଧାନ ରହିବା ଜରୁରୀ । ତାକୁ ଏମିତି କର୍ମ କରିବା ଦରକାର ନାହିଁ, ଯେଉଁଥିରେ ତାକୁ ନିଜ ଜୀବନରେ ଦୁଃଖ ଆଉ ଚିନ୍ତାର ସାମ୍ନା କରିବାକୁ ପଡିବ । ତା'ର ଜୀବନ ନରକ ହେଇଯିବ । ଶୁଭ କାର୍ଯ୍ୟ ମନୁଷ୍ୟକୁ ସୁଖ–ସମୃଦ୍ଧି ଆଉ ଶାନ୍ତି ଦେଇଥାଏ । ଏହି କର୍ମ କରିବା ସମୟରେ ମନରେ ଗୋଟିଏ ଉତ୍ସାହ ଲାଗି ରହିଥାଏ । ସେଥିପାଇଁ ଏହି କର୍ମ ତାକୁ ଉର୍ଜା ପ୍ରଦାନ କରିଥାଏ । ଶୁଭକର୍ମ କରିକି ମନୁଷ୍ୟକୁ ଅଶୁଭ କର୍ମ ଆଉ କୌଣସି ସର୍ତ୍ତର ପ୍ରବୃତ୍ତିରେ ଜଡିତ ହେବା ଦରକାର ନାହିଁ । ପାପ କର୍ମର ମାର୍ଗ ବହୁତ ଆକର୍ଷକ ହୋଇଥାଏ । ଏହା ସର୍ଟକଟ୍‌ର ରାସ୍ତା ହୋଇଥାଏ । ସେଥିପାଇଁ ମନୁଷ୍ୟ ଏହି ଭ୍ରମଜାଲରେ ଫସିକରି ନିଜ ଗୋଡରେ ନିଜେ କୁରାଢି ମାରିଥାଏ । ଏହି ରାସ୍ତାରେ ବଢିଯିବା ସହଜ, କିନ୍ତୁ ଫେରିବାର କୌଣସି ରାସ୍ତା ନାହିଁ । ଶୁଭ କର୍ମର ରାସ୍ତା ଲମ୍ବା ଆଉ ଚିନ୍ତାଜନକ ହୋଇଥାଏ । ଏହି ମାର୍ଗରେ ମନୁଷ୍ୟକୁ ବହୁତ କଷ୍ଟ ଉଠେଇବାକୁ ପଡିଥାଏ । ଯେଉଁଥିରେ ସେ ଡରିଯାଇ ଖରାପ ରାସ୍ତାକୁ ବାଛିନିଏ । ଆଉ ତାର ବିନାଶ ନିଶ୍ଚିତ ହୋଇଥାଏ । କିନ୍ତୁ ଯିଏ ଏହି କଠିନ ରାସ୍ତାକୁ ସହନ କରି ନିଜର ମାର୍ଗରେ ଦୃଢରେ ରହିଥାଏ, ସେ ଶେଷରେ ଜିତିଯାଏ । ତାକୁ ନିଜ ଜୀବନରେ ସୁଖ–ଶାନ୍ତିର ପ୍ରାପ୍ତ ହୋଇଥାଏ । ପାପ–ପୁଣ୍ୟର ଯେଉଁ କର୍ମ ମନୁଷ୍ୟ କରିଥାଏ, ତାହାର ଭୋଗକୁ ନିଜେ ଭୋଗିଥାଏ । ତା'ର କୌଣସି ବନ୍ଧୁ–ବାନ୍ଧବ ତା'ର ଏହି କର୍ମରେ ସାଥୀ ହୋଇ ନଥାନ୍ତି । ତା'ହେଲେ ମନୁଷ୍ୟ କାହାପାଇଁ ପାପ କର୍ମ କରିଥାଏ ? କେବଳ ତାକୁ ବିଚାର କରିବା ଜରୁରୀ ।

**ପ୍ଲଟ ନମ୍ବର–୨୧୭/ପି,ବାୟାବାବା ମଠ ଲେନ୍,**
**ୟୁନିଟ୍–୯(ଫ୍ଲାଟ),ଭୁବନେଶ୍ୱର–୨୨,ମୋ–୭୯୭୮୮୩୦୬୧୧**

# ହରଚଣ୍ଡୀଙ୍କ ମୁଖ୍ୟ ପୂଜକଙ୍କ ସ୍ମୃତିରେ ଶୋକସଭା



କେନ୍ଦୁଝର ,(ସ୍ୱପ୍ର) : ଘଷିପୁରା ବ୍ଲକ ଅନ୍ତର୍ଗତ ଅଳତୀ ଗ୍ରାମର କୁଳପୁରୋହିତ ତଥା ଗ୍ରାମର ଆରାଧ୍ୟା ଦେବୀ ମା ହରଚଣ୍ଡୀଙ୍କ ମୁଖ୍ୟ ପୁଜକ ଶତ୍ରୁଘ୍ନ ଦାଶଙ୍କ ଦ୍ୱାଦଶ କ୍ରିୟା ରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଦିନକୃଷ୍ଣ ଦାଶଙ୍କ ସଂଯୋଜନାରେ ଆୟୋଜିତ ଶୋକସଭରେ ଘସିପୁରା ବିଧାୟକ ପ୍ରଫେସରବଦ୍ରିନାରାୟଣ ପାତ୍ର, ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ସିଦ୍ଧେଶ୍ୱର ଦାଶ,ହାଟଡିହି ବ୍ଲକ ଉପାଧ୍ୟକ୍ଷ ରତିକାନ୍ତ ରାଉତ, ଘସିପୁରା ବ୍ଲକ ପୂର୍ବତନ ଅଧ୍ୟକ୍ଷ ଦେବାଶିଷ ପାତ୍ର,ସମାଜସେବୀ ପ୍ରଭାତ ବରାଳ,ବସନ୍ତ ମଞ୍ଜରୀ ଫାଉଣ୍ଡେସନ ପ୍ରତିଷ୍ଠାତା ଡ଼ଃ ରତିକାନ୍ତ ବରାଳ, ସମାଜସେବୀ ମନ୍ମଥ ରାଉତ, ଅଳତୀ ସରପଞ୍ଚ ପ୍ରିୟବ୍ରତ ବରାଳ,ଗଡ଼ବାନ୍ଧଗୋଡା ପୂର୍ବତନ ସରପଞ୍ଚ ସୁଶାନ୍ତ ବିଶ୍ୱାଳ ସମିତିସଭ୍ୟ ବିଜୟ ଜେନା, ଆଇନଜୀବୀ ବିଚିତ୍ର ଚକ୍ର,ସାଳଦେଇ ସମବାୟ ସମିତି ସଭାପତି ବିଶ୍ୱରଞ୍ଜନ ବେହେରା,ସିତାନାଥ ବରାଳ,ବ୍ୟାଙ୍କ ଅଫ ଇଣ୍ଡିଆର ପରିଚାଳକ ଆଲୋକ ଶତପଥୀ,ଙ୍କ ସହ ଅନେକ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଉପସ୍ଥିତ ରହି ସ୍ମୃତି ଚାରଣ କରିଥିଲେ। ଏହି ଶୋକସଭାକୁ ନୃସିଂହ ଚନ୍ଦ୍ର ଦାଶଙ୍କ ସହ ସମସ୍ତ ପରିବାରବର୍ଗ ପରିଚାଳନା ରେ ସହଯୋଗ କରିଥିଲେ ।

# ପାନୀୟ ଜଳ ଗୁଣବତ୍ତା ପରୀକ୍ଷଣ ପ୍ରଶିକ୍ଷଣ ଶିବିର

ଧାମନଗର,(ସବ୍ୟୁ): ପାନୀୟଜଳ ଯୋଗାଣ କ୍ଷେତ୍ରରେ ଧାମନଗର ବ୍ଲକ ଅଂଚଳରେ ବହୁ ସମସ୍ୟା ରହିଥିବାବେଳେ ସରକାରୀ ଯୋଜନାରେ ମଧୁର ପାନୀୟ ଜଳଯୋଗାଣ ଏକ ପ୍ରକାର ଦିଗହରା ହୋଇପଡିଛି। ଏଭଳି ସମସ୍ୟା କେବଳ ଏହି ବିଭାଗରେ ଧାମନଗର ବ୍ଲକରେ ଅବସ୍ଥାପିତ ଦୁଇ ଯନ୍ତ୍ରୀଙ୍କ ପାଇଁ ଉପୁଜିଛି ବୋଲି ଜଣାଯାଇଛି। ଏମାନଙ୍କ କର୍ତ୍ତବ୍ୟରେ ଦାୟିତ୍ୱହୀନତା ପାଇଁ ଧାମନଗରର ଗ୍ରାମ୍ୟ ଜଳଯୋଗାଣ ପ୍ରହସନ ପାଲଟିଛି। ବାରମ୍ବାର ବିଭିନ୍ନ ଗଣମାଧ୍ୟମରେ ଏମାନଙ୍କ କାର୍ଯ୍ୟଦକ୍ଷତା ଉପରେ ନକରାତ୍ମକ ଖବର ପ୍ରକାଶ ପାଉଥିଲେ ହେଁ ଏଥିରେ କିଛି ପରିବର୍ତ୍ତନ ହେଉନାହିଁ । ଏହି ନିଦାଘ ଖରା ଓ ଅସହ୍ୟ ଗୁଳୁଗୁଳି ସମୟରେ ଲୋକେ ପାଣି ପାଇଁ ହନ୍ତସନ୍ତ ହେଉଥିବା ସମୟରେ ଧାମନଗର ପଞ୍ଚାୟତ ସମିତି ସଭା ଗୃହରେ ମଧୁର ପାନୀୟ ଜଳ ପରୀକ୍ଷଣ ପାଇଁ ବ୍ଲକ ଅଂଚଳର ଏମବିକେ ମାନଙ୍କୁ ନେଇ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ଧାମନଗର ବ୍ଲକର ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗର ସମ୍ପୃକ୍ତ ଦୁଇ ଯନ୍ତ୍ରୀ ଜସ୍ମିନ ଦାସ ଓ ଶିବ ପ୍ରସାଦ ମୁଦୁଲା ଏବଂ ଜିଲ୍ଲା କାର୍ଯ୍ୟାଳୟର ପରୀକ୍ଷଣ ଅଧିକାରୀ ଉପସ୍ଥିତ ରହି ଏମବିକେ ମାନଙ୍କୁ ପ୍ରଶିକ୍ଷଣ ଦେବାସହ ସେମାନଙ୍କୁ ଏ ସମ୍ବନ୍ଧୀୟ କିଟ ପ୍ରଦାନ କରାଯାଇଥିଲା। ଧାମନଗର ବ୍ଲକରର ସରକାରୀ ସ୍ତରରେ ମଧୁର ପାନୀୟ ଜଳଯୋଗାଣ ଦିଗହରା ହୋଇ ପଡିଥିବାବେଳେ ସେଠାରେ ଜଳ ପରୀକ୍ଷଣ ପାଇଁ ଏତେ ଅର୍ଥ ଶ୍ରାଦ୍ଧ କାହିଁକି ? ଏଥିପ୍ରତି ଭଦ୍ରକ ଜିଲ୍ଲାପାଳ ଏବଂ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀ ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରୁ ଦାବି ହେଉଛି।

# କଳିଙ୍ଗ ଆଇରନ ୱାର୍କ୍ସର ପ୍ରାକ୍ତନ କର୍ମଚାରୀ ଶଚୀନ୍ଦ୍ର ସାହୁଙ୍କ ପରଲୋକ

କେନ୍ଦୁଝର,(ସବ୍ୟୁ) : ଲୌହ ସହର ବଡ଼ବିଲର କଳିଙ୍ଗ ଆଇରନ ୱାର୍କ୍ସରେ ଦୀର୍ଘ ବର୍ଷ ଧରି କାର୍ଯ୍ୟ କରି ଶଚୀନ୍ଦ୍ର ନାଥ ସାହୁ ଉପ ପରିଚାଳକ ପଦରୁ ଅବସର ନେଇଥିବା ପ୍ରାକ୍ତନ କର୍ମଚାରୀ ଶଚୀନ୍ଦ୍ର ସାହୁ(୭୫)ଙ୍କ କେନ୍ଦୁଝର ସହରରେ ବଡ଼ ଝିଅ ଘରେ ହୃଦଘାତରେ ପରଲୋକ ହୋଇଯାଇଛି। ସେ କଟକ ଜିଲ୍ଲାର ଭଜିମୁଣ୍ଡା ଗ୍ରାମରୁ ଆସି କଳିଙ୍ଗ ଲୁହା କାରଖାନାର ୪୦ ବର୍ଷ ଧରି କାର୍ଯ୍ୟ କରିଥିଲେ। ତାଙ୍କର ବିୟୋଗରେ କାରଖାନାର ପୂର୍ବତନ ବରିଷ୍ଠ ପରିଚାଳକ ପ୍ରଭାତ କୁମାର ଦାଶ ଦୁଃଖ ପ୍ରକାଶ କରି ଜଣେ ସାଥୀ ବନ୍ଧୁଙ୍କୁ ହରାଇଲି ବୋଲି କହିଛନ୍ତି। କର୍ତ୍ତବ୍ୟନିଷ୍ଠ ରାଷ୍ଟ୍ରଭକ୍ତ ଶଚୀନ୍ଦ୍ର ସାହୁଙ୍କ ଆତ୍ମାର ସେ ସଦଗତି କାମନା କରିଛନ୍ତି। ସେହିପରି ଡିଜିଏମ ଥିବା ଶିଶିର କୁମାର ନନ୍ଦ ଶ୍ରୀ ସାହୁ ଜଣେ ଭଲ ସୁବକ୍ତା ତଥା କର୍ମତତ୍ପର ମଣିଷ ଥିଲେ ।ତାଙ୍କର ନିଧନ ଲାଗି ପରିବାରକୁ ଭଗବାନ ସାହା ହେବାକୁ ପ୍ରାର୍ଥନା କରିଛନ୍ତି। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଶେଷ କୃତ୍ୟ କରାଯାଇଥିବାବେଳେ ତାଙ୍କ ପୁଅ ମୁଖାଗ୍ନି ଦେଇଥିଲେ।

# ଦିନରେ ତାତି, ରାତିରେ କାଳବୈଶାଖୀ

ଆଗରପଡ଼ା,(ସବ୍ୟୁ):ଦିନରେ ମୁଣ୍ଡ ଫଟା ତାତି ସହ ଅସହ୍ୟ ଗୁଳୁଗୁଳି ପୁଣି ସନ୍ଧ୍ୟା ହେବା ବେଳକୁ କାଳବୈଶାଖୀ ମାଡ଼ି ଆସୁଛି ଯଦ୍ଦ୍ୱାରା ଲୋକେ ହନ୍ତସନ୍ତ ହେଉଥିବାର ପରିଲକ୍ଷିତ ହେଉଛି। ଗତ କିଛିଦିନ ହେଲା ଦିନ ୧୧ଟାରୁ ୩ଟା ପର୍ଯ୍ୟନ୍ତ ସ୍ଥାନୀୟ ଅଂଚଳରେ ତାପମାତ୍ରା ୩୮ଡିଗ୍ରୀରୁ ୪୦ଡିଗ୍ରୀ ପର୍ଯ୍ୟନ୍ତ ରହୁଛି। ଏହି ସମୟ ମଧ୍ୟରେ ବଜାର ଘାଟ ସବୁ ଶୂନଶାନ ହୋଇଯାଉଛି। ଅନେକ ସ୍ଥାନରେ ଏହି ସମୟରେ ଜଳଯୋଗାଣ ବନ୍ଦ ରହୁଛି। ଅନେକ ଜଳଉତ୍ସ ଗୁଡ଼ିକ ମଧ୍ୟ ଶୁଖି ଗଲାଣି। ଏଥିପାଇଁ ପାନୀୟଜଳ ପାଇବା ପାଇଁ ଲୋକେ ଡହଳ ବିକଳ ହେଉଛନ୍ତି। ପ୍ରାୟ ପ୍ରତି ସନ୍ଧ୍ୟାରୁ ଆରମ୍ଭ ହୋଇଯାଉଛି କାଳବୈଶାଖୀର ତାଣ୍ଡବ ଓ ଏହା ପ୍ରଭାବରେ ପନି ପରିବା ଚାଷ ପ୍ରଭାବିତ ହେବା ସହ ଗଛ ଉପୁଡ଼ି ପଡ଼ିବା,କଚ୍ଚା ଘର ଭାଙ୍ଗିବା,ବଜ୍ରପାତରେ ମୃତାହତ ପରି ଅଘଟଣମାନ ଘଟୁଛି। ବାସ୍ତବରେ ପ୍ରକୃତିର ନିୟମ ବଡ଼ ବିଚିତ୍ର।

# ଅଖଣ୍ଡ ୨୪ ପ୍ରହରୀ ନାମଯଜ୍ଞ

କରଞ୍ଜିଆ , (ସବ୍ୟୁ) : ନୀଳମାଧବ ସଂକୀର୍ତ୍ତନ ମଣ୍ଡଳୀ ଗୁଡିସାହି କରଞ୍ଜିଆ ଆନୁକୂଲ୍ୟରେ ୨୪ ପ୍ରହରୀ ନାମଯଜ୍ଞ ଶନିବାର ଠାରୁ ଆରମ୍ଭ ହୋଇଛି। ଏହି ନାମଯଜ୍ଞ ୨୧ ତାରିଖ ବୁଧବାର ପର୍ଯ୍ୟନ୍ତ ଚାଲିବ।ଏହି ୨୪ ପ୍ରହରୀ ନାମଯଜ୍ଞ ଉତ୍ସବ ୧୭ ତାରିଖରେ ଶୁଭାଧିବାସ ଓ ଘଟ ଆନୟନ ପରେ ରବିବାର ଠାରୁ ୨୧ ତାରିଖ ବୁଧବାର ପର୍ଯ୍ୟନ୍ତ ପର୍ଯ୍ୟନ୍ତ ଅଖଣ୍ଡ ୨୪ ପ୍ରହରୀ ନାମଯଜ୍ଞ ଓ ୨୧ ତାରିଖରେ ପୂର୍ଣ୍ଣାହୂତି ସମ୍ପନ୍ନ ହେବ।ଏହି ସମାରୋହରେ ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାର ୫ଟି ସୁନାମଧନ୍ୟ ସଂକୀର୍ତ୍ତନ ଦଳ ଅଂଶଗ୍ରହଣ କରି ସଂକୀର୍ତ୍ତନ ପରିବେଷଣ କରୁଛନ୍ତି। ସଂକୀର୍ତ୍ତନ ଦଳ ମଧ୍ୟରେ ବାରିପଦାର ନରହଣିଖୁଣ୍ଟା ଓ ଧବଣୀ, କେନ୍ଦୁଝର ଜିଲ୍ଲାର ଫୁଲକଅଁଳେଇ ଓ ମିରଗିଖଳେଇ ଏଂ ନୀଳମାଧବ କରଞ୍ଜିଆ ଦଳ ନାମ ସଂକୀର୍ତ୍ତନ ପରିବେଷଣ କରୁଛନ୍ତ।ନାମଯଜ୍ଞ ସମାରୋହର ପୂଜକ ଭାବେ ତରୁଣ କୁମାର ଦାଶ ଓ ସରୋଜ କୁମାର ଦାଶ ପୂଜା କରୁଥିବା ବେଳେ କର୍ତ୍ତା ଭାବେ ଗିରିଶ ଚନ୍ଦ୍ର ଖାଟୁଆ ରହିଛନ୍ତିଛ ରଜନୀ କାନ୍ତ ମହାନ୍ତି, ପଞ୍ଚୁରାନ୍ ସାମଲ, ଶୈଳେସ ଖାଟୁଆ ପଦ୍ମ ଲୋଚନ ଦେହୁରୀ ପ୍ରମୁଖଙ୍କ ସହ ମଣ୍ଡଳୀର ସମସ୍ତ ସଦସ୍ୟ ପରିଚାଳନାରେ ସହଯୋଗ ପ୍ରଦାନ କରୁଛନ୍ତି।ଏହି ନାମଯଜ୍ଞ ସମାରୋହକୁ ଉପଭୋଗ କରିବାକୁ ସନ୍ଧ୍ୟାରେ ବହୁ ସଂଖ୍ୟାରେ ଭକ୍ତମାନେ ଉପସ୍ଥିତ ରହି ଉପଭୋଗ କରୁଛନ୍ତି।

# ମୋବାଇଲ ଟାୱାର ସ୍ଥାନାନ୍ତର କରିବାକୁ ଦାବି

କେନ୍ଦୁଝର , (ସବ୍ୟୁ) : ଘର ନିକଟ ରେ ମୋବାଇଲ ଟାୱାର ବସି ଥିବାରୁ ଏହାକୁ ଅନ୍ୟତ୍ର ସ୍ଥାନନ୍ତର ଦାବୀ କରିଛନ୍ତି ସ୍ଥାନୀୟ ଲୋକେ। ତେବେ ଏନେଇ କେନ୍ଦୁଝର ମଣ୍ଡୁଆ ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। କେନ୍ଦୁଝର ଗଡ ପୌରପାଳିକା ରେ ଥିବା ଜଗନ୍ନାଥପୁର ମୌଜା କାଶିପୁରର ସୁମତୀ ଦାସ ଙ୍କ ଖାତା ନଂ-୧୦୨/୧୦୯୦ ପ୍ଲଟ ନଂ- ୨୫୫/୧୩୮ ନମ୍ବର ଉପରେ ଘର କରି ରହିଛନ୍ତି ଲୋକେ। ତେବେ ବଳରାମ ଦାସ ନାମକ ଜଣେ ବ୍ୟକ୍ତି ତାଙ୍କ ନିଜ ପ୍ଲଟ ନଂ- ୨୫୫/୧୩୯୦ ଉପରେ ଏକ ମୋବାଇଲ ଟାୱାର ବସାଇଛନ୍ତି। ଯାହାକୁ ବିରୋଧ କରିଛନ୍ତି ସ୍ଥାନୀୟ ଲୋକେ। ସୁମତୀ ଙ୍କ ସ୍ୱାମୀ କୃଷ୍ଣଚନ୍ଦ୍ର ଦାସ ହୃଦ ରୋଗୀ ହୋଇଥିବାବେଳେ ମୋବାଇଲ ଟାୱାର ହେଲେ ତାଙ୍କ ସ୍ୱାସ୍ଥ୍ୟ ପ୍ରତି ବିପଦ ହୋଇପାରେ ବୋଲି କହିଛନ୍ତି। ଏହି ଜନଗହଳି ପୂର୍ଣ୍ଣ ଜାଗାରେ ସ୍ଥାନୀୟ ଲୋକଙ୍କ ବିନା ଅନୁମତିରେ କିପରି ଏହି ଟାୱାର ବସିବାକୁ ଅନୁମତି ମିଳିଛି ତାହା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏହାର ପ୍ରତିକାର ନହେଲେ ଆଗାମୀ ଦିନ ରେ ଧାରଣା ରେ ବସିବେ ବୋଲି କହିଛନ୍ତି ସ୍ଥାନୀୟ ବାସିନ୍ଦା।


**AFFIDAVIT**

I Sonya ranjan behera, S/o-Santosh Kumar Behera, R/o-Gop, Mahajnasahi, Po-Gop, Dist- Puri, Odisha, Pin -752110 declare by this affidavit dtd. 14.05.2025, No.-2097/2, that for and on behalf of myself I wholly renounce, relinquish and abandon the use of my former name Sonya ranjan behera and I shall be known as SOMYA RANJAN BEHERA for all purpose.

**Sd/- SOMYA RANJAN BEHERA**


# ଜିଲ୍ଲାସ୍ତରୀୟ ଆର୍ଟ ଅଫ ଗିଭିଂ ସମାରୋହ

ଭଦ୍ରକ,(ସବ୍ୟୁ):ଭଦ୍ରକରେ ଜିଲ୍ଲାସ୍ତରୀୟ ଆର୍ଟ ଅଫ ଗିଭିଂ ଦିବସ ପାଳନ ସମାରୋହ ଭଦ୍ରକ ଜିଲ୍ଲା ସଂସ୍କୃତି ଭବନ ଠାରେ ଅନୁଷ୍ଠିତ ହୋଇଛି। ଏହି ଉପଲକ୍ଷେ ସେଠାରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷାବିତ ବୈକୁଣ୍ଠ ବିଶ୍ୱାଳଙ୍କ ସଭାପତିତ୍ୱ ଏହି ଜିଲ୍ଲାସ୍ତରୀୟ ସମାରୋହ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ଯୋଗଦେଇ ଏହି ଜିଲ୍ଲାସ୍ତରୀୟ ଆର୍ଟ ଅଫ ଗିଭିଙ୍ଗ ସମାରୋହଟିକୁ ଉଦଘାଟନ କରିବା ସହିତ ଆର୍ଟ ଅଫ ଗିଭିଙ୍ଗ ହେଉଛି ସାମ୍ପ୍ରତିକ ସମାଜ ପାଇଁ ଏକ ସମୟ ଉପଯୋଗୀ ଆଦର୍ଶ ଚିନ୍ତନ ବୋଲି କହିଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ,ସମ୍ମାନିତ ଅତିଥି ଭାବେ ପ୍ରଫେସର ରାମଚନ୍ଦ୍ର ପଣ୍ଡ,ଭଦ୍ରକ ବିଧାୟକଙ୍କ ପ୍ରତିନିଧି ତଥା ସମାଜସେବୀ ଶେଖର ମହାପାତ୍ର,ଅଧ୍ୟାପକ ଶୁଭେନ୍ଦୁ କୁମାର ବରା,କିଟ ବିଶ୍ୱ ବିଦ୍ୟାଳୟର ନିର୍ଦ୍ଦେଶକ ସ୍ନେହାଶିଷ ରାଉତ ପ୍ରମୁଖ ଯୋଗଦେଇ ଆର୍ଟ ଅଫ ଗିଭିଂ ଦିବସ ପାଳନର ପରିକଳ୍ପନା କରିଥିବା ଡ଼.ଅଚ୍ୟୁତ ସାମନ୍ତଙ୍କ ଆଦର୍ଶ କାର୍ଯ୍ୟ ଓ ତାଙ୍କ ମାନବିକ ମୂଲ୍ୟବୋଧ ଉପରେ ଆଲୋଚନା କରିବା ସହିତ ସମସ୍ତେ ତାଙ୍କ ଭଳି ସମର୍ପିତ ମନୋଭାବ ନେଇ କାର୍ଯ୍ୟ କଲେ ଆର୍ଟ ଅଫ ଗିଭିଂର ଯଥାର୍ଥତା ପତିପାଦନ ହୋଇପାରିବ ବୋଲି କହିଥିଲେ। ଏହି ଅବସରରେ ଜିଲ୍ଲାରେ ସମର୍ପିତ ମନୋଭାବ ନେଇ ସମାଜ ସେବାରେ ବ୍ରତୀ ଥିବା ପୂର୍ବତନ ସରପଂଚ ଗୋଲକ ଚନ୍ଦ୍ର ସାମଲ,ବିଶିଷ୍ଟ ସମାଜସେବୀ ରାମଚନ୍ଦ୍ର ବେହେର,ଆଦର୍ଶ ପ୍ରଧାନଶିକ୍ଷକ ନିରଞ୍ଜନ ସେଠ,ଆଦର୍ଶ ଶିକ୍ଷୟିତ୍ରୀ ଜୟନ୍ତୀ କର ଶର୍ମା,ଆଦର୍ଶ ଅଧ୍ୟାପକ ଶୁଭେନ୍ଦୁ କୁମାର ବରା,କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ ପରୀକ୍ଷାରେ ଓଡିଶା ଟପର ହୋଇଥିବା ଛାତ୍ର କାବ୍ୟ ରଞ୍ଜନ ମାଝି,ଆଦର୍ଶ ସଂଗଠନ ଭାବେ ଜିଲ୍ଲାଏକତା ରକ୍ତଦାନ ସଂଗଠନ ଆଦିଙ୍କୁ ଆର୍ଟ ଅଫ ଗିଭିଂ ସମ୍ମାନ ୨୦୨୫ ପ୍ରଦାନ କରାଯାଇଥିଲା। ଏହି ସମାରୋହରେ ଭଦ୍ରକର ବିଭିନ୍ନ ଅଂଚଳରୁ ପ୍ରାୟ ଦୁଇ ଶହରୁ ଅଧିକ ବୁଦ୍ଧିଜୀବୀ ଓ ଯୁବକ ଏବଂ ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ। ପ୍ରାରମ୍ଭରେ ସାମ୍ବାଦିକ ନରେନ୍ଦ୍ର କୁମାର ସାମଲ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲାବେଳେ କାର୍ଯ୍ୟକ୍ରମର ଆଭିମୁଖ୍ୟ ବିଷୟରେ କିସ ଜିଲ୍ଲା ସଂଯୋଜକ ବିରେନ ମହାଳିକ ସୂଚନା ଦେଇଥିଲେ। ଶେଷରେ କିଟର କ୍ଷେତ୍ରୀୟ ଅଧିକାରୀ ଦୀପକ ବେହେରା ଧନ୍ୟବାଦ ଦେଇଥିଲେ।

# ଦେବସ୍ମିତା ଢିଁପୁରା ଓଏଭି ସର୍ବଶ୍ରେଷ୍ଠ ଛାତ୍ରୀ



ଖଇରା,(ସବ୍ୟୁ) :ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ଅଧୀନ ପୁରୁଷୋତ୍ତମପୁର ଗ୍ରାମର ଦେବସ୍ମିତା ଶତପଥି ୪୭୯ ମାର୍କ ରଖି ଔପଦାସ୍ଥିତ ଢିଁପୁରା ଓଡିଶା ଆଦର୍ଶ ବିଦ୍ୟାଳୟ(ଓଏଭି)ରେ ସର୍ବଶ୍ରେଷ୍ଠ ଛାତ୍ରୀ ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି । ଏଥିପାଇଁ ତାଙ୍କୁ ଖଇରା ଓ ଔପଦା ଅଞ୍ଚଳରେ ବିଭିନ୍ନ ମହଲରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ପ୍ରଶାସନିକ ସେବାରେ କାର୍ଯ୍ୟ କରିବାକୁ ସେ ଲକ୍ଷ ରଖିଥିବା କହିଛନ୍ତି ।ଏଭଳି ସଫଳତା ର ଶ୍ରେୟ ସେ ତାଙ୍କର ବାପା ଯୋଗେଶ ଶତପଥି,ମା କିରଣବାଳା ନନ୍ଦ ତଥା ବିଦ୍ୟାଳୟର ସମସ୍ତ ଶିକ୍ଷୟତ୍ରୀ ଶିକ୍ଷକଙ୍କୁ ପ୍ରଦାନ କରିଛନ୍ତି । ପାଠ ପଢିବା ସହ ଖେଳାଖେଳି କରିବାକୁ ଭଲ ଲାଗେ ବୋଲି କହିଛନ୍ତି ।


**ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**

**କ୍ଷେତ୍ରୀୟ କାର୍ଯ୍ୟାଳୟ: ପ୍ଲଟ୍ ନଂ.: ୧୦୮-ବି, ୧ମ ମହଲା, ୟୁନିଟ୍-୭, ସୂର୍ଯ୍ୟ ନଗର, ଗୋପବନ୍ଧୁ ଛକ ନିକଟ, ଭୁବନେଶ୍ୱର-୭୫୧୦୦୩**

**ସର୍ବସାଧାରଣ ବିଜ୍ଞପ୍ତି**

ଏତଦ୍ୱାରା ସର୍ବସାଧାରଣଙ୍କୁ ଅବଗତ କରାଯାଉଛି ଯେ, ଋଣଗ୍ରହୀତା **ମେସର୍ସ କେଡ଼ିଏଫ୍ ଏଜେନ୍ସି** ନିଜର ବକେୟା ଋଣ ପରିଶୋଧ କରିବାରେ ବିଫଳ ହୋଇଥିବାରୁ ମାନ୍ୟବର **ଋଣ ଅସୁଲି ପ୍ରାଧିକରଣ, କଟକଙ୍କ** ଦ୍ୱାରା ରିକଭରି କେସ୍ ନଂ. ୩୩/୨୦୧୬/ସିଟିସି ରେ ଦିଆଯାଇଥିବା ନିର୍ଦ୍ଦେଶ ଅନୁଯାୟୀ ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ, ମହତାବ ରୋଡ୍ ଶାଖା, କଟକ ଠାରେ ଋଣ ବାବଦକୁ ବନ୍ଧକ ରଖାଯାଇଥିବା ନିମ୍ନୋକ୍ତ ସମ୍ପତ୍ତିକୁ **ତା.୧୭.୦୫.୨୦୨୫ରିଖରେ ଭୌତିକ ଦଖଲକୁ** ନିଆଯାଇଛି ।

ଏହି ପ୍ରକ୍ରିୟା ଅଧିବକ୍ତା କମିଶନର **ଶ୍ରୀ ସିତାଂଶୁ କୁମାର ଦାସଙ୍କ** ନିର୍ଦ୍ଦେଶ କ୍ରମେ କନ୍ଦରପୁର ଥାନା ଏବଂ ଏ.ସି.ପି. ଜୋନ୍-୫, କଟକ ୟୁପିଡ଼ି ପକ୍ଷରୁ ପୋଲିସ ସୁରକ୍ଷା ମାଧ୍ୟମରେ ଶାନ୍ତିପୂର୍ଣ୍ଣ ଭାବେ କରାଯାଇଅଛି ।

**ଭୌତିକ ଦଖଲ ନିଆଯାଇଥିବା ସମ୍ପତ୍ତିର ବିବରଣୀ:** ହାଲ ଖତିୟାନ ନଂ.: ୯୫, ଚକ ନଂ.: ୨୦୧, **୧)** ପ୍ଲଟ୍ ନଂ. ୬୫୪, କ୍ଷେତ୍ର: ଏକର୦.୫୪୦ ଡିସିମିଲି, **୨)** ପ୍ଲଟ୍ ନଂ. ୧୬୮, କ୍ଷେତ୍ର: ଏକର୦.୦୩୦ ଡିସିମିଲି, **୩)** ପ୍ଲଟ୍ ନଂ. ୨୧୩, କ୍ଷେତ୍ର: ଏକର୦.୧୯୦ ଡିସିମିଲି, **ସମୁଦାୟ କ୍ଷେତ୍ର: ଏକର୦.୭୬୦ ଡିସିମିଲି,** ଯାହାକି ମୌଜା: କନ୍ଦରପୁର, ତହସିଲ: କଟକ ସଦର, ଥାନା: କନ୍ଦରପୁର, ଏସ୍ଆରଓ: କଟକ, ଜିଲ୍ଲା: କଟକ ଠାରେ ଅବସ୍ଥିତ ।

ଏହି ନୋଟିସ୍ ମାଧ୍ୟମରେ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ, ଉପରୋକ୍ତ ସମ୍ପତ୍ତି **ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ** ର ଭୌତିକ ଦଖଲରେ ରହିଛି । ଯଦି କୌଣସି ବ୍ୟକ୍ତି ଉକ୍ତ ସମ୍ପତ୍ତି ସହିତ କୌଣସି କାରବାର କରନ୍ତି ତେବେ ସେଥି ନିମନ୍ତେ ସେ ନିଜେ ଦାୟୀ ରହିବେ ।

**ତାରିଖ: ୧୭.୦୫.୨୦୨୫**
**ସ୍ଥାନ: କଟକ**

**କ୍ଷମତାପ୍ରାପ୍ତ ଅଧିକାରୀ**
**ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ**
**କ୍ଷେତ୍ରୀୟ କାର୍ଯ୍ୟାଳୟ, ଭୁବନେଶ୍ୱର**


# ମେଧାବୀ ଛାତ୍ର ଛାତ୍ରୀଙ୍କୁ ଶିକ୍ଷା ବିକାଶ ସମିତି ପକ୍ଷରୁ ସମ୍ବର୍ଦ୍ଧନା



ଭୁବନେଶ୍ୱର,(ସବ୍ୟୁ) : ଶିକ୍ଷା ବିକାଶ ସମିତି, ଓଡ଼ିଶାଙ୍କ ଅଧୀନରେ ପରିଚାଳିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଗୁଡ଼ିକର ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ଫଳ ଉଲ୍ଲେଖନୀୟ ସଫଳତା ହାସଲ କରିଛି । ପ୍ରଦେଶ ସ୍ତରରେ ପ୍ରଥମ ୧୦ଟି ସ୍ଥାନରେ ଥିବା ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ୧୮ ମେ ୨୦୨୫ (ରବିବାର) ଦିବା ୧୦.୩୦ ଘଟିକା ସମୟରେ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ, ଭୁବନେଶ୍ୱର ପରିସରରେ ସମ୍ବର୍ଦ୍ଧିତ କରାଯାଇଛି । ଉକ୍ତ ଉତ୍ସବରେ ମଞ୍ଚାସୀନ ଅତିଥି ଭାବେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବିଦ୍ୟା ଭାରତୀ ଅଖିଳ ଭାରତୀୟ ଶିକ୍ଷା ସଂସ୍ଥାନର ସଂଗଠନ ମନ୍ତ୍ରୀ ଶ୍ରୀମାନ୍ ଗୋବିନ୍ଦଚନ୍ଦ୍ର ମହାନ୍ତ ଓ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ, ଭୁବନେଶ୍ୱରର ଅଧ୍ୟକ୍ଷ ପ୍ରଫେସର ପ୍ରକାଶ ଚନ୍ଦ୍ର ଅଗ୍ରୱାଲ ଏବଂ ଅଧ୍ୟକ୍ଷ ଭାବେ ଶିକ୍ଷା ବିକାଶ ସମିତି, ଓଡ଼ିଶାଙ୍କ ସଭାପତି ଡ. କିଶୋରଚନ୍ଦ୍ର ମହାନ୍ତି ଉପସ୍ଥିତ ରହି ୫୮୪ ନମ୍ବର ରଖି ଓଡ଼ିଶାର ଯୁଗ୍ମ ଟପ୍ପର ହୋଇଥିବା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ବରଗଡ଼ (ଓଡ଼ିଆ ବିଭାଗ)ର ଛାତ୍ରୀ ସୁଶ୍ରୀ ବବିତା ରଥ ଏବଂ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ତୁଳସୀପୁର, କଟକର ଛାତ୍ର ଶ୍ରୀମାନ୍ ଚନ୍ଦନ କୁମାର ମହାନ୍ତ ସମେତ ଅନ୍ୟ ସମସ୍ତ ମେଧାବୀ ଛାତ୍ରଛାତ୍ରୀ, ସେମାନଙ୍କର ମାତାପିତା ଓ ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ୬୦%ରୁ ଅଧିକ ନମ୍ବର ରଖି ସମସ୍ତ ଛାତ୍ରଛାତ୍ରୀ ପାସ୍ କରିଥିବା ଶିଶୁ ବିଦ୍ୟା ମନ୍ଦିରଗୁଡ଼ିକୁ ମଧ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବିଦ୍ୟା ଭାରତୀ ପୂର୍ବ କ୍ଷେତ୍ର ସଂଗଠନ ମନ୍ତ୍ରୀ ଡ. ଆନନ୍ଦ ରାଓ ପାରଧୀ, ପୂର୍ବ କ୍ଷେତ୍ର କାର୍ଯ୍ୟକାରିଣୀ ସଦସ୍ୟ ଶ୍ରୀମାନ୍ ଦିବାକର ଘୋଷ ଏବଂ ସମସ୍ତ ବରିଷ୍ଠ କାର୍ଯ୍ୟକ୍ରମ ଉପସ୍ଥିତ ରହି ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ଶିକ୍ଷା ବିକାଶ ସମିତି, ଓଡ଼ିଶାଙ୍କ ସମ୍ପାଦକ ଡ. ସରୋଜ କୁମାର ହାତୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସଂଗଠନ ସମ୍ପାଦକ ଶ୍ରୀମାନ୍ ତାରକଦାସ ସରକାର ସ୍ୱାଗତ ଭାଷଣ ଦେଇଥିଲେ ଏବଂ ଶେଷରେ ପୂର୍ବ ସମ୍ଭାଗ ସମ୍ପାଦକ ପଙ୍କଜ କୁମାର କର ଧନ୍ୟବାଦ ଅର୍ପଣ କରିଥିଲେ ।

# ଯୁବକଙ୍କ ଉନ୍ମୋକ୍ତ କାଣ୍ଡ, ଅଳ୍ପକେ ବର୍ତ୍ତିଲେ ବସ ଯାତ୍ରୀ

ସୋର,(ସବ୍ୟୁ):ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ତଳନଗର ନିକଟରେ ବସ ମଧ୍ୟରେ ଜଣେ ବସ ଯାତ୍ରୀ ଉନ୍ମୋକ୍ତ କାଣ୍ଡ କରିଥିବା ବେଳେ ବସଟି ଦୁର୍ଘଟଣାଗ୍ରସ୍ତ ହୋଇ ବସ ଯାତ୍ରୀ ମାନେ ଅଳ୍ପକେ ବର୍ତ୍ତି ଯାଇଥିବା ଜଣାପଡିଛି।ସୂଚନା ଅନୁସାରେ ବାହାନଗା ବ୍ଲକ ବରିପଦା ଗ୍ରାମର ଜଣେ ଯୁବକ ବାଙ୍ଗାଲୋରରେ ରହି କାର୍ଯ୍ୟ କରନ୍ତି। କିନ୍ତୁ ରବିବାର ଦିନ ଘରକୁ ଆସିବା ପାଇଁ ବାଙ୍ଗାଲୋରରୁ ଟ୍ରେନ ଯୋଗେ ଭୁବନେଶ୍ୱର ପହଂଚିଥିଲେ।ସେଠାରୁ ବାହାନଗାରେ ଓହ୍ଲାଇବା ପାଇଁ ପଲକି ନାମକ ଏକ ଘରୋଇ ବସରେ ଚଢିଥିଲେ। ତଳନଗର ନିକଟରେ ହଠାତ ଯୁବକ ଜଣଙ୍କ ଡ୍ରାଇଭର ନିକଟକୁ ଆସି ଷ୍ଟେରିଂ ମୋଡିଥିଲେ। ଫଳରେ ଗାଡିଟି ଡିଭାଇଡରକୁ ଧକା ଦେଇଥିଲେ ମଧ୍ୟ ଡ୍ରାଇଭରଙ୍କ ଉପସ୍ଥିତ ବୁଦ୍ଧି ପାଇଁ ଏକ ବଡଧରଣର ଦୁର୍ଘଟଣାରୁ ବସ ଯାତ୍ରୀମାନେ ବର୍ତିଯାଇଥିଲେ।ଏହାପରେ ସ୍ଥାନୀୟ ଲୋକେ ଯୁବକଙ୍କୁ ଧରି ଉତ୍ତମ ମଧ୍ୟମ ଦେଇ ସୋର ଥାନାକୁ ଖବର ଦେଇଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଖୁବ...

କାର୍ଯ୍ୟ ପ୍ରାୟତଃ ସଂପୂର୍ଣ୍ଣ ହୋଇଛି । ଖୁବ୍ ଶୀଘ୍ର ଏହି ସବୁ ପ୍ରକଳ୍ପ ଗୁଡ଼ିକ ଉଦ୍ଘାଟନ ହେବା ପାଇଁ ଯାଉଛି ବୋଲି ବୈଠକର ଆଲୋଚନାରୁ ଜଣାଯାଇଛି । ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ସମସ୍ତ ବିଭାଗୀୟ କାର୍ଯ୍ୟ ଗୁଡିକ ସମ୍ବନ୍ଧରେ ଜିଲ୍ଲାପାଳ ଓ ସମ୍ପୃକ୍ତ ଅଧିକାରୀଙ୍କ ଠାରୁ ତଥ୍ୟ ନେବା ସହିତ କାର୍ଯ୍ୟର ଅଗ୍ରଗତି ସମ୍ବନ୍ଧରେ ପ୍ରଶ୍ନ କରିଥିଲେ ଏବଂ ଯେଉଁ କାର୍ଯ୍ୟ ଗୁଡିକ ମନ୍ଥର ଗତିରେ କାର୍ଯ୍ୟକାରୀ ହେଉଛନ୍ତି ତାହାକୁ ତ୍ୱରାନ୍ୱିତ କରିବା ପାଇଁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ମୁଖ୍ୟମନ୍ତ୍ରୀ, ଗ୍ରାମ୍ୟ ଉନ୍ନୟନ, ସଡ଼କ, ପରିବହନ, ସ୍ୱାସ୍ଥ୍ୟ, ଶିକ୍ଷା, ଜଳସେଚନ, ମହିଳା ସଶକ୍ତିକରଣ, କୃଷି ସମେତ ଶିଳ୍ପ ସମ୍ବନ୍ଧ ରେ ବିଶଦ ଭାବେ ଜିଲ୍ଲାପାଳ ଓ ଅଧିକାରୀଙ୍କ ସହ କଥା ହୋଇଥିଲେଛ ବୌଦ୍ଧ ଜିଲ୍ଲା ରେ ଏହି ସବୁ କାର୍ଯ୍ୟର ଉପଯୁକ୍ତ କାର୍ଯ୍ୟାନ୍ୱୟନ ଏବଂ ଏହାର କାର୍ଯ୍ୟକାରୀ ହାର ଦେଖି ମୁଖ୍ୟମନ୍ତ୍ରୀ ପ୍ରଶଂସା କରିବା ସହିତ ଏହାର ଆହୁରି ପ୍ରଗତି ପାଇଁ ନିର୍ଦ୍ଦେଶ ଦେଇଥିଲେ ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ବୌଦ୍ଧ ଜିଲ୍ଲାରେ ଅନେକ ବିକାଶମୂଳକ ପ୍ରକଳ୍ପ ଯଥା ରାସ୍ତା ଓ ପୋଲ ନିର୍ମାଣ, ପାନୀୟ ଜଳ ଯୋଗାଣ, ଶିକ୍ଷା ଓ ସ୍ୱାସ୍ଥ୍ୟ ଭିତ୍ତିଭୂମି ନିର୍ମାଣରେ ଉଲ୍ଲେଖନୀୟ ପ୍ରଗତି ହୋଇଛି । ଏହା ସହିତ ଜନ ଶୁଣାଣୀ, ଭତ୍ତା ବଣ୍ଟନ, ବରିଷ୍ଠ ଅଧିକାରୀ ଓ ମନ୍ତ୍ରୀଙ୍କ ପରିଦର୍ଶନ, ମଧ୍ୟାହ୍ନ ଭୋଜନ ଯୋଜନା, ମୁଖ୍ୟମନ୍ତ୍ରୀ ଅନ୍ତ୍ୟୋଦୟ ଯୋଜନା, ମିଶନ ଶକ୍ତି ଇତ୍ୟାଦି ରେ ଉଲ୍ଲେଖନିୟ ସଫଳତା ପାଇଁ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ମୁଖ୍ୟମନ୍ତ୍ରୀ ଅଭିନନ୍ଦନ ଜଣାଇଥିଲେ । ଏହି କାର୍ଯ୍ୟଗୁଡ଼ିକ ଜନସାଧାରଣଙ୍କ ଜୀବନଧାରାକୁ ଉନ୍ନତ କରୁଛ । କିଛି ପ୍ରକଳ୍ପରେ ବିଳମ୍ବ ହେଉଥିବା ଜଣାପଡୁଛିଛ ମୁଁ ନିର୍ଦ୍ଦେଶ ଦେଉଛି ଯେ ସମସ୍ତ ପ୍ରକଳ୍ପ ର୍ନିଦିଷ୍ଟ ସମୟ ସୀମା ମଧ୍ୟରେ ଶେଷ ହେବା ଆବଶ୍ୟକ । ସେହିପରି, କାର୍ଯ୍ୟର ଗୁଣବତ୍ତା ସହ କୌଣସି ସାଲିସ କରାଯିବ ନାହିଁ । ଗୁଣବତ୍ତା ଯାଞ୍ଚ ପାଇଁ ନିୟମିତ ନିରୀକ୍ଷଣ ବ୍ୟବସ୍ଥା କଡ଼ାକଡ଼ି କରାଯାଉ । ବିକାଶ କାର୍ଯ୍ୟ ସଫଳ ହେବା ପାଇଁ ସ୍ଥାନୀୟ ଜନସାଧାରଣଙ୍କ ସହଭାଗିତା ଅତ୍ୟନ୍ତ ଜରୁରୀ । ପ୍ରକଳ୍ପ ସମ୍ପର୍କରେ ସ୍ଥାନୀୟ ଲୋକଙ୍କୁ ଅବଗତ କରାଯାଉ ଏବଂ ସେମାନଙ୍କ ମତାମତକୁ ଗ୍ରହଣ କରାଯାଉ । ଏହା ଦ୍ୱାରା ପ୍ରକଳ୍ପଗୁଡ଼ିକ ଅଧିକ ସ୍ୱଚ୍ଛ ଓ ଲୋକାଭିମୁଖୀ ହେବ ବୋଲି ସେ କହିଥିଲେ ।

ଜମି ଅଧିଗ୍ରହଣ, ଅର୍ଥ ଯୋଗାଣ ଓ ଜନବଳ ଅଭାବ ଭଳି ଚ୍ୟାଲେଞ୍ଜଗୁଡ଼ିକ ସମ୍ପର୍କରେ ଉଲ୍ଲେଖ କରାଯାଇଛି । ମୁଖ୍ୟମନ୍ତ୍ରୀ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଉଛି ଯେ ଏହି ସମସ୍ୟାଗୁଡ଼ିକର ତୁରନ୍ତ ସମାଧାନ ପାଇଁ ରାଜ୍ୟ ସରକାରଙ୍କ ସହ ସମନ୍ୱୟ କରନ୍ତୁ । ଆବଶ୍ୟକ ହେଲେସେ ନିଜେ ଏହି ବିଷୟରେ ହସ୍ତକ୍ଷେପ କରିବେ । ବୌଦ୍ଧ ଜିଲ୍ଲାରେ ଶିକ୍ଷା, ସ୍ୱାସ୍ଥ୍ୟ, କ୍ରୀଡ଼ା ଓ କୃଷି କ୍ଷେତ୍ରରେ ଅଧିକ ଧ୍ୟାନ ଦେବାର ଆବଶ୍ୟକତା ରହିଛି ।ସ୍କୁଲ ଓ ହସ୍ପିଟାଲଗୁଡ଼ିକରେ ଭିତ୍ତିଭୂମି ଉନ୍ନତି ଏବଂ କୃଷକମାନଙ୍କ ପାଇଁ ଆଧୁନିକ ସୁବିଧା ଯୋଗାଇ ଦିଆଯାଉ । ଏହି କ୍ଷେତ୍ରଗୁଡ଼ିକୁ ଅଗ୍ରାଧିକାର ଦିଆଯାଇ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ ।

ସମସ୍ତ ସରକାରୀ ଯୋଜନା ଓ ପ୍ରକଳ୍ପଗୁଡ଼ିକରେ ସ୍ୱଚ୍ଛତା ବଜାୟ ରଖିବା ଆମର ମୁଖ୍ୟ ଲକ୍ଷ୍ୟ । ସମସ୍ତ ଅଧିକାରୀ ଏହା ନିଶ୍ଚିତ କରନ୍ତୁ ଯେ ସରକାରୀ ଅର୍ଥର ସଠିକ ବ୍ୟବହାର ହେଉଛି ଏବଂ ଜନସାଧାରଣଙ୍କୁ ଏହାର ସୁଫଳ ମିଳୁଛି । କୌଣସି ଅନିୟମିତତା ଦୃଷ୍ଟିଗୋଚର ହେଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।ସେ ପୁଣି କହିଥିଲେଯେ, ପୂର୍ବ ସରକାର ଏହି ଜିଲ୍ଲା ପ୍ରତି ପାତର ଅନ୍ତର କରିଥିଲେ କିନ୍ତୁ ଆମ ସରକାର, ଏଇ ମୋହନ ସରକାର ପ୍ରତିଶ୍ରୁତିବଦ୍ଧ ଯେ, ଆମେ ବୌଦ୍ଧ ଜିଲ୍ଲାକୁ ଉନ୍ନତିରା ଶିଖର ରେ ପହଞ୍ଚାଇବୁଛଆଗାମୀ ଦିନରେ ବୌଦ୍ଧ ଜିଲ୍ଲାକୁ ଏକ ଆଦର୍ଶ ଜିଲ୍ଲା ଭାବେ ଗି ତୋଳିବା ଆମର ଲକ୍ଷ୍ୟଛ ଏଥିପାଇଁ ନୂଆ ପ୍ରକଳ୍ପ ଯଥା ଶିଳ୍ପ ସ୍ଥପନ, ପର୍ଯ୍ୟଟନ ବିକାଶ ଓ ନବୀକରଣୀୟ ଶକ୍ତି ଉପରେ ଧ୍ୟାନଦିଆଯାଉଛ ଏହା ସମ୍ପର୍କରେ ଏକ ବିସ୍ତୃତ ଯୋଜନା ଆଗାମୀ ଏକ ମାସ ମଧ୍ୟରେ ପ୍ରସ୍ତୁତ କରନ୍ତୁ ।ଉକ୍ତ ସମୀକ୍ଷା ବୈଠକ କାର୍ଯ୍ୟକ୍ରମରେ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ, ବିଧାୟକ, ବୌଦ୍ଧ ତଥା ସରକାରୀ ଦଳ ମୁଖ୍ୟ ସଚେତକ, ସରୋଜ କୁମାର ପ୍ରଧାନ, ବିଧାୟକ, କନ୍ଧମାଳ, କହ୍ନାଇ ଚରଣ ଡାଙ୍ଗ, ଆରକ୍ଷୀ ମହା ନିରୀକ୍ଷକ, ନୀତି ଶେଖର, ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା, ଆରକ୍ଷୀ ଅଧିକ୍ଷକ ରାହୁଲ ଗୋଏଲ, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ସିଡିଓ୍ୱୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ଉପଜିଲ୍ଲାପାଳ ପ୍ରବୀଣ କୁମାର ବାଣୁଆଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଓ ପ୍ରଶାସନିକ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ ।


**TPWODL**

**TP WESTERN ODISHA DISTRIBUTION LIMITED**
(A Joint Venture of Tata Power and Government of Odisha)
Corporate Office : Burla, Dist.-Sambalpur (Odisha)-768017

**NOTICE INVITING TENDER**

**TN.TPWODL/MK/O/SER/2500000959 Date. 19.05.2025**

TP Western Odisha Distribution Limited, invites tender quotations (in 2part bidding) from eligible vendors for the following package :

**Rate Contract for Meter Installation and Associated Services for 2 years.**

Interested bidders are to submit Tender Participation Fee and Authorization Letter through email on or before **28th May 2025, 18:00Hrs,** after which the link from e-Tender system shall be shared with them.

For detailed tender documents of the above-mentioned tender, please visit Tender section of **www.tpwesternodisha.com.** All details for participating in the tender is given in the tender document.

All future correspondence regarding the tender, bid submission, date extension etc. will take place with the participating bidders only through E-Tender system.

Sd/- **Head-Contracts & Procurement**



**ଓଡ଼ିଶା ସରକାର**

**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**

T-

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ମାନ୍ୟବର ମୁଖ୍ୟମନ୍ତ୍ରୀ ଆସନ୍ତା ତା **୧୯.୦୫.୨୦୨୫** ରିଖ (ସୋମବାର) ଦିନ ସକାଳ ୮ ଘଟିକାରୁ ୟୁନିଟ୍-୨, ଅଶୋକ ନଗର, ଭୁବନେଶ୍ୱର ସ୍ଥିତ ପୂର୍ବତନ ସରକାରୀ ପ୍ରାଥମିକ ବିଦ୍ୟାଳୟ (କ୍ୟାପିଟାଲ ନର୍ସରୀ ନିକଟସ୍ଥ) ଠାରେ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିବେ ।

ଏହି ଅଭିଯୋଗ ଶୁଣାଣି ପାଇଁ ଅନଲାଇନ ପଞ୍ଜୀକରଣ କରିଥିବା ଜନସାଧାରଣ ପଞ୍ଜୀକୃତ ପ୍ରାପ୍ତି ସ୍ୱୀକାରପତ୍ର, ବ୍ୟକ୍ତିଗତ ପରିଚୟପତ୍ର ତଥା ନିଜର ଅଭିଯୋଗପତ୍ର ସହ ଦର୍ଶାଯାଇଥିବା ସ୍ଥାନରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହି ନିଜର ଅଭିଯୋଗ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇ ପାରିବେ । ଉପରୋକ୍ତ ସ୍ଥାନକୁ ଆସିବା ପାଇଁ ନିମ୍ନ ପ୍ରଦର୍ଶିତ **QR** କୋଡ୍‌କୁ ମୋବାଇଲ ଫୋନ୍ ଦ୍ୱାରା ସ୍କାନ କରି ଗୁଗୁଲ ମ୍ୟାପ୍ ସାହାଯ୍ୟରେ ଜନଶୁଣାଣି ସ୍ଥଳରେ ପହଞ୍ଚି ପାରିବେ ।

ସ୍ୱା/- ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ
ସାଧାରଣ ଅଭିଯୋଗ ବିଭାଗ

OIPR: 09014/11/0121/2526



**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍ ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟ ରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ-୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

## ନିର୍ଦ୍ଦେଶକଙ୍କ ଜନ୍ମଦିନକୁ ସମ୍ଭାବନା ଦିବସ
# ପାଳିଲା ସେଣ୍ଟ ଜାଭିୟର୍ସ ଗ୍ରୁପ ଅଫ୍ ସ୍କୁଲ

କଟକ,(ସବ୍ୟୁ): ଜଣେ ବ୍ୟକ୍ତିର ଜନ୍ମଦିନ ପାଳନ କରି ତାର ଦୀର୍ଘାୟୁ କାମନା କରିବା ଆମ ସମାଜର ଏକ ପାରମ୍ପାରିକ ରୀତି ନୀତି । ତେବେ ଜନ୍ମ ଦିନ ପାଳନ କରାଯାଉଥିବା ବ୍ୟକ୍ତିର ଯଦି ସମାଜ ପ୍ରତି କିଛି ଅବଦାନ ରହିଥାଏ ତାହେଲେ ସେମାନଙ୍କ ପ୍ରତି ଏହି ଉତ୍ସବ ହୋଇଯାଏ ଏକ ସମ୍ମାନ । ସେହିଭଳି ଏକ ସମ୍ମାନସ୍ପଦ ବ୍ୟକ୍ତିବ ହେଉଛନ୍ତି ସେଣ୍ଟ ଜାଭିୟର୍ସ ଗ୍ରୁପ ଅଫ ସ୍କୁଲର ନିର୍ଦ୍ଦେଶକ ଡଃ.ପ୍ରଭୁ ଚରଣ ମହାନ୍ତି । ଶିକ୍ଷାର ପ୍ରଚାର ପ୍ରସାର କରିବାରେ ଦୀର୍ଘ ଦିନ ଧରି ସେ ଯେଉଁ ଅକ୍ଲାନ୍ତ ଆତ୍ମବିଶ୍ୱାସ ଧାରାକୁ ଅବ୍ୟାହତ ରଖି ସମ୍ଭାବନା ସୃଷ୍ଟି କରିଛନ୍ତି ତାହା ଆଗାମୀ ଦିନର ନୂତନ ପିଢ଼ିମାନଙ୍କ ପ୍ରେରଣା ଯୋଗାଇବ ବୋଲି ସମ୍ଭାବନା ଦିବସ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ତିରୁପତି ଓ କିସ ବିଶ୍ୱବିଦ୍ୟାଳୟର କୁଳପତି ଡଃ ହରେକୃଷ୍ଣ ଶତପଥି କହିଛନ୍ତି । ସାରଳା ଭବନରେ ସେଣ୍ଟ ଜାଭିୟର୍ସ ଗ୍ରୁପ ପକ୍ଷରୁ ଆୟୋଜିତ ସମ୍ଭାବନା ଦିବସରେ ବିଭିନ୍ନ ସାମାଜିକ, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା । ଯେଉଁଥିରେ ବିଭିନ୍ନ ବିଦ୍ୟାଳୟ ଓ ଅରଫାନେଜ୍ ର ଛାତ୍ରଛାତ୍ରୀମାନେ ଭାଗ ନେଇ ନିଜର ପ୍ରତିଭା ପ୍ରଦର୍ଶନ କରି ପୁରସ୍କୃତ ହୋଇଥିଲେ । ପ୍ରତିଯୋଗୀମାନଙ୍କ ମଧ୍ୟରୁ ଆଦୃତ ହୋମ୍ସ(କଟକ)ର ପିଲାମାନେ ପ୍ରଥମ ସ୍ଥାନ ଅଧିକାର କରି ୧୦ ହଜାର ଟଙ୍କା, ଦ୍ୱିତୀୟ ସ୍ଥାନ ଗ୍ରହଣ କରି ପରିବର୍ତ୍ତନ( ଚୌଦ୍ୱାର)ର ପିଲାମାନେ ୭ହଜାର ଟଙ୍କା ଏବଂ ତୃତୀୟ ସ୍ଥାନ ଅଧିକାର କରି ସେଣ୍ଟ ଜାଭିୟର୍ସ ହାଇ ସ୍କୁଲ(କଲେଜସ୍କୋୟାର) ର ପିଲାମାନେ ୫ହଜାର ଟଙ୍କା ପୁରସ୍କାର ସ୍ୱରୂପ ପାଇଥିଲେ । ଏଥିରେ ଅନ୍ୟତମ ଅତିଥି ଭାବେ ସୁ ସାହିତ୍ୟିକ ଡଃ ପ୍ରଭାକର ସ୍ୱାଇଁ, ସମ୍ମାନନୀୟ ଅତିଥି ଭାବେ ସମାଜସେବୀ ଡଃ ସମ୍ବିତ ନନ୍ଦ,କଳିଙ୍ଗ ଫାଉଣ୍ଡେସନର ପ୍ରତିଷ୍ଠାତା ତଥା ସୁନାମଧନ୍ୟ କବି ଡଃ ଶ୍ରୀକାନ୍ତ ମିଶ୍ର, ଆଦୃତ ହୋମ୍ସର ସଂସ୍ଥାପକ ଡଃ ଆଦିତ୍ୟ ମହାନ୍ତି , ଏ ସି ପି (କଟକ)ଅମିତାଭ ମହାପାତ୍ର,ଆକାଶ ଇନଷ୍ଟିଚ୍ୟୁଟର ନିର୍ଦ୍ଦେଶକ ଡଃ ଅଜୟ ବାହାଦୁର ସିଂ, ମିଶ୍ର ଶାଳାର ପ୍ରତିଷ୍ଠାତା ଡଃ ଅଜୟ କୁମାର ମିଶ୍ର, ପରିବର୍ତ୍ତନର ସଂସ୍ଥାପକ ନରୋତ୍ତମ ଦାସ, ଜଗନ୍ନାଥ ସେବା ଟ୍ରଷ୍ଟ, ଶିକ୍ଷାବିତ ଅଟଳ ବିହାରୀ ଦାଶ, ଏ ସି ପି କୃଷ୍ଣଚନ୍ଦ୍ର ସେଠୀ, ଶିକ୍ଷାବିତ ଶୁଭେନ୍ଦୁ ସ୍ୱାଇଁ, ପୂର୍ବତନ ହୋମଗାର୍ଡ ଡ଼ି ଜି ପି ଆଇ ପି ଏସ ଏମ୍ ଅକ୍ଷୟ, ଅନୁପମ ପ୍ରସାଦ, ପାଣ୍ଡା କବ୍ବର ପ୍ରୋସାହକ ଜନ୍ମେଜୟ ଜେନା ସମୂହ ଯୋଗ ଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ଏଥିରେ ସେଣ୍ଟ ଜାଭିୟର୍ସ ଗ୍ରୁପ ଅଫ ସ୍କୁଲର ନିର୍ଦ୍ଦେଶକ ଡଃ ପ୍ରଭୁ ଚରଣ ମହାନ୍ତି ଓ ପରିବାର ସଦସ୍ୟ, ଟ୍ରଷ୍ଟି ସ୍ନିଗ୍ଧା ମହାନ୍ତି, ସେଣ୍ଟ ଜାଭିୟର୍ସ ଗ୍ରୁପ୍ ର ସହ ନିର୍ଦ୍ଦେଶକ ଓ ଡମ୍ବରୁର ପ୍ରତିଷ୍ଠାତା ସମ୍ୟକ ମହାନ୍ତି, ସହପ୍ରତିଷ୍ଠାତା ଆୟେଶା ଦାସ, ପାଣ୍ଡା କବ୍ବର ପ୍ରତିଷ୍ଠାତା ସାମର୍ଥ ମହାନ୍ତି ପ୍ରମୁଖ ଉପସ୍ଥିତ ଥିବାବେଳେ ଡମ୍ବରୁ ଟିମ୍, ସେଣ୍ଟ ଜାଭିୟର୍ସ ଓ କ୍ରିଷ୍ଣମୂର୍ତ୍ତି ୱାର୍ଲଡ଼ ସ୍କୁଲର ସମସ୍ତ ପ୍ରିନ୍ସିପାଲ, ମୁଖ୍ୟ କାର୍ଯ୍ୟକର୍ତ୍ତା,ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଛାତ୍ରଛାତ୍ରୀମାନଙ୍କ ମିଳିତ ସହଯୋଗରେ କାର୍ଯ୍ୟକ୍ରମଟି ସମ୍ପାଦିତ ହୋଇଥିଲା ।



### କମାଗୁରୁ ପଞ୍ଚାୟତରେ ପାନୀୟ ଜଳ ଯୋଗାଣ ଆରମ୍ଭ

ନିରାକାରପୁର,(ସବ୍ୟୁ) : ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ ଅନ୍ତର୍ଗତ କମାଗୁରୁ ପଞ୍ଚାୟତରେ ପଞ୍ଚାୟତ ତରଫରୁ ଟ୍ୟାଙ୍କର ମାଧ୍ୟମରେ ପାନୀୟ ଜଳ ଯୋଗାଣ ଶୁଭାରମ୍ଭ ହୋଇଛି।ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁଁ କୂଅ ଓ ପୋଖରୀ ସୁଖିବାକୁ ଲାଗିଲାଣି। ବିଶୁଦ୍ଧ ପାନୀୟ ଜଳ ଲୋକ ନ ପାଇ ପାଣି ଟୋପାଏ ପାଇଁ ଡହଳ ବିକଳ ହେଉଥିବାବେଳେ ପଞ୍ଚାୟତ ତରଫରୁ ଟ୍ୟାଙ୍କର ମାଧ୍ୟମରେ ଭ୍ରାମ୍ୟମାଣ ପାନୀୟ ଜଳ ଯୋଗାଣକୁ ସରପଞ୍ଚ ସୁନୀତା ଚମ୍ପତି ଆରମ୍ଭ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ନାଏବ ସରପଂଚ ଆଶୁତୋଷ ମହାପାତ୍ର, ସମିତି ସଭ୍ୟା ଲକ୍ଷ୍ମୀପ୍ରିୟା ଦାମଲ ଓ ୱାର୍ଡ ମେମ୍ବର ରୁଶାନ୍ତ ବାରିକ, ସୁଜାତା ବେହେରା, ସମାଜସେବୀ କୁଳମଣି ବେହେରା ଓ ପଞ୍ଚାୟତ ନିର୍ବାହୀ ଅଧିକାରୀ ଲଲାଟେନ୍ଦୁ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ପଦ୍ମିନୀ କେୟାରରେ ବିଶ୍ୱ ଉଚ୍ଚ ରକ୍ତଚାପ ଦିବସ



କଟକ, (ସ୍ୱପ୍ର): ପଦ୍ମିନୀ କେୟାର ହସ୍ପିଟାଲ ଭେଷଜ ବିଭାଗ ପକ୍ଷରୁ ବିଶ୍ୱ ଉଚ୍ଚ ରକ୍ତଚାପ ଦିବସ ପାଳିତ ହୋଇଥିଲା । ଏହି ଉପଲକ୍ଷେ ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଆଭାସୀ ମାଧ୍ୟମରେ ସଚେତନା ବାର୍ତ୍ତା ପ୍ରଦାନ କରି ପରିବର୍ତ୍ତିତ ଜୀବନଶୈଳୀ ଯୋଗୁ ବୃଦ୍ଧି ପାଉଥିବା ରକ୍ତଚାପ, ଏହାଠୁ ଦୂରରେ ରହିବା ପାଇଁ ଜନସାଧାରଣଙ୍କୁ ସଚେତନ କରାଇବା ଅତ୍ୟନ୍ତ ଜରୁରୀ ଏବଂ ଏଦିଗରେ ଡାକ୍ତର, ନର୍ସ ଓ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଉଚ୍ଚ ରକ୍ତଚାପ ଆଜି ବିଶ୍ୱର ଏକ ପ୍ରମୁଖ ସ୍ୱାସ୍ଥ୍ୟ ସମସ୍ୟା ଭାବରେ ଦେଖାଦେଇଛି । ଉଚ୍ଚ ରକ୍ତଚାପ ପୀଡିତଙ୍କ ସଂଖ୍ୟାକୁ ଦୃଷ୍ଟିରେ ରଖି ୱାଲର୍ଡ ହାଇପର ଟେନସନ୍ ଲିଗ୍ -୨୦୦୫ ପ୍ରଥମ କରି ମେ ୧୭ତାରିଖରେ ଏହି ଦିବସ ପାଳନ ଲାଗି ନିଷ୍ପତ୍ତି ନେଇଥିଲା। ଏହି ନିରବଘାତକ ବ୍ୟାଧିର କାରଣ ଓ ନିରାକରଣ ସଂପର୍କରେ ପ୍ରତ୍ୟେକ ସଚେତନ ହେବା ଏବଂ ନିୟମିତ ବ୍ୟାୟାମ, ଯୋଗ, ପ୍ରାଣାୟାମ ଇତ୍ୟାଦି ଜରୁରୀ ବୋଲି ବକ୍ତାମାନେ କହିଥିଲେ । ଭେଷଜ ବିଭାଗର ମୁଖ୍ୟ ପ୍ରଫେସର ଡା. ଧୀରେନ୍ଦ୍ରନାଥ ମହାରଣା, ସହକାରୀ ପ୍ରଫେସର ଡା. ଦୀପକ କୁମାର ସ୍ୱାଇଁ, ଡା. ସ୍ୱସ୍ତିକ୍ ଆଚାର୍ଯ୍ୟ ଏବଂ ହସ୍ପିଟାଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଡା. ଜ୍ୟୋତି ପ୍ରକାଶ ପରିଜା ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ ।

# ମେଧା ପ୍ରତିଭା ପୁନମ ପ୍ରିୟଦର୍ଶିନୀ ସମ୍ବର୍ଦ୍ଧିତ

ଫୁଲନଖରା ,(ସବ୍ୟୁ): କଟକ ସଦର ୪୨ ମୌଜା ନିବାସୀ ପ୍ରାଧ୍ୟାପକ ପ୍ରଫୁଲ୍ଲ ଦାସ ଓ ସୁମିତ୍ରା ବେହେରାଙ୍କ କନ୍ୟା ପୁନମ ପ୍ରିୟଦର୍ଶିନୀ ମୁଣ୍ଡଳୀସ୍ଥିତ ପି.ଏମ୍ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟରେ ଦଶମରେ ସମୁଦାୟ ୯୮% ନମ୍ବର ରଖି ବିଦ୍ୟାଳୟରେ ଟପ୍ପର ହୋଇଛନ୍ତି । ପୁନମଙ୍କ ଏହି ସଫଳତା ନେଇ ୪୨ ମୌଜାର ଅଗ୍ରଣୀ ସାମାଜିକ ସଙ୍ଗଠନ ବୟାଳିଶମୌଜା ବିକାଶ ପରିଷଦ ପୁନମ ପ୍ରିୟଦର୍ଶିନୀଙ୍କୁ ଶୁଭେଚ୍ଛା ଜଣାଇବା ସହ ସମ୍ବର୍ଦ୍ଧିତ କରିଛନ୍ତି । ପରିଷଦର ସଂପାଦକ ସଙ୍ଗଠକ ସନ୍ତୋଷ କୁମାର ପତି ,ସମାଜସେବୀ ସୁଭାଷ ଚନ୍ଦ୍ର ସାହୁ,ରାଜନୀତିଜ୍ଞ ତ୍ରିଲୋଚନ ଦଳାଇ,ସମାଜସେବୀ ଜ୍ୟୋତିରଞ୍ଜନ ଭୋଳ, ସମାଜସେବୀ ଚନ୍ଦନ କୁମାର ପ୍ରଧାନ,ସମାଜସେବୀ ସ୍ୱାର୍ଥମୁକ୍ତି ସେଠୀ,ସମାଜସେବୀ ବିଶ୍ୱଜିତ୍ ପତି ଓ କୂଳସରିଚୁଆଁ ଗ୍ରାମ ପଞ୍ଚାୟତ ସମିତି ସଭ୍ୟ ଦିଲ୍ଲୀପ କୁମାର ବିହାରୀ,ରାଜନୀତିଜ୍ଞ ସନ୍ତୋଷ କୁମାର ସାହୁ ଉପସ୍ଥିତ ଥିଲେ । ଭବିଷ୍ୟତରେ ଜଣେ ସୁନାମଧନ୍ୟ ପ୍ରଶାସନିକ ଅଧିକାରୀ ଭାବେ ମା,ମାଟି ଓ ଅଞ୍ଚଳର ସୁନାମ ରକ୍ଷା କରିବା ପାଇଁ ତାଙ୍କର ଆଶା ରହିଛି । ସୂଚନାଯୋଗ୍ୟ ତାଙ୍କ ଜ୍ୟେଷ୍ଠ ଭଗ୍ନୀ ସାହିତ୍ୟିକା ପାୟାଲ ପ୍ରିୟଦର୍ଶିନୀ ଓଡ଼ିଶା ପ୍ରଶାସନିକ ସେବାରେ ଅଧୁନା କାର୍ଯ୍ୟରତ ଏବଂ ପିତା ଶିକ୍ଷାବିତ୍ ତଥା କଳାକାର ପ୍ରଫୁଲ୍ଲ ଦାସ ସାମାଜିକ ସଂଗଠନ ଆରାଧ୍ୟା ଚାରିଟେବୁଲ ଟ୍ରଷ୍ଟ ଫୁଲନଖରା ଉପଦେଷ୍ଟା ଓ ସରସ୍ୱତୀ କଳା ପରିଷଦ କନ୍ଦରପୁର ଉପ ସଭାପତି ଏବଂ ସନାତନ ହରିଚନ୍ଦନ ଡିଗ୍ରୀ ମହାବିଦ୍ୟାଳୟ ଖୋର୍ଦ୍ଧାର ଅଧ୍ୟକ୍ଷ ଭାବେ ଶିକ୍ଷାଦାନ ସେବାରେ ବ୍ରତୀ ।

### କିଶୋରନଗରରେ ଆର୍ଟ ଅଫ ଗିଭିଙ୍ଗ କାର୍ଯ୍ୟକ୍ରମ

ଫୁଲନଖରା,(ସବ୍ୟୁ) : କଟକ ସଦର କିଶୋରନଗର ପଞ୍ଚାୟତ ହୁଲିପୁର ଦକ୍ଷତା ବିକାଶ ତାଲିମ କେନ୍ଦ୍ର (ପଟଚିତ୍ର) ଠାରେ କିଶୋରନଗର ଓ ବାରଦା କିଟ୍ କର୍ମଚାରୀଙ୍କ ସହଯୋଗରେ ଆର୍ଟ ଅଫ ଗିଭିଙ୍ଗ (ଏଓଜି) ବା ଦେବାର କଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କିଟ,କିସ,କିମସ ପ୍ରତିଷ୍ଠାତା ବରେଣ୍ୟ ଡ଼.ଅଚ୍ୟୁତ ସମାନ୍ତଙ୍କ ଆର୍ଟ ଅଫ୍ ଗିଭିଙ୍ଗ ବାର୍ତ୍ତାକୁ ଅତିଥି ମାନଙ୍କ ମାଧ୍ୟମରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିବା ବେଳେ, ପଟଚିତ୍ର ଛାତ୍ର ଝଛାତ୍ରୀ ମାନେ ସେମାନଙ୍କ ଦ୍ୱାରା ଅଙ୍କିତ ସୁନ୍ଦର ସୁନ୍ଦର ଚିତ୍ରମାନ ପଦର୍ଶନ କରାଇଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କିଶୋରନଗର ପୂର୍ବତନ ସରପଞ୍ଚ ଛତ୍ରପତି ସିଂ, ସଂମ୍ମାନିତ ଅତିଥି ଭାବେ ବରିଷ୍ଠ ସମାଜସେବୀ ସୀତାରାମ ପଣ୍ଡା, ବିଭୁତି ଭୂଷଣ ଦାସ,ଅନୁଷ୍ଠାନର ପ୍ରଶିକ୍ଷକ ପ୍ରଭାଶ ଚନ୍ଦ୍ର ଚଇନି ମଞ୍ଚାସିନ ଥିବାବେଳେ,ବର୍ଷାରାଣୀ ଚାଙ୍ଗାଜି,ରାଜଶ୍ରୀ ମଲ୍ଲିକ,ମାମାଲି ଭୋଇ,ପୁଷ୍ପାଞ୍ଜଳି ଭୋଇ, ସଂଘମିତ୍ରା ମଲ୍ଲିକ,ସୁଲୋଚନା ମଲ୍ଲିକ,ମାମାଲି ଭୋଇ,ଅନନ୍ୟା ମଲ୍ଲିକ,ଶୁଭସ୍ମିତା ମଲ୍ଲିକ,ଶୁଭଶ୍ରୀ ଭୋଇ,ଝିଲମିଲ ଭୋଇ,ପ୍ରମୋଦିନୀ ଭୋଇ,ରୁନି ଭୋଇ,କାଦମ୍ବିନୀ ଭୋଇ,ସମ୍ବିଧାନି ଭୋଇ,ମମତା ଭୋଇ,ଗାୟତ୍ରୀ ଦାସ ଆଦି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। କିଟ୍ କର୍ମଚାରୀ ଦେବକାନ୍ତ ସାହୁ,ରଞ୍ଜନ କୁମାର ବାରିକ,ସତ୍ୟରଞ୍ଜନ ବାରିକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ଟାଟା.ଇଭିର ମେଗା ଚାର୍ଜର ଷ୍ଟେସନ ଉଦ୍‌ଘାଟିତ




ଭୁବନେଶ୍ୱର (ସବ୍ୟୁ): ଭାରତର ସର୍ବବୃହତ ଚାରିଚକିଆ ଇଭି ଉତ୍ପାଦକ ତଥା ଭାରତର ଇଭି ବିପ୍ଳବର ଅଗ୍ରଣୀ ସଂସ୍ଥା ଟାଟା.ଇଭି ଏହାର ପ୍ରଥମ ୧୦ ଟାଟା.ଇଭି ମେଗା ଚାର୍ଜର ଉଦ୍‌ଘାଟନ କରିଛି । ଚାର୍ଜ ଜୋନ୍ ଏବଂ ଷ୍ଟାଟିକ୍ ସହିତ ମିଳିତ ଭାବରେ ଏହି ସ୍ପିଡ୍ ଚାର୍ଜର ଗୁଡ଼ିକର ଶୁଭାରମ୍ଭ ହୋଇଛି । ଭାରତରେ ଇ-ମୋବିଲିଟି ବୃଦ୍ଧି କରିବା ପାଇଁ ୨୦୨୭ ସୁଦ୍ଧା ଉପଲବ୍ଧ ଚାର୍ଜ ପଏଣ୍ଟ ସଂଖ୍ୟାକୁ ଦ୍ୱିଗୁଣିତ କରି ୪ଲକ୍ଷକୁ ବୃଦ୍ଧି କରିବାକୁ ପ୍ରତିଶ୍ରୁତି ପାଳନ କରିଛି । ଭାରତରେ ପରବର୍ତ୍ତୀ ପର୍ଯ୍ୟାୟ ବିଦ୍ୟୁତିକରଣକୁ ଚଳାଇବା, ଟାଟା ଇଭି ଏହାର ଓପନ କୋଲାବରେସନ୍ ଫ୍ରେମ୍‌ୱାର୍କ ଢ଼ାଞ୍ଚା ମାଧ୍ୟମରେ କେବଳ ବିଭିନ୍ନ ଚାର୍ଜ ପଏଣ୍ଟ ଅପରେଟର୍ସ (ସିପିଓ) ଏବଂ ତୈଳ ମାର୍କେଟିଂ ଗୁଡ଼ିକ (ଓଏମ୍‌ସିଏସ୍) ସହିତ ସହଭାଗିତା ସୃଷ୍ଟି କରିନାହିଁ ବରଂ ପ୍ରମୁଖ ହଟ୍‌ସ୍ପଟ୍ ଉପରେ ବିଶେଷ କରି ରାଜପଥରେ ଚାର୍ଜିଂ ଭିତ୍ତିଭୂମି ବିସ୍ତାର କରିଛି । ଏହି ଫ୍ରେମ୍‌ୱାର୍କ ଢ଼ାଞ୍ଚା ଅର୍ନ୍ତଗତ ଏକ ଫ୍ଲାଗ୍‌ସିପ୍ ପଦକ୍ଷେପ ହେଉଛି ଏକ ଟାଟା.ଇଭି, ମେଗାଚାର୍ଜର ନେଟ୍‌ୱାର୍କ ସୃଷ୍ଟି କରିବା ଯାହା ହାଇସ୍ପିଡ୍ ଚାର୍ଜିଂ ଏବଂ ଅପୂର୍ବ ନିର୍ଭର ଯୋଗ୍ୟତା ପ୍ରଦାନ କରିବ ।

### ଆର୍ଟ ଅଫ ଗିଭିଂଙ୍ଗ ପକ୍ଷରୁ
## ବସନ୍ତପୁର ସାଇ ମନ୍ଦିରରେ ପୋଷାକ ଓ ଛତା ବଣ୍ଟନ କାର୍ଯ୍ୟକ୍ରମ



ଭୁବନେଶ୍ୱର (ସବ୍ୟୁ): ଦ୍ୱାଦଶତମ ଆନ୍ତର୍ଜାତିକ ଆର୍ଟ ଅଫ ଗିଭିଙ୍ଗ ଦିବସ ପାଳନ ଅବସରରେ ଭରତପୁର ବ୍ଲକ ତଣ୍ଡାଗୁଡା ପଞ୍ଚାୟତ ଅନ୍ତର୍ଗତ ବସନ୍ତପୁର ଶିରିଡି ସାଇ ମନ୍ଦିରରେ ଛତା ଏବଂ ଗଞ୍ଜି ବଣ୍ଟନ କରାଯାଇଥିଲା । ଟ୍ରଷ୍ଟ ର ସମ୍ପାଦକ ସୁନୀଲ ମହାନ୍ତି ଓ ମ୍ୟାନେଜିଂ ଟ୍ରଷ୍ଟି ଡ଼ ରୁଦ୍ର ମହାନ୍ତି ରହି ମନ୍ଦିର ର ପୂଜକ ଓ କର୍ମଚାରୀ ଙ୍କୁ ଛତା ଓ ଗଞ୍ଜି ବଣ୍ଟନ କରିଥିଲେ । ସୂଚନା ଯୋଗ୍ୟ ଯେ ଆର୍ଟ ଅଫ ଗିଭିଙ୍ଗ ପ୍ରତିଷ୍ଠାତା ଡ଼ ଅଚ୍ୟୁତ ସାମନ୍ତଙ୍କର ପ୍ରତ୍ୟେକ ମଣିଷ ଅନ୍ୟ ଜଣେ ମଣିଷ କୁ ଭଲ ପାଇବାର ଏକ ଅଭିନବ ପ୍ରୟାସ ।

## ବାହାରିନ ଓଡ଼ିଆ ସମାଜ ପକ୍ଷରୁ ଓଡ଼ିଆ ଅସ୍ମିତା ଉତ୍ସବ
# ଓଡ଼ିଆ ଅସ୍ମିତା ସମ୍ମାନ ଗ୍ରହଣ କଲେ ବାଲୁକାଶିଳ୍ପୀ ସୁଦର୍ଶନ ପଟ୍ଟନାୟକ

ଭୁବନେଶ୍ୱର (ସବ୍ୟୁ): ବିଦେଶ ମାଟିରେ ବି ଦେଖିବାକୁ ମିଳିଲା ଓଡ଼ିଆ ଅସ୍ମିତା ନେଇ ସ୍ୱାଭିମାନ ଓ ସଚେତନତା । ଓଡ଼ିଆ ଅସ୍ମିତାକୁ ବିଶ୍ୱ ପ୍ରସାରୀ କରିବା ଲକ୍ଷ୍ୟରେ ବାହାରିନ ଓଡ଼ିଆ ସମାଜ ଆୟୋଜନ କରିଥିଲା ଓଡ଼ିଆ ଅସ୍ମିତା ଉତ୍ସବ ୨୦୨୫ । ବାହାରିନ ଓଡ଼ିଆ ସମାଜର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ଅରୁଣ କୁମାର ପ୍ରହରାଜଙ୍କ ସଭାପତିତ୍ୱରେ ସଲମାବାଦ ସ୍ଥିତ ଗୋଲଡେନ ଇଗଲ ଗଲ୍ଫକ୍ଲବ ହଲ ଠାରେ ଆୟୋଜିତ ଏହି ଉତ୍ସବରେ ଭାରତୀୟ ରାଷ୍ଟ୍ରଦୂତ ବିନୋଦ କେ. ଜାକବ ମୁଖ୍ୟ ଅତିଥିଭାବରେ ଯୋଗଦେଇ ବିଦେଶରେ ଭାରତୀୟ ସାଂସ୍କୃତିକ ପ୍ରବାହରେ ବାହାରିନ ଓଡ଼ିଆ ସମାଜର ଅଗ୍ରଣୀ ଭୂମିକାକୁ ପ୍ରଶଂସା କରିଥିଲେ । ଏଥିରେ ବାହାରିନ ଶ୍ରମ ଓ ସାମାଜିକ ଉନ୍ନୟନ ବିଭାଗର ଶ୍ରମ ବ୍ୟାପାର ସଚିବ ଅହମଦ ଅଲହାଇକି ବିଶିଷ୍ଟ ଅତିଥି ଭାବରେ ଯୋଗଦେଇ ଦୁଇ ଦେଶର ଏଭଳି ସାଂସ୍କୃତିକ ବିନିମୟକୁ ସାଧୁବାଦ ଜଣାଇଥିଲେ । ଏଥିସହିତ ଅନ୍ତର୍ଜାତିକ ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକ ମଧ୍ୟ ଅନ୍ୟତମ ଅତିଥି ଭାବରେ ଯୋଗଦେଇଥିଲେ । ବାହାରିନ ଓଡ଼ିଆ ସମାଜର ସଦସ୍ୟ ସଦସ୍ୟାଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, ପାରମ୍ପରିକ ଓଡ଼ିଆଖାଦ୍ୟ, ପୋଷାକ ଆଦି ପ୍ରଦର୍ଶନ କରିଥିଲେ । ଏହି ଅବସରରେ ଅନୁଷ୍ଠାନର ମୁଖପତ୍ର 'ବାହାରିନ ଉତ୍କଳିକା' ଅତିଥି ମାନଙ୍କଦ୍ୱାରା ଉନ୍ମୋଚିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଓଡ଼ିଆ ଅସ୍ମିତା ସମ୍ମାନରେ ବାଲୁକାଶିଳ୍ପୀ ସୁଦର୍ଶନ ପଟ୍ଟନାୟକ ଏବଂ ଓଡ଼ିଆ ଅସ୍ମିତା ନୃତ୍ୟ କଳା ସମ୍ମାନରେ ଗୁରୁ ଶାଶ୍ୱତ ଯୋଶୀଙ୍କୁ ସମ୍ମାନିତ କରାଯାଇଥିଲା । କାର୍ଯ୍ୟକ୍ରମକୁବାହାରିନ ଓଡ଼ିଆ ସମାଜର ସଦସ୍ୟ ପ୍ରମୁଖ ସହଯୋଗ କରିଥିଲେ ।



### ଓଡ଼ିଆ ଅସ୍ମିତା ନୃତ୍ୟ କଳା ସମ୍ମାନ ଗ୍ରହଣ କଲେ ଗୁରୁ ଶାଶ୍ୱତ ଯୋଶୀ

# ଦୀପ୍ତିମାନ ସାହାଣୀଙ୍କ ପରଲୋକ

ଭୁବନେଶ୍ୱର, (ସବ୍ୟୁ): ୟୁନିୟନ ବ୍ୟାଙ୍କ ଅଫ ଇଣ୍ଡିଆର ଚିଫ ମ୍ୟାନେଜର ଦୀପ୍ତିମାନ ସାହାଣୀଙ୍କ ହୃଦ୍‌ଘାତରେ ପରଲୋକ ଘଟିଛି । ମୃତ୍ୟୁ ବେଳକୁ ତାଙ୍କୁ ୫୦ ବର୍ଷ ବୟସ ହୋଇଥିଲା। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ପତ୍ନୀ ଅନୁରୂପା ସାହାଣୀ ଓ ତାଙ୍କର ୧୨ ବର୍ଷର ଝିଅ ଦିକ୍‌ଶା ସାହାଣୀ ଓ ଦଶ ବର୍ଷର ପୁଅ ଦକ୍‌ଶ ସାହାଣୀ ଉପସ୍ଥିତ ଥିଲେ। ଭୁବନେଶ୍ୱର ସି-୯୦ ବରମୁଣ୍ଡା ହାଉସିଂ ବୋର୍ଡ଼ କଲୋନୀର ପିତା ଜଗନ୍ନାଥ ସାହାଣୀ, ମାତା ଝରଣା ସାହାଣୀଙ୍କର ସେ କନିଷ୍ଠ ପୁତ୍ର ଅଟନ୍ତି। ସେ ଆସାମର ଜୋରହାଟ ୟୁନିୟନ ବ୍ୟାଙ୍କରେ ଚିଫ ମ୍ୟାନେଜର ଭାବେ କାର୍ଯ୍ୟ କରୁଥିଲେ। ସେ ଚଳିତମାସ ଗତ ୧୦ ତାରିଖ ଶନିବାର ଦିନ ଅସୁସ୍ଥ ଅନୁଭବ କରି ଆସାମ ସ୍ଥିତ ଏଟିରୋଡ ତାରଜନ୍ ଜୋରହାଟ ଠାରେ ଥିବା ସଂଜୀବନୀ ହସ୍ପିଟାଲରେ ଚିକିତ୍ସା ପାଇଁ ଆଡ଼ମିସନ୍ ହୋଇଥିଲେ। ସେଠାରେ ଚିକିତ୍ସା ହେଉଥିବା ବେଳେ ତାଙ୍କର ହୃଦ୍‌ଘାତ ହୋଇଥିଲା। ଫଳରେ ୧୧ ତାରିଖ ରବିବାର ଦିନ ତାଙ୍କର ପରଲୋକ ଘଟିଥିଲା। ଗତ ସୋମବାର ଆସାମରୁ ତାଙ୍କ ଶବ ନିଜ ପୈତୃକ ଘର ଭୁବନେଶ୍ୱର ବରମୁଣ୍ଡା ଆସିଥିଲା । ସେଠାରେ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରି ତାଙ୍କ ମରଶରୀରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ପରେ ସତ୍ୟନଗର ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ତାଙ୍କ ଶେଷକୃତ୍ୟ ସମୟରେ ତାଙ୍କ ବଡଭାଇ ଅଂଶୁମାନ ସାହାଣୀ, ଶାଳକ ଅୟସକାନ୍ତ ଜେନା, ଅମୀୟକାନ୍ତ ଜେନା, ଶଶୁର ନୃସିଂହ ଚରଣ ଜେନା, ତାଙ୍କ ପୁତ୍ର ଦକ୍‌ଶ, ଝିଅ ଦିକ୍‌ଶା ଓ ଆତ୍ମୀୟ ସ୍ୱଜନ ମାନେ ଉପସ୍ଥିତ ଥିଲେ ।



# ସ୍ୱାଗତିକାର ୪୫ତମ ଜାତୀୟ ଶିଶୁ ମହୋତ୍ସବ




ଭୁବନେଶ୍ୱର, (ସବ୍ୟୁ): ରାଜ୍ୟର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ସ୍ୱାଗତିକା, ଭୁବନେଶ୍ୱର ପକ୍ଷରୁ ୪୫ତମ ଜାତୀୟ ଶିଶୁ ମହୋତ୍ସବ-୨୦୨୫ ସ୍ଥାନୀୟ ଜୟଦେବ ଭବନ, ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ପ୍ରତିଯୋଗିତାରେ ରାଜ୍ୟ ତଥା ଆ'ଃରାଜ୍ୟସ୍ତରରୁ ବିଭିନ୍ନ ଶ୍ରେଣୀର ୧୦୦୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ କଳା, ରାହିମ୍ସ, ବକ୍ତୃତା, ଫ୍ୟାସନ ଶୋ, ଏକକ ନୃତ୍ୟ, ସଙ୍ଗୀତ ଓ ୱିମେନ୍ସ ସ୍ୱେଶାଲରେ ଅଂଶଗ୍ରହଣ କରିଥିଲେ । ଏଥିମଧ୍ୟରୁ ୧୦୨ଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା ଓ ଚଳଚ୍ଚିତ୍ର ଅଭିନେତ୍ରୀ ସୁଶ୍ରୀ ସାଇନି ମହାନ୍ତିଙ୍କୁ ଜାତୀୟ ଶିଶୁ ମହୋତ୍ସବ-୨୦୨୬ ପ୍ରସାର ନିମନ୍ତେ ବ୍ରାଣ୍ଡ ଆମ୍ବାସାଡ଼ର ଭାବେ ସର୍ବସମ୍ମତି ଭାବେ ନିଯୁକ୍ତ କରାଯାଇଛି।

ଏହି କାର୍ଯ୍ୟକ୍ରମ ଅନୁଷ୍ଠାନର ସଭାପତି ଶ୍ରୀମତୀ ନମିତା ମରୀ ରାୟ, ସାଧାରଣ ସମ୍ପାଦକ ଡ. ଅସିତ୍ କୁମାର ମହାନ୍ତି, ଅନୁଷ୍ଠାନର ସଂଗଠକ ମାନସ କାନୁନଗୋ, ରମେଶ ଚନ୍ଦ୍ର ମହାନ୍ତି, ଅଶୋକ କୁମାର ରାୟ, ସୂର୍ଯ୍ୟ ରଜ ମହାନ୍ତି, ନାରାୟଣ ବିଶୋଇ, ଲିଙ୍ଗରାଜ ମହାନ୍ତି, ମୋତିଆଲୁ ଦଳାଇ, ଗୋପାଳ ଦଳାଇ, ସୁଶ୍ରୀ ଲେଖା ମହାନ୍ତି ଓ ସୁଶ୍ରୀ ଶିବାନୀ ମହାନ୍ତି ପ୍ରମୁଖ କର୍ମକର୍ତ୍ତାଙ୍କ ମାଧ୍ୟମରେ ପୁରସ୍କାର ବିତରଣ ଉତ୍ସବ ପରିଚାଳିତ ହୋଇଥିଲା ।

# ଟାଙ୍ଗୋଳ ହାତୀ ଆକ୍ରମଣରେ ମୃତ୍ୟୁ ଘଟଣା: କ୍ଷତି ପୂରଣ ପ୍ରକ୍ରିୟା ଆରମ୍ଭ

ନିରାକାରପୁର,(ସବ୍ୟୁ) : ଗୁରୁବାର ବାର ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୋଳରେ ହାତୀ ଆକ୍ରମଣରେ ଗ୍ରାମର ପଠାଣି ସ୍ୱାଇଁ ମୃତ୍ୟୁ ହୋଇଯାଇଥିବା ବେଳେ ଶୁକ୍ରବାର ଦିନ ଶବ ବ୍ୟବଚ୍ଛେଦ ହୋଇ ଆସିବା ପରେ ବିଭାଗ ତରଫରୁ ଶବ ତାଙ୍କ ପରିବାରକୁ ଶବକୁ ହସ୍ତାନ୍ତର କରାଯାଇଛି। ଏଥିସହ କ୍ଷତି ପୂରଣ ପ୍ରଦାନ ପାଇଁ ବନ ବିଭାଗ ତରଫରୁ ପ୍ରକ୍ରିୟା ଆରମ୍ଭ ହୋଇଥିବା ଜଣାଯାଇଛି। ପ୍ରକାଶ ଥାଉ କି ଜଂକିଆ ଥାନା ଟାଙ୍ଗୋଳ ପଞ୍ଚାୟତ ହେମନ୍ତପୁର ମହାଦେବ ସାହି ନାଥ ସ୍ୱାଇଁଙ୍କ ପୁତ୍ର ପଠାଣି ସ୍ୱାଇଁ (୬୫) ନିକଟସ୍ଥ କଲବଲିଆ ନାଳ ନିକଟ ବାଲିକୁଦା ପରିବା ବାଡି ରୁ ପୋଟଳ କିଣିବାକୁ ଯାଇଥିବାବେଳେ ପାଖରେ ଥିବା କାଜୁ ଜଙ୍ଗଲରୁ ହଠାତ୍ ଏକ ଦନ୍ତା ହାତୀ ବାହାରି ପଠାଣିଙ୍କୁ ଶୁଣ୍ଢରେ ଟେକି କଚାଡ଼ିବା ସହିତ ପାଦରେ ଦଳିଚକଟି ମାରି ଦେଇଥିଲା। ପରେ ସେଠାକୁ ଖବର ପାଇ ଟାଙ୍ଗୀ ରେଞ୍ଜର ଦେବାଶିଷ ଭୋଇ ଓ ଜଂକିଆ ପୁଲିସ ପହଞ୍ଚି ଅନୁସନ୍ଧାନ କରିଥିଲେଛ ଆଜି ବିଭାଗ ତରଫରୁ ମୃତ ପଠାଣି ପରିବାରକୁ କିପରି କ୍ଷତି ପୂରଣ ଅର୍ଥ ରାଶି ମିଳିବ ସେଥିପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିବାବେଳେ ପ୍ରଥମେ ୬୦ ହଜାର ଟଙ୍କା ତାଙ୍କ ପରିବାର ଉତ୍ତରାଧିକାରୀଙ୍କ ଆକାଉଣ୍ଟ କୁ ଛଡାଯିବ ବୋଲି ରେଞ୍ଜର ଦେବାଶିଷ ଭୋଇ ପ୍ରକାଶ କରିଛନ୍ତି। ଏହି ଅଞ୍ଚଳରୁ କିପରି ହାତୀ ଅନ୍ୟତ୍ର ସ୍ଥାନାନ୍ତରିତ ହେବେ ସେଥିପାଇଁ ମଧ ବିଭାଗ ଚେଷ୍ଟା କରିବାକୁ ସ୍ଥାନୀୟ ଲୋକମାନେ ଦାବି କରିଛନ୍ତି।

# ଫ୍ୟୁଚର୍ ଜେନେରାଲୀ ଲଞ୍ଚ କରିଛି ନୂତନ ହେଲ୍ଥ ଅନଲିମିଟେଡ୍ ପ୍ଲାନ

ଭୁବନେଶ୍ୱର, (ସବ୍ୟୁ): ଭାରତରେ ବହୁତ ଲୋକଙ୍କ ପାଇଁ, ଆରୋଗ୍ୟ ବୀମା ଆର୍ଥିକ ସୁରକ୍ଷା ପାଇଁ ଗୋ-ଟୁ ସମାଧାନ, କିନ୍ତୁ ବୃଦ୍ଧି ପାଉଥିବା ହସ୍ପିଟାଲିଜେସନ୍ ଓ ଚିକିତ୍ସା ଖର୍ଚ୍ଚ ବିଷୟରେ ସ୍ୱାସ୍ଥ୍ୟ ବୀମା ଅନ୍ତର୍ଗତ ବ୍ୟବସ୍ଥା ଉପରେ ଆଶଙ୍କା ଉତ୍ପନ୍ନ କରେ। ଏହି ବୃଦ୍ଧି ପାଉଥିବା ଚିନ୍ତା ଏକ ସମ୍ପୂର୍ଣ୍ଣ ହେଲ୍ଥକେୟାର ସମାଧାନର ଆବଶ୍ୟକତାକୁ ହାଇଲାଇଟ୍ କରେ। ଆଠରୁ ଅଧିକ ନିଶ୍ଚିତ ବୀମାଧାରୀମାନେ ଚିକିତ୍ସକ ଖର୍ଚ୍ଚ ଟାଣି ବଢୁଥିବା ସମୟରେ ତାଙ୍କର ସ୍ୱାସ୍ଥ୍ୟ ବୀମା କାମ କରୁଛି କି ନାହିଁ ବିଷୟରେ ଅସ୍ପଷ୍ଟ ହେବାର ଅନୁଭବ କରୁଛନ୍ତି, ବୋଲି ଫ୍ୟୁଚର୍ ଜେନେରାଲି ଭାରତ ବୀମା - ହେଲ୍ଥ ଅନଲିମିଟେଡ୍ ଦ୍ୱାରା କରାଯାଇଥିବା ଏକ ବିଶେଷ ସର୍ବେକ୍ଷଣକୁ ଦୂରଦୃଷ୍ଟି ଦିଆଯାଇଛି । ଏହି ସର୍ବେକ୍ଷଣ, ୨୫ ବର୍ଷ ମାନେ ୮୦୦ ବୀମାଧାରୀ ଉପରେ କରାଯାଇଥିଲା, ବର୍ତ୍ତମାନ ପାଇଁ ସ୍ୱାସ୍ଥ୍ୟ ବୀମା କଭର୍ ସମ୍ପର୍କରେ ଭାରି ଚିନ୍ତା ବୃଦ୍ଧି ହେଉଛି । ହେଲଥ୍ ଅନଲିମିଟଡ୍‌ର ପ୍ରେରଣା ଉପରେ ଆଲୋକପାତ କରୁଥିବା ଅନୁପ୍ ରାଉ, ମ୍ୟାନେଜିଂ ଡିରେକ୍ଟର୍ ଏବଂ ସିଇଓ, ଫ୍ୟୁଚର୍ ଜେନରାଲି ଇଣ୍ଡିଆ ଇନ୍‌ସୁରାନ୍ସ କମ୍ପାନୀ ଲିମିଟେଡ୍, କହିଛନ୍ତି, ଚିକିତ୍ସାର ବଡ଼ ଖର୍ଚ୍ଚ ହେବା ସହ ଅଧିକାଂଶ ଲୋକଙ୍କ ପାଇଁ ଚିନ୍ତାର ଏକ କାରଣ ହୋଇଛି । ସ୍ୱାସ୍ଥ୍ୟ ବିମା ଥିଲେ ମଧ୍ୟ। ଆମର ଗ୍ରାହକଙ୍କ ପାଇଁ ଜୀବନ କାଳର ମିତ୍ର ଭାବେ, ସେସବୁ ସମସ୍ୟା ନିମନ୍ତେ ବ୍ୟକ୍ତିଗତ ସମାଧାନ ଦେଇଛି ଓ ଭାରତୀୟ ଗ୍ରାହକଙ୍କୁ ପ୍ରୟାପ୍ତ ଭାବେ ଅଲଙ୍କାରିତ କରିବା ପାଇଁ ଆମର ପ୍ରୟାସ। ଆମର ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟ ବିମା ଦେୟ ୩୯ହେଲଥ୍ ଅନଲିମିଟଡଦ୍ୱ୩୯ ଏହା ସୁନିଶ୍ଚିତ କରିବାକୁ ସାହାଯ୍ୟ କରିବ, ଯାହା ମାନେ ଏପରିକାରୀ ବିଲ୍ ବେଳେ ମଧ ଗ୍ରାହକଙ୍କ ସର୍ବ ସମ୍ବଳର ଅଭାବ ନହେବ ।

## ତୃତୀୟ ଶ୍ରାଦ୍ଧ ବାର୍ଷିକୀ

- ଧରାବତରଣ -
୦୨.୦୩.୧୯୪୨
- ସ୍ୱର୍ଗାରୋହଣ -
୨୧.୦୫.୨୦୨୨

ଚାହୁଁଚାହୁଁ ତିନି ବର୍ଷ ବିତିଗଲା ଆମକୁ ଲାଗୁଛି ଆପଣ ଆମ ନିକଟରେ ଅଛନ୍ତି । ଆପଣଙ୍କ କର୍ମମୟ ଜୀବନ, ତ୍ୟାଗ ଓ ସ୍ନେହ ଆମ୍ଭମାନଙ୍କ ହୃଦୟକୁ ସର୍ବଦା ଉଦ୍‌ବୁଦ୍ଧ କରିଆସିଛି । ଆପଣ ଯେଉଁଠି ଅଛନ୍ତି ଶାନ୍ତିରେ ରୁହନ୍ତୁ । ଆଜି ତୃତୀୟ ଶ୍ରାଦ୍ଧ ବାର୍ଷିକ ପାଳନ ଅବସରରେ ଆପଣଙ୍କ ମହାନ୍ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ ।



ଅର୍ଜ୍ଜୁନଚନ୍ଦ୍ର ଜେନା
(ଜଳସମ୍ପଦ ଅଧିକାରୀ)
ହରିଦାସପୁର, ନହରକଣ୍ଟା, ଭୁବନେଶ୍ୱର

: ଶୋକସନ୍ତପ୍ତ :
ପୁତ୍ର-ଅଭି, ବବୁ , କନ୍ୟା-ଟିକିଲି, ଖୁସି, ଜ୍ୱାଇଁ-ଟିଟା, ବାବୁଲି, ବୋହୂ-ଲିଜା, ପୂଜା
ନାତିନାତୁଣୀ-ସୋମୁ, ରୁଦ୍ର, ରାହୁଲ, ସାଇ, ରୁହାନ, ଗୁଗୁଲୀ, ସର, ଗୌରୀ ଓ ରୁହି

## ତାଳିକା ପ୍ରସ୍ତୁତ
### କିଏ ଯିବେ କେଉଁ ଦେଶ

ନୂଆଦିଲ୍ଲୀ: ଆତଙ୍କବାଦ ବିରୋଧରେ ଭାରତର ଶୂନ୍ୟ-ସହନଶୀଳତା ଓ 'ଅପରେସନ ସିନ୍ଦୂର' ସଂପର୍କରେ ସାରା ବିଶ୍ୱକୁ ବାର୍ତ୍ତା ଦେବା ପାଇଁ କେନ୍ଦ୍ର ସରକାର ଯେଉଁ ୭ଟି ସର୍ବଦଳୀୟ ପ୍ରତିନିଧି ମଣ୍ଡଳୀ ଗଠନ କରିଛନ୍ତି, ସେ ସଂପର୍କରେ ସବିଶେଷ ତଥ୍ୟ ଆସିଛି ।

ଏହି ୭ଟି ସର୍ବଦଳୀୟ ପ୍ରତିନିଧି ମଣ୍ଡଳୀରେ ମୋଟ ୫୯ ଜଣ ସଦସ୍ୟ ଅଛନ୍ତି । ସେମାନଙ୍କ ମଧ୍ୟରେ କେନ୍ଦ୍ରରେ କ୍ଷମତାସୀନ ଏନଡିଏର ୩୧ ଜଣ ନେତା ଥିବା ବେଳେ ଆଉ ୨୦ ଜଣ ଅନ୍ୟ ଦଳର । ସେମାନଙ୍କ ସହିତ ସରକାର କେତେ ଜଣ ପୂର୍ବତନ ଡିପ୍ଲୋମାଟ୍‌ଙ୍କୁ ମଧ୍ୟ ସାମିଲ କରିଛନ୍ତି । ଏହି ୭ଟି ସର୍ବଦଳୀୟ ପ୍ରତିନିଧି ମଣ୍ଡଳୀର ନେତୃତ୍ୱ ନେଉଛନ୍ତି, ବିଜେପି ସାଂସଦ ବୈଜୟନ୍ତ ଜୟ ପଣ୍ଡା, ରବି ଶଙ୍କର ପ୍ରସାଦ, କଂଗ୍ରେସ ସାଂସଦ ଶଶି ଥରୁର, ଜେଡିୟୁର ରାଜ୍ୟସଭା ସାଂସଦ ସଞ୍ଜୟ ଝା, ଶିବ ସେନା ସାଂସଦ ଶ୍ରୀକାନ୍ତ ସିନ୍ଦେ, ଡିଏମକେ ସାଂସଦ କାନିମୋଝି କରୁଣାନିଧି ଓ ଏନସିପି (ଶରଦ ପାୱାର) ସାଂସଦ ସୁପ୍ରିୟା ସୁଲେ ।

ଏହି ୭ଟି ସର୍ବଦଳୀୟ ପ୍ରତିନିଧି ମଣ୍ଡଳୀ ୩୨ଟି ଦେଶକୁ ଗସ୍ତ କରିବେ । ତା' ସହିତ ବ୍ରୁସେଲ୍ସ ଓ ବେଲଜିୟମ ସ୍ଥିତ ଇୟୁ ହେଡକ୍ୱାର୍ଟର୍ସକୁ ମଧ୍ୟ ଯିବେ । ସେମାନଙ୍କ ଗସ୍ତ ମେ' ୨୩ ତାରିଖରୁ ଆରମ୍ଭ ହେବ ବୋଲି ଆଶା କରାଯାଉଛି ।

# କେଉଁ ପ୍ରତିନିଧି ଗସ୍ତ କରିବେ କେଉଁ ରାଷ୍ଟ୍ର ?

ବିଜେପିର କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ଜୟ ପଣ୍ଡାଙ୍କ ନେତୃତ୍ୱରେ ଗଠିତ ସର୍ବଦଳୀୟ ପ୍ରତିନିଧି ମଣ୍ଡଳୀରେ ବିଜେପି ସାଂସଦ ନିଶିକାନ୍ତ ଦୁବେ, ଫାଂଗନୋନ କୋନ୍ୟାକ, ରେଖା ଶର୍ମା, ଏଆଇଏମ୍ଆଇଏମ୍ ସାଂସଦ ଅସଦୁଦ୍ଦିନ ଓୱେସି, ରାଜ୍ୟସଭା ସାଂସଦ ସତନାମ ସିଂହ ସାନ୍ଧୁ, ପୂର୍ବତନ କେନ୍ଦ୍ର ମନ୍ତ୍ରୀ ତଥା ଜମ୍ମୁ ଓ କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ଗୁଲାମନବୀ ଆଜାଦ ଓ ଆମ୍ବାସାଡର ହର୍ଷ ଶୃଙ୍ଗଲା ଅଛନ୍ତି । ଏହି ଟିମ୍ ସାଉଦି ଆରବ, କୁଏତ, ବାହରିନ ଓ ଆଲଜେରିଆ ଗସ୍ତରେ ଯିବେ ।

ବିଜେପି ସାଂସଦ ରବି ଶଙ୍କର ପ୍ରସାଦଙ୍କ ନେତୃତ୍ୱାଧୀନ ପ୍ରତିନିଧି ମଣ୍ଡଳୀରେ ବିଜେପି ସାଂସଦ ଡି ପୁରନ୍ଦେଶ୍ୱର, ଶିବ ସେନା (ୟୁବିଟି) ସାଂସଦ ପ୍ରିୟଙ୍କା ଚତୁର୍ବେଦୀ, ରାଜ୍ୟସଭା ସାଂସଦ ଗୁଲାମ ଅଲି ଖଟାନା, କଂଗ୍ରେସ ସାଂସଦ ଅମର ସିଂହ, ବିଜେପି ସାଂସଦ ସମିକ ଭଟ୍ଟାଚାର୍ଯ୍ୟ, ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଏମଜେ ଆକବର ଓ ଆମ୍ବାସାଡର ପଙ୍କଜ ଶରଣ ଅଛନ୍ତି । ଏହି ପ୍ରତିନିଧି ମଣ୍ଡଳୀ ୟୁକେ, ଫ୍ରାନ୍ସ, ଜର୍ମାନୀ, ଇୟୁ, ଇଟାଲୀ ଓ ଡେନମାର୍କ ଗସ୍ତରେ ଯିବ ।

ଜେଡିୟୁ ସାଂସଦ ସଞ୍ଜୟ କୁମାର ଝାଙ୍କ ନେତୃତ୍ୱରେ ଗଠିତ ସର୍ବଦଳୀୟ ପ୍ରତିନିଧି ମଣ୍ଡଳୀରେ ବିଜେପି ସାଂସଦ



ଅପରାଜିତା ଷଡ଼ଙ୍ଗୀ, ତୃଣମୂଳ କଂଗ୍ରେସ ସାଂସଦ ୟୁସୁଫ ପଠାନ, ବିଜେପି ସାଂସଦ ବ୍ରିଜ୍ ଲାଲ, ସିପିଆଇ (ଏମ୍) ସାଂସଦ ଜନ ବ୍ରିଟାସ, ବିଜେପି ସାଂସଦ ପ୍ରଦାନ ବରୁଆ ଓ ହେମାଙ୍ଗ ଯୋଶୀ, କଂଗ୍ରେସ ନେତା ସଲମାନ ଖୁର୍ସିଦ ଓ ଆମ୍ବାସାଡର ମୋହନ କୁମାର । ଏହି ପ୍ରତିନିଧି ମଣ୍ଡଳୀ ଇଣ୍ଡୋନେସିଆ, ମାଲେସିଆ, ଦକ୍ଷିଣ କୋରିଆ, ଜାପାନ ଓ ସିଙ୍ଗାପୁର ଗସ୍ତରେ ଯିବ ।

ଶିବ ସେନା ସାଂସଦ ଶ୍ରୀକାନ୍ତ ଏକନାଥ ସିନ୍ଦେଙ୍କ ନେତୃତ୍ୱରେ ଗଠିତ ସର୍ବଦଳୀୟ ପ୍ରତିନିଧି ମଣ୍ଡଳୀରେ ବିଜେପି ସାଂସଦ ବାଂଶୁରୀ ସ୍ୱରାଜ, ଅତୁଲ ଗର୍ଗ, ମନନ କୁମାର ମିଶ୍ରା ଓ ଏସ୍ ଏସ୍ ଆଲୁୱାଲିଆ, ଇଣ୍ଡିଆନ ୟୁନିୟନ ମୁସଲିମ ଲିଗ୍ ସାଂସଦ ମହମ୍ମଦ ବସୀର, ବିଜେଡି ସାଂସଦ ସସ୍ମିତ ପାତ୍ର ଓ ଆମ୍ବାସାଡର ସୁଜନ ଚିନୋୟ ଅଛନ୍ତି । ଏହି ଟିମ୍ ୟୁଏଇ, ଲାଇବେରିୟା, କଙ୍ଗୋ ଓ ସିଏରା ଲିୟୋନ ଗସ୍ତରେ ଯିବ ।

କଂଗ୍ରେସ ସାଂସଦ ଶଶୀ ଥରୁରଙ୍କ ନେତୃତ୍ୱରେ ଗଠିତ ସର୍ବଦଳୀୟ ପ୍ରତିନିଧି ମଣ୍ଡଳରେ ଏଲଜେପି (ରାମ ବିଳାଶ) ସାଂସଦ ସମ୍ଭାବୀ ଚୌଧୁରୀ, ଜେଏମ୍ଏମ୍ ସାଂସଦ ସରଫରାଜ ଅହମଦ, ଟିଡିପି ସାଂସଦ ଜିଏମ୍ ହରିଷ ବାଲଯୋଗୀ, ଶିବ ସେନା ସାଂସଦ ମିଳିନ୍ଦ ମୂରଲି ଦେଓରା, ବିଜେପି ସାଂସଦ ଶଶାଙ୍କମଣି ତ୍ରିପାଠୀ, ଭୁବନେଶ୍ୱର କଲିତା ଓ ତେଜସ୍ୱୀ ସୂର୍ଯ୍ୟ ଏବଂ ଆମ୍ବାସାଡର ତରଣଜିତ ସିଂହ ସାନ୍ଧୁ ଅଛନ୍ତି । ଏହି ପ୍ରତିନିଧି ମଣ୍ଡଳୀ ଆମେରିକା, ପାନାମା, ଗୁୟାନା, ବ୍ରାଜିଲ ଓ କଲମ୍ବିୟା ଗସ୍ତ କରିବେ ।

ଡିଏମକେ ସାଂସଦ କାନିମୋଝି କରୁଣାନିଧିଙ୍କ ନେତୃତ୍ୱରେ ଗଠିତ ସର୍ବଦଳୀୟ ପ୍ରତିନିଧି ମଣ୍ଡଳୀରେ ସମାଜବାଦୀ ସାଂସଦ ରାଜୀବ ରାଏ, ନ୍ୟାସନାଲ କନଫରେନ୍ସ ସାଂସଦ ମିଲନ ଅଲତାଫ ଅହମଦ, ବିଜେପି ସାଂସଦ ବ୍ରିଜେଶ ଚୌଟା, ଆରଜେଡି ସାଂସଦ ପ୍ରେମଚାନ୍ଦ ଗୁପ୍ତା, ଆପ୍ ସାଂସଦ ଅଶୋକ କୁମାର ମିତ୍ତଲ, ଆମ୍ବାସାଡର ମଞ୍ଜୀବ ଏସ୍ ପୁରୀ ଓ ଜୱେଦ ଅସ୍ରଫ ଅଛନ୍ତି । ଏହି ଟିମ୍ ସ୍ପେନ, ଗ୍ରୀସ, ସ୍ଲୋଭେନିୟା, ଲାଟଭିୟା ଓ ରୁଷ ଗସ୍ତରେ ଯିବେ ।

ଏନସିପି (ଶରଦ ପାୱାର) ସାଂସଦ ସୁପ୍ରିୟା ସୁଲେ, ଆପ୍ ସାଂସଦ ବିକ୍ରମଜିତ ସିଂହ ସାହନେୟ, କଂଗ୍ରେସ ସାଂସଦ ମନୀଷ ତିୱାରୀ, ଟିଡିପି ସାଂସଦ ଲାବୁ ଶ୍ରୀ କୃଷ୍ଣ ଦେବରାୟଲୁ, କଂଗ୍ରେସ ନେତା ଆନନ୍ଦ ଶର୍ମା, ବିଜେପି ସାଂସଦ ରାଜୀବ ପ୍ରତାପ ରୁଡ୍ଡୀ, ଅନୁରାଗ ସିଂହ ଠାକୁର ଓ ଭି ମୂରଲୀଧରନ ଏବଂ ଆମ୍ବାସାଡର ସୈୟଦ ଅକବରୁଦ୍ଦିନ ପ୍ରମୁଖ ଅଛନ୍ତି । ଏହି ପ୍ରତିନିଧି ମଣ୍ଡଳୀ ଇଜିପ୍ଟ, କତାର, ଇଥୋପିଆ ଓ ଦକ୍ଷିଣ ଆଫ୍ରିକା ଗସ୍ତ କରିବ ।

ଗତ ଏପ୍ରିଲ ୨୨ ତାରିଖରେ ଜମ୍ମୁ ଓ କଶ୍ମୀରର ପହଲଗାମର ବୈସାରନରେ ଆତଙ୍କବାଦୀମାନେ ୨୬ ଜଣଙ୍କୁ ଗୁଳି କରି ହତ୍ୟା କରିଥିଲେ । ସେମାନଙ୍କ ମଧ୍ୟରୁ ୨୫ ଜଣ ପର୍ଯ୍ୟଟକ ଥିଲେ । ଏହା ପରେ ମେ' ୭ ତାରିଖରେ ଭାରତ ଆରମ୍ଭ କରିଥିଲା 'ଅପରେସନ ସିନ୍ଦୂର' । ପାକିସ୍ତାନ ଓ ପାକିସ୍ତାନ ଅଧିକୃତ କଶ୍ମୀରରେ ୯ଟି ଆତଙ୍କୀ ଠିକଣାକୁ ଉଡ଼ାଇ ଦେଇଥିଲା ଭାରତ । ଲସ୍କର-ଏ-ତାଇବା, ଜୈଶ-ଇ-ମହମ୍ମଦ ଓ ହିଜବୁଲ ମୁଜାହିଦ୍ଦୀନର ଠିକଣାଗୁଡ଼ିକରେ ଭାରତ ଆକ୍ରମଣ କରିଥିଲା । ଏଥିରେ ପ୍ରାୟ ୧୦୦ ଆତଙ୍କବାଦୀଙ୍କ ମୃତ୍ୟୁ ଘଟିଥିଲା । ଏହା ପରେ ଭାରତ ଉପରେ ଆକ୍ରମଣ କରିଥିଲା ପାକିସ୍ତାନ । ଜମ୍ମୁ ଓ କଶ୍ମୀର ଠାରୁ ଆରମ୍ଭ କରି ଗୁଜରାଟ ପର୍ଯ୍ୟନ୍ତ ବିଭିନ୍ନ ସହରରେ ଡ୍ରୋନ୍ ଓ ମିସାଇଲ ଆକ୍ରମଣ କରିଥିଲା ପାକିସ୍ତାନ । ଭାରତ ସେଗୁଡ଼ିକୁ ସଫଳତାର ସହିତ ଆକାଶରେ ନଷ୍ଟ କରି ଦେଇଥିଲା । ଏହା ସହିତ ପାକିସ୍ତାନର ବିଭିନ୍ନ ସାମରିକ ଘାଟି ଉପରେ ଆକ୍ରମଣ କରିଥିଲା ଭାରତ । ଫଳରେ ପାକିସ୍ତାନ ବ୍ୟାପକ କ୍ଷତି ସହିଥିଲା । ଚାରି ଦିନର ଆକ୍ରମଣ ଓ ପ୍ରତିଆକ୍ରମଣ ପରେ ମେ' ୧୦ ତାରିଖରେ ଉଭୟ ଦେଶ ମଧ୍ୟରେ ଅସ୍ତ୍ରବିରତି ହୋଇଥିଲା ଓ ଅପରେସନ ସିନ୍ଦୂରକୁ ସ୍ଥଗିତ ରଖିଥିଲା ଭାରତ । ତେବେ କୂଟନୈତିକ ସ୍ତରରେ ପାକିସ୍ତାନକୁ ଘେରିବାକୁ ଭାରତ ଏବେ ଜୋର ଦେଇଛି ।

# ଭାରତରୁ ରପ୍ତାନି ଆମ୍ବ ରଖିଲାନି ଆମେରିକା, ୪ କୋଟି ନଷ୍ଟ

ନୂଆଦିଲ୍ଲୀ: ଭାରତରୁ ସବୁଠାରୁ ଅଧିକ ଆମ୍ବ ଆମେରିକାକୁ ରପ୍ତାନି ହୋଇଥାଏ । କିନ୍ତୁ ନିକଟରେ ଭାରତରୁ ବିମାନ ଯୋଗେ ପଠାଯାଇଥିବା ଆମ୍ବକୁ ଆମେରିକା ଫେରାଇ ଦେଇଛି ।

ଏହାର କାରଣ ଡକ୍ୟୁମେଣ୍ଟ ଠିକ୍ ନଥିବା କୁହାଯାଇଥିଲା । ଆମେରିକୀୟ ଅଧିକାରୀମାନେ କହିଛନ୍ତି ଯେ ଏହି ଆମ୍ବଗୁଡ଼ିକୁ ଆମେରିକାରେ ହିଁ ନଷ୍ଟ କରାଯିବା ଉଚିତ ନଚେତ ଭାରତକୁ ଫେରାଇ ଦିଆଯିବା ଉଚିତ । ଏହି ଆମ୍ବଗୁଡ଼ିକର ମୂଲ୍ୟ ୪ କୋଟି ଟଙ୍କାରୁ ଅଧିକ ହେବ ବୋଲି କୁହାଯାଉଛି ।



ରିପୋର୍ଟ ଅନୁଯାୟୀ, ଆମ୍ବ ନଷ୍ଟ ହୋଇଯିବା ଏବଂ ଭାରତକୁ ଫେରାଇ ଆଣିବାରେ ଅଧିକ ଖର୍ଚ୍ଚ ହେବ ବୋଲି ସେଗୁଡ଼ିକୁ ସେଠାରେ ନଷ୍ଟ କରିବାକୁ ନିଷ୍ପତ୍ତି ହୋଇଛି । ଏହି ଆମ୍ବଗୁଡ଼ିକୁ ୮ ଏବଂ ୯ ମେ ତାରିଖରେ ମୁମ୍ବାଇରେ ଇରାଡିଏସନ୍ କରାଯାଇଥିଲା । ତେବେ ଏକ ପ୍ରକ୍ରିୟା ଯେଉଁଠାରେ ଫଳଗୁଡ଼ିକ ନିୟନ୍ତ୍ରିତ ପରିମାଣର ରେଡିଏସନର ସମ୍ମୁଖୀନ ହୁଅନ୍ତି । ଯାହା ଫଳରେ ଥିବା କୀଟପତଙ୍ଗଙ୍କୁ ମାରିଦିଏ ଏବଂ ଫଳଗୁଡ଼ିକ ଅଧିକ ଦିନ ପର୍ଯ୍ୟନ୍ତ ତାଜା ରହିଥାଏ । ଏହି ସାମଗ୍ରୀଗୁଡ଼ିକୁ ଲସ୍ ଆଞ୍ଜେଲସ୍, ସାନ୍ ଫ୍ରାନ୍ସିସ୍କୋ ଏବଂ ଆଟଲାଣ୍ଟା ଭଳି ବିମାନବନ୍ଦରରେ ଅଟକାଯାଇଥିଲା । ଆମେରିକୀୟ ଅଧିକାରୀଙ୍କ ଅନୁଯାୟୀ, ଏହି ଆମ୍ବଗୁଡ଼ିକୁ ପୋକ ମୁକ୍ତ କରିବାର ପ୍ରକ୍ରିୟା ସଠିକ୍ ଭାବରେ ଅନୁସରଣ କରାଯାଇ ନଥିଲା ।

# ନର୍କକୁ ଚାଲିଯିବି ପଛେ, ପାକିସ୍ତାନ ଯିବି ନାହିଁ: ଜାଭେଦ ଅଖତର

ନୂଆଦିଲ୍ଲୀ: ବଲିଉଡର ବରିଷ୍ଠ ଗୀତିକାର ଏବଂ ସ୍କ୍ରିପ୍ଟ ଲେଖକ ଜାଭେଦ ଅଖତର ପ୍ରାୟତଃ ତାଙ୍କ ବୟାନ ପାଇଁ ଶିରୋନାମାରେ ରହିଥାନ୍ତି । ଜାଭେଦ ଅଖତର ତାଙ୍କର ଫିଲ୍ମ ଏବଂ ଗୀତ ସହିତ ସ୍ପଷ୍ଟବାଦୀତା ପାଇଁ ମଧ୍ୟ ଜଣାଶୁଣା । ସେ ସାମାଜିକ ପ୍ରସଙ୍ଗରେ ନିଜର ମତ ପ୍ରକାଶ କରିବାକୁ କେବେ ପଛଘୁଞ୍ଚା ଦିଅନ୍ତି ନାହିଁ । ଗତ କିଛି ଦିନ ଧରି ଭାରତ ଏବଂ ପାକିସ୍ତାନ ମଧ୍ୟରେ ଉତ୍ତେଜନା ଲାଗି ରହିଛି । ଏବେ ଜାଭେଦ ଅଖତର ମଧ୍ୟ ଏହା ଉପରେ ପ୍ରତିକ୍ରିୟା ଦେଇଛନ୍ତି । ମୁମ୍ବାଇରେ ଏକ ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଜାଭେଦ ଅଖତର କହିଥିଲେ ଯେ ଯଦି ତାଙ୍କୁ ପାକିସ୍ତାନ ଏବଂ ନର୍କ ମଧ୍ୟରୁ ବାଛିବାକୁ ପଡ଼େ, ତେବେ ସେ କାହାକୁ ବାଛିବେ । ଏହି ସମୟରେ ସେ ଏହା ମଧ୍ୟ କହିଥିଲେ ଯେ କିପରି ତାଙ୍କୁ ଉଭୟ ଦେଶର ଲୋକଙ୍କଠାରୁ କଠୋର ସମାଲୋଚନାର ସମ୍ମୁଖୀନ ହେବାକୁ ପଡୁଛି । ମୁମ୍ବାଇରେ ସଞ୍ଜୟ ରାଉତଙ୍କ ପୁସ୍ତକର ଉନ୍ମୋଚନ କାର୍ଯ୍ୟକ୍ରମରେ ଜାଭେଦ ଅଖତାର ପହଞ୍ଚିଥିଲେ । ଏଠାରେ ସେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଥିବା ଉତ୍ତେଜନାପୂର୍ଣ୍ଣ ସମ୍ପର୍କ ବିଷୟରେ କହିଥିଲେ ଏବଂ କହିଥିଲେ ଯେ ଭାରତରେ ଲୋକମାନେ ତାଙ୍କୁ ପାକିସ୍ତାନ ଯିବା ଉଚିତ ବୋଲି କୁହନ୍ତି ଏବଂ ପାକିସ୍ତାନୀମାନେ ତାଙ୍କୁ କାଫିର(ନାସ୍ତିକ) ବୋଲି କୁହନ୍ତି ।



ଭାରତ ଏବଂ ପାକିସ୍ତାନ ମଧ୍ୟରେ ଚାଲିଥିବା ଉତ୍ତେଜନା ବିଷୟରେ କଥା ହୋଇ ଜାଭେଦ ଅଖତର କହିଛନ୍ତି, 'ମୁଁ ଉଭୟ ପାର୍ଶ୍ୱରୁ ଗାଳି ପାଉଛି । କେହି ମୋତେ ନାସ୍ତିକ କହୁଛି, କେହି କହୁଛି ମୁଁ ନର୍କକୁ ଯିବି । କେହି ଜଣେ ମୋତେ ପାକିସ୍ତାନ ପଠାଇବା ବିଷୟରେ କହୁଛନ୍ତି । କିନ୍ତୁ, ଯଦି ମୋତେ ପାକିସ୍ତାନ ଏବଂ ନର୍କ ମଧ୍ୟରୁ ଗୋଟିଏ ବାଛିବାକୁ ପଡ଼େ, ତେବେ ମୁଁ ନର୍କ ଯିବାକୁ ପସନ୍ଦ କରିବି ।

ଜାଭେଦ ଅଖତର ଆହୁରି କୁହନ୍ତି, 'କଥା ହେଉଛି ଯେ ଯଦି ଆପଣ କେବଳ ଗୋଟିଏ ପକ୍ଷ ପାଇଁ କଥା ହୁଅନ୍ତି, ତେବେ ଆପଣ କେବଳ ଗୋଟିଏ ପକ୍ଷକୁ ଆଘାତ କରନ୍ତି ।' କିନ୍ତୁ ଯଦି ତୁମେ ସମସ୍ତଙ୍କ ସପକ୍ଷରେ କଥା ହୁଅ, ତେବେ ତୁମେ ଅଧିକ ଲୋକଙ୍କୁ ଅସନ୍ତୁଷ୍ଟ କରିବ । ମୁଁ ତୁମକୁ ମୋର ଟ୍ୱିଟର (ବର୍ତ୍ତମାନ ଏକ୍ସ) ଏବଂ ହ୍ୱାଟସଆପ୍ ଦେଖାଇପାରିବି, ଯେଉଁଥିରେ ମୋତେ ଉଭୟ ପାର୍ଶ୍ୱରୁ ଦୁର୍ବ୍ୟବହାର କରାଯାଉଛି । ଅନେକ ଲୋକ ମୋତେ ପ୍ରଶଂସା କରନ୍ତି ଏବଂ ମୋର ମନୋବଳକୁ ସ୍ଥିର ରଖିବାରେ ସାହାଯ୍ୟ କରନ୍ତି, କିନ୍ତୁ ଏହା ମଧ୍ୟ ସତ୍ୟ ଯେ ଉଭୟ ପାର୍ଶ୍ୱର ମୌଳବାଦୀମାନେ ମୋତେ ଦୁର୍ବ୍ୟବହାର କରନ୍ତି ।

## ୫ବର୍ଷ ପରେ ଆରମ୍ଭ ହେବ କୈଳାସ ମାନସରୋବର ଯାତ୍ରା



ନୂଆଦିଲ୍ଲୀ: କୈଳାଶ ମାନସରୋବର ଯାତ୍ରା ଚଳିତ ବର୍ଷ ଜୁନ୍ ଠାରୁ ନାଥୁଲା ରାସ୍ତା ଦେଇ ପୁଣି ଆରମ୍ଭ ହେବାକୁ ଯାଉଛି । ୨୦୧୭ ମସିହାରେ ଡୋକଲାମ ଗତିରୋଧ ଏବଂ କୋଭିଡ-୧୯ ମହାମାରୀ ଯୋଗୁଁ ଯାତ୍ରାକୁ ପାଞ୍ଚ ବର୍ଷ ପାଇଁ ସ୍ଥଗିତ ରଖାଯାଇଥିଲା । ସିକିମର ଭାରତ-ଚୀନ୍ ସୀମାରେ ଅବସ୍ଥିତ ରୁଟରେ ଯାତ୍ରା ପାଇଁ ଅନ୍ତିମ ପ୍ରସ୍ତୁତି ଚାଲିଛି ।

ନିର୍ମାଣ କାର୍ଯ୍ୟର ଶ୍ରମ ପ୍ରଭାରୀ ସୁନୀଲ କୁମାରଙ୍କ ଅନୁଯାୟୀ, ଆଗାମୀ ଚାରିରୁ ପାଞ୍ଚ ଦିନ ମଧ୍ୟରେ ଅନୁକୂଳନ କେନ୍ଦ ଗୁଡ଼ିକର ନବୀକରଣ ଏବଂ ପୁନଃନିର୍ମାଣ କାର୍ଯ୍ୟ ସମାପ୍ତ ହେବାର ଆଶା କରାଯାଉଛି । ରାସ୍ତାରେ ଆକ୍ଲିମାଟାଇଜେସନ୍ କେନ୍ଦ୍ର ସ୍ଥାପନ କରାଯାଉଛି । ଅନୁକୂଳନ କେନ୍ଦ୍ରରେ ମୋଟ ୫୦-୬୦ଜଣ ଲୋକ ରହିବେ । କୁମାରକହିଛନ୍ତି ଯେ, ଏହି ରାସ୍ତାରେ ଦୁଇଟି ଅନୁକୂଳନ କେନ୍ଦ୍ର ସ୍ଥାପନ କରାଯାଉଛି । ଗୋଟିଏ ୧୬ତମ ମାଇଲ (୧୦,୦୦୦ ଫୁଟ) ରେ ଏବଂ ଅନ୍ୟଟି କୁପୁପ୍ ରୋଡର ହାଙ୍ଗୁ ହ୍ରଦ ନିକଟରେ (୧୪,୦୦୦ ଫୁଟ)ରହିଛି । ପ୍ରତ୍ୟେକ କେନ୍ଦ୍ରରେ ଦୁଇଟି ପାଞ୍ଚ ଶୟନ କକ୍ଷ ଏବଂ ୨ଟି ଦୁଇ ଶୟନ କକ୍ଷ ରହିବ । ନାଥୁଲା ଦେଇ ଯାତ୍ରାର ପୁନଃଆରମ୍ଭ କେବଳ ତୀର୍ଥଯାତ୍ରୀଙ୍କ ପାଇଁ ଏକ ଆଧ୍ୟାତ୍ମିକ ପଥ ପ୍ରଦାନ କରିବ ନାହିଁ ବରଂ ପର୍ଯ୍ୟଟନକୁ ବୃଦ୍ଧି କରିବ ଏବଂ ଏହି ରାସ୍ତାରେ ସ୍ଥାନୀୟ ଅର୍ଥନୀତିକୁ ସୁଦୃଢ଼ କରିବ ବୋଲି ଆଶା କରାଯାଉଛି ।

## ବଢ଼ିପାରେ ମିଥୁନ ଚକ୍ରବର୍ତ୍ତୀଙ୍କ ଅଡୁଆ

ନୂଆଦିଲ୍ଲୀ: ବଢ଼ିପାରେ ବଲିଉଡ ଅଭିନେତା ମିଥୁନ ଚକ୍ରବର୍ତ୍ତୀଙ୍କ ଅଡୁଆ । ବେଆଇନ ନିର୍ମାଣ ଅଭିଯୋଗରେ ମୁମ୍ବାଇ ମହାନଗର ନିଗମ ପକ୍ଷରୁ ତାଙ୍କୁ ନୋଟିସ କରାଯାଇଛି । ନୋଟିସର ସ୍ପଷ୍ଟ ଉତ୍ତର ନରଖିଲେ ମଲାଡରେ କରିଥିବା ନିର୍ମାଣକୁ ବେଆଇନ ଧରିନିଆଯିବ । ଆଉ ଏହାକୁ ଭଙ୍ଗାଯିବ ।




ସୂଚନା ଅନୁଯାୟୀ, ଏହି ମାମଲା ମଲାଡର ଏରଙ୍ଗଲ ଗାଁର । ବିଏମସି ପକ୍ଷରୁ କୁହାଯାଇଛି ଏହି ଗାଁରେ ସମୁଦ୍ର କୂଳରେ ବେଆଇନ ନିର୍ମାଣ ହୋଇଛି । ବିଏମସି ୧୦୦ରୁ ଅଧିକ ସମ୍ପତ୍ତିର ତାଲିକା ପ୍ରସ୍ତୁତ କରି ନୋଟିସ କରିଛି । ଯେଉଁଥିରେ ମିଥୁନ ଚକ୍ରବର୍ତ୍ତୀଙ୍କ ଏକ ପ୍ରପର୍ଟୀ ମଧ୍ୟ ରହିଛି । ମିଥୁନଙ୍କୁ ମେ ୧୦ରେ ନୋଟିସ ହୋଇଥିବା ଜଣାପଡ଼ିଛି । ତେବେ ମିଥୁନଙ୍କୁ ଜାରି ହୋଇଥିବା ନୋଟିସର ଉତ୍ତର ଏକ ସପ୍ତାହ ଦେବାକୁ କୁହାଯାଇଛି । ତେବେ ଏହା ଭିତରେ ୧ ସପ୍ତାହ ବିତିଯାଇଥିଲେ ବି, ମିଥୁନ ଚକ୍ରବର୍ତ୍ତୀ ନୋଟିସର ଉତ୍ତର ଦେଇଛନ୍ତି କି' ନାହିଁ ତାହା ଜଣାପଡ଼ିନାହିଁ ।

## ନିରବ ମୋଦିଙ୍କ ଜାମିନ ନିବେଦନ ଖାରଜ

ଲଣ୍ଡନ : ମନିଲଣ୍ଡ୍ରିଂ ଓ ଠକେଇ ଅଭିଯୋଗରେ ଭାରତର ୱାଣ୍ଟେଡ ଅପରାଧୀ ନିରବ ମୋଦି ଆଜିକାଲି ଇଂଲଣ୍ଡର ଥେମସ୍ ସାଇଡ ଜେଲରେ ବନ୍ଦୀ ଅଛନ୍ତି । ତାଙ୍କର ନବୀନତମ ଜାମିନ ନିବେଦନକୁ ଲଣ୍ଡନ ହାଇକୋର୍ଟଙ୍କ ଜଜ୍ ଚଳିତ ସପ୍ତାହରେ ଅଗ୍ରାହ୍ୟ କରିଦେଇଛନ୍ତି । କୋର୍ଟ ତାଙ୍କ ନିଷ୍ପତ୍ତିରେ ନିରବଙ୍କ ବିରୋଧରେ ଦୀର୍ଘ ସମୟରୁ ଜାରିଥିବା ପ୍ରତ୍ୟାର୍ପଣ କାର୍ଯ୍ୟାନୁଷ୍ଠାନ 'ଗୋପନୀୟ ବାଧା' ଯୋଗୁ ହୋଇ ପାରୁନଥିବା କହିଛନ୍ତି । ତେବେ ତାଙ୍କୁ ଜାମିନ ଦିଆଗଲେ ସେ ଫେରାର ହୋଇଯିବାର ସମ୍ଭାବନା ଅଧିକ ଥିବାରୁ ତାଙ୍କ ନିବେଦନ ଖାରଜ କରି ଦିଆଯାଇଛି ।

ଜଷ୍ଟିସ ମାଇକେଲ ଫୋର୍ଡହୋମ ଗୁରୁବାର ରୟାଲ କୋର୍ଟ ଅଫ ଜଷ୍ଟିସ୍‌ରେ ନିରବଙ୍କ ଜାମିନ ନିବେଦନର ଶୁଣାଣି କରିଥିଲେ । ଏହି ଶୁଣାଣିରେ ଜଷ୍ଟିସ୍ ଫୋର୍ଡହୋମ ଟିପ୍ପଣୀ କରିଥିଲେ ଯେ ଏହା ମାନିବାକୁ ଯଥେଷ୍ଟ ଆଧାର ନାହିଁ ଯେ ଯଦି ନିରବ ମୋଦିଙ୍କୁ ଜାମିନରେ ମୁକ୍ତ କରାଯାଏ ସେ ଆତ୍ମସମର୍ପଣ କରିବେ । ତାଙ୍କର ଫେରାର ହୋଇଯିବାର ସମ୍ଭାବନା ଅଧିକ । ତେବେ ତାଙ୍କ ଓକିଲ କହିଥିଲେ ଯେ ତାଙ୍କ ମହକିଲ ବିନା କୌଣସି ମକଦ୍ଦମାରେ ଦୀର୍ଘ ସମୟ ହେଲା ଜେଲ ଭୋଗୁଛନ୍ତି ।




ତେବେ କୋର୍ଟ ନିରବଙ୍କ ଭାରତ ପ୍ରତ୍ୟାର୍ପଣ ପ୍ରକ୍ରିୟା ଜାରି ଥିବା ଓ ଏଥିରେ ଗୋପନୀୟ ପ୍ରକ୍ରିୟାରେ ବାଧା ଆସୁଥିବାରୁ ବିଳମ୍ବ ହେଉଥିବା କହିଛନ୍ତି । ତେବେ ତାଙ୍କ ପ୍ରତ୍ୟାର୍ପଣ ସମ୍ପର୍କିତ ଆଇଗତ ପ୍ରକ୍ରିୟା ତା କାମ କରିଥିବା କୋର୍ଟ କହିଛନ୍ତି । ଜଷ୍ଟିସ ଫୋର୍ଡହମ କହିଛନ୍ତି ଏହି ପ୍ରକ୍ରିୟାରେ ଗୋଟିଏ ଗୋପନୀୟ କାର୍ଯ୍ୟାନୁଷ୍ଠାନ ସମ୍ବନ୍ଧିୟ ରହିଛି । ଏହାର ପ୍ରକୃତି ନିଜେ ଆବେଦକ ଓ ତାଙ୍କ ଓକିଲ ମଧ୍ୟ ଜାଣନ୍ତି ।

# ୧୭ ଜଣ ସାଂସଦଙ୍କୁ ମିଳିବ ରତ୍ନ ପୁରସ୍କାର

ନୂଆଦିଲ୍ଲୀ: ସଂସଦରେ ଉଲ୍ଲେଖନୀୟ ଅବଦାନ ରଖିଥିବା ୧୭ ଜଣ ସାଂସଦ ଏବଂ ୨ ଜଣ ସଂସଦୀୟ ସ୍ଥାୟୀ କମିଟିଙ୍କୁ ନାଗରିକ ସମାଜ ପକ୍ଷରୁ ୨୦୨୫ ବର୍ଷ ପାଇଁ ସଂସଦ ରତ୍ନ ପୁରସ୍କାର ପାଇଁ ଚୟନ କରାଯାଇଛି । ଏହି ପୁରସ୍କାରଗୁଡ଼ିକ ସଂସଦରେ ସକ୍ରିୟ ଅଂଶଗ୍ରହଣ, ବିତର୍କରେ ଅଂଶଗ୍ରହଣ, ପ୍ରଶ୍ନ ପଚାରିବା ଏବଂ ବିଧାନସଭା କାର୍ଯ୍ୟରେ ଅବଦାନ ଆଧାରରେ ପ୍ରଦାନ କରାଯାଏ ।

ଚଳିତ ବର୍ଷ ସାରା ଦେଶରୁ ୧୭ ଜଣ ସାଂସଦଙ୍କୁ ଚୟନ କରାଯାଇଛି । ସେମାନଙ୍କ ମଧ୍ୟରୁ ମହାରାଷ୍ଟ୍ରର ୭ ଜଣ ସାଂସଦ ଏହି ପୁରସ୍କାର ପାଇବେ । ଚଳିତ ବର୍ଷ ମହାରାଷ୍ଟ୍ର ସଂସଦ ରତ୍ନ ପୁରସ୍କାର ପାଇଥିବା ସୁପ୍ରିୟା ସୁଲେ ଏବଂ ଶ୍ରୀରଙ୍ଗ ବରଣେଙ୍କ ସମେତ ୭ ଜଣ ମହାରାଷ୍ଟ୍ରର ସାଂସଦ ଏହି ତାଲିକାରେ ସ୍ଥାନ ପାଇଛନ୍ତି ।

ଏହି ପୁରସ୍କାର ପ୍ରାଇମ୍ ପଏଣ୍ଟ ଫାଉଣ୍ଡେସନ୍ ଦ୍ୱାରା ଆରମ୍ଭ କରାଯାଇଛି ।



ଏହି ବର୍ଷର ବିଜେତାମାନଙ୍କୁ ହଂସରାଜ ଆହିର (ଜାତୀୟ ପଛୁଆ ବର୍ଗ କମିଶନର ଅଧ୍ୟକ୍ଷ)ଙ୍କ ଅଧ୍ୟକ୍ଷତାରେ ଗଠିତ ଏକ ଜୁରି କମିଟି ଦ୍ୱାରା ଚୟନ କରାଯାଇଥିଲା । ଏହି ପୁରସ୍କାର ସେହି ସାଂସଦମାନଙ୍କୁ ପ୍ରଦାନ କରାଯାଏ ଯେଉଁମାନେ ଗଣତନ୍ତ୍ରକୁ ସୁଦୃଢ଼ କରିବା ପାଇଁ ସଂସଦରେ ଉଲ୍ଲେଖନୀୟ ଅବଦାନ ରଖିଛନ୍ତି ।

ଏହି ସମ୍ମାନିତ ବ୍ୟକ୍ତିଙ୍କ ମଧ୍ୟରେ ଉତ୍ତରପ୍ରଦେଶର ଫୁଲପୁର ଲୋକସଭା ଆସନରୁ ବିଜେପି ସାଂସଦ ପ୍ରବୀଣ ପଟେଲ ଏବଂ ଗୋରଖପୁରର ବିଜେପି ସାଂସଦ ରବି କିଶନ ରହିଛନ୍ତି । ଏଥିପାଇଁ ସାଂସଦମାନଙ୍କୁ ପୁରସ୍କାର ପାଇଁ ଚୟନ କରାଯାଇଛି । ସଂସଦରେ ପଚରାଯାଇଥିବା ପ୍ରଶ୍ନର ସଂଖ୍ୟା, ବିତର୍କରେ ଅଂଶଗ୍ରହଣ, ବିଲ୍ ଆଗତ କରିବାରେ ସକ୍ରିୟ ଅଂଶଗ୍ରହଣ ଏବଂ ଉପସ୍ଥିତି ଅନ୍ତର୍ଭୁକ୍ତ । ଚୟନ କମିଟିର ଅଧ୍ୟକ୍ଷ ହେଉଛନ୍ତି ଜାତୀୟ ପଛୁଆ ବର୍ଗ ଆୟୋଗର ଅଧ୍ୟକ୍ଷ ହଂସରାଜ ଗଙ୍ଗାରାମ ଆହିର ।

ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଚାରି ଜଣ ସାଂସଦଙ୍କୁ ସମ୍ମାନିତ କରାଯିବ । ସେମାନଙ୍କ ମଧ୍ୟରେ ରହିଛନ୍ତି ଭର୍ତ୍ତୃହରୀ ମହତାବ, ସୁପ୍ରିୟା ସୋଲେ, ଏନକେ ପ୍ରେମଚନ୍ଦନ, ଶ୍ରୀରଙ୍ଗ ଅପ୍ପା ବାରଣେ । ଅନ୍ୟ ୧୩ ଜଣଙ୍କ ମଧ୍ୟରେ ରହିଛନ୍ତି ନରେଶ ଗଣପତ, ମେଧା କୁଲକର୍ଣ୍ଣି, ରବି କିଶନ, ବିଦ୍ୟୁତ ବାରନ ମହତୋ, ମଦନ ରାଠୋର, ଦିଲ୍ଲୀପ ସୈକିୟା, ଅରବିନ୍ଦ ସାୱନ୍ତ, ବର୍ଷା ଗାଏକୱାଡ, ପ୍ରବୀଣ ପଟେଲ, ନିଶିକାନ୍ତ ଦୁବେ, ପି.ପି ଚୌଧୁରୀ, ସି.ଏନ ଆନ୍ନାଦୂରେ ।

ସଂସଦରେ ସକ୍ରିୟତା ଏବଂ ଜନହିତ ପ୍ରସଙ୍ଗରେ ପ୍ରଭାବଶାଳୀ ଭୂମିକା ପାଇଁ ପ୍ରବୀଣ ପଟେଲଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଉଛି । ସେ ସଂସଦରେ ବିଭିନ୍ନ ସାମାଜିକ ଏବଂ ବିକାଶମୂଳକ ପ୍ରସଙ୍ଗ ଉଠାଇଛନ୍ତି । ସଂସଦରେ ତାଙ୍କର ଉପସ୍ଥିତି ହାରାହାରି ଅପେକ୍ଷା ଅଧିକ ରହିଛି । ଚଳିତ ବର୍ଷ ପ୍ରଥମଥର ପାଇଁ ସଂସଦର ଦୁଇଟି ସଂସଦୀୟ ସ୍ଥାୟୀ କମିଟିକୁ ମଧ୍ୟ ସଂସଦ ରତ୍ନ ପୁରସ୍କାରରେ ସମ୍ମାନିତ କରାଯିବ । ପ୍ରଥମଟି ଆର୍ଥିକ ସ୍ଥାୟୀ କମିଟି ଓ ଦ୍ୱିତୀୟଟି କୃଷି ଉପରେ ଗଠିତ ହୋଇଥିବା ସ୍ଥାୟୀ କମିଟି ।

ଜୁଲାଇ ଶେଷ ସପ୍ତାହରେ ନୂଆଦିଲ୍ଲୀରେ ପୁରସ୍କାର ପ୍ରଦାନ ସମାରୋହ ଅନୁଷ୍ଠିତ ହେବ । ୨୦୧୦ ମସିହାରେ ସଂସଦ ରତ୍ନ ପୁରସ୍କାର ଆରମ୍ଭ ହୋଇଥିଲା । ଏହାର ଉଦ୍ଦେଶ୍ୟ ହେଉଛି ସଂସଦରେ ଉତ୍କୃଷ୍ଟ ପ୍ରଦର୍ଶନ କରିଥିବା ସାଂସଦମାନଙ୍କୁ ସମ୍ମାନିତ କରି ଗଣତାନ୍ତ୍ରିକ ମୂଲ୍ୟବୋଧକୁ ସୁଦୃଢ଼ କରିବା । ଏହି ପୁରସ୍କାର ତଥ୍ୟ ଏବଂ ସଂଖ୍ୟା ଆଧାରରେ ପ୍ରଦାନ କରାଯାଏ ।

## ପାକିସ୍ତାନ ଗୁଇନ୍ଦା ଏଜେନ୍ସି ଇନଫ୍ଲୁଏନ୍ସରଙ୍କୁ ଚାକିରି ଦେଉଥିଲେ!

ନୂଆଦିଲ୍ଲୀ: ପାକିସ୍ତାନ ପାଇଁ ଗୁପ୍ତଚର ଲିଙ୍କରେ ବନ୍ଧା ହୋଇଛନ୍ତି ୟୁଟ୍ୟୁବର ଜ୍ୟୋତି ମାଲହୋତ୍ରା । ଜ୍ୟୋତି ଯିଏକି ପୂର୍ବରୁ ଦିଲ୍ଲୀରେ ୨୦ ହଜାର ଟଙ୍କାରେ କାମ କରୁଥିଲେ ସେ ବିଶ୍ୱର ଅନେକ ଦେଶ ଭ୍ରମଣ କରିଛନ୍ତି । ଏହି ଖବର ପରେ ସୋସିଆଲ ମିଡିଆରେ ଲୋକମାନେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି । ଏପରିକି କୁହାଯାଉଛି ଯେ ଜ୍ୟୋତି ମାଲହୋତ୍ରା ଅନ୍ୟ ୟୁଟ୍ୟୁବରଙ୍କ ସହ ମଧ୍ୟ ଜଡିତ ଥିଲେ ।

ହିସାର ଏସ୍ପି ଶଶାଙ୍କ କୁମାର ସାୱନ୍ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ ଜ୍ୟୋତି ମାଲହୋତ୍ରା ଏକ ସମ୍ପତ୍ତି ଭାବରେ କାମ କରୁଥିଲେ । ସେ ଅନ୍ୟ ୟୁଟ୍ୟୁବ ଇନଫ୍ଲୁଏନ୍ସରଙ୍କ ସହିତ ମଧ୍ୟ ଯୋଗାଯୋଗରେ ଥିଲେ । ଜ୍ୟୋତି ସବୁବେଳେ ସ୍ପନ୍ସର ଟ୍ରିପରେ ପାକିସ୍ତାନ ଯାଉଥିଲେ । ପହଲଗାମ ଆକ୍ରମଣ ପୂର୍ବରୁ ସେ ପାକିସ୍ତାନରେ ଥିଲେ ଏବଂ କୌଣସି ସମ୍ପର୍କ ଅଛି କି ନାହିଁ । ତାହା ଯାଞ୍ଚ କରିବା ପାଇଁ ତଦନ୍ତ ଚାଲିଛି । ତାଙ୍କ ସହିତ ଅନ୍ୟ ଲୋକମାନେ ମଧ୍ୟ ସମ୍ପୃକ୍ତ ଥିବାର ସୁରାକ ଆମ ପାଖରେ ଥିବାରୁ ଆମେ ମଧ୍ୟ ତଦନ୍ତ କରୁଛୁ ।



# ପ୍ରଥମ ଦଳ ଭାବେ ପ୍ଲେଅଫ୍‌ରେ ଗୁଜରାଟ




ନୂଆଦିଲ୍ଲୀ, ୧୮।୫ (ଏଜେନ୍ସି): ଆଇପିଏଲ୍‌ର ୬୦ତମ ମ୍ୟାଚ୍‌ରେ ଧମାକାଦାର ବିଜୟ ସହ ଗୁଜରାଟ ଟାଇଟନ୍ସ ପ୍ରଥମ ଦଳ ଭାବେ ପ୍ଲେଅଫ୍‌ରେ ପ୍ରବେଶ କରିଛି । ଆଇପିଏଲ୍‌ରେ ଗୁଜରାଟ ଆଉ ଏକ କୀର୍ତ୍ତିମାନ ରଚିଛି ।

୨୦୦ ରନର ବିଜୟଲକ୍ଷ୍ୟକୁ ପିଛା କରିଥିବା ଗୁଜରାଟ ସାଇ ସୁଦର୍ଶନଙ୍କ ଅପରାଜିତ ୧୦୮ ରନ ଓ ଶୁଭମନ ଗୀଲ୍‌ଙ୍କ ଅପରାଜିତ ୯୩ ରନ ସହାୟତାରେ ବିନା କୌଣସି ୱିକେଟ ହରାଇ ଲକ୍ଷ୍ୟସ୍ଥଳରେ ପହଞ୍ଚିଥିଲା । ଏହି ମ୍ୟାଚ୍‌ରେ ଗୁଜରାଟ ଟାଇଟନ୍ସ ୧୦ ୱିକେଟରେ ଦିଲ୍ଲୀ କ୍ୟାପିଟାଲ୍ସକୁ ଧରାଶାୟୀ କରି ବିଶାଳ ବିଜୟ ହାସଲ କରିଛି । ଦିଲ୍ଲୀର ଲୋକେଶ ରାହୁଲଙ୍କ ୧୧୨ ରନର ଅପରାଜିତ ଇନିଂସ୍ ଫିକା ପଡ଼ିଛି । ପ୍ରଥମ ବ୍ୟାଟିଂ କରି ଦିଲ୍ଲୀ କ୍ୟାପିଟାଲ୍ସ ୨୦ ଓଭରରେ ୩ ୱିକେଟ ହରାଇ ୧୯୯ ରନ କରିଥିଲା । ଜବାବରେ ଗୁଜରାଟ ଟାଇଟନ୍ସ ୧୯ ଓଭରରେ ୨୦୫ ରନ କରି ବିଜୟୀ ହୋଇଥିଲା ।

ପ୍ରଥମେ ବ୍ୟାଟିଂ କରିଥିବା ଦିଲ୍ଲୀ କ୍ୟାପିଟାଲ୍ସ ପକ୍ଷରୁ ଲୋକେଶ ରାହୁଲ ୧୧୨ ରନ, ଅଭିଶେକ ପୋରେଲ ୩୦, ଅକ୍ଷର ପଟେଲ ୨୫ ରନ ଓ ତ୍ରିଷ୍ଟାନ ଷ୍ଟବସ ଅପରାଜିତ ୨୧ ରନ କରିଥିଲେ । ତେଣୁ ଦିଲ୍ଲୀ ୨୦ ଓଭରରେ ୩ ୱିକେଟ ହରାଇଛି ୧୯୯ ରନ କରିଥିଲା । ଜବାବରେ ଗୁଜରାଟ ଟାଇଟନ୍ସ ବିସ୍ଫୋରକ ବ୍ୟାଟିଂ ଗୋଟିଏ ଓଭର ପୂର୍ବରୁ ଲକ୍ଷ୍ୟସ୍ଥଳରେ ପହଞ୍ଚିଥିଲା । ଓପନର ସାଇ ସୁଦର୍ଶନ ୬୧ ବଲ୍‌ରୁ ୧୨ ଚୌକା ଓ ୪ ଛକା ସହାୟତାରେ ୧୦୮ ରନ ଓ ଶୁଭମନ ଗୀଲ୍ ୫୩ ବଲରୁ ୩ ଚୌକା ଓ ୭ ଛକା ସହାୟତାରେ ୯୩ ରନ କରି ବିଜୟମୁଣ୍ଡି ମାରିଥିଲେ ।

ଗୁଜରାଟ ୧୨ ମ୍ୟାଚ୍‌ରୁ ୧୮ ପଏଣ୍ଟ ଲାଭ କରି ଟେବୁଲ୍‌ର ଶୀର୍ଷକୁ ଉଠିଥିବାବେଳେ ଦିଲ୍ଲୀ ୧୨ ମ୍ୟାଚ୍‌ରୁ ୧୩ ପଏଣ୍ଟ ସହ ୫ମ ସ୍ଥାନରେ ରହିଛି ।

### ଆଜିର ମ୍ୟାଚ

**ଲକ୍ଷ୍ନୌ–ହାଇଦ୍ରାବାଦ**
ସମୟ: ରାତି ୭.୩୦
ସ୍ଥାନ: ଲକ୍ଷ୍ନୌ
ପ୍ରସାରଣ: ଷ୍ଟାରନେଟୱର୍କ, ଜିଓ ହଟ୍‌ଷ୍ଟାର

### ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ |
|---|---|---|---|---|
| ଗୁଜରାଟ | ୧୨ | ୯ | ୩ | ୧୮ |
| ବେଙ୍ଗାଲୁରୁ | ୧୨ | ୮ | ୩ | ୧୭ |
| ପଞ୍ଜାବ | ୧୨ | ୮ | ୩ | ୧୭ |
| ମୁମ୍ବାଇ | ୧୨ | ୭ | ୫ | ୧୪ |
| ଦିଲ୍ଲୀ | ୧୨ | ୬ | ୫ | ୧୩ |
| କୋଲକାତା | ୧୩ | ୫ | ୬ | ୧୨ |
| ଲକ୍ଷ୍ନୌ | ୧୧ | ୫ | ୬ | ୧୦ |
| ସନ୍‌ରାଇଜର୍ସ | ୧୧ | ୩ | ୭ | ୭ |
| ରାଜସ୍ଥାନ | ୧୩ | ୩ | ୧୦ | ୬ |
| ଚେନ୍ନାଇ | ୧୧ | ୩ | ୯ | ୬ |

ଆଇପିଏଲ୍ ମହାସମର

# ପଞ୍ଜାବର ଲଢୁଆ ବିଜୟ



ଜୟପୁର, ୧୮।୫ (ଏଜେନ୍ସି): ଜୟପୁରର ସବାଇ ମାନସିଂହ ଷ୍ଟାଡିୟମରେ ଘରୋଇ ରାଜସ୍ଥାନ ରୟାଲ୍ସକୁ ୧୦ ରନରେ ଧରାଶାୟୀ କରି ପଞ୍ଜାବ କିଙ୍ଗସ୍ ପ୍ଲେଅଫ୍ସର ନିକଟତର ହୋଇଛି । ପଞ୍ଜାବ ୧୨ ମ୍ୟାଚ୍‌ରୁ ୧୭ ପଏଣ୍ଟ ସହ ଟେବୁଲ୍‌ର ଦ୍ୱିତୀୟ ସ୍ଥାନକୁ ଉଠିଛି । ଦଳ ଆଉ ଦୁଇଟି ମ୍ୟାଚ୍ ଖେଳିବ । ଅନ୍ତତଃ ଗୋଟିଏ ମାଚ୍‌ରେ ବିଜୟୀ ହେଲେ ପଞ୍ଜାବ କିଙ୍ଗସ୍‌ର ପ୍ଲେଅଫ୍ସ ପ୍ରବେଶ ନିଶ୍ଚିତ ହେବ । ପରାଜିତ ରାଜସ୍ଥାନ ରୟାଲ୍ସ ପୂର୍ବରୁ ହିଁ ପ୍ଲେଅଫ୍ସ ଦୌଡ଼ରୁ ବାଦ୍ ପଡ଼ିଥିଲା । ଏପର୍ଯ୍ୟନ୍ତ ଦଳ ୧୩ ମ୍ୟାଚ୍‌ରୁ ୬ ପଏଣ୍ଟ ହାସଲ କରି ଟେବୁଲର ୯ମ ସ୍ଥାନରେ ରହିଛି । ତେଣୁ ଚଳିତ ଆଇପିଏଲ୍‌ରେ ରାଜସ୍ଥାନ ଆଉ ଗୋଟିଏ ଲିଗ୍ ମ୍ୟାଚ୍ ଖେଳି ଅଭିଯାନ ଶେଷ କରିବ ।

ପ୍ରଥମେ ବ୍ୟାଟିଂ କରି ପଞ୍ଜାବ କିଙ୍ଗସ ୨୦ ଓଭରରେ ୫ ୱିକେଟ ହରାଇ ୨୧୯ ରନ କରିଥିଲା । ନେହାଲ ୱାଧେରା ସର୍ବାଧିକ ୭୦ ରନ କରିଥିଲେ । ଜବାବରେ ରାଜସ୍ଥାନ ରୟାଲ୍ସ ଜମାଣିଆ ପ୍ରଦର୍ଶନ ସହ ୨୦ ଓଭରରେ ୭ ୱିକେଟ ହରାଇ ୨୦୯ ରନ ସଂଗ୍ରହ କରିଥିଲା । ୨୨ ରନ ଦେଇ ୩ ୱିକେଟ ଅକ୍ତିଆର କରିଥିବା ହରପ୍ରୀତ ବ୍ରାର୍‌ଙ୍କୁ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା ।

ସବାଇ ମାନସିଂହ ଷ୍ଟାଡିୟମରେ ପଞ୍ଜାବ କିଙ୍ଗସ ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲା । ଦଳର ପ୍ରିୟଂଶ ଆର୍ଯ୍ୟଙ୍କ ସହ ପ୍ରଭସିମ୍ରନ୍ ସିଂ ଇନିଂସ୍ ଆରମ୍ଭ କରିଥିଲେ । ଦଳୀୟ ସ୍କୋର ୧୯ ରନ ବେଳେ ପ୍ରିୟଂଶ ୯ ରନ କରି ପାଭିଲିଅନ ଫେରିଥିଲେ । ଦ୍ୱିତୀୟ ଓଭରରେ ଦଳକୁ ପ୍ରଥମ ଝଟ୍‌କା ଲାଗିଥିଲା । ପୁଣି ମିଚେଲ୍ ଓ୍ୱେନ୍ ବିନା ସ୍କୋର୍‌ରେ ଆଉଟ ହୋଇଥିବାବେଳେ ପ୍ରଭସିମ୍ରନ ୧୦ ବଲ୍‌ରୁ ୨୧ ରନ କରି ଦେଶପାଣ୍ଡେଙ୍କ ଦ୍ୱିତୀୟ ଶିକାର ହୋଇଥିଲେ । ତେଣୁ ୩୪ ରନ୍‌ରେ ୩ ୱିକେଟ ହରାଇ ପଞ୍ଜାବ କିଙ୍ଗସ୍ ବ୍ୟାକ୍‌ଫୁଟ୍‌କୁ ଚାଲିଯାଇଥିଲା । ମଧ୍ୟମ କ୍ରମରେ ପଞ୍ଜାବ ଅଣ୍ଟା ସଳଖିବାକୁ ସକ୍ଷମ ହୋଇଥିଲା । ୪ ଜଣ ବ୍ୟାଟର ଦଳକୁ ଦୃଢ଼ ସ୍ଥିତିକୁ ନେଇଥିଲେ । ୱିକେଟ ଝଡ଼ିବା ସତ୍ତ୍ୱେ ଦଳର ରନ୍‌ରେଟ୍ କମି ନଥିଲା । ନେହାଲ ୱାଧେରା ଓ ଅଧିନାୟକ ଶ୍ରେୟାସ ଆୟର ୪ର୍ଥ ୱିକେଟ ପାଇଁ ୬୭ ରନ ଯୋଡ଼ିଥିଲେ । ଶ୍ରେୟାସ ୨୫ ବଲରୁ ୫ଟି ଚୌକା ସହାୟତାରେ ୩୦ ରନ କରିଥିଲେ । ୱାଧେରା ୩୭ ବଲ୍‌ରୁ ୫ଟି ଲେଖାଏଁ ଚୌକା ଓ ଛକା ମାରି ୭୦ ରନ କରିଥିଲେ । ସେହିଭଳି ଶଶାଙ୍କ ସିଂଙ୍କ ପ୍ରଦର୍ଶନ ଦଳକୁ ଶିଖରରେ ପହଞ୍ଚାଇଥିଲା । ସେ ୩୦ ବଲର ସମ୍ମୁଖୀନ ହୋଇ ୫ଟି ଚୌକା ଓ ୩ଟି ଛକା ସହାୟତାରେ ଅପରାଜିତ ୫୯ ରନ କରିଥିଲେ । ଅଜମତୁଲ୍ଲା ଓମାରଜାଇ ୯ଟି ବଲର ସମ୍ମୁଖୀନ ହୋଇ ୩ ଚୌକା ଓ ଗୋଟିଏ ଛକା ସହାୟତାରେ ଅପରାଜିତ ୨୧ ରନ କରିଥିଲେ । ଫଳରେ ପଞ୍ଜାବ କିଙ୍ଗସ ୨୦ ଓଭରରେ ୫ ୱିକେଟ ହରାଇ ୨୧୯ ରନର ବଡ଼ ସ୍କୋର କରିଥିଲା । ବୋଲିଂରେ ରାଜସ୍ଥାନ ରୟାଲ୍ସର ତୁଷାର ଦେଶପାଣ୍ଡେଙ୍କୁ ୨ଟି, କ୍ୱିନା ମାଫାକା, ରିଆନ ପରାଗ ଓ ଆକାଶ ମଧୱାଲଙ୍କୁ ଗୋଟିଏ କରି ୱିକେଟ ସଫଳତା ମିଳିଥିଲା ।

୨୨୦ ରନର ବିଜୟଲକ୍ଷ୍ୟକୁ ପିଛା କରିଥିବା ରାଜସ୍ଥାନ ରୟାଲ୍ସର ଆରମ୍ଭ ବିଧ୍ୱଂସୀ ଥିଲା । କାରଣ ଦୁଇ ବାମହାତୀ ଯୁବ ତାରକା ଯଶସ୍ୱୀ ଜୟସ୍ୱାଲ ଓ ବୈଭବ ସୂର୍ଯ୍ୟବଂଶୀ ୪.୫ ଓଭରରେ ୭୬ ରନ ସଂଗ୍ରହ କରି ପଞ୍ଜାବର ବୋଲିଂ ବାହିନୀକୁ ଧରାଶାୟୀ କରିଥିଲେ । ବୈଭବଙ୍କ ଆଉ ଏକ ବିସ୍ଫୋରକ ଇନିଂସ ରାଜସ୍ଥାନ ଦର୍ଶକ ଦେଖିଥିଲେ । ବୈଭବ ୧୫ ବଲରୁ ୪ଟି ଚୌକା ଓ ଛକା ମାରି ୪୦ ରନ କରିଥିଲେ । ଯଶସ୍ୱୀ ୨୫ ବଲ୍‌ରୁ ୯ଟି ଚୌକା ଓ ଗୋଟିଏ ଛକା ସହାୟତାରେ ୫୦ ରନ କରିଥିଲେ । ଏହି ଯୋଡ଼ି ପାଭିଲିଅନ ଫେରିବା ପରେ ରନ୍ ସଂଗ୍ରହ ହାର ଥମି ନଥିଲା । କିନ୍ତୁ ମଧ୍ୟମ ଓ ଶେଷ ଭାଗ ବ୍ୟାଟରଙ୍କ ଠାରୁ ଦଳ ଯେଭଳି ଆଶା ରଖିଥିଲା, ତାହା ଦେଖିବାକୁ ମିଳି ନଥିଲା । କେବଳ ଧ୍ରୁବ ଜୁରେଲ ୩୧ ବଲରୁ ୪ଟି ଛକା ଓ ୩ଟି ଚୌକା ସହାୟତାରେ ୫୩ ରନ କରିଥିଲେ । ଅଧିନାୟକ ସଞ୍ଜୁ ସାମସନ୍ ୧୬ ବଲରୁ ୨୦, ସିମ୍‌ରନ ହେଟ୍‌ମେୟାର ୧୨ ବଲରୁ ୧୧ ରନ ତଥା ଶୁଭମ୍ ଦୁବେ ୭ ବଲ୍‌ରୁ ୭ ରନ କରିବା କାରଣରୁ ରାଜସ୍ଥାନ ରୟାଲ୍ ମାତ୍ର ୧୦ ରନ ପାଇଁ ବିଜୟଲକ୍ଷ୍ୟଠାରୁ ପଛରେ ରହିଯାଇଥିଲା । ବୋଲିଂ ପଞ୍ଜାବ କିଙ୍ଗସର ହରପ୍ରୀତ ବ୍ରାର୍ ୪ ଓଭରରେ ୨୨ ରନ ଦେଇ ୩ ୱିକେଟ ଅକ୍ତିଆର କରିଥିଲେ । ମାର୍କୋ ଜନସେନ୍ ଓ ଅମତୁଲ୍ଲା ଓମାରଜାଇ ୨ଟି କରି ୱିକେଟ ସଫଳତା ହାସଲ କରିଥିଲେ ।








# ଇଂଲଣ୍ଡ ଶୃଙ୍ଖଳା ଚୟନ କମିଟି ପାଇଁ ଚ୍ୟାଲେଞ୍ଜ

ନୂଆଦିଲ୍ଲୀ, ୧୮।୫ (ଏଜେନ୍ସି): ଜୁନ ୨୦ରୁ ଭାରତ ଓ ଇଂଲଣ୍ଡ ମଧ୍ୟରେ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ଶୃଙ୍ଖଳା ଆରମ୍ଭ ହେବାକୁ ଯାଉଛି । ଏହି ଶୃଙ୍ଖଳା ପୂର୍ବରୁ ରୋହିତ ଶର୍ମା ଓ ବିରାଟ କୋହଲି ଅବସର ଘୋଷଣା କରିବା ଚୟନ କମିଟି ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି । ଏହି ଦୁଇ ବରିଷ୍ଠ ଖେଳାଳିଙ୍କ ଅନୁପସ୍ଥିତିରେ ଦଳକୁ ସନ୍ତୁଳିତ କେମିତି ରଖାଯିବ ସେନେଇ ଚୟନ କମିଟି ପାଇଁ ଚିନ୍ତା ବଢ଼ିଛି । ବିଗତ କିଛିଦିନ ହେବ ଏକାଧିକ ବାର ଚୟନ କମିଟିର ବୈଠକ ବସିଛି । କିନ୍ତୁ ଏଯାଏ ଇଂଲଣ୍ଡ ଗସ୍ତ ନେଇ ଭାରତୀୟ ଦଳ ଘୋଷଣା ହୋଇପାରି ନାହିଁ । ନିକଟରେ ଭାରତୀୟ-ଏ ଦଳ ଘୋଷଣା ହୋଇଥିଲା । ଯୁବ ଓ କିଛି ଅଭିଜ୍ଞ ଖେଳାଳିଙ୍କୁ ବିସିସିଆଇ ଆଗୁଆ ଇଂଲଣ୍ଡ ପଠାଇ ଭିନ୍ନ ପରିବେଶ ସହ ଖାପ ଖୁଆଇବା ପାଇଁ ଯୋଜନା କରିଛି । ଏହି ଦଳରେ ସ୍ଥାନ ପାଇଥିବା କିଛି ଖେଳାଳି ଜାତୀୟ ଦଳରେ ସାମିଲ ହେବାର ସମ୍ଭାବନା ରହିଛି ।

ଇଂଲଣ୍ଡ ବିପକ୍ଷ ଶୃଙ୍ଖଳାରୁ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍‌ର ନୂଆ ଚକ୍ର ଆରମ୍ଭ ହେବ । ଏଥିପାଇଁ ଚୟନ କମିଟି ଅନେକଗୁଡ଼ିଏ ପ୍ରଶ୍ନର ଉତ୍ତର ଖୋଜୁଛି ।

**ଅଧିନାୟକ :** ବିଦେଶ ଗସ୍ତରେ ଏବଂ ଇଂଲଣ୍ଡ ପରି ଶକ୍ତିଶାଳୀ ଦଳ ବିପକ୍ଷ ଶୃଙ୍ଖଳାରେ କିଏ ଦଳର ଅଧିନାୟକ ହେବ ? ଶୁଭମନ ଗୀଲ୍, ଯଶପ୍ରୀତ ବୁମ୍‌ରା, ଲୋକେଶ ରାହୁଲ ଓ ରିଷଭ ପନ୍ତଙ୍କ ନାମ ଚର୍ଚ୍ଚାରେ ରହିଛି । କେତେକ କହୁଛନ୍ତି ଜାଡେଜାଙ୍କୁ ଦାୟିତ୍ୱ ଦିଆଯିବା ଉଚିତ ହେବ । ତେବେ ଅଧିକାଂଶ



ରିପୋର୍ଟରେ ଶୁଭମନ ଗୀଲ୍‌ଙ୍କୁ ପ୍ରଥମ ପସନ୍ଦ ଭାବେ ନିଆଯାଇଛି । ଟିମ୍ ଭଲ ପ୍ରଦର୍ଶନ କରୁ କି ନକରୁ ଚୟନ କମିଟି ମୁଖ୍ୟ ଅଜିତ ଅଗରକର ଓ କୋଚ୍ ଗୌତମ ଗମ୍ଭୀର ନିଶ୍ଚିତ ଭାବେ ସମସ୍ତଙ୍କ ଟାର୍ଗେଟ୍‌ରେ ରହିବେ ।

**ଓପନିଂ ଯୋଡ଼ି :** ଇଂଲଣ୍ଡର ସୁଇଙ୍ଗ୍ ପିଚ୍‌ରେ ଯଶସ୍ୱୀ ଜୟସ୍ୱାଲ୍‌ଙ୍କ ସହ କିଏ ଓପନିଂ କରିବେ ସେନେଇ ଚୟନ କମିଟି ଦ୍ୱନ୍ଦ୍ୱରେ ରହିଛି । ଲୋକେଶ ରାହୁଲ, ଅଭିମନ୍ୟୁ ଇଶ୍ୱରନ୍ ଓ ବି ସାଇ ସୁଦର୍ଶନଙ୍କ ମଧ୍ୟରୁ ଜଣଙ୍କୁ ଚୟନ କରାଯାଇପାରେ । କୋହିଲଙ୍କ ସ୍ଥାନରେ କିଏ ଖେଳିବ ସେ ନେଇ ମଧ୍ୟ ଦ୍ୱନ୍ଦ୍ୱ ଅଛି । ଯେତେବେଳେ ସଚିନ ଅବସର ନେଲେ କୋହଲି ନଂ.୪ ସ୍ଥାନରେ ବ୍ୟାଟିଂ କରି ଚମତ୍କାର ପ୍ରଦର୍ଶନ କରିଥିଲେ । ବର୍ତ୍ତମାନ ଦଳରେ ସେହି ଖେଳାଳି ନାହାନ୍ତି ଯିଏ କି ଏହାକୁ ଭରଣ କରିବେ । ରାହୁଲ ଓ ଗିଲ ଏହି ସ୍ଥାନ ସମ୍ଭାଳି ପାରନ୍ତି । ତେବେ ଏଥିପାଇଁ ଦୀର୍ଘ ଦିନ ଧରି ସ୍ଥିର ପ୍ରଦର୍ଶନ କରିବାକୁ ପଡ଼ିବ ।

**ନୀତିଶଙ୍କ ପାଇଁ ସୁଯୋଗ:** ଅଷ୍ଟ୍ରେଲିଆ ବିପକ୍ଷ ବର୍ଡର ଗାଭାସ୍କର ବିପକ୍ଷ ଟ୍ରଫିରେ ଅଲ୍‌ରାଉଣ୍ଡର ନୀତିଶ କୁମାର ରେଡ୍ଡୀ ପ୍ରଭାବୀ ପ୍ରଦର୍ଶନ କରିଥିଲେ । ଅବଶ୍ୟ ତାଙ୍କ ବୋଲିଂ ପ୍ରଦର୍ଶନ ସେହିଭଳି ଉତ୍ସାହଜନକ ନଥିଲା । ଦ୍ରୁତ ବୋଲିଂକୁ ସୁହାଉଥିବା ପିଚରେ ସେ ଚତୁର୍ଥ ବୋଲର ଭୂମିକା ତୁଲାଇ ପାରିବେ । ତାଙ୍କୁ ଏଥିପାଇଁ ସାର୍ଦ୍ଦୁଲ ଠାକୁରଙ୍କ ସହ କଡ଼ା ମୁକାବିଲା କରିବାକୁ ପଡ଼ିବ ।

**ଦ୍ରୁତ ବୋଲିଂ:** ଯଶପ୍ରୀତ ବୁମରା ଓ ମହମ୍ମଦ ସାମିଙ୍କ ନିକଟରେ ଫିଟନେସ ସମସ୍ୟା ଅଛି । ଅବଶ୍ୟ ଦୁହେଁ ଆଇପିଏଲ୍ ଖେଳୁଛନ୍ତି । ପ୍ରସିଦ୍ଧ କ୍ରିଷ୍ଣା, ଆକାଶ ଦୀପ, ମୁକେଶ କୁମାର ଓ ହର୍ସିତ ରାଣାଙ୍କୁ ଭାରତୀୟ ଦଳରେ ସୁଯୋଗ ମିଳିପାରେ । ଚୟନ କମିଟି ରବିନ୍ଦ୍ର ଜାଡେଜାଙ୍କ ବ୍ୟତୀତ ଅନ୍ୟ ଜଣେ ସ୍ପିନରଙ୍କୁ ଦଳରେ ନେବାକୁ ଚାହିଁବ । ୱାଶିଂଟନ ସୁନ୍ଦର ନ୍ୟୁଜିଲାଣ୍ଡ ବିପକ୍ଷରେ ଭଲ ପ୍ରଦର୍ଶନ କରିଥିବା ବେଳେ ଅଷ୍ଟ୍ରେଲିଆରେ ନିରାଶ କରିଥିଲେ । କୁଲଦୀପ ସମସ୍ତ ପରିସ୍ଥିତିରେ ୱିକେଟ୍ ନେବାର ଦକ୍ଷତା ରଖିଥିବାରୁ ତାଙ୍କୁ ସୁଯୋଗ ମିଳିବ ବୋଲି ଆଶା କରାଯାଉଛି ।

# କେବଳ ଧୋନିଙ୍କ ପ୍ରଶଂସକ ଅସଲି



ନୂଆଦିଲ୍ଲୀ,୧୮।୫ (ଏଜେନ୍ସି): ସର୍ବଦା ନିଜର ସ୍ପଷ୍ଟ ବାଦି ପାଇଁ ଭାରତୀୟ ପୂର୍ବତନ ଅଫ୍‌ସ୍ପିନର ହରଭଜନ ସିଂ ପରିଚିତ । ଏବେ ସେ ବିରାଟ କୋହଲିଙ୍କୁ ନେଇ କିଛି ଟିପଣୀ କରିଛନ୍ତି । ଯାହା ତାଙ୍କ ପ୍ରଶଂସକଙ୍କୁ ଖରାପ ଲାଗିଛି । ଭଜି କହିଛନ୍ତି କେବଳ ଧୋନିଙ୍କ ପ୍ରଶଂସକ ଅସଲି ବାକି ସବୁ ପେଡ । ଏହାପରେ ଏକ ସୋସିଆଲ ମିଡ଼ିଆରେ ଚହଲ ପଡିଛି । ବିରାଟ କୋହଲିଙ୍କ ପ୍ରଶଂସକ ହରଭଜନଙ୍କୁ ଟାର୍ଗେଟ୍ କରିଛନ୍ତି । କହିବା କଥା ପୂର୍ବତନ ଅଫ୍‌ସ୍ପିନର ଏବେ ବିରାଟ କୋହଲିଙ୍କୁ ଟାର୍ଗେଟ୍ କରିଛନ୍ତି । ଶନିବାର ଆର୍‌ସିବି ଓ କେକେଆର୍ ମ୍ୟାଚ ସମୟରେ ଭଜିଙ୍କ ଏହି ପ୍ରତିକ୍ରିୟା ଆସିଥିଲା । କମେଣ୍ଟ୍ରି ବକ୍ସରେ ଧୋନିଙ୍କ ଆଇପିଏଲ୍ ଭବିଷ୍ୟତକୁ ନେଇ ଆଲୋଚନା ଚାଲିଥିଲା । କିଛି ମିଡ଼ିଆ ରିପୋର୍ଟରେ ଦାବି କରିଥିଲା ଯେ, ଧୋନି ଆଉ ଏକ ଆଇପିଏଲ୍ ଖେଳିପାରନ୍ତି । ଏହା ପରେ ଭଜି କହିଥିଲେ ଯେ, ଧୋନିଙ୍କ ଯେପର୍ଯ୍ୟନ୍ତ ଇଚ୍ଛା ସେ ପର୍ଯ୍ୟନ୍ତ ଖେଳିପାରିବେ । ଏହାପରେ ପ୍ରଶଂସକଙ୍କୁ ନେଇ ଆଲୋଚନା ହୋଇଥିଲା । ଭଜି କହିଛନ୍ତି କେବଳ ଧୋନିଙ୍କ ପାଖରେ ପ୍ରକୃତ ପ୍ରଶଂସକ ଅଛନ୍ତି । ବାକି ଲୋକଙ୍କ ପାଖରେ ପେଡ ପ୍ରଶଂସକ ଏବଂ ପିଆର୍ ଅଛନ୍ତି । ବାସ୍ତବରେ ଧୋନିଙ୍କୁ ଲୋକେ ଏତେ ଭଲ ପାଆନ୍ତି ଯେ, ଚେନ୍ନାଇର ମ୍ୟାଚ ବେଳେ ଷ୍ଟାଡିୟମ୍ ପୁରି ଯାଏ । ଅନ୍ୟ ଖେଳାଳିଙ୍କ ପ୍ରଶଂସକ କେବଳ ସୋସିଆଲ ମିଡ଼ିଆରେ ସୀମିତ । ଯଦି ମୁଁ କହିବା ଆରମ୍ଭ କରିବି ତେବେ କଥା ଅନ୍ୟ ଦିଗକୁ ଚାଲିଯିବ । ଏହି ସମୟରେ ଆକାଶ ଚୋପ୍ରା ମଧ୍ୟ ସେଠାରେ ଉପସ୍ଥିତ ଥିଲେ । ଭଜିଙ୍କ କଥା ଶୁଣି ସେ ମଧ୍ୟ ଚକିତ ହୋଇଗଲେ । ସେ କହିଛନ୍ତି ଭଜି ଏତେ ସତ କଥା କହିବାର ନଥିଲା । ହରଭଜନଙ୍କ ଏମିତି ଟିପଣୀକୁ ନେଇ ଲୋକେ କ୍ଷୁବ୍ଧ ଅଛନ୍ତି । ପ୍ରଶଂସକ କହିଛନ୍ତି ଯେ ହରଭଜନ ପରକ୍ଷରେ କୋହଲିଙ୍କୁ ଟାର୍ଗେଟ କରିଛନ୍ତି ।

# ରାଜ୍ୟ ସ୍କୁଲ ଓପନ ଚେସ୍ ଆଦିତ୍ୟ ବିଜେତା



ଭୁବନେଶ୍ୱର, ୧୮।୫ (ସବ୍ୟୁ): କଳିଙ୍ଗନଗର ଡିଏଭି ପବ୍ଲିକ୍ ସ୍କୁଲ ପ୍ରାଙ୍ଗଣରେ ୨୪ତମ ରାଜ୍ୟ ସ୍କୁଲ୍ ଓପନ ଚେସ୍ ଚାମ୍ପିଅନସିପ୍ ଅନୁଷ୍ଠିତ ହୋଇଯାଇଛି । ୫ ରନ ବିଶିଷ୍ଟ ଏହି ପ୍ରତିଯୋଗିତାରେ ଆଦିତ୍ୟ ଜେନା ଚାମ୍ପିଅନ ହୋଇଛନ୍ତି । ସତ୍ୟମ ସ୍ୱରୂପ ସାହୁ ଦ୍ୱିତୀୟ, ସାଇକ୍ରିଷ୍ଣା ସାମଲ ତୃତୀୟ, ଜେ ସାଇ ସିଦ୍ଧାର୍ଥ ଚତୁର୍ଥ ଓ ସୋମନାଥ ପ୍ରଧାନ ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି । ୧୪ ଜଣଙ୍କୁ ସ୍ୱତନ୍ତ୍ର ପୁରସ୍କାର ତଥା ବିଭିନ୍ନ ବୟସ ବର୍ଗରେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଉଦ୍‌ଯାପନୀ ଉତ୍ସବରେ କଳିଙ୍ଗନଗର ଡିଏଭି ସ୍କୁଲର କ୍ରୀଡ଼ା ମୁଖ୍ୟ ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ, ପ୍ରମୋଦ କୁମାର ନାୟକ, ଏ. ରବି ଶଙ୍କର ଅତିଥି ଭାବେ ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ ।

# ଯୁଥ୍ ଲିଗ୍ ଫୁଟବଲ: ଭୁବନେଶ୍ୱର ଜୋନ୍‌ରେ କିଟ୍, କିଶୋର କ୍ଲବ୍ ବିଜୟୀ

ଭୁବନେଶ୍ୱର, ୧୮।୫ (ସବ୍ୟୁ): ଫୁଟବଲ ଆସୋସିଏସନ୍ ଅଫ୍ ଓଡ଼ିଶାର ଘରୋଇ ପ୍ରତିଯୋଗିତା ୧୭ ବର୍ଷରୁ କମ୍ ଫାଓ ଯୁଥ୍ ଲିଗ୍‌ର ଭୁବନେଶ୍ୱର ଜୋନ୍‌ରେ କିଶୋର କ୍ଲବ୍ ଏବଂ କିଟ୍ ବିଜୟୀ ହୋଇଛନ୍ତି । ୟୁନିଟ୍-୧ ସ୍ଥିତ ଭୁବନେଶ୍ୱର ଫୁଟବଲ ଏକାଡେମୀ ଗ୍ରାଉଣ୍ଡରେ ଅନୁଷ୍ଠିତ ପ୍ରଥମ ମ୍ୟାଚରେ କଳିଙ୍ଗ ଯୁଥ୍ ସ୍ପୋର୍ଟିଂକୁ ଭେଟିଥିଲା କିଶୋର କ୍ଲବ୍ । ଏହି ମ୍ୟାଚରେ କିଶୋର କ୍ଲବ୍ ୬-୧ ଗୋଲ୍‌ରେ କଳିଙ୍ଗ ଯୁଥ୍ ସ୍ପୋର୍ଟିଂକୁ ଧରାଶାୟୀ କରିଥିଲା । ବିଜୟୀ ଦଳ ପକ୍ଷରୁ ରିଙ୍କୁ କଅଁର ୪,୨୮ ଓ ୬୬ତମ ମିନିଟରେ ହ୍ୟାଟ୍ରିକ୍ ଗୋଲ କରିଥିଲେ । କ୍ରିସ୍ ମହାତୋ ୮ ଓ ୫୦ ମିନିଟ୍‌ରେ ଦୁଇଟି, ସାଇ ଅଂଶ ସରୋଜ ସାହୁ ୨୮ତମ ମିନିଟ୍‌ରେ ଗୋଲ୍ କରିଥିଲେ । କଳିଙ୍ଗ ଯୁଥ୍ ସ୍ପୋର୍ଟିଂ ପକ୍ଷରୁ ୬୨ତମ ମିନିଟ୍‌ରେ ଜ୍ଞାନ ଜ୍ୟୋତ ମହାନ୍ତି ଏକମାତ୍ର ଗୋଲ୍ ପରିଷଦ କରିଥିଲେ ।

ଦ୍ୱିତୀୟ ମ୍ୟାଚରେ ଆର୍ଦ୍ଦର ଫୁଟବଲ ଏକାଡେମୀ ଓ କିଟ୍-କିସ୍ ଭେଟାଭେଟି ହୋଇଥିଲା । ଏହି ମ୍ୟାଚରେ କିଟ୍-କିସ୍ ଦଳ ୧-୦ ଗୋଲ୍‌ରେ ଆର୍ଦ୍ଦର ଫୁଟବଲ ଏକାଡେମୀକୁ ହରାଇଥିଲା । ବିଜୟୀ ଦଳର ସୁରୋଜ ମୁର୍ମୁ ୫୭ ମିନିଟ୍‌ରେ ଗୋଲ୍ ସ୍କୋର କରିଥିଲେ ।



### ସୂଚନା

ସମୟ
BHIM BHARAT INTERFACE FOR MONEY
SCAN & PAY
ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠକ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି